

ଅଗଷ୍ଟ ୧୪ରେ 'ନାଗଜିଲା'
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-125 ◆SATURDAY ◆1 NOVEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୨୫ ◆ଶନିବାର ◆୧ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

## ଚିନ୍ତା ବଢ଼ାଇଲା ଦିଲ୍ଲୀ-ଏନ୍‌ସିଆର ବାୟୁ ପ୍ରଦୂଷଣ

■ **ନୂଆଦିଲ୍ଲୀ, ୩୧।୧୦ (ଏଜେନ୍ସି):** ଦୀପାବଳି ପରେ ରାଜଧାନୀ ଦିଲ୍ଲୀ ଓ ଏନ୍‌ସିଆରରେ ପ୍ରଦୂଷଣ ଚରମ ସୀମାରେ ପହଞ୍ଚିଛି। ଏଠାରେ ରହୁଥିବା ଲୋକେ ନିଃଶ୍ୱାସ ନେବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ପ୍ରଦୂଷଣ କେବଳ ଫୁସ୍‌ଫୁସ୍ ଉପରେ ନୁହେଁ, ବରଂ ହୃଦୟ, ମସ୍ତିଷ୍କ, କିଡ୍‌ନୀ, ପାକସ୍ଥଳୀରେ ମଧ୍ୟ ନକରାତ୍ମକ ପ୍ରଭାବ ପକାଉଛି। ଶ୍ୱାସ ରୋଗରେ ପୀଡିତ ବ୍ୟକ୍ତିଙ୍କ ପାଇଁ ଏହି ବାୟୁ ବିପଦ ପାଲଟି ଯାଇଛି। ତେଣୁ କିଛି ଦିନ ଦିଲ୍ଲୀ ବାହାରେ ରହିବାକୁ ଡାକ୍ତରମାନେ ଏହି ରୋଗୀଙ୍କୁ ପରାମର୍ଶ ଦେଉଛନ୍ତି। ଦିଲ୍ଲୀ ଓ ଏନ୍‌ସିଆରର ବାୟୁ ମଣ୍ଡଳରେ ଏବେ କେବଳ ଧୂଆଁ, କୁହୁଡି ଛାଇ ରହିଛି। ଏହାକୁ ନେଇ ଭୟଙ୍କର ତଥ୍ୟ ▶ପୃଷ୍ଠା-୭

**୭୫ ପ୍ରତିଶତ ପରିବାର ଜଣେ ଭୂତାଣୁଜନିତ ରୋଗର ଶିକାର**



## 'ଟାଇମ୍'ର ପ୍ରଭାବଶାଳୀ ୧୦୦ ବ୍ୟକ୍ତିରେ ୱାଙ୍ଗଚୁକ୍

■ **ନୂଆଦିଲ୍ଲୀ, ୩୧।୧୦ (ଏଜେନ୍ସି):** ନ୍ୟୁୟର୍କସ୍ଥିତ ଜଣାଶୁଣା ସମ୍ବାଦ ପତ୍ରିକା ଟାଇମ୍ ମାଗାଜିନ ବିଶ୍ୱର ୧୦୦ ଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ତାଲିକା ପ୍ରକାଶିତ କରିଛି। ଏହି ତାଲିକାରେ ଲଦାଖର ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍ ସାମିଲ ହୋଇଛନ୍ତି। ୱାଙ୍ଗଚୁକ୍ ଜଣେ ଇଞ୍ଜିନିୟର, ଶିକ୍ଷାବିତ୍ ଓ ସାମାଜିକ କର୍ମୀ ବୋଲି ଏହି ମାଗାଜିନ ଉଲ୍ଲେଖ କରିଛି। ଗତ ମାସରେ ଲଦାଖକୁ ପୂର୍ଣ୍ଣ ରାଜ୍ୟର ମାନ୍ୟତା ଦେବା ପାଇଁ ହୋଇଥିବା ଆନ୍ଦୋଳନରେ ହିଂସାକୁ ନେଇ ତାଙ୍କୁ ଗିରଫ କରାଯାଇଥିଲା। ସେ ଗତ ଗୋଟିଏ ଦଶନ୍ଧି ଧରି ପ୍ରାଚୀନ ସାଂସ୍କୃତିକ ପରମ୍ପରା, କୃତ୍ରିମ ଗ୍ଲାସିୟର ନିର୍ମାଣ କରିବାରେ ନୂଆ ବୈଜ୍ଞାନିକ ଜ୍ଞାନକୌଶଳର ପ୍ରୟୋଗ ନେଇ କାର୍ଯ୍ୟ କରିଆସୁଛନ୍ତି। ଏ ନେଇ ସୋନମଙ୍କ ପତ୍ନୀ ଗୀତାଞ୍ଜଳି ଜେ ଅଙ୍ଗମୋ 'ଏକ୍ସ'ରେ ପୋଷ୍ଟ କରିଛନ୍ତି। 'ଟାଇମ ମାଗାଜିନ୍ ତାଙ୍କୁ ବିଶ୍ୱର ୧୦୦ ପ୍ରଭାବଶାଳୀ ତାଲିକାରେ ସାମିଲ କରିଛି, କିନ୍ତୁ ଆମ ସରକାର ତାଙ୍କୁ ଦେଶଦ୍ରୋହୀ ବୋଲି ଅଭିହିତ କରିଛନ୍ତି। ଦେଶ ପ୍ରତି ତାଙ୍କଠାରୁ ବିପଦ ରହିଛି ବୋଲି ସରକାର କହୁଥିବା' ସେ ଲେଖିଛନ୍ତି। ସେପ୍ଟେମ୍ବର ୧୦ରେ ସୋନମଙ୍କୁ ▶ପୃଷ୍ଠା-୭



# ଭାରତ-ଆମେରିକା ପ୍ରତିରକ୍ଷା ଚୁକ୍ତି

## ୧୦ ବର୍ଷ ପାଇଁ ଉନ୍ନତ ଜ୍ଞାନକୌଶଳ ଯୋଗାଇବ ଆମେରିକା

■ **କୁଆଲାଲମପୁର, ୩୧।୧୦ (ଏଜେନ୍ସି):** ଚଢ଼ା ଶୁଳ୍କ, ବାଣିଜ୍ୟ ଚୁକ୍ତି ସହିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆମେରିକା ଏବଂ ଭାରତ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି। ରୁଷଠାରୁ ତୈଳ କିଣିବାକୁ ନେଇ ଆମେରିକା ରାଷ୍ଟ୍ରପତି ଭାରତକୁ ନିଶାଣ କରୁଛନ୍ତି। ଯୁଦ୍ଧ ପାଇଁ ନୂଆଦିଲ୍ଲୀକୁ ଦାୟୀ କରି ଅତିରିକ୍ତ ଶୁଳ୍କ ମଧ୍ୟ ଲଗାଇଛନ୍ତି। 'ଅପରେସନ ସିନ୍ଦୂର' ରୋକିଥିବା ନେଇ ବାରମ୍ବାର ଦାବି କରି ଆସୁଛନ୍ତି। ଭାରତ ଟ୍ରମ୍ପଙ୍କ ଦାବିକୁ ଖଣ୍ଡନ କରିବା ସତ୍ତ୍ୱେ ବି ଟ୍ରମ୍ପ ଅଟକୁ ନାହାନ୍ତି। ଏପରି ସମୟରେ ଶୁକ୍ରବାର ଭାରତ ଏବଂ ଆମେରିକା ମଧ୍ୟରେ ୧୦ ବର୍ଷ ପାଇଁ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର ହୋଇଛି। ଏହି ଅବଧି ମଧ୍ୟରେ ଦୁଇ ଦେଶ ମିଳିତ ଭାବେ ନିଜ ସେନା, ପ୍ରତିରକ୍ଷା ଉଦ୍ୟୋଗ ଏବଂ ଜ୍ଞାନକୌଶଳରେ ସହଯୋଗକୁ ଅଧିକ ମଜବୁତ କରିବେ। ଏହା ଅଧିନରେ ଭାରତକୁ ଆମେରିକା ଉନ୍ନତ ଜ୍ଞାନକୌଶଳ ପ୍ରଦାନ କରିବ। ଏହି ଚୁକ୍ତି ମାଲେସିଆର କୁଆଲାଲମପୁରରେ ସ୍ୱାକ୍ଷର ହୋଇଛି। ଏଠାରେ ଅନୁଷ୍ଠିତ ଆସିଆନ ରାଷ୍ଟ୍ରର ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଦୁଇ ଦେଶର ପ୍ରତିନିଧି ସାମିଲ ହୋଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ଆମେରିକା ପ୍ରତିରକ୍ଷା ସଚିବ ପିଟ୍ ହେଗ୍‌ସେଥ୍ ଏହି ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି।

ଦିନକ ତଳେ ଇରାନର ଚାବାହାର ବନ୍ଦର ବିକାଶ କରୁଥିବା ଭାରତକୁ କଟକଣାରୁ ୬ ମାସ ପାଇଁ ଆଶ୍ୱସ୍ତି ପ୍ରଦାନ କରିଥିଲା। କିନ୍ତୁ ଏହା ପୂର୍ବରୁ ବନ୍ଦରର ପରିଚାଳନା, ଆର୍ଥିକ ସହାୟତା ଦେବା କିମ୍ବା ଏ ସମ୍ବନ୍ଧିତ କାମରେ ସାମିଲ କମ୍ପାନୀଙ୍କ ଉପରେ ଜୋରିମାନା ଲଗାଇବାକୁ କୁହାଯାଇଥିଲା। ଭାରତ ୧୦ ବର୍ଷ ପାଇଁ ଏହି ବନ୍ଦରର ପରିଚାଳନା ଦାୟିତ୍ୱ ନିଜ ହାତକୁ ନେଇଛି। ଆଜି ସ୍ୱାକ୍ଷର ପ୍ରତିରକ୍ଷା ଚୁକ୍ତି ଦ୍ୱାରା ୪ଟି ବଡ଼ ଲାଭ ମିଳିବ। ଉଭୟ ଦେଶର ସେନା ମିଳିତ ଭାବେ ପ୍ରଶିକ୍ଷଣ ▶ପୃଷ୍ଠା-୭



## ନୂଆପଡ଼ାବାସୀଙ୍କୁ ନବୀନଙ୍କ ବାର୍ତ୍ତା



**ନୂଆପଡ଼ାର ଜୀବନରେଖା ପାଲଟିଛି ବିଜୁ ଏକ୍ସପ୍ରେସ ୱେ**

**୪୮୦ କୋଟି ଟଙ୍କା ପ୍ରକଳ୍ପ ମଞ୍ଜୁର କରିଥିଲେ ନବୀନ**

# ମୁଇଁ ଆସୁଛେଁ; ଆପଣମାନେ ଖୁସି ତ?

■ **ଭୁବନେଶ୍ୱର, ୩୧।୧୦ (ସମିସ):** ନୂଆପଡ଼ା ଉପ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀଙ୍କ ସପକ୍ଷରେ ପ୍ରଚାର ପାଇଁ ଦୁଇଦିନ ପରେ ମଇଦାନକୁ ଓହ୍ଲାଇବେ ବିଜେଡ଼ି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଆସନ୍ତା ୩ ତାରିଖରେ ନବୀନ କୋମନାରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବେ। ଏହା ପୂର୍ବରୁ ନୂଆପଡ଼ାବାସୀଙ୍କ ପାଇଁ ଏକ ଭିଡ଼ିଓବାର୍ତ୍ତା ଜାରି କରିଛନ୍ତି ନବୀନ ପଟ୍ଟନାୟକ। ସ୍ଥାନୀୟ ଭାଷାରେ ନବୀନଙ୍କ ଏହି ଛୋଟିଆ ଭିଡ଼ିଓଟି ନୂଆପଡ଼ାର ଜନସାଧାରଣଙ୍କ ମନରେ ଭରି ଦେଇଛି ଉତ୍ସାହ। ନବୀନଙ୍କୁ ସ୍ୱାଗତ କରିବା ପାଇଁ ନୂଆପଡ଼ାରେ ପ୍ରସ୍ତୁତି ଆରମ୍ଭ ହୋଇଛି।

ନୂଆପଡ଼ା ଜିଲ୍ଲାର କୋମନା ଅଞ୍ଚଳର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ନବୀନ କହିଛନ୍ତି ଯେ 'କୋମନାର ପ୍ରିୟ ଭାଇ ବହେନ୍ ମାନ୍‌କେ ମୋର୍ ଜୁହାର୍। ଆସ୍‌ବାର୍ ୩ ତାରିଖ ମୁଇଁ କୋମନା ଆସୁଛେଁ। ଆପଣମାନ୍‌କେ ସବ୍‌କେ ଭେଟ୍‌ମି। ଆପଣମାନ୍‌କେ ସାଗେଁ ମୁଇଁ ଦୁଇପଦ୍ କଥା ହେମି। ▶ପୃଷ୍ଠା-୭

## ଛାତ୍ରୀ ଅସଦାଚରଣ ଅଭିଯୋଗରେ ଅଧ୍ୟାପକଙ୍କୁ ବାନ୍ଧିଲା ପୁଲିସ

■ **ରାୟଗଡ଼ା, ୩୧।୧୦ (ସମିସ):** ଅଧ୍ୟାପକଙ୍କ ଦ୍ୱାରା ଅସଦାଚରଣର ଶିକାର ଜଣେ ଛାତ୍ରୀଙ୍କୁ ନ୍ୟାୟ ଦେବା ପାଇଁ ଆଜି ରାୟଗଡ଼ା ଜିଲ୍ଲା ସଦର ମହକୁମାରେ ତୁମୁଳକାଣ୍ଡ ଘଟିଛି। ଅଧ୍ୟାପକଙ୍କୁ ଗିରଫ ଦାବିରେ ଛାତ୍ରଛାତ୍ରୀମାନେ କଲେଜ ଗେଟ୍ ଆଗରେ ଧାରଣା ଦେବା, ଏହାକୁ ସମର୍ଥନ ଜଣାଇ ବିଜେଡି, କଂଗ୍ରେସ ଓ ଆଦିବାସୀ ମହାସଂଘ ସାମିଲ ହେବା ଏବଂ ଶେଷରେ ପୁଲିସ ଅଭିଯୁକ୍ତ ଅଧ୍ୟାପକଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

ରାୟଗଡ଼ା ସଦର ମହକୁମା ରିଙ୍ଗରୋଡ୍‌ସ୍ଥିତ ଉତ୍କଳଗୌରବ ମଧୁସୂଦନ ବୈଷୟିକ ଅନୁଷ୍ଠାନ(ୟୁଜିଏମଆଇଟି)ରେ ଏହି ଲଜ୍ଜାଜନକ ଘଟଣା ଘଟିଛି। ଏଠାରେ ପାଠ ପଢୁଥିବା ଜଣେ ଆଦିବାସୀ ଛାତ୍ରୀଙ୍କୁ ଅନୁଷ୍ଠାନର ଗଣିତ ଅଧ୍ୟାପକ ପ୍ରଦୀପ କୁମାର ତ୍ରିପାଠୀ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଛି। ଏନେଇ ରାୟଗଡ଼ା ଥାନାରେ ପୁଲିସ ୩୯୯/୨୫ରେ ଏକ ମାମଲା ରୁଜୁ କରି ଶ୍ରୀ ତ୍ରିପାଠୀଙ୍କୁ ଗିରଫ କରିଛି।

ସୂଚନା ନୁଯାୟୀ, ଗତ ୨୫ତାରିଖରେ ରକ୍ତପରୀକ୍ଷା ଯାଞ୍ଚ କାର୍ଯ୍ୟକ୍ରମ ଦିନ ଅଧ୍ୟାପକ ଶ୍ରୀ ତ୍ରିପାଠୀ ଉକ୍ତ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଏ ସଂପର୍କରେ ଛାତ୍ରୀଜଣଙ୍କ ଯୌନ ନିର୍ଯାତନା ଆଭ୍ୟନ୍ତରୀଣ କମିଟି ପାଖରେ ଅଭିଯୋଗ କରିଥିଲେ। ଏପରିକି, ଅଧ୍ୟକ୍ଷଙ୍କୁ ମଧ୍ୟ ଅବଗତ କରାଇଥିଲେ। କିନ୍ତୁ ଅଧ୍ୟାପକଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ପୂର୍ବରୁ ମଧ୍ୟ ସଂପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଏଭଳି ଅଭିଯୋଗ ରହିଥିବା ନେଇ ଛାତ୍ରଛାତ୍ରୀ ପ୍ରକାଶ କରିଛନ୍ତି। ତେବେ ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବା, ଛାତ୍ରୀଙ୍କ ଅଭିଯୋଗପତ୍ରକୁ ଜଣେ କମିଟି ▶ପୃଷ୍ଠା-୭



**ପୀଡ଼ିତାଙ୍କୁ ନ୍ୟାୟ ଦେବାକୁ ବିଜେଡି, କଂଗ୍ରେସ ଓ ଆଦିବାସୀ ମହାସଂଘର ଦାବି**

**ସଲମାନ ରାଉତ ହତ୍ୟା ମାମଲା**

## ୮ ବର୍ଷ ପରେ ୮ ଜଣଙ୍କୁ ଆଜୀବନ

■ **ଢେଙ୍କାନାଳ, ୩୧।୧୦ (ସମିସ):** ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ତରଭା ଗ୍ରାମର ବହୁଚର୍ଚ୍ଚିତ ସଲମାନ ରାଉତ ହତ୍ୟା ମାମଲାର ରାୟ ୮ ବର୍ଷ ପରେ ଆଜି ପ୍ରକାଶ ପାଇଛି। ଜିଲ୍ଲା ଦୌରାଜଜ୍ ପ୍ରଣବ କୁମାର ରାଉତରାୟ ଏହି ମାମଲାର ଶୁଣାଣି କରି ୮ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୨୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ସେମାନେ ହେଲେ, ବ୍ୟୋମକେଶ ବିଶ୍ୱାଳ, ସମରେନ୍ଦ୍ର ବିଶ୍ୱାଳ, ଦେବେନ୍ଦ୍ର ସ୍ୱାଇଁ, କୁଳମଣି ବେହେରା, ତ୍ରୟମ୍ବକ ବିଶ୍ୱାଳ, ମନମୋହନ ବିଶ୍ୱାଳ, ମୃତ୍ୟୁଞ୍ଜୟ ବିଶ୍ୱାଳ ଓ ହୃଦାନନ୍ଦ ବିଶ୍ୱାଳ। ୩୬ଜଣଙ୍କ ସାକ୍ଷ୍ୟ ପ୍ରମାଣ, ପୁଲିସର ତଦନ୍ତ ରିପୋର୍ଟ ଓ ଅନ୍ୟାନ୍ୟ ଦସ୍ତାବିଜ୍ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି। ଅପରପକ୍ଷେ, ଏହି ଘଟଣାରେ ପ୍ରମାଣ ଅଭାବରୁ କୋର୍ଟ ୬ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

୨୦୧୭ ପଞ୍ଚାୟତ ନିର୍ବାଚନ ବେଳେ ଏହି ବୀଭତ୍ସ ହତ୍ୟାକାଣ୍ଡ ଘଟିଥିଲା। ନିର୍ବାଚନୀ ପ୍ରଚାରକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା। ଫେବ୍ରୁଆରୀ ୪ତାରିଖରେ ସଲମାନ ଏବଂ ତାଙ୍କ ▶ପୃଷ୍ଠା-୭


**୬ ନିର୍ଦ୍ଦୋଷରେ ଖଲାସ**




**ହତ୍ୟା ମାମଲାରେ ନିର୍ବାଚନୀ ମକଦ୍ଦମା ସମ୍ପର୍କିତ ତଥ୍ୟ ସାର୍ବଜନୀନ କରିବା ମହଙ୍ଗା ପଡ଼ିଲା**

# ବ୍ରହ୍ମପୁର ଏସ୍‌ପିଙ୍କୁ ହାଇକୋର୍ଟଙ୍କ ଭର୍ତ୍ସନା

■ **କଟକ, ୩୧।୧୦ (ସମିସ):** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ନିର୍ବାଚନୀ ମକଦ୍ଦମା ସମ୍ପର୍କିତ ତଥ୍ୟକୁ ସାର୍ବଜନୀନ କରିବା ବ୍ରହ୍ମପୁର ଏସପିଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ଏହି ଘଟଣାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ବ୍ରହ୍ମପୁର ଏସପିଙ୍କୁ ସ୍ୱଷ୍ଟୀକରଣ ମାଗିଛନ୍ତି। ମନୋଜ କୁମାର ପଣ୍ଡାଙ୍କ ପକ୍ଷରୁ ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାରଙ୍କ ବିରୋଧରେ ରୁଜୁ ନିର୍ବାଚନୀ ମାମଲାର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ପୀତବାସ ପଣ୍ଡା ହତ୍ୟା ଘଟଣା ସହ ଏହି ନିର୍ବାଚନୀ ମକଦ୍ଦମାକୁ ଲିଙ୍କ୍ କରି ବ୍ରହ୍ମପୁର ଏସ୍‌ପି ସାର୍ବଜନୀନ ମନ୍ତବ୍ୟ ଦେବା ଘଟଣାକୁ ନେଇ ଅଦାଲତ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏସ୍‌ପିଙ୍କ ଭଳି ଜଣେ ବରିଷ୍ଠ ପୁଲିସ ଅଧିକାରୀ କିଭଳି ଓ କେଉଁ କାରଣ ପାଇଁ ଅଦାଲତରେ ବିଚାରାଧୀନ ଥିବା ମକଦ୍ଦମା ଫଳାଫଳ ସମ୍ପର୍କରେ ଏଭଳି ମନ୍ତବ୍ୟକୁ ସାର୍ବଜନୀନ କଲେ, ସେ ସମ୍ପର୍କରେ ଏସପି ସ୍ୱଷ୍ଟୀକରଣ ରଖିବେ। ଏଥିସହ ଏହାକୁ କାହିଁକି ଅଦାଲତ ଅବମାନନା ବୋଲି ବିବେଚନା କରା ନଯିବ ▶ପୃଷ୍ଠା-୭



**୭ତାରିଖ ସୁଦ୍ଧା ସ୍ୱଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ**

## ସରକାରୀ ଓକିଲଙ୍କ ଉପରେ ପୁଲିସର ଭରସା ନାହିଁ

■ **ଭୁବନେଶ୍ୱର, ୩୧।୧୦ (ସମିସ):** ବ୍ରହ୍ମପୁର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା ଲଢ଼ିବେ ନାହିଁ ବ୍ରହ୍ମପୁର ସରକାରୀ ଓକିଲ। ଏହି ମାମଲା ଲଢ଼ିବା ପାଇଁ ବ୍ରହ୍ମପୁର ପୁଲିସ ହାଇକୋର୍ଟର ଦୁଇ ବରିଷ୍ଠ ଆଇନଜୀବୀଙ୍କୁ ନିଯୁକ୍ତି ଦେବାକୁ ଗୃହ ବିଭାଗକୁ ଚିଠି ଲେଖିଛନ୍ତି। ବିକ୍ରମ ପଣ୍ଡାଙ୍କ ପକ୍ଷରୁ ମାମଲା ଲଢିବା ପାଇଁ ବ୍ରହ୍ମପୁର ବାର ଆସୋସିଏସନ୍ର ୫୦ରୁ ଊର୍ଦ୍ଧ୍ୱର୍ ଆଇନଜୀବୀ ଓକିଲାତିନାମା ଦାଖଲ କରିଥିବାରୁ ▶ପୃଷ୍ଠା-୭

**ମାମଲା ଲଢ଼ିବେ ହାଇକୋର୍ଟ ଓକିଲ**

## ରେବନ୍ତ ସରକାରରେ ଆଝାରୁଦ୍ଦିନ ମନ୍ତ୍ରୀ



ହାଇଦରାବାଦ୍, ୩୧।୧୦(ଏଜେନ୍ସି): ପୂର୍ବତନ କ୍ରିକେଟର ତଥା ଭାରତୀୟ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ ତେଲଙ୍ଗାନାରେ ରେବନ୍ତ ରେଡ୍ଡୀ ସରକାରରେ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଶୁକ୍ରବାର ରାଜଭବନରେ ଶପଥ ଗ୍ରହଣ ସମାରୋହ ଆୟୋଜିତ ହୋଇଥିଲା। ତେଲଙ୍ଗାନାର ଜୁବଲି ହିଲ୍ସ ବିଧାନସଭା ସିଟ୍‌ରେ ନଭେମ୍ବର ୧୧ରେ ଉପ- ନିର୍ବାଚନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ସିଟ୍‌ରେ ମୁସଲିମ ଭୋଟରଙ୍କ ସଂଖ୍ୟା ୩୦ ପ୍ରତିଶତ। ତେଣୁ ଆଝାରୁଦ୍ଦିନଙ୍କୁ କ୍ୟାବିନେଟରେ ସାମିଲ କରାଯାଇଥିବାରୁ କଂଗ୍ରେସକୁ ଫାଇଦା ମିଳିବ ବୋଲି ଆଶା କରାଯାଉଛି। ଆଝାରୁଦ୍ଦିନ ୨୦୨୩ ନିର୍ବାଚନରେ ଏହି ସିଟ୍‌ରେ ପରାସ୍ତ ହୋଇଥିଲେ। ତେଲଙ୍ଗନାର କଂଗ୍ରେସ ସରକାରରେ ଏପର୍ଯ୍ୟନ୍ତ ଜଣେ ହେଲେ ବି ମୁସଲିମ୍ ମନ୍ତ୍ରୀ ନଥିଲେ। ପୁଣି କ୍ୟାବିନେଟ ମନ୍ତ୍ରିମଣ୍ଡଳରେ ଜଣେ ହେଲେ ବି ମୁସ୍‌ଲିମଙ୍କୁ ସାମିଲ କରାଯାଇ ନଥିବାରୁ ଆଲୋଚନା ମଧ୍ୟ ହେଉଥିଲା। ଏବେ ତାଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଥିବାରୁ ଏହି ଆଲୋଚାନ ପ୍ରଶମିତ ହେବ। ଏଥିସହ ରେବନ୍ତ ରେଡ୍ଡୀ ସରକାରରେ ମନ୍ତ୍ରୀ ସଂଖ୍ୟା ୧୬କୁ ବୃଦ୍ଧି ପାଇଛି। ରାଜ୍ୟରେ ସର୍ବାଧିକ ୧୮ ଜଣ ମନ୍ତ୍ରୀ ନିଯୁକ୍ତ ହେବାର ନିୟମ ରହିଛି। ୬୨ ବର୍ଷୀୟ ମହମ୍ମଦ ଆଝାରୁଦ୍ଦିନ ଭାରତ ତରଫରୁ ପ୍ରତିନିଧିତ୍ୱ କରି ୯୯ଟି ଟେଷ୍ଟ, ୩୩୪ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ସେ ଟେଷ୍ଟରେ ୨୨ଟି ଶତକ, ୨୧ଟି ଅର୍ଦ୍ଧଶତକ ସହ ୪୫.୦୩ ହାରରେ ୬, ୨୧୫ ରନ ସଂଗ୍ରହ କରିଥିଲେ। ସେହିପରି ଦିନିକିଆରେ ୭ଟି ଶତକ ଓ ୫୮ଟି ଅର୍ଦ୍ଧଶତକ ସହ ୩୬.୯୨ ହାରରେ ୯, ୩୭୮ ରନ ସଂଗ୍ରହ କରିଛନ୍ତି।

## କେଜ୍ରିୱାଲଙ୍କ ଆଉ ଏକ ଶିଶ୍ ମହଲ ଥିବା ବିଜେପିର ଦାବି



ନୂଆଦିଲ୍ଲୀ, ୩୧।୧୦(ଏଜେନ୍ସି): ଦିଲ୍ଲୀ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟି (ଆପ୍) ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ୍‌ଙ୍କ ଉପରେ ଭାରତୀୟ ଜନତା ପାର୍ଟି (ବିଜେପି) ତରଫରୁ ଆଉ ଏକ ଶିଶ ମହଲ ନିର୍ମାଣ କରିଥିବାର ଅଭିଯୋଗ କରାଯାଇଛି। ଦିଲ୍ଲୀ ବିଜେପି ଏହି କ୍ରମରେ 'ଗୁଗୁଲ ଆର୍ଥ'ର ଏକ ଚିତ୍ର ସୋସିଆଲ ମିଡିଆରେ ପୋଷ୍ଟ କରି ଏହି ଅଭିଯୋଗ ଆଣିଛି। କେଜ୍ରିୱାଲ ପଞ୍ଜାବରେ ଆଉ ଏକ ଶୀଶ ମହଲ ନିର୍ମାଣ କରିଛନ୍ତି ବୋଲି ବିଜେପି ପକ୍ଷରୁ କୁହାଯାଇଛି। ଆପ୍‌ର ରାଜ୍ୟସଭା ସାଂସଦ ସ୍ୱାତୀ ମଲିୱାଲ ଏହି ଚିତ୍ର 'ଏକ୍ସ'ରେ ସେୟାର କରି ଅଭିଯୋଗ ଆଣିଛନ୍ତି। ଚଣ୍ଡିଗଡ଼ର ଦୁଇ ଏକର ଜାଗାରେ ସେକ୍ଟର-୨ରେ ଏକ ବିଳାଷପୂର୍ଣ୍ଣ ୭ ଷ୍ଟାର ସରକାରୀ ବାସଭବନ କେଜ୍ରିୱାଲକୁ ପ୍ରଦାନ କରାଯାଇଛି ବୋଲି ବିଜେପି ତରଫରୁ କୁହାଯାଉଛି। ଦିଲ୍ଲୀରେ ଶୀଶ ମହଲ ନିର୍ମାଣ କରିବା ପରେ କେଜ୍ରୱାଲ୍ ଏବେ ଚଣ୍ଡିଗଡ଼ରେ ଶିଶ ମହଲ ନିର୍ମାଣ କରିଛନ୍ତି ବୋଲି ଦିଲ୍ଲୀ ବିଜେପି ଅଧ୍ୟକ୍ଷ ବୀରେନ୍ଦ୍ର ସଚଦେବା କହିଛନ୍ତି। ଦିଲ୍ଲୀକୁ ଲୁଟିବା ପରେ ଏବେ କେଜ୍ରିୱାଲ ପଞ୍ଜାବକୁ ଲୁଟିବା ଲକ୍ଷ୍ୟରେ ରହିଛନ୍ତି ବୋଲି କହିଛନ୍ତି। ତେବେ ଆପ୍ ତରଫରୁ ଏହି ଅଭିଯୋଗକୁ ଖଣ୍ଡନ କରାଯାଇଛି। ଯଦି ପ୍ରମାଣ ଅଛି ଆଲଟମେଣ୍ଟ ଲେଟର ଦେଖାଇବାକୁ ଆପ୍ ବିଜେପିକୁ କହିଛି।

## ସ୍ୱାମୀ ସନ୍ଦେହୀ ହେଲେ ଜୀବନ ନର୍କ: ହାଇକୋର୍ଟ



କୋଚି, ୩୧।୧୦(ଏଜେନ୍ସି): ପତ୍ନୀଙ୍କୁ ସନ୍ଦେହ କରୁଥିବା ସ୍ୱାମୀର ଜୀବନ ନର୍କ ବୋଲି କେରଳ ହାଇକୋର୍ଟ କହିଛନ୍ତି। ଜଷ୍ଟିସ ଦେବନ ରାମଚନ୍ଦ୍ରନ ଓ ଜଷ୍ଟିସ ସ୍ନେହଲତାଙ୍କ ଖଣ୍ଡପୀଠ ଜଣେ ମହିଳାଙ୍କ ଛାଡ଼ପତ୍ର ଆବେଦନ ମାମଲାର ଶୁଣାଣି କରି ଏହି କଥା କହିଛନ୍ତି। ବିନା କାରଣରେ ପତ୍ନୀଙ୍କୁ ସନ୍ଦେହ କରିବା ଅର୍ଥ ମାନସିକ କ୍ରୁରତା। ସନ୍ଦେହ ବୈବାହିକ ଜୀବନକୁ ନର୍କରେ ପରିଣତ କରିଥାଏ ବୋଲି ଏହି ଖଣ୍ଡପୀଠ କହିଛନ୍ତି। ବିବାହ ପରସ୍ପର ବିଶ୍ୱାସ, ଭଲପାଇବା, ସମ୍ମାନ ଉପରେ ଆଧାରିତ। ବିଶ୍ୱାସ ସ୍ଥାନରେ ସନ୍ଦେହ ଆସିଲେ ସ୍ୱାମୀ- ସ୍ତ୍ରୀର ସମ୍ପର୍କ ଶେଷ ହୋଇଥାଏ। ଫଳରେ ଏହି ମାମଲାରେ ହାଇକୋର୍ଟ ଛାଡ଼ପତ୍ରକୁ ମଞ୍ଜୁରି ଦେଇଛନ୍ତି। ଏଭଳି ସମ୍ପର୍କକୁ ବଜାୟ ରଖିବା ମହିଳାଙ୍କ ସମ୍ମାନ ଓ ମାନସିକ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ସାବ୍ୟସ୍ତ ହେବ। ଜଣେ ମହିଳାଙ୍କୁ ସମ୍ମାନର ସହ ବଞ୍ଚିବାର ଅଧିକାର ରହିଛି ବୋଲି କୋର୍ଟ କହିଛନ୍ତି। ପୂର୍ବରୁ ଏ ନେଇ ମହିଳା କୋଟିୟମ ଫ୍ୟାମିଲି କୋର୍ଟରେ ଆବେଦନ କରିଥିଲେ ମଧ୍ୟ ତାହାକୁ ମଞ୍ଜୁର କରାଯାଇ ନଥିଲା। ୧୯୯୪ରେ ସୁପ୍ରିମକୋର୍ଟର ବି ଭଗତ ବନାମ ଡି ଭଗତ ମାମଲାର ଉଦାହରଣ ଦେଇ ହାଇକୋର୍ଟ ଏହି ଛାଡ଼ପତ୍ର ପାଇଁ ଅନୁମତି ପ୍ରଦାନ କରିଥିଲେ। ଫଳରେ ମହିଳାଙ୍କୁ ଆଶ୍ୱସ୍ତି ମିଳିଛି।

## କାନାଡ଼ାରେ ଭାରତୀୟଙ୍କୁ ୨୫ ବର୍ଷ ଜେଲ୍

ବ୍ରିଟିଶ କଲମ୍ବିଆ, ୩୧।୧୦(ଏଜେନ୍ସି): କାନାଡ଼ାର ଏକ କୋର୍ଟ ଜଣେ ୨୫ ବର୍ଷୀୟ ଭାରତୀୟ ଯୁବକ ବଲରାଜ ବସରାଙ୍କୁ ୨୫ ବର୍ଷର ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ୩ ବର୍ଷ ତଳେ ଘଟିଥିବା ଏକ ହତ୍ୟାକାଣ୍ଡ ଓ ଗାଡ଼ି ପୋଡିବା ମାମଲାର ଶୁଣାଣି କରି କୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି। ୨୦୨୨ ଅକ୍ଟୋବର ୨୭ରେ ୟୁନିଭର୍ସିଟି ଅଫ୍ ବ୍ରିଟିଶ କଲମ୍ବିଆର ଗଲ୍ କ୍ଲବ୍‌ରେ ୩୮ ବର୍ଷୀୟ ବିଶାଲ ବଲିଆଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହାପରେ ୩ ଅଭିଯୁକ୍ତ ଏକ ଗାଡ଼ି ଚଢ଼ି ସେଠାରୁ ପଳାଇଯାଇଥିଲେ। ଏହାପରେ ସେମାନେ ଏହି ଗାଡିରେ ନିଆଁ ଲଗାଇ ଅନ୍ୟ ଏକ ଗାଡ଼ିରେ ଚାଲିଯାଇଥିଲେ। କିନ୍ତୁ ପୁଲିସ ୩ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିଥିଲା। ଏହି ମାମଲାରେ ବଲରାଜ ହେଉଛନ୍ତି ତୃତୀୟ ଅଭିଯୁକ୍ତ। ବଲରାଜଙ୍କୁ ବାଦ୍ ଦେଲେ ଅନ୍ୟ ଦୁଇ ଅଭିଯୁକ୍ତ ଇକ୍‌ବାଲ କାଙ୍ଗ ଓ ଡିଏଣ୍ଡ୍ରି ବପ୍ଟିଷ୍ଟଙ୍କୁ ମଧ୍ୟ ଆଜୀବନ ଜେଲ୍ ଦଣ୍ଡାଦେଶ ହୋଇଛି।

## ଟୋଲ୍ ଗେଟ୍‌ରେ ବିଜେପି ନେତାଙ୍କ ପୁଅର ହଙ୍ଗାମା

ବିଜୟପୁରା, ୩୧।୧୦(ଏଜେନ୍ସି): କର୍ଣ୍ଣାଟକର ବିଜୟପୁରା-କଲବୁର୍ଗୀ ହାଇୱେରେ ଥିବା ଏକ ଟୋଲ ଗେଟ୍‌ରେ ଜଣେ ବିଜେପି ନେତାଙ୍କ ପୁଅ ହଙ୍ଗାମା କରିଥିବା ଘଟଣା ସାମ୍ନାକୁ ଆସିଛି। ନେତାଙ୍କ ପୁଅ ଓ ତାଙ୍କ ସାଙ୍ଗମାନେ ମାଗଣାରେ ଟୋଲ ପାର କରିବାକୁ ପ୍ରୟାସ କରୁଥିବା ବେଳେ ଟୋଲ କର୍ମଚାରୀ ଅଟକାଇଥିଲେ। ଅଭିଯୁକ୍ତ ନେତାଙ୍କ ପୁଅ ହେଉଛନ୍ତି ସମର୍ଥଗୌଡ଼ା ପାଟିଲ ବୋଲି ଜଣାପଡ଼ିଛି। ଅଟକାଇବା ପରେ ସମର୍ଥ ଓ ତାଙ୍କ ବନ୍ଧୁମାନେ ଟୋଲକର୍ମୀଙ୍କ ସହ ମାଡ଼ପିଟ୍ କରିବା ସହ ଗାଳିଗୁଲଜ କରିଥିଲେ। ଏହି ସମ୍ପୂର୍ଣ୍ଣ ଘଟଣାର ସିସିଟିଭି ଫୁଟେଜ ଏବେ ସାମ୍ନାକୁ ଆସିଛି। ତେବେ ଏ ନେଇ ଟୋଲ କର୍ମୀଙ୍କ ତରଫରୁ କୌଣସି ଅଭିଯୋଗ କରାଯାଇ ନାହିଁ ବୋଲି ପୁଲିସ ତରଫରୁ କୁହାଯାଇଛି। ସମର୍ଥ ହେଉଛନ୍ତି ବିଜେପି ନେତା ବିଜୟ ଗୌଡ଼ା ପାଟିଲଙ୍କ ପୁଅ। ପୁଲିସ ଶୁକ୍ରବାର ଏ ଘଟଣା ସମ୍ପର୍କରେ ଅବଗତ ହୋଇଛି ବୋଲି କହିଛି।

## ୧୪୬୬ ସୁରକ୍ଷାକର୍ମୀଙ୍କୁ କେନ୍ଦ୍ରୀୟ ଗୃହମନ୍ତ୍ରୀ ଦକ୍ଷତା ପଦକ

ନୂଆଦିଲ୍ଲୀ, ୩୧।୧୦(ଏଜେନ୍ସି): ଚଳିତ ୨୦୨୫ ବର୍ଷ ପାଇଁ ଦେଶବ୍ୟାପୀ ୧୪୬୬ ସୁରକ୍ଷାକର୍ମୀଙ୍କୁ ଗୃହମନ୍ତ୍ରଣାଳୟ ତରଫରୁ କେନ୍ଦ୍ରୀୟ ଗୃହମନ୍ତ୍ରୀ ଦକ୍ଷତା ପଦକ ପ୍ରଦାନ କରାଯିବ। ଶୁକ୍ରବାର ଏ ନେଇ ଗୃହ ମନ୍ତ୍ରଣାଳୟ ତରଫରୁ ଘୋଷଣା କରାଯାଇଛି। ଏହି ପଦକ ଚାରିଟି କ୍ଷେତ୍ରରେ ଯଥା ସ୍ପେଶାଲ ଅପରେସନ, ଇନ୍‌ଭେଷ୍ଟିଗେସନ, ଇଣ୍ଟେଲିଜେନ୍ସ ଓ ଫରେନସିକ ସାଇନ୍ସରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କର୍ମଚାରୀଙ୍କୁ ପ୍ରଦାନ କରାଯିବ। ଏହି ପଦକ ତଥା ସମ୍ମାନ ପେସାଦାର ମନୋବୃତ୍ତି ଓ ନିଜ ସାଥିଙ୍କ ମନୋବଳ ବୃଦ୍ଧି କରିବା ପାଇଁ ପ୍ରଦାନ କରାଯାଇଥାଏ। ତେବେ ଏହି ପଦକ କେବେ ଓ କେଉଁଠାରେ ପ୍ରଦାନ କରାଯିବ ସେ ନେଇ କିଛି କୁହାଯାଇନାହିଁ। ପହଲଗାମ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡକୁ ମାରିଥିବା ୨୦ଜଣ ପୁଲିସ କର୍ମୀଙ୍କୁ ମଧ୍ୟ ଏହି ପଦକ ପ୍ରଦାନ କରାଯିବ। ୨୦୨୪ ଫେବୃଆରୀ ୧ରୁ ଏହି ପଦକ ଦେବା ପ୍ରକ୍ରିୟା ଆରମ୍ଭ ହୋଇଥିଲା।

### ବୁଲା କୁକୁର ଗଣନା ମାମଲାରେ ଅବହେଳାକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

# ସବୁ ରାଜ୍ୟ ମୁଖ୍ୟ ସଚିବଙ୍କୁ ହାଜର ନିର୍ଦ୍ଦେଶ

ନୂଆଦିଲ୍ଲୀ, ୩୧।୧୦ (ଏଜେନ୍ସି): ବୁଲା କୁକୁର ମାମଲାରେ ରାଜ୍ୟମାନଙ୍କ ଆଭିମୁଖ୍ୟକୁ ଦେଖି ସୁପ୍ରିମକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ଶୁକ୍ରବାର ଏ ସମ୍ବନ୍ଧିତ ମାମଲାର ଶୁଣାଣି କରି ସବୁ ରାଜ୍ୟର ମୁଖ୍ୟ ସଚିବଙ୍କୁ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ସଚିବଙ୍କୁ ବ୍ୟକ୍ତିଗତ ହାଜିରାରୁ ଆଶ୍ୱସ୍ତି ଦେବା ପାଇଁ ହୋଇଥିବା ଆବେଦନକୁ ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ସନ୍ଦୀପ ମେହଟ୍ଟାଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ଏହାକୁ ଭର୍ତ୍ସନା କରି ଜଷ୍ଟିସ ନାଥ କହିଥିଲେ ଯେ ସତ୍ୟପାଠ ଦାଖଲ କରିବାକୁ କହିବା ବେଳେ ମୁଖ୍ୟ ସଚିବମାନେ ଚୁପ୍ ହୋଇ ଶୋଇ ରହୁଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ମାନ ଦେଉନାହାନ୍ତି। ଠିକ୍ ଅଛି, ଏବେ ସେମାନଙ୍କୁ କୋର୍ଟରେ ହାଜର ହେବାକୁ ଦିଅନ୍ତୁ। ଆମେ ତାଙ୍କ କଥା ବୁଝିନେବୁ। ମୁଖ୍ୟ ସଚିବମାନଙ୍କୁ ବ୍ୟକ୍ତିଗତ ଭାବେ ନିହାତି ହାଜର ହେବାକୁ ପଡିବ ଏବଂ କାହିଁକି ସତ୍ୟପାଠ ଦାଖଲ

### ଶୋଇ ରହିଛନ୍ତି ସବୁ ମୁଖ୍ୟ ସଚିବ

### ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ମାନ ଦେଇନାହାନ୍ତି

କଲେନି ତାହାର ଉତ୍ତର ଦେବାକୁ ହେବ।

ଗତ ୨୭ ତାରିଖରେ ହୋଇଥିବା ଶୁଣାଣିରେ ଆସନ୍ତା ତିନି ତାରିଖରେ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବଙ୍କୁ ସୁପ୍ରିମକୋର୍ଟ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସତ୍ୟପାଠ ଦାଖଲ କରିଥିବାରୁ ପଶ୍ଚିମବଙ୍ଗ ଏବଂ ତେଲଙ୍ଗାନାକୁ ଏଥିରୁ ଆଶ୍ୱସ୍ତି ଦେଇଥିଲେ। ବୁଲା କୁକୁର କାମୁଡିବା ଯୋଗୁ ବ୍ୟାପୁଥିବା ଜଳାତଙ୍କ ରୋଗ ବିଷୟରେ ଏକ ଗଣମାଧ୍ୟମ ରିପୋର୍ଟ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଥିଲେ। ଜୁଲାଇ ୨୮ ତାରିଖରୁ ଏହା ଉପରେ ଶୁଣାଣି ଜାରି ରହିଛି। ଆଜି ଜଷ୍ଟିସ ବିକ୍ରମ ନାଥ କହିଥିଲେ ଯେ ପୌର ନିଗମ ଏବଂ ରାଜ୍ୟ ସରକାରମାନେ ଯେଉଁ ସମସ୍ୟାର ସମାଧାନ କରିବା କଥା ସୁପ୍ରିମକୋର୍ଟ ତାହାର ଫଇସଲା ପାଇଁ ସମୟ ବର୍ବାଦ କରୁଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏବେ ମୁଖ୍ୟ ସଚିବଙ୍କୁ ହିଁ କୋର୍ଟରେ ହାଜର ହେବାକୁ ପଡ଼ିବ। ସେହିପରି ଗତ ଅଗଷ୍ଟ ୨୨ ତାରିଖରେ କୋର୍ଟ ଏହି ବୁଲା କୁକୁର ମାମଲାର ପରିସର ବୃଦ୍ଧି କରି ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ପକ୍ଷଭୂକ୍ତ କରିଥିଲେ। ପଶୁ ଜନ୍ମ ନିୟନ୍ତ୍ରଣ (ଏବିସି) ନିୟମକୁ ସାରା ଦେଶରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



## ଓକିଲଙ୍କୁ ସମନ କରିପାରିବେନି ଯାଞ୍ଚ ଏଜେନ୍ସି

ସୁପ୍ରିମକୋର୍ଟ ଶୁକ୍ରବାର ବଡ଼ ରାୟ ଦେଇଛନ୍ତି। ଆଇନଗତ ମାମଲାରେ ନିଜ ମହକିଲଙ୍କୁ ଦେଇଥିବା ପରାମର୍ଶକୁ ନେଇ ଓକିଲଙ୍କୁ ଯାଞ୍ଚ ଏଜେନ୍ସିଗୁଡିକ ସମନ ଜାରି କରିପାରିବେ ନାହିଁ। ଏ ସମ୍ବନ୍ଧରେ ଓକିଲଙ୍କୁ ଜେରା ପାଇଁ ଡାକିପାରିବେ ନାହିଁ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇ ଏବଂ ଜଷ୍ଟିସ କେ. ବିନୋଦଚନ୍ଦ୍ରନଙ୍କ ଖଣ୍ଡପୀଠ କହିଛନ୍ତି। ଏକ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଜଣେ ଓକିଲଙ୍କୁ ଜାରି କରାଯାଇଥିବା ସମନକୁ କୋର୍ଟ ରଦ୍ଦ କରିଦେଇଛନ୍ତି। ଏହା ସହିତ ଯାଞ୍ଚ ଏଜେନ୍ସିଗୁଡ଼ିକ ପାଇଁ ମାର୍ଗଦର୍ଶିକା ଜାରି କରିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ଭାରତୀୟ ସାକ୍ଷ୍ୟ ଅଧିନିୟମର ଧାରା ୧୩୨ ଅନୁଯାୟୀ କେବଳ ଅସାଧାରଣ ସ୍ଥିତିରେ ଓକିଲଙ୍କୁ ସମନ ଜାରି କରାଯାଇପାରିବ। ଏକ ମନି ଲଣ୍ଡରିଂ ଯାଞ୍ଚ ପାଇଁ ବରିଷ୍ଠ ଓକିଲ ଅରବିନ୍ଦ ଦାତାର ଏବଂ ପ୍ରତାପ ବେଣୁଗୋପାଳଙ୍କୁ ଇଡି ସମନ ପଠାଇବା ମାମଲା ଉପରେ ନିଜ ଆଡୁ ବିଚାର କରି ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି।

ଏହି ନିଷ୍ପତ୍ତି ଶୁଣାଣି ଜଷ୍ଟିସ ଚନ୍ଦ୍ରନ କହିଥିଲେ ଯେ ଓକିଲଙ୍କୁ ମିଳିଥିବା ଆଇନଗତ ସୁରକ୍ଷା ଏବଂ ଯାଞ୍ଚ ଏଜେନ୍ସିଙ୍କ ଅଧିକାର ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ କୋର୍ଟ ପ୍ରୟାସ କରିଛନ୍ତି। ଅନାବଶ୍ୟକ ଚାପରୁ ସୁରକ୍ଷା ଦେବା ଲାଗି ନୂଆ ମାର୍ଗଦର୍ଶିକା ଜାରି କରାଯାଇଛି। ଖଣ୍ଡପୀଠ ସ୍ପଷ୍ଟ କରିଥିଲେ ଯେ କେବଳ କୋର୍ଟଙ୍କ ଅନୁମତି ନେଇ କୌଣସି ଓକିଲଙ୍କ ଡିଜିଟାଲ ଉପକରଣକୁ ଜବତ କରାଯାଇପାରିବ। ଏହାକୁ ଓକିଲ ଏବଂ ସମ୍ବନ୍ଧିତ ପକ୍ଷର ଉପସ୍ଥିତିରେ ଖୋଲିବାକୁ ହେବ। କୋର୍ଟ ତାଙ୍କ ଆବେଦନ ଖାରଜ କଲା ପରେ ଯାଇ ହିଁ ଏପରି କରିହେବ। ଏହି ମାମଲାରେ ଓକିଲ ନିଯୁକ୍ତି କରିଥିବା ଅଭିଯୁକ୍ତଙ୍କ ମୌଳିକ ଅଧିକାରର ଉଲ୍ଲଙ୍ଘନ ହୋଇଛି। କାରଣ ସେମାନେ ନିଜ ଓକିଲଙ୍କୁ ହିଁ ଭରସା କରିଥିଲେ। ଯାଞ୍ଚ ଏଜେନ୍ସି କୌଣସି ଓକିଲଙ୍କୁ ତାଙ୍କ ମହକିଲଙ୍କ ସମ୍ବନ୍ଧିତ ସୂଚନା ମଧ୍ୟ ମାଗିପାରିବ ନାହିଁ। କେବଳ ଅସାଧାରଣ କ୍ଷେତ୍ରରେ ଏପରି କରାଯାଇପାରିବ। ଆଇନ ବୃତ୍ତିର ଗରିମା ଏବଂ ସ୍ୱାଧୀନତାର ସୁରକ୍ଷା ପାଇଁ ଏହା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ପୂର୍ବରୁ ଇଡି ଦ୍ୱାରା ଜାରି ଏହି ସମନକୁ ସୁପ୍ରିମକୋର୍ଟ ଓକିଲ ସଂଘ ପକ୍ଷରୁ ବିରୋଧ କରାଯାଇଥିଲା। ଅଗଷ୍ଟ ୧୨ରେ କୋର୍ଟ ଏହି ମାମଲାର ଶୁଣାଣି କରି ରାୟକୁ ସଂରକ୍ଷିତ ରଖିଥିଲେ। ସୁପ୍ରିମକୋର୍ଟ ନିଜକୁ ଦେଶର ସବୁ ନାଗରିକଙ୍କ ସଂରକ୍ଷକ କହିଥିଲେ। ଓକିଲଙ୍କୁ ଏଭଳି ଭାବେ ଜେରା କରିବା ନ୍ୟାୟ ବ୍ୟବସ୍ଥାର ମୂଳଦୁଆକୁ ଦୁର୍ବଳ କରିପାରେ ବୋଲି ସୁପ୍ରିମକୋର୍ଟ ଉଲ୍ଲେଖ କରିଥିଲେ।

## ଏନ୍‌ଡିଏର ବିହାର ନିର୍ବାଚନୀ ପ୍ରତିଶ୍ରୁତି | କୋଟିଏ ସରକାରୀ ଚାକିରି

ପାଟନା, ୩୧।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପାଇଁ କ୍ଷମତାସୀନ ଏନ୍‌ଡିଏମେଣ୍ଟ ଶୁକ୍ରବାର ଘୋଷଣାପତ୍ର ଜାରି କରିଛି। ଏଥିରେ କ୍ଷମତାରେ ଆସିଲେ କ'ଣ କ'ଣ କରାଯିବ ତାହାର ସୁନେଲୀ ସ୍ୱପ୍ନ ବିହାରବାସୀଙ୍କୁ ଦେଖାଇଛନ୍ତି। ପାଟନାର ମୌର୍ଯ୍ୟ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମଳନୀରେ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା, ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଚିରାଗ ପାଶ୍ୱାନ ଏହି ଘୋଷଣାପତ୍ର ଜାରି କରିଛନ୍ତି। କ୍ଷମତାକୁ ଆସିଲେ ବିହାର ଲୋକଙ୍କୁ ଏକ କୋଟି ସରକାରୀ ଚାକିରି, ମହିଳାଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା, କୋଟିଏ ମହିଳାଙ୍କୁ ଲକ୍ଷପତି ଦିଦି କରିବାକୁ ପ୍ରତିଶ୍ରୁତି ଦିଆଯାଇଛି। ଏହା ସହିତ ଗରିବଙ୍କ ପାଇଁ କେଜିରୁ ପିଜି ପର୍ଯ୍ୟନ୍ତ ଶିକ୍ଷାକୁ ମାଗଣା କରିବାକୁ, ୪ ସହରରେ ମେଟ୍ରୋ ସେବା ଆରମ୍ଭ କରାଯିବ ବୋଲି କୁହାଯାଇଛି।

ଅନ୍ୟପକ୍ଷରେ ମୋକାମାରେ ଆରଜେଡି ନେତା ଦୁଲାରଚନ୍ଦ ଯାଦବଙ୍କ ହତ୍ୟା ମାମଲାରେ ବାହୁବଳୀ ଅନନ୍ତ ସିଂହ, ତାଙ୍କର ଦୁଇ ପୁତୁରା ରଣବୀର ଏବଂ କର୍ମବୀର, ଛୋଟନ ସିଂହ ଓ କଞ୍ଜୟ ସିଂହ ବ୍ୟତୀତ ଅନେକ ଲୋକଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି। ଏହାକୁ ନେଇ ଆରଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି ଯେ ସିୱାନରେ ଏଏସଆଇକୁ ତଣ୍ଟି ଚିପି ହତ୍ୟା କରାଯାଇଛି। ମୋକାମାରେ ଦୁଲାରଚନ୍ଦଙ୍କୁ ମଧ୍ୟ ମାରି ଦିଆଯାଇଛି। ଏ ସବୁ କ'ଣ ଚାଲିଛି? ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାବେଳେ ବନ୍ଧୁକ ଧରି ବୁଲୁଥିବା ଲୋକଙ୍କୁ କେମିତି ରାଜା କୁହାଯିବ ବୋଲି ସେ ପଚାରିଛନ୍ତି।

## ମୁମ୍ବଇରେ ଶିଶୁଙ୍କୁ ପଣବନ୍ଦୀ ରଖିବା ମାମଲା | ୪ ଅଭିଭାବକଙ୍କୁ ଅଭିଯୁକ୍ତ ମାଗିଥିଲା ୪ କୋଟି

ମୁମ୍ବଇ, ୩୧।୧୦ (ଏଜେନ୍ସି): ମୁମ୍ବଇର ପୱଇ ସ୍ଥିତ ଆରଏ ଷ୍ଟୁଡିଓରେ ୧୭ ଶିଶୁଙ୍କୁ ପଣବନ୍ଦୀ କରି ରଖିଥିବା ଅଭିଯୁକ୍ତ ବିଷୟରେ ଅନେକ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି। ନିଜ ନାତୁଣୀକୁ ଅଡିସନ ଦେବାକୁ ଏଠାକୁ ନେଇ ଯାଇଥିବା ବୃଦ୍ଧା ମଙ୍ଗଳା ପାଟନକର ଅନେକ ସୂଚନା ଦେଇଛନ୍ତି। ଶିଶୁଙ୍କୁ ବଞ୍ଚାଇବାରେ ମଙ୍ଗଳା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ମୁଣ୍ଡରେ କାଚ ବାଜିଯିବାରୁ ସେ ମଧ୍ୟ ଆହତ ହୋଇଥିଲେ। ଏବେ ତାଙ୍କର ଚିକିତ୍ସା ଚାଲିଛି। ସେ କହିଛନ୍ତି ଯେ ମୃତ ଅଭିଯୁକ୍ତ ରୋହିତ ତାଙ୍କ ପାଖରେ କିଛି ଶିଶୁଙ୍କୁ ଛାଡ଼ି ଯାଇଥିଲା। ଅନ୍ୟମାନଙ୍କୁ ଉପରକୁ ନେଇ ଯାଇଥିଲା। ସେ ଝରକାରେ କଳା ପରଦା ଲଗାଇ ଷ୍ଟୁଡିଓରେ ବୋମା ଥିବା ଧମକ ଦେଇଥିଲା। ସେ ୪ ଶିଶୁଙ୍କ ମାତାପିତାଙ୍କୁ ଫୋନ କରି ପିଲାଙ୍କୁ ଛାଡ଼ିବା ପାଇଁ କୋଟିଏ ଲେଖାଏଁ ଟଙ୍କା ମାଗିଥିଲା। ସେ ପୂର୍ବରୁ ଯୋଜନା ପ୍ରସ୍ତୁତ କରି ଆସିଥିଲା ବୋଲି ଏଥିରୁ ଜଣା ପଡୁଥିଲା। ତେବେ ରୋହିତ କାହାକୁ ଖରାପ ବ୍ୟବହାର କରି ନ ଥିଲା। କିନ୍ତୁ ବହୁତ ଡ୍ରାମା କରିଥିଲା। ଦୀପାବଳିରେ ରଖିଥିବା ବାଣ ଫୁଟାଇ କୋଠାରେ ବାହାରେ ଗୁଳିମାଡ଼ ଚାଲିଥିବା କହିଥିଲା। ତେଣୁ ଆମେ କୋଠା ବାହାରକୁ ଯାଇ ନ ଥିଲୁ। ପୁଲିସ ଅଭିଯାନ ଆରମ୍ଭ କରିବା ପୂର୍ବରୁ ମଙ୍ଗଳା ଏହି ଶିଶୁଙ୍କ ଫଟୋକୁ ତାଙ୍କ ମାତାପିତାଙ୍କୁ ପଠାଇ ଥିଲେ। ଶିଶୁ ସୁରକ୍ଷିତ ଅଛନ୍ତି ଜଣାଇବା ପାଇଁ ସେ ଏପରି କରିଥିଲେ।

## ଆର୍‌ଏସ୍‌ଏସ୍‌କୁ ନିଷିଦ୍ଧ କରାଯିବା ଉଚିତ୍: ଖଡ଼୍‌ଗେ



ନୂଆଦିଲ୍ଲୀ, ୩୧।୧୦(ଏଜେନ୍ସି): ଦେଶର ମୁଖ୍ୟ ବିରୋଧୀ ଦଳ କଂଗ୍ରେସର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଶୁକ୍ରବାର ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀରେ କଂଗ୍ରେସକୁ ସମାଲୋଚନା କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜବାବ୍ ଦେଇଛନ୍ତି। ଦିଲ୍ଲୀରେ ଏକ ସମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ଭଳି ସଂଗଠନକୁ ନିଷିଦ୍ଧ କରାଯିବା ଉଚିତ୍। ଯଦି ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବିଚାରଧାରକୁ ସମ୍ମାନ କରୁଛନ୍ତି, ତେବେ ଆରଏସ୍‌ଏସ୍ ଉପରେ ବ୍ୟାନ ଲଗାନ୍ତୁ ବୋଲି ସେ ଆହ୍ୱାନ କରିଛନ୍ତି।

## ଦିଲ୍ଲୀରେ ଗ୍ୟାଙ୍ଗୱାର: ଅପରାଧୀ ମୃତ

ନୂଆଦିଲ୍ଲୀ, ୩୧।୧୦(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ପୁଣି ଗ୍ୟାଙ୍ଗୱାର ଦେଖିବାକୁ ମିଳିଛି। ସାଲେମପୁରରେ ୨୨ ବର୍ଷୀୟ ଜଣେ ଅଭ୍ୟାସଗତ ଅପରାଧୀ ମିସବାକୁ ମଙ୍ଗଳବାର ରାତି ୧୦.୪୦ରେ ଗୁଳି କରି ହତ୍ୟା କରାଯାଇଛି। ମସ୍‌ବା ପୂର୍ବରୁ ବହୁ ଅପରାଧରେ ସମ୍ପୃକ୍ତ ଥିଲା ବୋଲି ପୁଲିସ କହିଛି। ମିସ୍‌ବା ବିରୋଧରେ ପୂର୍ବରୁ ହତ୍ୟା, ହତ୍ୟା ପାଇଁ ଉଦ୍ୟମ, ଡକାୟତି କରିବାର ଅଭିଯୋଗ ରହିଥିଲା। ସେ ହାସିମ ବାବା ଗ୍ୟାଙ୍ଗ ସହିତ ଜଡିତ ଥିଲା। ତା ବିରୋଧରେ ୧୭ଟି ଆପରାଧିକ ମାମଲା ରୁଜୁ କରାଯାଇଥିଲା। ଗତ ଜୁଲାଇରେ ସେ ଜେଲରୁ ମୁକୁଳି ବାହାରକୁ ଆସିଥିଲା। ଗ୍ୟାଙ୍ଗଷ୍ଟର ଛେନୁର ଘର ପାଖରେ ତାକୁ ହତ୍ୟା କରାଯାଇଛି। ଘଟଣାସ୍ଥଳରେ ପହଞ୍ଚି ଫରେନସିକ ଟିମ୍ ପ୍ରମାଣ ଏକାଠି କରୁଛି। ଏ ନେଇ ଏକ ମାମଲା ରୁଜୁ କାରାଯାଇଛି।

## ଆମେରିକା ଚଳିତ ବର୍ଷ ୨,୭୯୦ ଭାରତୀୟଙ୍କୁ ବିଦା କରିଛି

ନୂଆଦିଲ୍ଲୀ, ୩୧।୧୦(ଏଜେନ୍ସି): ଚଳିତ ବର୍ଷ ଆମେରିକାର ଏପର୍ଯ୍ୟନ୍ତ ଅବୈଧ ଭାବେ ରହୁଥିବା ୨, ୭୯୦ ଜଣ ଭାରତୀୟଙ୍କୁ ଦେଶରୁ ବିଦା କରିଛି। ବୈଦେଶିକ ମନ୍ତ୍ରଣାଳୟ ଏ ନେଇ ଶୁକ୍ରବାର ସୂଚନା ଦେଇଛି। ବିଦେଶ ମନ୍ତ୍ରଣାଳୟ ପ୍ରବକ୍ତା ରଣଧୀର ଜୟସ୍ୱାଲ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଏହି ତଥ୍ୟ ସାମ୍ନାକୁ ଆଣିଛନ୍ତି। ଚଳିତ ବର୍ଷ ଜାନୁଆରୀରୁ ଅକ୍ଟୋବର ୨୯ ପର୍ଯ୍ୟନ୍ତ ୨,୭୯୦ରୁ ଅଧିକ ଭାରତୀୟ ନାଗରିକଙ୍କୁ ଭାରତ ପଠାଇ ଦିଆଯାଇଛି। ଏହି ଭାରତୀୟ ନାଗରିକମାନେ ଆମେରିକାରେ ରହିବା ପାଇଁ ମାନଦଣ୍ଡ ପୂରଣ କରିପାରି ନଥିଲେ କିମ୍ବା ସେଠାରେ ଅବୈଧ ଭାବେ ରହୁଥିଲେ। ଆମେ ଏହି ନାଗରିକଙ୍କ ପ୍ରମାଣ ପତ୍ର ଓ ନାଗରିକତା ବିଷୟରେ ସୂଚନା ଦେବା ପରେ ସେମାନଙ୍କୁ ଭାରତ ଫେରାଇ ଦିଆଯାଇଛି। କେବଳ ଆମେରିକା ନୁହଁ ବ୍ରିଟେନ ଅର୍ଥାତ ୟୁନାଇଟେଡ କିଙ୍ଗଡମ୍‌ରୁ ମଧ୍ୟ ବିଦା ହୋଇଥିବା ଭାରତୀୟ ନାଗରିକଙ୍କ ସମ୍ପର୍କରେ ଜୟସ୍ୱାଲ ସୂଚନା ଦେଇଥିଲେ। ଏପର୍ଯ୍ୟନ୍ତ ୟୁକେରୁ ପାଖାପାଖି ୧୦୦ଜଣ ଭାରତୀୟ ନାଗରିକଙ୍କୁ ଡିପୋର୍ଟ କରାଯାଇଛି ବୋଲି ସେ କହିଛନ୍ତି।

# ଭାଇ ଆଣ୍ଡ୍ର୍ୟୁଙ୍କୁ ଘରୁ ବାହାର କଲେ କିଙ୍ଗ୍ ଚାର୍ଲ୍ସ

ଲଣ୍ଡନ, ୩୧।୧୦(ଏଜେନ୍ସି): ବ୍ରିଟେନରେ କିଙ୍ଗ ଚାର୍ଲ୍ସ ନିଜର ସାନ ଭାଇ ଆଣ୍ଡ୍ର୍ୟୁଙ୍କଠାରୁ ରାଜପରିବାରର ପ୍ରିନ୍ସ ଉପାଧି ପ୍ରତ୍ୟାହାର କରିଛନ୍ତି। କେବଳ ସେତିକି ନୁହଁ ୱିଣ୍ଡସରସ୍ଥିତ ବିଳାସପୂର୍ଣ୍ଣ 'ରୟାଲ ଲଜ୍'ରୁ ମଧ୍ୟ ତାଙ୍କୁ ଚାଲି ଯିବାକୁ ଆଦେଶ ଦିଆଯାଇଛି। ଏ ନେଇ ବକିଂହାମ ପ୍ୟାଲେସ ତରଫରୁ ଗୁରୁବାର ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ତାଙ୍କଠାରୁ ରାଜ ପରିବାରର ଉପାଧୀ ଓ ସମ୍ମାନ ପ୍ରତ୍ୟାହାର କରିବା ନେଇ ପ୍ରକ୍ରିୟାର ଆରମ୍ଭ ହୋଇଛି। ଯୌନ ଶୋଷଣ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ଜେଫ୍ରି ଏପଷ୍ଟିନ ସହ ଆଣ୍ଡ୍ର୍ୟୁଙ୍କ ସମ୍ପର୍କ ଥିବାରୁ ରାଜ ପରିବାର ପ୍ରବଳ ଚାପର ସମ୍ମୁଖୀନ ହୋଇଥିଲା। କିଛିଦିନ ତଳେ କିଙ୍ଗ୍ ଚାର୍ଲ୍ସ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଆଣ୍ଡ୍ର୍ୟୁଙ୍କୁ ନେଇ ସାର୍ବଜନୀନ ଭାବେ କଡ଼ା ବିରୋଧର ସମ୍ମୁଖୀନ ହୋଇଥିଲେ। ତେଣୁ ଆଣ୍ଡ୍ର୍ୟୁଙ୍କୁ ନେଇ କିଙ୍ଗ୍ ଚାର୍ଲ୍ସ ସବୁଆଡୁ ଚାପର ସମ୍ମୁଖୀନ ହୋଇଥିଲେ। ଆଣ୍ଡ୍ର୍ୟୁ ହେଉଛନ୍ତି ସ୍ୱର୍ଗତ ମହାରାଣୀ ଏଲିଜାବେଥଙ୍କ ଦ୍ୱିତୀୟ ପୁତ୍ର ଓ ଚାର୍ଲ୍ସଙ୍କ ସାନ ଭାଇ। ଛୋଟ ପିଲାଙ୍କ ଯୌନ ଶୋଷଣ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ଏପଷ୍ଟିନଙ୍କ ସହ ଥିବା ସମ୍ପର୍କ ନେଇ ଆଣ୍ଡ୍ର୍ୟୁ ମଧ୍ୟ ବିବାଦରେ ଫସିଥିଲେ। ଆଣ୍ଡ୍ର୍ୟୁ କିଶୋର ଅବସ୍ଥାରେ ଜଣେ ୧୭ ବର୍ଷୀୟ ଝିଅକୁ ଦୁଷ୍କର୍ମ କରିବା ଅଭିଯୋଗ କାରଣରୁ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପୀଡିତା ବାଳିକା ଭିର୍ଜିନିଆ ଗିଫ୍ରେ ଅଭିଯୋଗ କରିଥିଲେ ଯେ, ୨୦୦୧ରେ ମୋତେ ୧୭ ବର୍ଷ ହୋଇଥିବା ବେଳେ ଆଣ୍ଡ୍ର୍ୟୁ ମୋର ଯୌନ ଶୋଷଣ କରିଥିଲେ। ଗିଫ୍ରେ ଚଳିତବର୍ଷ ଏପ୍ରିଲ୍‌ରେ ୪୧ ବର୍ଷ ବୟସରେ ଆତ୍ମହତ୍ୟା କରିଥିଲେ। କିନ୍ତୁ ଆଣ୍ଡ୍ର୍ୟୁ ତାଙ୍କ ବିରୋଧରେ ଆସିଥିବା ଏହି ଅଭିଯୋଗକୁ ବାରମ୍ବାର ଖଣ୍ଡନ କରିଆସିଛନ୍ତି। ଚଳିତ ମାସ ଆଣ୍ଡ୍ର୍ୟୁ ଏଥିପାଇଁ ରାଜ ପରିବାରର 'ଡ୍ୟୁକ୍ ଅଫ୍ ୟର୍କ' ଉପାଧିକୁ ପରିତ୍ୟାଗ କରିଥିଲେ। ଗୁରୁବାର ରାଜ ପରିବାର ତରଫରୁ ଏହି ଘୋଷଣା ସତ୍ତ୍ୱେ ଆଣ୍ଡ୍ର୍ୟୁ ବ୍ରିଟିଶ ସିଂହାସନର ଉତ୍ତରାଧିକାରୀ ଭାବେ ଅଷ୍ଟମ ଦାବିଦାର ଭାବେ ବଜାୟ ରହିବେ।



# ନୂଆପଡ଼ାରେ ଶାସକ ଦଳର ଦମନ ରାଜନୀତି

## ବିଜେଡି ନେତା ପ୍ରୀତିରଞ୍ଜନଙ୍କ ଭଡ଼ା ଘରେ ଚଢ଼ଉ

**ନୂଆପଡା, ୩୧।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ଦିନ ଯେତିକି ପାଖେଇ ଆସୁଛି ଶାସକ ବିଜେପି ସେତିକି ଅଧିକ ହିଂସ୍ର ହୋଇ ଉଠୁଛି। ପରାଜୟ ଭୟରେ ଭୟଭୀତ ଶାସକ ବିଜେପି ବିରୋଧୀଙ୍କୁ ଦମନ କରିବାକୁ ପୁଲିସ ଓ ପ୍ରଶାସନକୁ ପ୍ରୟୋଗ କରିଛି। ତିନିଦିନ ତଳେ କଂଗ୍ରେସ କାର୍ଯ୍ୟାଳୟରେ ପୁଲିସ ଖାନତଲାସୀ କରିଥିବାବେଳେ ଶୁକ୍ରବାର ବିଜେଡିର ତାରକା ପ୍ରଚାରକ ତଥା ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କ ଭଡ଼ା ଘରେ ପ୍ରଶାସନ ଚଢ଼ଉ କରିଛି। ବିନା ସର୍ଚ୍ଚ ୱାରେଣ୍ଟରେ ସରକାରୀ ଅଧିକାରୀ ଓ ବହୁ ଖାକି ପୋଷାକ ପିନ୍ଧା ଯୁବକ ପ୍ରୀତିରଞ୍ଜନଙ୍କ ଘରେ ପହଞ୍ଚି ବଳପୂର୍ବକ ଖାନତଲାସ କରିଛନ୍ତି। କୌଣସି ଆପତ୍ତିଜନକ ସାମଗ୍ରୀ, ଟଙ୍କା ପଇସା ନ ପାଇ ଶେଷରେ ଚଢ଼ାଉ ଦଳ ନିରାଶ ହୋଇ ଫେରିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ମଧ୍ୟାହ୍ନ ପ୍ରାୟ ଗୋଟାଏ ସମୟରେ ମାଜିଷ୍ଟ୍ରେଟ ଡ଼.ରେଶମଲାଲ ନାଏକଙ୍କ ନେତୃତ୍ୱରେ ଏକ ଏସଏସଟି (ଷ୍ଟାଟିକ ସର୍ଭିଲାନ୍ସ ଟିମ୍ ) ଟିମ୍ ଖରିଆରରୋଡ଼ ଯୋଙ୍କ ଥାନା ନିକଟରେ ପ୍ରୀତି ରଞ୍ଜନ ବିଧାୟକ ଘଡ଼ାଇଙ୍କ ଭଡ଼ା ଘରେ ପହଞ୍ଚିଥିଲା। ସେତେବେଳେ ପ୍ରୀତିରଞ୍ଜନ ଘରେ ନ ଥିଲେ। ତଥାପି ସେଠାରେ ଉପସ୍ଥିତ କିଛି ବ୍ୟକ୍ତି ଚଢ଼ଉକାରୀ ଦଳକୁ ସର୍ଚ୍ଚ ୱାରେଣ୍ଟ ଆଣିଛନ୍ତି କି ବୋଲି ପ୍ରଶ୍ନ କରିଥିଲେ। ମାତ୍ର ସେମାନେ କୌଣସି ଉତ୍ତର ଦେବାକୁ ସକ୍ଷମ ହୋଇ ନ ଥିଲେ। ସେହି ଘରେ ରହୁଥିବା ଶ୍ରୀ ଘଡ଼େଇଙ୍କ ଜଣେ ସହଯୋଗୀ ଚଢ଼ଉକାରୀ ଦଳ ପାଇଁ ଫାଟକ ଖୋଲି ଦେଇଥିଲେ। ଏସଏସ୍ଟି ଟିମ୍ ଭଡ଼ା ଘରେ ସବୁ ଖୋଜାଖୋଜି କରିଥିଲେ ବି କୌଣସି ଆପତ୍ତିଜନକ ସାମଗ୍ରୀ, ଟଙ୍କା ପଇସା ପାଇ ନ ଥିଲେ। ସେମାନେ ଫେରିବାକୁ ବାହାରିଥିବାବେଳେ କିଛି ବିଜେଡି ସମର୍ଥକ ସେଠାରେ ପହଞ୍ଚିଥିଲେ। ସର୍ଚ୍ଚ ୱାରେଣ୍ଟ ବିନା ଘର ଯାଞ୍ଚକୁ ନେଇ ମାଜିଷ୍ଟ୍ରେଟ୍ ଡ଼. ନାଏକ ଓ ବିଜେଡି କର୍ମୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ଏକ ଅଭିଯୋଗ ଆଧାରରେ ଏହି ଚଢ଼ଉ ହୋଇଥିଲା ଓ ସେଠାରୁ କିଛି ସାମଗ୍ରୀ ମିଳି ନ ଥିଲା ବୋଲି ମାଜିଷ୍ଟ୍ରେଟ କହିଛନ୍ତି।

**କିଛି ନ ପାଇ ନିରାଶ ହୋଇ ଫେରିଲେ ଅଧିକାରୀ**

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗର୍ଜିଲା ବିଜେଡି




**ନୂଆପଡ଼ା, ୩୧।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନକୁ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ସୁନିଶ୍ଚିତ କରିବା ପାଇଁ ସମ୍ବିଧାନ ଜିଲ୍ଲାପାଳ ଓ ଏସପିଙ୍କୁ ଦାୟିତ୍ୱ ଦେଇଛି। ମାତ୍ର ସେମାନେ ଏବେ ଶାସକ ବିଜେପିର ଏଜେଣ୍ଟ ସାଜିଛନ୍ତି। ଜିଲ୍ଲା ପ୍ରଶାସନର ମୁଖିଆ ବୋଲାଉଥିବା ଏହି ଦୁଇ ବରିଷ୍ଠ ଅଧିକାରୀ ବୁଲିବୁଲି ବିଜେଡି ନେତା ଓ କର୍ମୀଙ୍କୁ ଧମକାଉଛନ୍ତି। ବିଜେପିକୁ ସମର୍ଥନ ନ କଲେ ଜେଲରେ ପୁରାଇ ଦେବାକୁ ନାଲି ଆଖି ଦେଖାଉଛନ୍ତି। ଭୋଟରଙ୍କୁ ଭୟଭୀତ କରିବାକୁ ମଧ୍ୟ ସେମାନେ ପଛାଉ ନାହାଁନ୍ତି। ନୂଆପଡ଼ା ଜିଲ୍ଲାପାଳ ଓ ଏସ୍ପି ଗଣତନ୍ତ୍ରକୁ ଦଳି ମକଚି ନିର୍ବାଚନ ପରିଚାଳନା କରୁଛନ୍ତି ବୋଲି ସଙ୍ଗୀନ ଅଭିଯୋଗ କରିଛି ବିଜେଡି।

ଏକ ବିରାଟ ପଟୁଆରରେ ବିଜେଡି ନେତୃବୃନ୍ଦ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ତୁରନ୍ତ ନିଜର ଅଗଣତାନ୍ତ୍ରିକ କାର୍ଯ୍ୟାଧାରା ବନ୍ଦ କରିବା ପାଇଁ ଦାବି କରିଛନ୍ତି। ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ, ବିଜେଡି ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ, ଅମିତ୍ ସିଂଦେଓ, ପ୍ରଦ୍ୟୁମ୍ନ ତ୍ରିପାଠୀ,ରାଜେନ୍ଦ୍ର ପ୍ରସାଦ ଗୁପ୍ତା, ଅବିନାଶ ଠାକୁର, ମାନସ ବାଗ, ମଣ୍ଟୁ ନାଏକ, ଚିରାଗ ସିଂଦେଓ, ମୃତ୍ୟୁଞ୍ଜୟ ମିଶ୍ର, ମନୀନ୍ଦ୍ର ମହାନ୍ତି, ସୁବ୍ରତ ସିଂହ, ବାବୁ ଖାନ୍, କରନ ସିକନ୍ଦର, ଉଦିତ ପ୍ରତାପ ଭୋଇ, ନୀଳାମ୍ବର ସାହୁ, ଅଜିତ କୁମାର ସାହୁ, ଦେବାଶିଷ ଖାଡେଙ୍ଗା, ସୁମନ ନନ୍ଦ, ଶୁଭ୍ରାଂଶୁ ମିଶ୍ର, ଦୀପକ ମହାପାତ୍ର, ନୀଳମାଧବ ମହାନ୍ତି, ଅରୂପ ଶ୍ରୀଚନ୍ଦନ, ଫାତମା ଖାତୁନ, ମନୋରଞ୍ଜନ ସ୍ୱାଇଁ, ସଚ୍ଚିକାନ୍ତ ସାହୁ, ଦିବ୍ୟ ସିଂହ ସେଠ, ବିଶ୍ୱଜିତ ଜେନା ପ୍ରମୁଖ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସରକାର ଓ ସ୍ଥାନୀୟ ପ୍ରଶାସନ ବିରୋଧରେ ଗର୍ଜିଛନ୍ତି।

ନୂଆପଡ଼ା ଉପନିର୍ବାଚନରେ ସ୍ଥାନୀୟ ଜିଲ୍ଲାପାଳ, ଏସ୍ପି ବିଜେପିର ଷ୍ଟାର ପ୍ରଚାରକ ଭାବରେ କାର୍ଯ୍ୟ କରୁଥିବା ସେ ଅଭିଯୋଗ କରିଛନ୍ତି। ଏହାକୁ ନୂଆପଡ଼ାର ଜନତା ଏହାକୁ କେବେ ବରଦାସ୍ତ କରିବେ ନାହିଁ। ଅବାଧ, ସ୍ୱଚ୍ଛ, ମୁକ୍ତ ଓ ନିରପେକ୍ଷ ଉପନିର୍ବାଚନ ପରିଚାଳନା ଲାଗି ନୂଆପଡ଼ା ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ବେଆଇନ କାର୍ଯ୍ୟ ବନ୍ଦ କରି ନିରପେକ୍ଷ ହେବାକୁ ବିଜେଡି ନେତୃବୃନ୍ଦ ଚେତାବନୀ ଦେଇଥିଲେ। ଯଦି ନୂଆପଡ଼ା ପ୍ରଶାସନ ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ନ କରେ ତେବେ ତାର ଉଚିତ୍ ଜବାବ ନୂଆପଡ଼ାବାସୀ ଦେବେ ବୋଲି କହିଛନ୍ତି।

## କଳିଙ୍ଗା ଘାଟିରେ ସ୍ୱାଭାବିକ ହେଲା ଯାତାୟାତ



ଅନୁମତି ମିଳିବା ପୂର୍ବରୁ ଗାଡ଼ି ଚାଲିଲା

**ଜି.ଉଦୟଗିରି, ୩୧।୧୦ (ସମିସ):** ୪୫ ଦିନ ପରେ ସ୍ୱାଭାବିକ ହୋଇଛି କଳିଙ୍ଗାଘାଟିରେ ଯାତାୟାତ। ଗତ ମାସ ୧୬ ତାରିଖରେ କଳିଙ୍ଗା ଘାଟିରେ ଭୂ-ସ୍ଖଳନ ହୋଇ ରାସ୍ତା ଧୋ ଯାଇଥିଲା। ଆଜି ରାସ୍ତା କାମ ଶେଷ ହୋଇଥିବା ବେଳେ ଦୁଇ ଚକିଆ ଓ ଚାରି ଚକିଆ ଯାନବାହାନ ଚଳାଚଳ କରିଛି। ଏ ସମ୍ପର୍କରେ ଆନୁଷ୍ଠାନିକ ଭାବେ ଘୋଷଣା ହୋଇ ନଥିବା ବେଳେ ସୋସିଆଲ ମିଡିଆରେ ପ୍ରଚାର ହେବା ପରେ ଯାତାୟାତ ଆରମ୍ଭ ହୋଇଯାଇଛି। ବିପଦସଂକୁଳ ଅବସ୍ଥାରେ ଅଟକି ରହିଥିବା ପଥର ବ୍ଲାଷ୍ଟିଂ କାମ ସରିବା ପରେ ଅସ୍ଥାୟୀ ରାସ୍ତାରେ ପଡ଼ିଥିବା ମାଟି ବାଲି ପଥର ସଫା କାମ ସରିଛି। ଦୁଇ ଓ ଚାରିଚକିଆ ଯାନ କଳିଙ୍ଗା ଘାଟି ଦେଇ ଚଳାଚଳ କରିବା ନିମନ୍ତେ ଜାତୀୟ ରାଜପଥ ବିଭାଗ ତରଫରୁ କନ୍ଧମାଳ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଥିବା କହିଛନ୍ତି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ସାହୁ। ହାଲୁକା ଯାନ ଚଳାଚଳ ପାଇଁ ବିଧିବଦ୍ଧ ଭାବେ ଜିଲ୍ଲାପାଳ ଘୋଷଣା କରିବାକୁ ଅପେକ୍ଷା ରହିଛି। ମାତ୍ର ଏହା ପୂର୍ବରୁ ଗାଡ଼ି ଚଳାଚଳ ଆରମ୍ଭ ହୋଇଥିବାବେଳେ ଏହାକୁ ନେଇ ଆଶ୍ୱସ୍ତ ହୋଇଛନ୍ତି ଜିଲ୍ଲାବାସୀ।

### ବସ୍ ଭିତରେ ୪ବର୍ଷର ଶିଶୁକନ୍ୟାକୁ ଯୌନ ଶୋଷଣ ମାମଲା

## ଦୁଇ ଯବାନଙ୍କୁ ଆଜୀବନ ଜେଲ୍

**ବ୍ରହ୍ମପୁର, ୩୧।୧୦ (ସମିସ):** ବସ୍ ଭିତରେ ୪ ବର୍ଷର ଏକ ଶିଶୁକନ୍ୟାକୁ ଯୌନ ଶୋଷଣ ମାମଲାର ବିଚାର କରି ସ୍ୱତନ୍ତ୍ର ପକ୍ସୋ ଜଜ୍ ପ୍ରଣତି ପଟ୍ଟନାୟକ ଶୁକ୍ରବାର ୨ ଯବାନଙ୍କୁ ଆଜୀବନ ଜେଲ୍ ଓ ୧୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ଦୁଇ ଯବାନ ହେଲେ, ଗୁଜରାଟ ନିବାସୀ ଭୂତେଦିଆ ଜୟଶ କୁମାର (୩୦) ଓ ଦେଓଗଡ଼ ହସେଲଦାର ମୁଣ୍ଡା (୩୭)। ଜଏସ କୁମାର ଗୋପାଳପୁର ଆର୍ମି ଏଡି କଲେଜରେ ହାବିଲଦାର ଭାବେ କାମ କରୁଥିବା ବେଳେ ହସେଲଦାର ଆର୍ମି ଏଡି କଲେଜର ନାଏକ ଭାବେ କାମ କରୁଥିଲେ। ଉଭୟଙ୍କଠାରୁ ଆଦାୟ ୨୦ହଜାର ଜରିମାନା ଟଙ୍କା ପୀଡ଼ିତାଙ୍କୁ ଦେବାକୁ ରାୟରେ ସ୍ପଷ୍ଟ ଉଲ୍ଲେଖ ରହିଛି। ଜରିମାନା ଅନାଦେୟ ପ୍ରତ୍ୟେକଙ୍କୁ ଅଧିକ ୬ମାସ ଲେଖାଏଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ମଧ୍ୟ ନିର୍ଦ୍ଦେଶ ରହିଛି। ଏହାସହ ପୀଡ଼ିତାଙ୍କ ପରିବାରକୁ ୧୦ଲକ୍ଷ ୫୦ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିବାକୁ ଡିଏଲଏସଏଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଚଳିତ ବର୍ଷ ଜାନୁଆରୀ ୨ ତାରିଖରେ ଗୋପାଳପୁର ଥାନା ଅନ୍ତର୍ଗତ ଆର୍ମି ଏଡି କଲେଜ ପରିସରରେ ଥିବା ଏକ ଇଂରାଜୀ ମାଧ୍ୟମ ସ୍କୁଲରେ ପଢୁଥିବା ଜନୈକା ୪ବର୍ଷର ଶିଶୁକନ୍ୟାଙ୍କୁ ଭୟଭୀତ କରି ଏକ ସ୍କୁଲ ବସ ଭିତରେ ଯୌନ ଶୋଷଣ କରାଯାଇଥିଲା। ଏନେଇ ଶିଶୁକନ୍ୟାଜଣକ ନିଜ ପରିବାର ବର୍ଗଙ୍କୁ ଜଣାଇବା ପରେ ପରିବାର ପକ୍ଷରୁ ଏନେଇ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର (ପିପି) ନାରାୟଣ ପଣ୍ଡା ମାମଲା ପରିଚାଳନା କରୁଥିଲେ।

### ପ୍ରୀତିରଞ୍ଜନଙ୍କ ଭଡ଼ାଘରେ ପୁଲିସର ରେଡ୍

## ବେଆଇନ୍ କାର୍ଯ୍ୟକୁ ନେଇ ସିଇଓଙ୍କୁ ଭେଟିଲା ବିଜେଡି



**ଭୁବନେଶ୍ୱର,୩୧।୧୦(ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ଜୋରଦାର ପ୍ରଚାର ଭିତରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବରିଷ୍ଠ ସାଧାରଣ ସମ୍ପାଦକ ପ୍ରୀତିରଞ୍ଜନ ଘଡ଼ାଇଙ୍କ ଭଡ଼ା ଘରେ ଚଢ଼ଉ କରିଛି ପୁଲିସ। ଏହି ଘଟଣାକୁ ବିଜେଡି ତୀବ୍ର ବିରୋଧ କରିବା ସହ ରାଜ୍ୟ ମୁଖ୍ୟନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ଭେଟିଛି। ଏହି ଚଢ଼ାଉକୁ ବିଜେଡି ବେଆଇନ ଦର୍ଶାଇବା ସହ ନୂଆପଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୁଦନ ଦାସ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ଦଳ ଅଭିଯୋଗ କରିଛି। ତେଣୁ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି।

ବିଜେଡିର ଏକ ପ୍ରତିନିଧି ଦଳ ସିଇଓଙ୍କୁ ଭେଟି ପ୍ରଦାନ କରିଥିବା ଦାବିପତ୍ରରେ ଦର୍ଶାଇଛି ଯେ ନୂଆପଡା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳ ପାଇଁ ପ୍ରୀତିରଞ୍ଜନ ଘଡ଼ାଇଙ୍କୁ ନିର୍ବାଚନ ପ୍ରଚାରର ତଦାରଖ ଦାୟିତ୍ୱ ଦିଆଯାଇଛି। ନିଜର ଦାୟିତ୍ୱ ନିର୍ବାହ କରିବା ପାଇଁ ସେ ଆଇନଗତ ଭାବେ ସେଠାରେ ଏକ ଭଡ଼ା ଘରେ ରହୁଛନ୍ତି। ଗଣତାନ୍ତ୍ରିକ ପ୍ରକ୍ରିୟା ଓ ନିର୍ବାଚନରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ସେ ସେଠାରେ କାର୍ଯ୍ୟ କରୁଛନ୍ତି। ମାତ୍ର ନୂଆପଡା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ପୁଲିସ ସହିତ ଶ୍ରୀ ଘଡ଼ାଇଙ୍କ ବାସଭବନରେ ବିନା ସର୍ଚ୍ଚ ୱାରେଣ୍ଟରେ ଚଢାଉ କରିଛନ୍ତି। ଏହି ଚଢ଼ାଉ ସମୟରେ ସେହି ଘରୁ କୌଣସି ଅପରାଧିକ ସାମଗ୍ରୀ ମିଳି ନାହିଁ। ଗତ ୨୭ ତାରିଖରେ ଦଳ ତରଫରୁ ନୂଆପଡା ଜିଲ୍ଲାପାଳ ଏବଂ ଏସ୍ପିଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସିଇଓଙ୍କ ନିକଟରେ ଏକ ଦାବିପତ୍ର ଦିଆଯାଇଥିଲା। ଦଳ ସେତେବେଳେ ସେମାନଙ୍କ କାର୍ଯ୍ୟକଳାପକୁ ନେଇ ଗମ୍ଭୀର ଚିନ୍ତା ପ୍ରକଟ କରିବା ସହ ସେମାନେ ବିଜେପି ସରକାର ଦ୍ୱାରା ପ୍ରଭାବିତ ହୋଇ ବିଜେପି ସପକ୍ଷରେ ଭୋଟରମାନଙ୍କୁ ପ୍ରଭାବିତ କରୁଥିବା ନେଇ ଅଭିଯୋଗ କରିଥିଲା। ଦୁର୍ଭାଗ୍ୟବଶତଃ ସେବେଠାରୁ କୌଣସି ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ସରକାରୀ କ୍ଷମତାର ଅଧିକ ଅପବ୍ୟବହାର ହୋଇଛି। ତେଣୁ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ତୁରନ୍ତ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ସିଇଓଙ୍କ ନିକଟରେ ଦାବି କରିଛି।

**ନୂଆପଡ଼ା ଜିଲ୍ଲାପାଳଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି**

**ଖାକି ପୋଷାକ ପିନ୍ଧି ବୁଲୁଛନ୍ତି ୫୦୦ ଛତିଶଗଡ଼ୀ ବିଜେପି କର୍ମୀ**

ସେହିପରି ଶଙ୍ଖ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ପ୍ରସଙ୍ଗକୁ ନେଇ ଶାସକ ଦଳକୁ ଘେରିଛି ବିଜେଡି। ସାଂସଦ ସୁଲତା ଦେଓ ଓ ଗଣମାଧ୍ୟମ ସଂଯୋଜକ ଲେନିନ ମହାନ୍ତି ସାଂଘାତିକ ଅଭିଯୋଗ କରିଛନ୍ତି। ଛତିଶଗଡ଼ ବିଜେପିର ୫୦୦ ଯୁବ କର୍ମୀଙ୍କୁ ପୁଲିସ ପୋଷାକ ପିନ୍ଧାଇ ବିଜେପି ନୂଆପଡ଼ାରେ ନିୟୋଜିତ କରିଛି। ସେମାନେ ସେଠାରେ ଜୁଲୁମ ଚଳାଇଛନ୍ତି। ଲୋକଙ୍କୁ ଭୟଭୀତ କରୁଛନ୍ତି ଓ ଲୋକମାନେ ବି ସେମାନଙ୍କୁ ସତ ପୁଲିସ ଭାବି ଭୟରେ ତୁଣ୍ଡ ଖୋଲୁ ନାହାନ୍ତି। ଅନ୍ୟପକ୍ଷରେ ବିଜେପି ବାରମ୍ବାର ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରି ଚାଲିଥିଲେ ବି ନିର୍ବାଚନ ଅଧିକାରୀ ନିରବ ରହିଛନ୍ତି। ପରାଜୟ ଭୟରେ ବିଜେପି ସବୁ ସୀମା ଅତିକ୍ରମ କରିଛି ବୋଲି ଉଭୟ ନେତା ଅଭିଯୋଗ କରିଛନ୍ତି।

### କାଳ ହେଲା ଦ୍ରୁତଗତିରେ ବାଇକ୍ ଚାଳନା

## କଲ୍‌ଭର୍ଟରେ ପିଟି ହୋଇ ୨ ମୃତ

**ବ୍ୟାସନଗର, ୩୧।୧୦ (ସମିସ):** କାଳ ହେଲା ଦ୍ରୁତଗତିରେ ଗାଡ଼ି ଚାଳନା। କଲଭର୍ଟ ବାଡାରେ ବାଇକ୍ ପିଟି ହୋଇ ଚାଲିଗଲା ୨ଜଣଙ୍କ ଜୀବନ। ଯାଜପୁର ଜିଲ୍ଲା ବ୍ୟାସନଗର ସହରରେ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ତଣ୍ଡରା ଗ୍ରାମର ଜିତେନ୍ଦ୍ର ମଲ୍ଲିକ ରୁଦ୍ର ମଲ୍ଲିକ। ସୂଚନାନୁଯାୟୀ, ଜିତେନ୍ଦ୍ର, ରୁଦ୍ର ଓ ଅନ୍ୟ ଜଣେ ସାଙ୍ଗ ମାନସ ଏକ ବାଇକ୍‌ରେ ବ୍ୟାସନଗର ପୌରାଞ୍ଚଳକୁ ଯାଇଥିଲେ। ବାଇକ୍‌ର ଗତି ଅଧିକ ଥିବା ବେଳେ ସ୍ଥାନୀୟ ଏକ ଘରୋଇ ଶିକ୍ଷାନୁଷ୍ଠାନ ନିକଟରେ ଭାରସାମ୍ୟ ହରାଇ ଗାଡ଼ିଟି ରାସ୍ତା କଡ଼ରେ ଥିବା କଲଭର୍ଟ ବାଡ଼ାରେ ପିଟି ହୋଇଯାଇଥିଲା। ଏଥିରେ ଜିତେନ୍ଦ୍ର ଓ ରୁଦ୍ର ଗୁରୁତର ଆହତ ହୋଇଥିଲେ। ଶଙ୍ଖଚିଲା ଫାଣ୍ଡି ପୁଲିସ ସେମାନଙ୍କୁ ଉଦ୍ଧାର କରି ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ମାତ୍ର ସେଠାରେ ଡାକ୍ତର ଜିତେନ୍ଦ୍ର ଓ ରୁଦ୍ରକୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ତଣ୍ଡରା ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି।

## ନୂଆପଡ଼ା ପାଇଁ ଆଉ ୧୭ ନେତାଙ୍କୁ ଦାୟିତ୍ୱ ଦେଲେ ନବୀନ

**ଭୁବନେଶ୍ୱର, ୩୧।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନରେ ଦଳର ବିଭିନ୍ନ ସ୍ତରରେ ସାଂଗଠନିକ କାର୍ଯ୍ୟକ୍ରମରେ ସଂଯୋଜନା କରିବା ପାଇଁ ଆଉ ୧୭ ଜଣ ନେତାଙ୍କୁ ଦାୟିତ୍ୱ ଦେଇଛି ବିଜେଡି। ଦାୟିତ୍ୱ ପାଇଥିବା ନେତାଙ୍କ ମଧ୍ୟରେ ପଦ୍ମନାଭ ବେହେରା, ଅଶୋକ ଚନ୍ଦ୍ର ପଣ୍ଡା, ମହେସ ସାହୁ, ସୁମିତ୍ରା ଜେନା, ସୁଲୋଚନା ଦାସ, ଶର୍ମିଷ୍ଠା ସେଠୀ, ମହାଧର ରଣା, ରଘୁରାମ ପାଡ଼ଲ, ମାସ ମାଡକାମୀ, ଝିନ୍ନ ହିକ୍କା, ସାନନ୍ଦ ମାର୍ଣ୍ଡି, ରୂପେଶ କୁମାର ପାଣିଗ୍ରାହୀ, ବେଣୁଧର ପ୍ରଧାନ, ଦେବାଶିଷ ପଟ୍ଟନାୟକ, ଇଶ୍ୱର ପାଣିଗ୍ରାହୀ, ସୁବ୍ରତ ସିଂ, ଦୁଷ୍ମନ୍ତ ନାୟକ ପ୍ରମୁଖ ସାମିଲ ଅଛନ୍ତି। ଏହି ନେତାମାନଙ୍କୁ ତତ୍‌କାଳୀନ କାର୍ଯ୍ୟରେ ନିୟୋଜିତ ହେବାକୁ ବିଜେଜି ସଭାପତି ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି।

### ପୁଲିସ ଏସ୍ଆଇ ଚାକିରି ବିକ୍ରି

## ଘଟଣା ପଛରେ ବଡ଼ ନେଟୱର୍କ: କ୍ରାଇମ୍‌ବ୍ରାଞ୍ଚ ଡିଜି

**ଭୁବନେଶ୍ୱର,୩୧।୧୦(ସମିସ):** ପୁଲିସ୍ ଏସ୍ଆଇ ପରୀକ୍ଷା କେଳେଙ୍କାରି ମାମଲା ସିବିଆଇକୁ ହସ୍ତାନ୍ତର ହେବାର ସପ୍ତାହେ ପୂରିବ। ହେଲେ ଏପର୍ଯ୍ୟନ୍ତ ସିବିଆଇ ତା'ର ତଦନ୍ତ ଆରମ୍ଭ କରିନାହିଁ। ସେପଟେ ଗିରଫ ହୋଇଥିବା ୧୧୪ ଜଣ ପରୀକ୍ଷାର୍ଥୀ ଜାମିନ୍ ପାଇ ଘରକୁ ଫେରିଥିବାରୁ ସିବିଆଇ ତଦନ୍ତ ଆରମ୍ଭ କରିବା ପୂର୍ବରୁ ସବୁ କିଛି ପ୍ରମାଣ ନଷ୍ଟ ହୋଇ ସାରିଥିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଅନ୍ୟପଟରେ ଏହି ପ୍ରସଙ୍ଗରେ, କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ପ୍ରତିକ୍ରିୟା ରଖି କହିଛନ୍ତି ଯେ ଏହି ଘଟଣା ପଛରେ ବଡ଼ ଧରଣର ଆନ୍ତଃରାଜ୍ୟ ଲିଙ୍କ୍ ରହିଛି। ବଡ଼ ଷଡ଼ଯନ୍ତ୍ର ଏବଂ ମନି ଟ୍ରଲ୍‌ର ସଂପୃକ୍ତି ରହିଛି। ସେହି କାରଣରୁ ରାଜ୍ୟ ସରକାର ଏହାକୁ ସିବିଆଇ ତଦନ୍ତ କରିବାକୁ କହିଛନ୍ତି। ଯେହେତୁ ସିବିଆଇର ସମ୍ପୂର୍ଣ୍ଣ ଭାରତରେ ତଦନ୍ତ କରିବାର କ୍ଷମତା ରହିଛି ତେଣୁ ଷଡ଼ଯନ୍ତ୍ର ଦିଗକୁ ଭଲ ଭାବେ ସେମାନେ ତଦନ୍ତ କରିବେ। ଦୋଷୀମାନଙ୍କ ପାଖରେ ପହଞ୍ଚିବେ। କେବଳ ବିଜୟନଗରମ କିମ୍ବା ଦୀଘା ମୋଡୁଲ ନୁହେଁ; ଏହା ପଛରେ ଅନେକ ମୋଡୁଲ ରହିଥାଇପାରେ। ସିବିଆଇ ଏ ସବୁକୁ ବାହାର କରିବ। ଯେତିକି ପ୍ରମାଣ ଆମେ ପାଉଛୁ, ସେତିକି ତଥ୍ୟ ଆମେ କହୁଛୁ। ଅନୁମାନ କରି କହିବା ମାମଲାକୁ ହାନି ପହଞ୍ଚାଇପାରେ। ଯେହେତୁ ସିବିଆଇ ମାମଲାର ତଦନ୍ତ କରିବ, ସେମାନେ ଯେତେବେଳେ ଆସିବେ ଆମେ ତାଙ୍କୁ 'ଅପଟୁଡେଟ୍' କେସ୍ ରେକର୍ଡ ହସ୍ତାନ୍ତର କରିବୁ। ଦୋଷୀମାନଙ୍କ ପାଖରେ ସିବିଆଇ ପହଞ୍ଚିପାରିବ ବୋଲି କ୍ରାଇମ ବ୍ରାଞ୍ଚ ଡିଜି ଶ୍ରୀ ମିଶ୍ର କହିଛନ୍ତି। ତେବେ ଦିଲ୍ଲୀରେ ଲୁଚିଥିବା ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିକୁ ଧରିବାରେ ବିଫଳ ହୋଇଛି କ୍ରାଇମ୍‌ବ୍ରାଞ୍ଚ। ଶଙ୍କର ସମ୍ପର୍କରେ କ୍ରାଇମ୍‌ବ୍ରାଞ୍ଚ ଜାଣିଥିଲେ ମଧ୍ୟ କ'ଣ ପାଇଁ ଗିରଫ କରିପାରୁନି, ତାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି।

**ସିବିଆଇ ତଦନ୍ତ ବିଳମ୍ବ ହେଉଥିବାରୁ ପ୍ରମାଣ ନଷ୍ଟ ଭୟ**

**ଶଙ୍କରକୁ ଏପର୍ଯ୍ୟନ୍ତ ଧରିବାରେ କ୍ରାଇମ୍‌ବ୍ରାଞ୍ଚ ବିଫଳ**

# ଯୁବବର୍ଗ ବେକାର; ବୃଦ୍ଧଙ୍କୁ ଚାକିରି

**ଭୁବନେଶ୍ୱର, ୩୧।୧୦(ସମିସ):** ଉଚ୍ଚ ଶିକ୍ଷାନୁଷ୍ଠାନରେ ଅର୍ଦ୍ଧାଧିକ ଅଧ୍ୟାପକ ପଦ ଖାଲି ପଡ଼ିଛି; ହେଲେ ସରକାର ନୂତନ ନିଯୁକ୍ତି ଦେଉ ନାହାନ୍ତି। ଅପରପକ୍ଷରେ ଅବସରପ୍ରାପ୍ତ ଅଧ୍ୟାପକ/ଅଧ୍ୟାପିକାଙ୍କୁ ଉଚ୍ଚଶିକ୍ଷାନୁଷ୍ଠାନରେ ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଅଣଶିକ୍ଷକ ପଦରେ ମଧ୍ୟ ଅବସରପ୍ରାପ୍ତ ଅଧିକାରୀଙ୍କୁ ମଧ୍ୟ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଶିକ୍ଷିତ ଯୁବକ ଯୁବତୀ ବେକାର ବୁଲୁଥିବାବେଳେ ଅବସରପ୍ରାପ୍ତ ବୃଦ୍ଧଙ୍କୁ ସରକାର ନିଯୁକ୍ତି ଦେବାକୁ ନେଇ ସାଧାରଣରେ ସୃଷ୍ଟି ହୋଇଛି ତୀବ୍ର ପ୍ରତିକ୍ରିୟା

ଗତ ୨୩ ତାରିଖରେ ଅବସରପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ୪୮୮ ଓ ୬୬୨ ବର୍ଗ ଏବଂ ସଂସ୍କୃତ କଲେଜରେ ନିଯୁକ୍ତି ପାଇଁ ଉଚ୍ଚଶିକ୍ଷା ବିଭାଗ ବିଜ୍ଞପ୍ତି ପ୍ରକାଶ କରିଛି। ଚଳିତ ଶିକ୍ଷାବର୍ଷରୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଅବସରପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୋଟିଏପଟେ ଅବସରପ୍ରାପ୍ତଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଅଣ୍ଟା ଭିଡ଼ିଥିବା ସରକାର ନୂତନ ଅଧ୍ୟାପକ ନିଯୁକ୍ତି କରିବା ପାଇଁ କୌଣସି ପଦକ୍ଷେପ ନେଉ ନାହାନ୍ତି। ଯୋଗ୍ୟତା ମାନଦଣ୍ଡକୁ ନେଇ ଆଶାୟୀମାନେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ସରକାର ନିଜର ପକ୍ଷ ରଖୁ ନାହାନ୍ତି। ଏପରିକି ଡବଲ୍ ବେଞ୍ଚରେ ହୋଇଥିବା ମାମଲାର ଶୁଣାଣି ସମୟରେ ଆଡଭୋକେଟ୍ ଜେନେରାଲ୍ (ଏଜି) ଉପସ୍ଥିତ ରହୁ ନ ଥିବାରୁ ମାମଲାର ଶୁଣାଣି ହୋଇ ପାରୁ ନ ଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି। ଖାଲି ପଦରେ ନିଯୁକ୍ତି ଦେବାକୁ ପଦକ୍ଷେପ ନେବା ପରିବର୍ତ୍ତେ ଅବସରପ୍ରାପ୍ତଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଏସ୍ଏସ୍‌ବି ଅଧ୍ୟାପକ ଆଶାୟୀମାନେ ଦୃଢ଼ ନିନ୍ଦା କରିଛନ୍ତି। ଅପରପକ୍ଷରେ ଚାକିରି ଆଶାୟୀଙ୍କ ପକ୍ଷରୁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ସରକାରୀ ବ୍ୟବସ୍ଥାକୁ କଟୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଉଚ୍ଚ ଶିକ୍ଷାନୁଷ୍ଠାନରେ ଅଧ୍ୟାପକ ପଦ ପୂରଣ କରିବାରେ ସରକାର ଆନ୍ତରିକତା ପ୍ରକାଶ କରୁ ନାହାନ୍ତି। ୨୦୨୪ ମାର୍ଚ୍ଚରେ ଏସ୍ଏସ୍‌ବି ଅଧ୍ୟାପକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ଏଯାଏଁ କୋର୍ଟରେ ବିଚାରାଧୀନ ରହିବା ସରକାରଙ୍କ ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଫଳରେ ବହୁ ପଦ ଫାଙ୍କା ପଡ଼ିଛି। ନିୟମିତ ଭାବେ ନିଯୁକ୍ତି ପରୀକ୍ଷାରେ ବିଭ୍ରାଟ ହେଉଛି। ନିଯୁକ୍ତି ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ତ୍ରୁଟି କାରଣରୁ ପ୍ରାୟ ସମସ୍ତ ବିଜ୍ଞପ୍ତି କୋର୍ଟକୁ ଯାଉଛି। ଫଳରେ ସମଗ୍ର ନିଯୁକ୍ତି ପ୍ରକ୍ରିୟା ବିଳମ୍ବ ହେଉଛି। ଏଥିପାଇଁ ସରକାର ତ୍ୱରିତ ପଦକ୍ଷେପ ନେବା ଆବଶ୍ୟକ। ସେହିପରି ପ୍ରତିବର୍ଷ ଏସ୍ଏସ୍‌ବି ନିଯୁକ୍ତି କରାଗଲେ ଅଧ୍ୟାପକ ଅଭାବ ପରି ଅଶୋଭନୀୟ ପରିସ୍ଥିତି ସୃଷ୍ଟି ନ ହେବ ବୋଲି ସେ ପରାମର୍ଶ ଦେଇଛନ୍ତି।

ଅବସରପ୍ରାପ୍ତଙ୍କୁ ନିଯୁକ୍ତି ଦେବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆଶାୟୀମାନେ ଦୃଢ଼ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସରକାର ନିଯୁକ୍ତି ଦେବା ପାଇଁ ତ୍ୱରିତ ପଦକ୍ଷେପ ନ ନେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଆଶାୟୀମାନେ ଚେତାବନୀ ଦେଇଛନ୍ତି।ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକଙ୍କ ସହ ସଂଗ୍ରାମ ମୋହାଲିକ, କମଳାକାନ୍ତ ଶତପଥି, ବିଜୟ ମଲ୍ଲିକ, ରଞ୍ଜିତ ପ୍ରଧାନଙ୍କ ସହ ବହୁ ଯୁବକଯୁବତୀ ଉପସ୍ଥିତ ଥିଲେ।

- **କଲେଜରେ ଅତିଥି ଅଧ୍ୟାପକ ନିଯୁକ୍ତିକୁ ବିରୋଧ**
- **କୋର୍ଟରେ ଗଡୁଛି ମାମଲା: ପକ୍ଷ ରଖୁନାହାନ୍ତି ସରକାର**
- **କର୍ଣ୍ଣପାତ କରୁ ନାହାନ୍ତି ଉଚ୍ଚଶିକ୍ଷା ଓ ଆଇନ ମନ୍ତ୍ରୀ**

## ରାଧାପାଦ ଦର୍ଶନ କଲେ ୨ ଲକ୍ଷ ଶ୍ରଦ୍ଧାଳୁ



**ସାକ୍ଷୀଗୋପାଳ, ୩୧।୧୦ (ସମିସ):** ପବିତ୍ର କାର୍ତ୍ତିକ ଶୁକ୍ଳ ନବମୀ ଅସରରେ ପ୍ରସିଦ୍ଧ ସାକ୍ଷୀଗୋପାଳ ମନ୍ଦିରରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତ ଆଜି ମା' ରାଧାରାଣୀଙ୍କ ଦୁର୍ଲଭ ପାଦ ଦର୍ଶନ କରିଛନ୍ତି। ମା'ଙ୍କ ପାଦ ଦର୍ଶନ ପାଇଁ ଦିନତମାମ ମନ୍ଦିରଠାରୁ ୩ କି.ମି ପର୍ଯ୍ୟନ୍ତ ଧାଡ଼ି ଲମ୍ବିଥିଲା। ବର୍ଷକରେ କେବଳ ଏହି ଗୋଟିଏ ଦିନ ମା' ରାଧାରାଣୀ ଶ୍ରଦ୍ଧାଳୁଙ୍କ ଓଡ଼ିଆଣୀ ବେଶରେ ଦର୍ଶନ ଦେଇଥା'ନ୍ତି। ପୂର୍ବରାତ୍ରିରୁ ଦେବନୀତି ସମ୍ପନ୍ନ କରାଯାଇ ଭୋର୍ ପ୍ରାୟ ୫ଟାରେ ସାହାଣମେଳା ଦର୍ଶନ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ପ୍ରଶାସନ ଦ୍ୱାରା ନିର୍ମିତ ବ୍ୟାରିକେଡ୍ ମଧ୍ୟରେ ଶାନ୍ତିଶୃଙ୍ଖଳାରେ ଯାଇ ଦର୍ଶନ କରିଥିଲେ।

କୁହାଯାଏ, ମହାପ୍ରଭୁ ସାକ୍ଷୀଗୋପାଳ ଉତ୍ତର-ଭାରତରୁ ଆସିଥିବାରୁ ଠାକୁରାଣୀ ଶ୍ରୀଶ୍ରୀରାଧାରାଣୀ ଉତ୍ତର-ଭାରତୀୟ ବେଶଭୂଷା ପରିଧାନ କରିଥା'ନ୍ତି। ଫଳରେ ବର୍ଷସାରା ମା'ଙ୍କ ପାଦପଦ୍ମ ପିନ୍ଧା ବସନରେ ଆବୃତ୍ତ ହୋଇ ରହିଥାଏ। କେବଳ ପବିତ୍ର ଅଁଳା ନବମୀ ତିଥିରେ ଗୋଟିଏ ଦିନ ନିମନ୍ତେ ଠାକୁରାଣୀ ଓଡ଼ିଆଣୀ ବେଶ ହୋଇ କାଣିଆ କଚ୍ଛା ମାରିଥା'ନ୍ତି। ଫଳରେ ଠାକୁରାଣୀଙ୍କ ପିନ୍ଧା ବସନ ପାଦପଦ୍ମ ଉପରକୁ ଉଠି ରହିଥାଏ ଏବଂ ପାଦ ଦର୍ଶନର ସୁଯୋଗ ମିଳିଥାଏ।

ଏଥିପାଇଁ ପୂର୍ବ ରାତ୍ରରୁ ଦେବନୀତି ସମ୍ପନ୍ନ କରାଯାଇ ଠାକୁରାଣୀଙ୍କୁ ଓଡ଼ିଆଣୀ ବେଶ କରାଯାଇଥିଲା। କାନିରେ ଅରୁଆ ଚାଉଳ, ଦୁବ ଓ ଗୁଆ ବନ୍ଧା ଯାଇଥିଲା। ପାଦରେ ଅଳତା ଓ ଆଖିରେ କଜଳ ଲଗାଯାଇଥିଲା। ସେହିପରି ମସ୍ତକରେ ସୁବର୍ଣ୍ଣ କିରୀଟ, ଗଳାରେ ସୁବର୍ଣ୍ଣ ଅଁଳା ଫଳମାଳ ଓ ଡାଇମଣ୍ଡ କଟା ଚାପସରୀ, ଅଣ୍ଟାରେ ସୁବର୍ଣ୍ଣ ବେଙ୍ଗ ପାଟିଆମାଳ, ସୁବର୍ଣ୍ଣ ଚକିମାଳ, ସୁବର୍ଣ୍ଣ କମରପଟି, ସୁବର୍ଣ୍ଣ ଚାରି ସରିଆ ଚନ୍ଦ୍ର ହାର ଶିକୁଳି, ବାହୁରେ ସୁବର୍ଣ୍ଣ ଡେଉଁରିଆ ମାଳ, ସୁବର୍ଣ୍ଣ ତାବିଜ ମାଳ ଓ ସୁବର୍ଣ୍ଣ ତାବିଜ ଶୋଭା ପାଉଥିଲା। ସେହିପରି ଠାକୁର ଶ୍ରୀଶ୍ରୀଗୋପାଳଜିଉଙ୍କର ମନୋରମ ନଟବର ବେଶ ହୋଇଥିଲେ। ଠାକୁର ନୂତନ ପାଟବସ୍ତ୍ର ପରିଧାନ କରିଥିଲେ। ଠାକୁରଙ୍କ ମସ୍ତକରେ ସୁବର୍ଣ୍ଣ କିରୀଟ, ଗଳାରେ ସୁବର୍ଣ୍ଣ ସେବତୀ ଫୁଲହାର, ହସ୍ତରେ ସୁବର୍ଣ୍ଣବଂଶୀ, ନାସାରେ ଗଜମୁକ୍ତା, କର୍ଣ୍ଣରେ ସୁବର୍ଣ୍ଣ କୁଣ୍ଡଳ ଓ ଆଙ୍ଗୁଠିରେ ହୀରକ ମୁଦ୍ରିକା ଶୋଭା ପାଉଥିଲା।

# ଶିକ୍ଷା ବ୍ୟବସ୍ଥା ଢିଲା; ଦୁଇ ସ୍କୁଲରେ ପଢୁଛନ୍ତି ଜଣେ ପିଲା




■ ପ୍ରଥମ ସ୍କୁଲରେ ପଢୁଥିଲେ ୫ମ ଶ୍ରେଣୀ; ଅନ୍ୟ ସ୍କୁଲରେ ୨ୟ ଶ୍ରେଣୀରେ ଲେଖାଇଲେ ନାମ

■ କାର୍ଯ୍ୟରେ ଆସୁନି ପିଇଏନ୍ ନମ୍ବର; ବୟସକୁ ନେଇ ଭବିଷ୍ୟତରେ ସମସ୍ୟା ଆଶଙ୍କା

**କୁକୁଡ଼ାଖଣ୍ଡି,୩୧।୧୦(ସମିସ):** ପ୍ରାକ୍ ଶିକ୍ଷାକୁ ସୁଦୃଢ଼ କରିବାକୁ ସରକାର ଯେତେ ଉଦ୍ୟମ କରୁଥିଲେ ବି ଗ୍ରାମାଞ୍ଚଳରେ ଏହାର ପ୍ରତିଫଳନ ଓଲଟା ହେଉଛି। ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ଗୁରୁତ୍ୱକୁ ହୃଦୟଙ୍ଗମ କରି ସରକାର ଆପଣାଉଥିବା ପଦକ୍ଷେପ ପରବର୍ତ୍ତି ସମୟରେ ଢିଲା ଯୋଗୁ ଶିକ୍ଷା ପ୍ରଶାସନକୁ ଅପଯଶ ଓ ନିନ୍ଦା ମୁଣ୍ଡାଇବାକୁ ପଡୁଛି। ଏହି ଅପଯଶ ସ୍କୁଲର ଭିତ୍ତିଭୂମି ଅଭାବ ନେଇ ନୁହେଁ, ବରଂ ସ୍କୁଲ କର୍ତ୍ତୃପକ୍ଷଙ୍କ ଖାମଖିଆଲି ପାଇଁ। କାରଣ ଦୁଇଟି ସ୍କୁଲରେ ଜଣେ ଛାତ୍ରୀ ନାମ ଲେଖାଇ ସମସ୍ତ ସରକାରୀ ସୁବିଧା ହାସଲ କରୁଥିବା କାଗଜପତ୍ରରେ ଦର୍ଶାଯାଇଛି। ତେବେ ପ୍ରକୃତରେ ଛାତ୍ରୀଜଣକ କେବଳ ଗୋଟିଏ ବିଦ୍ୟାଳୟରେ ହିଁ ନାମ ଲେଖାଇଥିବା ଜଣାପଡ଼ିଛି। ସେପୁଣି ବର୍ଷ ବଦଳିଲେ ସମ୍ପୃକ୍ତ ଛାତ୍ରୀଙ୍କ ଶ୍ରେଣୀ ବଢ଼ିବା ପରିବର୍ତ୍ତେ କମିବାରେ ଲାଗିଛି। ଏକଥା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗିଲେ ବି ସତ। ଏଭଳି ଭଳି ଘଟଣା ଦେଖିବାକୁ ମିଳିଛି କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଶିହଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ।

ସୂଚନାନୁସାରେ, ୨୦୨୧ରେ ଶିହଳା ଅଞ୍ଚଳର ଜଣେ ଛାତ୍ରୀ ଶିହଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇଥିଲେ। ସରକାରଙ୍କ ପ୍ରଦତ୍ତ ବିଭିନ୍ନ ଯୋଜନା ପ୍ରକାରେ ପ୍ରତିବର୍ଷ ସମସ୍ତ ସୁବିଧା ପାଇଥିବା ସ୍କୁଲ ରେକର୍ଡରେ ଉଲ୍ଲେଖ ରହିଛି। କିନ୍ତୁ ବିଡ଼ମ୍ବନାର ବିଷୟ, ସମ୍ପୃକ୍ତ ଛାତ୍ରୀ ଜଣକ ୧୨ ଜୁଲାଇ ୨୦୨୪ରୁ ଦ୍ୱିତୀୟ ଶ୍ରେଣୀରେ ସିଙ୍ଗାବାଡ଼ି ସ୍କୁଲରେ ଅଧ୍ୟୟନରତ। ତେବେ ୨୦ ସେପ୍ଟେମ୍ବର ୨୫ରେ ଛାତ୍ରୀ ଜଣକ ୫ମ ଶ୍ରେଣୀରେ ପଢୁଥିବା ନେଇ ପ୍ରଥମ ବା ଶିହଳା ବିଦ୍ୟାଳୟରୁ ମିଳିଥିବା ଟ୍ରାନ୍ସଫର ସାର୍ଟିଫିକେଟ ବା ଟିସିରେ ଉଲ୍ଲେଖ ରହିଛି।

ଏଠାରେ ପ୍ରଶ୍ନ ଉଠୁଛି, ୨୦୨୪ରେ ଦ୍ୱିତୀୟ ଶ୍ରେଣୀରେ ସିଙ୍ଗାବାଡ଼ି ସ୍କୁଲରେ ନାମ ଲେଖାଇଥିବା ବେଳେ ୨୦୨୫ ପର୍ଯ୍ୟନ୍ତ ଶିହଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କର୍ତ୍ତୃପକ୍ଷ କିପରି ଟିସି ପ୍ରଦାନ କରିନଥିଲେ? ଫଳରେ ଏଠାରେ ସମ୍ପୃକ୍ତ ସ୍କୁଲର ପିଇଏନ୍ ନମ୍ବର କାର୍ଯ୍ୟକାରୀ ହେଉନଥିବା ସ୍ପଷ୍ଟ ହେଉଛି। ଦୁଇଟି ସ୍କୁଲରେ ଜଣେ ଛାତ୍ରୀ ନାମ ଲେଖାଇ ସମସ୍ତ ସରକାରୀ ସୁବିଧା ନେଇଥିବା ନେଇ ଉଭୟ ସ୍କୁଲ ରେଡର୍କରେ ଦର୍ଶାଯାଇଛି। ଯାହା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତି ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଛାତ୍ରୀଙ୍କ ଭବିଷ୍ୟତ ଦୃଷ୍ଟିରୁ ତାଙ୍କୁ ୫ମ ଶ୍ରେଣୀରେ ନାମ ଲେଖାଇବାକୁ ଅଭିଭାବକ ଦାବି କରିଛନ୍ତି। ତେବେ କେଉଁ ପରିସ୍ଥିତିରେ ଓ କିଭଳି ଏହା ସମ୍ଭବପର ହେଲା ତାକୁ ନେଇ ଉଠିଛି ପ୍ରଶ୍ନ। ଯେଉଁ ବିଦ୍ୟାର୍ଥୀଙ୍କୁ ନୂତନ ସ୍କୁଲରେ ନାମ ଲେଖାଯାଇଛି, ସରକାରଙ୍କ ଦ୍ୱାରା ପ୍ରଦତ୍ତ ଅନଲାଇନରେ ତାଙ୍କ ନାମ ପଞ୍ଜିକୃତ ହୋଇଛି କି ନାହିଁ ତାହାର ତର୍ଜମା ଜରୁରୀ। ଅପରପକ୍ଷେ ଉକ୍ତ ବିଦ୍ୟାର୍ଥୀ ଜଣକ ସମସ୍ତ ସୁବିଧା ସୁଯୋଗ ଉଭୟ ସ୍କୁଲରୁ ପାଉଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ପୁରାତନ ଓ ନୂତନ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି। ଏଥିପ୍ରତି ଜିଲ୍ଲା ଶିକ୍ଷା ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

## ମାନସିକ ଭାରସାମ୍ୟ ହରାଇ ଯୁବକଙ୍କ ଆତ୍ମହତ୍ୟା

**ବେଲଗୁଣ୍ଠା,୩୧।୧୦(ସମିସ):** ବେଲଗୁଣ୍ଠା ଥାନା ଅନ୍ତର୍ଗତ ତନରଡା ଗ୍ରାମର ଜଣେ ଯୁବକ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ତନରଡ଼ା ଗ୍ରାମର ରାଧାକୃଷ୍ଣ ବେହେରା (୪୭)। ରାଧାକୃଷ୍ଣ କର୍କଟ ରୋଗରେ ପୀଡ଼ିତ ଥିବାବେଳେ କିଛିଦିନ ହେବ ତାଙ୍କ ସ୍ତ୍ରୀ ତାଙ୍କୁ ଛାଡ଼ି ଚାଲି ଯାଇଥିଲେ। ଫଳରେ ସେ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। ଶୁକ୍ରବାର ଅପରାହ୍ନରେ ରାଧାକୃଷ୍ଣ ନିଜ ଘରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ଖବର ପାଇ ବେଲଗୁଣ୍ଠା ପୁଲିସ ପହଞ୍ଚି ଶବ ଜବତ କରି ଭଞ୍ଜନଗର ମେଡିକାଲ୍‌ରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ବେଲଗୁଣ୍ଠା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ରେବତୀ ଶବର ସୂଚନା ଦେଇଛନ୍ତି।

## ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧଦିବସ ପାଳିତ



**ଦିଗପହଣ୍ଡି,୩୧।୧୦(ସମିସ):** ଶୁକ୍ରବାର ଦିଗପହଣ୍ଡି ନଗର କଂଗ୍ରେସ କମିଟି ପକ୍ଷରୁ ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏନ୍‌ଏସି ଅଧକ୍ଷ ପ୍ରଫୁଲ୍ଲ ପଣ୍ଡାଙ୍କ ନେତୃତ୍ୱରେ ବହୁ କର୍ମୀ, ସମର୍ଥକ ଏକ ବିରାଟ ଶୋଭାଯାତ୍ରାରେ ବ୍ଲକ ପରିସରରେ ଥିବା ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିରେ କାଉନସିଲର ଦୀପକ କୁମାର ମିଶ୍ର,ମାମିନୀ ବେହେରାଙ୍କ ସମେତ ଏନ୍‌ଏସି ଉପାଧକ୍ଷା କାପୁଲୁ. ପୂଜା, ରଞ୍ଜିତ ବେହେରା, ସ୍ୱଛଳ ପାତ୍ର, ଶଙ୍କର ରାଓ, ପି.ଯୋଗୀ, ମନୋଜ କୁମାର ପଟ୍ଟନାୟକ, ଶଙ୍କର ମହାରଣା, ଆଇନଜୀବୀ ରସାନନ୍ଦ ରାଉତ, ଇ.ଶଙ୍କର, ଶିବ ପ୍ରସାଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

● ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ନାକ୍ 'ଏ' ଗ୍ରେଡ୍ ମାନ୍ୟତା ବୃଦ୍ଧି

## ଆସନ୍ତା ଶିକ୍ଷାବର୍ଷଠାରୁ ଖୋଲିବ ଦୂର-ନିରନ୍ତର ଶିକ୍ଷା ବିଭାଗ

**ଗୋପାଳପୁର,୩୧।୧୦(ସମିସ):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ଚଳିତ ବର୍ଷ ଜୁଲାଇ ମାସରେ ନାକ୍ ମାନ୍ୟତା ପାଇଁ ନାକ୍‌ର ୭ ଜଣିଆ ଦଳ ତଦାରଖ କରି 'ଏ' ଗ୍ରେଡ଼ ମାନ୍ୟତା ପ୍ରଦାନ କରିଥିଲେ। ମୋଟ ୩.୦୪ ସିଜିପିଏ ମିଳିଥିଲା। ଏହାକୁ ପୁନଃ ମାନ୍ୟତା ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଆବେଦନ କରାଯାଇଥିଲା। ଚଳିତ ମାସ ୧୫ରେ ଅନ୍‌ଲାଇନ ମାଧମରେ ୭ ଜଣିଆ ଟିମ ରହି ବିଶ୍ୱବିଦ୍ୟାଳୟକୁ ପାୟ ୫୦ଟିର ତଥ୍ୟ ମାଗିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ମାଗିଥିବା ତଥ୍ୟ ପ୍ରଦାନ କରିବା ସହ ଅନ୍‌ଲାଇନ ମାଧମରେ ଆଲୋଚନା କରିଥିଲେ। ପରେ ଆଜି ଏହାର ନାକ ମାନ୍ୟତା ପ୍ରକାଶ ପାଇଥିଲା। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏ ଗ୍ରେଡ଼ ମାନ୍ୟତା ସହ ୩.୧୩ ବୃଦ୍ଧି ହୋଇଛି। ଏହି ଅବସରରେ ଆଜି କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଶିକ୍ଷକ, ଅଣ ଶିକ୍ଷକ କର୍ମଚାରୀ ଶୁଭେଚ୍ଛା ଜଣାଇଛନ୍ତି। ସିଜିପିଏ ବୃଦ୍ଧି ହେବା ହେତୁ ଆସନ୍ତା ଶିକ୍ଷାବର୍ଷଠାରୁ ଦୂରଶିକ୍ଷା ଖୋଲିବାରେ ସହାୟକ ହୋଇପାରିବ। ଦୀର୍ଘ ୮ ବର୍ଷ ଧରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଚାଲିଥିବା ଦୂର ଶିକ୍ଷା ପାଠ୍ୟକ୍ରମ ବନ୍ଦ ରହିଥିବାରୁ କୁଳପତି ପ୍ରଫେସର ଦାଶ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନଜରରେ ରଖି କିଭଳି ଉଚ୍ଚଶିକ୍ଷା ପାଇବେ ସେଥିପ୍ରତି ଦୃଷ୍ଟିଦେଇ ନାକ୍ ମାନ୍ୟତା ଉପରେ ମଧ୍ୟ ଦୃଷ୍ଟି ଦେଇଥିଲେ।

● ବିସର୍ଜନ ଶୋଭାଯାତ୍ରା ବେଳେ ସଂଘବଦ୍ଧ ଆକ୍ରମଣ ଘଟଣା

## ଅନୀଲ ଚୌଧୁରୀଙ୍କୁ କୋର୍ଟ ଚାଲାଣ କଲା ପୁଲିସ



**ପାତ୍ରପୁର,୩୧।୧୦(ସମିସ):** ଜରଡ଼ା ଥାନା ଅନ୍ତର୍ଗତ ସୁରଙ୍ଗୀ ଗ୍ରାମରେ ଗତ ୫ତାରିଖରେ ବିସର୍ଜନ ଶୋଭାଯାତ୍ରା ବେଳେ ଜଣେ ବ୍ୟକ୍ତିଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥବା ବେଳେ ଜରଡ଼ା ପୁଲିସ ଉକ୍ତ ଘଟଣାରେ ଶୁକ୍ରବାର ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଜଣକ ହେଲେ ଉକ୍ତ ଗ୍ରାମର ଅନିଲ ଚୌଧୁରୀ। ପୂର୍ବରୁ ପୁଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଗିରଫ ସଂଖ୍ୟା ୨ରେ ପହଞ୍ଚିଛି। ଉକ୍ତ ଘଟଣାରେ ଜଡ଼ିତ ଥିବା ଅପରାଧୀଙ୍କୁ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଦାବି କରିଥିଲେ। ସୂଚନା ଥାଉକି ୫ରୁ ୬ ଜଣ ଲୋକ ଲୋକ ଉକ୍ତ ଗ୍ରାମର ଲୋକନାଥ ଦାସଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଲୋକନାଥଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ମାମଲା ରୁଜୁ କରି ବର୍ତ୍ତମାନ ସୁଦ୍ଧା ୨ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

**ଜଗନ୍ନାଥପ୍ରସାଦ,୩୧।୧୦(ସମିସ):** ଜଗନ୍ନାଥପ୍ରସାଦ ବନାଞ୍ଚଳ ବନ୍ତା ବିଟ୍ ତାଳତଇଲା ଚାଷଜମି ନିକଟରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ବୃଦ୍ଧ ଜଣକ ହେଲେ ବନ୍ତା ଗ୍ରାମର ଅଇଁଠା ପ୍ରଧାନ (୫୫)। ସେ ତାଳତଇଲା ଜଙ୍ଗଲ ନିକଟ ତାଙ୍କ ଚାଷଜମି ପାଖରେ ମଇଁଷି ଗୋଠ କରିଛନ୍ତି। ସବୁଦିନ ପରି ଶୁକ୍ରବାର ସକାଳୁ ମଇଁଷି କ୍ଷୀର ଧରି ଏକୁଟିଆ ଗାଁକୁ ଫେରୁଥିବାବେଳେ ଏକୁଟିଆ ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀକୁ ଦେଖି ଅଇଁଠା ଏକମୁହାଁ ହୋଇ ଦୌଡ଼ି ଥିଲେ। ତେବେ ଅସାବଧାନତା କାରଣରୁ ବାଇଗଣ ଜମିରେ ପଡ଼ି ଗୁରୁତର ହୋଇଥିଲେ। ଏତିକିବେଳେ ହାତୀର ଗତିବିଧି ଲକ୍ଷ କରୁଥିବା ସ୍କ୍ୱାଡ୍ ଅଇଁଠାଙ୍କୁ ଉଦ୍ଧାର କରିବା ସହ ବନାଞ୍ଚଳ ଅଧିକାରୀ ସୁଜାତାରାଣୀ ପଣ୍ଡାଙ୍କୁ ଖବର ଦେଇଥିଲେ। ଗୁରୁତର ଅଇଁଠାଙ୍କୁ ଭଞ୍ଜନଗର ମେଡିକାଲ ଓ ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରୁ ଏମ୍ସକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

## ସରପଞ୍ଚଙ୍କ ବିରୋଧରେ ଅନାସ୍ଥା

**ଆସିକା,୩୧।୧୦(ସମିସ):** ଆସିକା ବ୍ଲକ ଜୟପୁର ସରପଞ୍ଚ ଲକ୍ଷ୍ମୀ ବେହେରାଙ୍କ ବିରୋଧରେ ଶୁକ୍ରବାର ଅନାସ୍ଥା ଭୋଟ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତର ମୋଟ ୧୯ଟି ୱାର୍ଡ ରହିଥିବା ବେଳେ ନାଏବ ସରପଞ୍ଚଙ୍କ ସମେତ କିଛି ଜଣ ୱାର୍ଡ ମେମ୍ବର ଭଞ୍ଜନଗର ଉପଜିଲ୍ଲାପାଳଙ୍କ ଠାରେ ଅନାସ୍ଥା ପାଇଁ ଲିଖିତ ଅଭିଯୋଗ କରିଥିଲେ। ତାକୁ ଆଧାର କରି ଶୁକ୍ରବାର ନିର୍ବାଚନ ପାଇଁ ଧାର୍ଯ୍ୟ ହୋଇଥିଲା। ପ୍ରିଜାଡିଙ୍ଗ ଅଫିସର ତଥା ଆସିକା ତହସିଲଦାର ସଙ୍ଗୀତା ସେଣଙ୍କ ଉପସ୍ଥିତିରେ ଭୋଟ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଥିଲେ ବିଡ଼ିଓ ଲିପିନା ଦାସ। ଏହି ଅନାସ୍ଥା ଭୋଟରେ ୧୧ ଜଣ ୱାର୍ଡ ମେମ୍ବର ଯୋଗ ଦେଇଥିଲେ। କୋରମ ପାଇଁ ମୋଟ ୧୪ ଜଣ ୱାର୍ଡ ମେମ୍ବର ଆବଶ୍ୟକ ସ୍ଥଳେ କୋରମ ଅଭାବରୁ ଅନାସ୍ଥା କାଟ ଖାଇଥିବା ସୂଚନା ଦେଇଛନ୍ତି ନିର୍ବାଚନ ଅଧିକାରୀ ଆସିକା ତହସିଲଦାର ସଙ୍ଗୀତା ସେଣ। ଭୋଟ ଗ୍ରହଣ କେନ୍ଦ୍ର ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଥିବା ବେଳେ ଉପସ୍ଥିତ ଥିଲେ ପଞ୍ଚାୟତ ପିଇଓ ସୁଶାନ୍ତ ଭୁଆଁଙ୍କ ସମେତ ଗ୍ରାମ ପଞ୍ଚାୟତ ଅଫିସର। କୋଟିନଡା ଥାନା ଅଧିକାରୀଙ୍କ ସମେତ ଏକ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ଥିଲେ।

## କର୍ମଚାରୀଙ୍କୁ ଶପଥ ପାଠ କରାଇଲେ ଜିଲ୍ଲାପାଳ



**ଛତ୍ରପୁର,୩୧।୧୦(ସମିସ):** ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏକତା, ଅଖଣ୍ଡତା ଓ ସୁରକ୍ଷା କୁ ବଜାୟ ରଖିବା ନିମନ୍ତେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଉପସ୍ଥିତ ଥିବା ସମସ୍ତ କର୍ମଚାରି ମାନଙ୍କୁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟି, ଅତିରିକ୍ତ ଜିଲ୍ଲାପାଳ ସୁନୀଲ କେର୍କଟ୍ଟା, ଡେପୁଟିକଲେକ୍ଟର ଅଭିଷେକ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରଶ୍ମୀରାଣୀ ନିମାକା ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କର୍ମଚାରୀ ମାନେ ପରିଚାଳନା କରିଥିଲେ।

## ଚେନ୍ନାଇରୁ ଆସିଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ



**ବୁଗୁଡ଼ା,୩୧।୧୦(ସମିସ):** ବୁଗୁଡ଼ା ଏନ୍‌ଏସି ୧୩ ନମ୍ବର ୱାର୍ଡର ଅନିଲ ଜେନା (୨୯) ଦେଢ଼ବର୍ଷ ହେଲା ଚେନ୍ନାଇର ଏକ ଘରୋଇ କମ୍ପାନୀରେ କରୁଥିଲେ। ଦୁଇ ମାସ ତଳେ ଘରକୁ ଆସି ପୁଣି ଫେରିଯାଇଥିଲେ। କିନ୍ତୁ ୨୮ ସେପ୍ଟମ୍ବର ୨୦୨୫ ମଙ୍ଗଳବାର ରାତିରେ ଅନୀଲ କମ୍ପାନୀରେ କାର୍ଯ୍ୟରତ ସମୟରେ ମୁଣ୍ଡରେ ଶକ୍ତ ଆଘାତ ଲାଗିବା ଦ୍ୱାରା ଗୁରୁତର ହୋଇଥିଲେ। ନିକଟସ୍ଥ ମେଡ଼ିକାଲକୁ ଯିବା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଶବ ବ୍ୟବଚ୍ଛେଦ ପରେ ତିନି ଦିନ ମେଡିକାଲରେ ମରଶରୀର ପଡିଥିଲା। ଏହି ଖବର ଜାଣିବା ପରେ ପୋଲସରା ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ହସ୍ତକ୍ଷେପ କରିଥିଲେ। ହସ୍ତକ୍ଷେପ ପରେ ଶୁକ୍ରବାର ଅପରାହ୍ନରେ ଆମ୍ବୁଲାନ୍ସ ଦ୍ୱାରା ଗ୍ରାମରେ ତାଙ୍କ ମରଶରୀର ପହଞ୍ଚିଥିଲା। ଗ୍ରାମରେ ଅନୀଲଙ୍କ ମରଶରୀର ପହଞ୍ଚିବା ବେଳେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମବାସୀ ଓ ପରିବାର ଲୋକଙ୍କ ସହଯୋଗରେ ଗ୍ରାମର ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା। ଦୁଇ ବର୍ଷ ତଳେ ତାଙ୍କର ବାହାଘର ହୋଇଥିଲା। ସେ ଗରିବ ଶ୍ରେଣୀର ହୋଇଥିବା ବେଳେ ତାଙ୍କ ରୋଜଗାରରେ ମା, ବାପା, ସ୍ତ୍ରୀ, ଭାଇ ଓ ୧୦ ମାସର ଛୋଟ ଝିଅ ଚଳୁଥିଲେ। ତେଣୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ମଠ ମନ୍ଦିରରେ ରାଧାପାଦ ଦର୍ଶନ



**ଶେରଗଡ଼ ୩୧।୧୦(ସମିସ):** ଅଁଳା ନବମୀରେ ଶେରଗଡ଼ ବ୍ଲକ ସଦରରେ ଥିବା ରାଧାକୃଷ୍ଣ ମନ୍ଦିରରେ ରାଧାପାଦ ଦର୍ଶନ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବିଭିନ୍ନ ଅଞ୍ଚଳରୁ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସକାଳୁ ଭଜନ, କୀର୍ତ୍ତନ ଆରମ୍ଭ କରାଯାଇ ରାଧାକୃଷ୍ଣଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ପ୍ରାତଃରୁ ମଙ୍ଗଳ ଆଳତି କରାଯାଇ ଶ୍ରୀରାଧାଙ୍କୁ ଓଡ଼ିଆଣୀ ବେଶରେ ସଜ୍ଜିତ କରାଯାଇଥିଲା। ଏହାପରେ ସର୍ବସାଧାରଣଙ୍କ ନିମନ୍ତେ ରାଧାପାଦ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ସେହିପରି ଶେରଗଡ ବ୍ଲକର ସମସ୍ତ ରାଧାକୃଷ୍ଣ ମନ୍ଦିରରେ ଅଁଳା ନବମୀ ଆନନ୍ଦ ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି।

● 'ମୋନ୍ଥା' ପ୍ରଭାବରେ ଫସଲ ନଷ୍ଟ

## କ୍ଷତିପୂରଣ ଦାବି କଲେ ଚାଷୀ



**ପୋଲସରା,୩୧।୧୦(ସମିସ):** ପୋଲସରା ବ୍ଲକ ଅନ୍ତର୍ଗତ ଗୋଛାବାଡି ପଞ୍ଚାୟତ ଅଧୀନ ଆଦିବାସୀ ବହୁଳ ଅଞ୍ଚଳ ଭାଲିଆ ମାଳ ଗ୍ରାମର ଚାଷୀକୁଳ ପକ୍ଷରୁ ଶୁକ୍ରବାର ପୋଲସରା ତହସିଲଦାର ଦିପ୍ତିମୟୀ ପାତ୍ର ଓ ବିଡ଼ିଓ ଶଶିଭୂଷଣ ମହାପାତ୍ରଙ୍କୁ ନିଜ ଧାନ ଫସଲ କ୍ଷୟକ୍ଷତି ନେଇ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ମୋନ୍ଥାର ପ୍ରଭାବରେ ପ୍ରବଳ ବର୍ଷା ଓ ପବନ ହୋଇଥିବା ଫଳରେ ଧାନ ଫସଲ ପାଣିରେ ବୁଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ସ୍ଥାନୀୟ ଚାଷୀ ଅଭିଯୋଗ କରିଛନ୍ତି। ଆବଶ୍ୟକ ଠୁ ଅଧିକା ଜଳ ଜମିଥିବା କାରଣରୁ ପାଚିଲା ଧାନକୁ ସଂଗ୍ରହ କରିବା ସହ ଜମିର ସୁରକ୍ଷା ପାଇଁ ଜଳ ନିଷ୍କାସନ ଲାଗି ପୋଲସରା ତହସିଲଦାର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଭେଟି ମୌଖିକ ଭାବେ ଅଭିଯୋଗ କରିଛନ୍ତି। ତହସିଲଦାର ଓ ବିଡ଼ିଓଙ୍କ ସହ ଆଲୋଚନା ଓ ଅଭିଯୋଗପତ୍ର ପ୍ରଦାନ ସମୟରେ ସ୍ଥାନୀୟ ସରପଞ୍ଚ ମନମୋହନ ଗୌଡ଼, ସମିତିସଭ୍ୟା ସୁକାନ୍ତି ଶବର ଭାଲିଆମାଳ ଗ୍ରାମର ଲକ୍ଷ୍ମଣ ଶବର, ସଞ୍ଜୁ ସେଠି, ପ୍ରଶାନ୍ତ ସେଠୀ, ସନିଆ ସେଠୀ, ପଞ୍ଚୁ ଶବର, ସଞ୍ଜୟ ଶବର ସମେତ ୨୦ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ।କକକ

## ବାତ୍ୟାପରେ ହାତୀ ଉପଦ୍ରବ; ଚିନ୍ତାରେ ଚାଷୀ

**ସାନଖେମୁଣ୍ଡି,୩୧।୧୦(ସମିସ):** ବାତ୍ୟା ମୋନ୍ଥା ସାନଖେମୁଣ୍ଡି ବ୍ଲକ ଅଞ୍ଚଳରେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିବା ବେଳେ ବ୍ୟାପକ ଧାନ ଓ ପରିବା ଫସଲ ନଷ୍ଟ ହୋଇଛି। ଏଭଳି ସ୍ଥିତିରେ ହାତୀପଲ ପଶି ଏବେ ଧାନ ଫସଲ ନଷ୍ଟ କରିଚାଲିଛନ୍ତି। ପ୍ରଥମେ ଅନାବୃଷ୍ଟି ତା'ପରେ ବାର୍‌ହା ଉପଦ୍ରବ ଓ ଲଗାଣବର୍ଷା ଏବେ ହାତୀପଲ ଚାଷୀଙ୍କ ଜୀବନଜୀବିକା ନଷ୍ଟ କରିଛି। ସାନଖେମୁଣ୍ଡି ବ୍ଲକ୍ ଅନ୍ତର୍ଗତ ଦିଗପହଣ୍ଡି ଫରେଷ୍ଟ ରେଞ୍ଜ ଅଧୀନ ହରିଣା ଗୁଣ୍ଡୁରିଗୁଡ଼ା, ସୁନାଖଣ୍ଡି, ସିଙ୍ଗିପୁର ଅଞ୍ଚଳରେ ୪ ଟିକିଆ ହାତୀପଲ ବ୍ୟାପକ କ୍ଷୟକ୍ଷତି ଘଟାଇଛନ୍ତି। ରତନେଇ ଜଙ୍ଗଲ ଓ ଆଖପାଖ ଜଙ୍ଗଲରେ ରହୁଥିବା ହାତୀପଲ ଏବେ ଗାଁ ମୁହାଁ ହୋଇଛନ୍ତି। ହରିଣା ନିକଟ ଶୁଳିଆ ପର୍ବତରେ ହାତୀପଲ ଆଡ୍ଡା ଜମାଇଛନ୍ତି। ଗାଁ ମୁହାଁ ସହ ଶହ ଶହ ଏକର ଚାଷ ଜମିରେ ଧାନ, ମାଣ୍ଡିଆ ଆଦି ଫସଲ ଖାଇବା ସହ ନଷ୍ଟ କରୁଥିବା ବେଳେ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ବନ ବିଭାଗ ନିରବଦ୍ରଷ୍ଟା ସାଜି ଲୋକଙ୍କୁ ଧମକାଉଥିବା ଅଭିଯୋଗ ହୋଇଛି। ଏନେଇ ବନ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ତାହା ସଫଳ ହୋଇନି।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

**ଛତ୍ରପୁର,୩୧।୧୦(ସମିସ):** ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ଜିଲ୍ଲାପାଳଙ୍କ ସଦ୍‌ଭାବନା ସମ୍ମିଳନୀ କକ୍ଷଠାରେ ଏକ ବୈଠକ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଦୁର୍ନୀତି ଏକ ମାନସିକତା। ଏହି ମାନସିକତାକୁ ଦୂରେଇ ପାରିଲେ ଦେଶରୁ ଦୁର୍ନୀତି ହଟିବ। ଦୁର୍ନୀତିକୁ ମୂଳୋତ୍ପାଟନ କରିପାରିଲେ ଆମ ଦେଶ ପ୍ରଗତି ପଥରେ ଆଗେଇ ପାରିବ ବୋଲି ଅନ୍ୟତମ ଅତିଥି ଭାବେ ବୈଦେହୀ କୁମାରୀ ବେହେରା, ଉପ ଆରକ୍ଷୀ ଅଧୀକ୍ଷକ, ଦୁର୍ନୀତି ନିବାରଣ, ବ୍ରହ୍ମପୁର ଡିଭିଜନ୍ ଯୋଗ ଦେଇ କହିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଦୁର୍ନୀତି ନିବାରଣ, ବ୍ରହ୍ମପୁର ଡିଭିଜନ୍ ସନ୍ଧ୍ୟାରାଣୀ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଡ. ଭି. ରାଜେନ୍ଦ୍ର ରାଜୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲୋ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକର ଆଭିମୁଖ୍ୟ ସମ୍ପର୍କରେ ବୁଝାଇଥିଲେ। ଉପ ଆରକ୍ଷୀ ଅଧୀକ୍ଷକ, ଛତ୍ରପୁର ଡିଭିଜନ୍‌ର କ୍ରୀଷ୍ଣା କୁମାରୀ ପ୍ରଧାନ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀଗଣ ପ୍ରମୁଖ ଉପସ୍ଥିତ ଥିଲେ। ରାଜେନ୍ଦ୍ର କୁମାର ନାୟକ, ଇନ୍ସପେକ୍ଟର ଭିଜିଲାନ୍ସ, ବ୍ରହ୍ମପୁର ଡିଭିଜନ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ନୀତି ନିବାରଣ ପାଇଁ ଟିପିଏସ୍ଓଡିଏଲର ୱାକାଥନ୍

**ବ୍ରହ୍ମପୁର,୩୧।୧୦(ସମିସ)**




**କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା ଏବଂ ନୈତିକ ବ୍ୟବହାରକୁ ଗୁରୁତ୍ୱ**

**ଦୁର୍ନୀତି ବିରୋଧରେ ଟିପିଏସ୍ଓଡିଏଲର ଶୂନ୍ୟ ସହନଶୀଳତା ନୀତି**

ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍ଓଡିଏଲ୍) ତରଫରୁ ବ୍ରହ୍ମପୁରଠାରେ ଦୁର୍ନୀତି ନିବାରଣ ସଚେତନତା ମାସ ୨୦୨୫ ଅବସରରେ ୱାକାଥନ୍ ଆୟୋଜିତ ହୋଇଛି। ଯାହା କମ୍ପାନୀର ସତ୍ୟନିଷ୍ଠା, ସ୍ୱଚ୍ଛତା ଏବଂ ନୈତିକ ଶାସନ ପ୍ରତି ଥିବା ତା'ର ପ୍ରତିବଦ୍ଧତାକୁ ଦର୍ଶାଇଛି। ଦୁର୍ନୀତି ବିରୁଦ୍ଧରେ ଏ ଅବସରରେ କମ୍ପାନୀର ବିଭିନ୍ନ ବିଭାଗର ବହୁ କର୍ମଚାରୀ ଏବଂ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ। ୱାକାଥନରେ ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରଚାରପତ୍ର ବାଣ୍ଟିବା ସହିତ ଦୁର୍ନୀତି ବିରୋଧରେ ସଚେତନତା ସୃଷ୍ଟି କରିଥିଲେ। ଯାହା ଦୈନନ୍ଦିନ ଜୀବନରେ ସାଧୁତା, ଦାୟିତ୍ୱବୋଧତା ଏବଂ ନୈତିକ ବ୍ୟବହାରର ଗୁରୁତ୍ୱ ପ୍ରତି ଉଦ୍ଦିଷ୍ଟ ଥିଲା। ଚଳିତବର୍ଷ ଦୁର୍ନୀତି ନିବାରଣ ସଚେତନତା ମାସର ବିଷୟବସ୍ତୁ ରହିଛି "ସତର୍କତା-ଆମ ସମସ୍ତଙ୍କର ଏକ ସମ୍ମିଳିତ ଦାୟିତ୍ୱ" ଯାହା ଟିପିଏସ୍ଓଡିଏଲର ସମାଜରେ ଲୋକଙ୍କ ବିଶ୍ୱାସ ଏବଂ ଦାୟିତ୍ୱବଦ୍ଧତାକୁ ଦୃଢ଼ କରିବାରେ ସହାୟକ ହେବ। ଏ ସମ୍ପର୍କରେ ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଗର୍ଗ କହିଛନ୍ତି, "ସତ୍ୟନିଷ୍ଠା ହେଉଛି ପ୍ରଗତିର ମୂଳ ଭିତ୍ତି। ଟିପିଏସ୍ଓଡିଏଲରେ ଆମେ ବିଶ୍ୱାସ କରୁ ଯେ, ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଆମର ପ୍ରତ୍ୟେକ କାର୍ଯ୍ୟରେ ପ୍ରତିଫଳିତ ହେବା ଉଚିତ୍। ଏଥିସହିତ ଏହି ଦୁର୍ନୀତି ନିବାରଣ ସଚେତନତା ମାସ ପାଳନ ଅବସରରେ ଆମେ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ପ୍ରତି ଥିବା ପ୍ରତିବଦ୍ଧତାକୁ ଦୋହରାଉଛୁ। ଦେଶର ପ୍ରତ୍ୟେକ ନାଗରିକଙ୍କୁ ଦୁର୍ନୀତି ବିରୋଧରେ ଏକଜୁଟ ହେବା ଏବଂ ଏକ ନ୍ୟାୟପୂର୍ଣ୍ଣ, ନୈତିକ ଓ ବିକଶିତ ଭାରତର୍ ଗଠନ ଦିଗରେ ଭାଗିଦାରୀ ହେବାକୁ ଆହ୍ୱାନ କରୁଛୁ"। ଦୁର୍ନୀତି ନିବାରଣ ସଚେତନତା ମାସ ପାଳନ ଅବସରରେ ଗତ ଅକ୍ଟୋବର ୨୭ ତାରିଖରେ ଟିପିଏସ୍ଓଡିଏଲର କର୍ମଚାରୀମାନେ ଶପଥ ଗ୍ରହଣ କରିଥିଲେ। ଏଥିସହିତ ସମସ୍ତ ଉପଭୋକ୍ତାଙ୍କୁ ଦୁର୍ନୀତି ବିରୋଧରେ ଏକଜୁଟ ହେବା ପାଇଁ ସତର୍କତା ସଚେତନତା ଏସ୍‌ଏମ୍‌ଏସ୍ ପ୍ରଦାନ କରାଯାଇଛି। ଯେଉଁଥିରେ ଦୁର୍ନୀତି ବିରୋଧରେ ଅନଲାଇନରେ ଶପଥ ନେବା ପାଇଁ ଲିଙ୍କ୍ ପ୍ରଦାନ କରାଯାଇଛି। ଏଥିସହିତ ଆଗାମୀ ଦିନରେ ବିଭିନ୍ନ ସ୍ଥାନରେ ଦୁର୍ନୀତି ନିବାରଣ ସଚେତନତା ପାଇଁ ପଥପ୍ରାନ୍ତ ନାଟକ (ନୁକ୍କଡ ନାଟକ) ଆୟୋଜନ କରିବାର ଲକ୍ଷ୍ୟ ରଖିଛି ଟିପିଏସ୍ଓଡିଏଲ୍। କମ୍ପାନୀ ତରଫରୁ ଗ୍ରାମପଞ୍ଚାୟତ, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରରେ ଏନେଇ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ମଧ ଆୟୋଜନ କରାଯିବ। ଯାହା ଯୁବପିଢ଼ିକୁ ସାଧୁତା ଏବଂ ନୈତିକ ମୂଲ୍ୟବୋଧକୁ ଆପଣାଇବାରେ ଉତ୍ସାହିତ କରିବ। ମାସବ୍ୟାପୀ ଆୟୋଜିତ ଏହି ସମସ୍ତ କାର୍ଯ୍ୟକ୍ରମ ଟିପିଏସ୍ଓଡିଏଲର ମୁଖ୍ୟ ସୁରକ୍ଷା ଏବଂ ନିରାପତ୍ତା ବିଭାଗର ମୁଖ୍ୟ ମନୋଜ କୁମାର (ଅବସରପ୍ରାପ୍ତ, ୱିଙ୍ଗ୍ କମାଣ୍ଡର)ଙ୍କ ନେତୃତ୍ୱରେ ପରିଚାଳିତ ହେଉ ଅଛି। ଟିପିଏସ୍ଓଡିଏଲ୍ ନୈତିକ ଦାୟିତ୍ୱବୋଧକୁ ସଦା ପ୍ରୋତ୍ସାହିତ କରି ଆସିଛି ଯାହା ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ଭିତରେ ଏକ ସକାରାତ୍ମକ ବାର୍ତ୍ତା ପହଞ୍ଚାଇବାରେ ସହାୟକ ହେବ।

## ସଂକଟାପନ୍ନ ନବଜାତକଙ୍କ ଚିକିତ୍ସାରେ ଘୋର ଅବହେଳା

# ସିଟି ହସ୍ପିଟାଲ୍ ଶିଶୁ ବିଭାଗ ଡାକ୍ତରଶୂନ୍ୟ




### ବିପଦରେ ଏସଏନସିୟୁରେ ଚିକିତ୍ସିତ ଶିଶୁ

### ରୋଗୀଙ୍କୁ ଚିକିତ୍ସା କରୁଛନ୍ତି ଡିଆର୍‌ପି ଡାକ୍ତର

ବ୍ରହ୍ମପୁର,୩୧।୧୦(ସମିସ)

ସିଟି ହସ୍ପିଟାଲ୍ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନବଜାତ ଶିଶୁଙ୍କ ଚିକିତ୍ସାରେ ଘୋର ଅବହେଳା ହେଉଥିବା ଦେଖିବାକୁ ମିଳିଛି। ହସ୍ପିଟାଲର ଶିଶୁ ବିଭାଗରେ କୌଣସି ଡ଼ାକ୍ତର ନ ଥିବାରୁ ନବଜାତ ଶିଶୁର ଚିକିତ୍ସାରେ ବିଭିନ୍ନ ସମସ୍ୟା ରହିଥିବା ଅଭିଯୋଗ ହୋଇଛି। ଦୀର୍ଘ ଏକ ସପ୍ତାହ ଧରି ଏଭଳି ସମସ୍ୟା ଲଗି ରହିଥିବା ବେଳେ ଏହାକୁ ସମାଧାନ କରିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଉପଯୁକ୍ତ ଚିକିତ୍ସା ନ ପାଇ ବର୍ତ୍ତମାନ ରୋଗୀ ସିଟି ହସ୍ପିଟାଲରୁ ମୁହଁ ଫେରାଉଛନ୍ତି। ହସ୍ପିଟାଲ ନିକଟରେ ହିଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ରହିଥିବା ବେଳେ କାହିଁକି ସମସ୍ୟାର ତୁରନ୍ତ ସମାଧାନ କରାଯାଉ ନାହିଁ, ସେନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ସିଟି ହସ୍ପିଟାଲରେ କାର୍ଯ୍ୟରତ ଶିଶୁରୋଗ ବିଶେଷଜ୍ଞ ଡ଼ା. ଅଲେଖ ପ୍ରଧାନଙ୍କୁ ପଦୋନ୍ନତି ଦିଆଯାଇ ତାଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଭାବେ ଦାୟିତ୍ୱ ପ୍ରଦାନ କରାଗଲା। ଫଳରେ ଶିଶୁ ବିଭାଗରେ ଥିବା ଜଣେ ମାତ୍ର ଡାକ୍ତରଙ୍କ ବଦଳି ପରେ ବର୍ତ୍ତମାନ ଏହି ବିଭାଗରେ ଡାକ୍ତରଙ୍କ ସଂଖ୍ୟା ଶୂନ ହୋଇପଡ଼ିଛି। ଏଭଳି କ୍ଷେତ୍ରରେ ସିଟି ହସ୍ପିଟାଲ ଶିଶୁ ବିଭାଗ ଅଧିନରେ ଥିବା ଇନ୍‌ଡୋର, ଓପିଡି ଏବଂ ୧୨ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ନବଜାତ ଶିଶୁ ଚିକିତ୍ସା କେନ୍ଦ୍ର(ଏସଏନସିୟୁ)ରେ ଚିକିତ୍ସିତ ହେଉଥବା ଶତାଧିକ ଶିଶୁ ଓ ନବଜାତ ଉପଯୁକ୍ତ ଚିକିତ୍ସା ନପାଇ ହନ୍ତସନ୍ତ ହେଉଛନ୍ତି। ଏହାସହ ଡାକ୍ତର ନଥିବାରୁ ପୁଷ୍ଟି ପୁନର୍ବାସ କେନ୍ଦ୍ର ପରିଚାଳନରେ ମଧ ସମସ୍ୟା ହେଉଛି। ଏଭଳି କ୍ଷତ୍ରରେ ଡିଆରପି(ଜିଲ୍ଲା ଆବାସ କାର୍ଯ୍ୟକ୍ରମ) ଡାକ୍ତର ଓ ଲିଭ୍ ଟ୍ରେନିଂ ରିଜର୍ଭ ମେଡିକାଲ ଅଫିସର(ଏଲଟିଆରଏମଓ)ଙ୍କ ଭରସାରେ ହସ୍ପିଟାଲର ଶିଶୁ ବିଭାଗ। ସଂକଟାପନ୍ନ ନବଜାତ ଏବଂ ବିଭାଗକୁ ଆସୁଥିବା ରୋଗୀଙ୍କ ନିମନ୍ତେ ବିଶେଷଜ୍ଞ ଡାକ୍ତର ନ ଥିବାରୁ ରୋଗୀଙ୍କ ଚିକିତ୍ସାରେ ଅବହେଳା ହେଉଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଗତ ଏକସପ୍ତାହ ଧରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏଭଳି ସମସ୍ୟା ଲାଗି ରହିଥିବା କୌଣସି ପଦକ୍ଷେପ ନ ନିଆଯିବା ପରିତାପର ବିଷୟ। ଜିଲ୍ଲାର ଅନ୍ୟ ହସ୍ପିଟାଲରେ ଶିଶୁରୋଗ ବିଶେଷଜ୍ଞ ଥିବାବେଳେ ସିଟି ହସ୍ପିଟାଲରେ କର୍ଯ୍ୟତର ଶିଶୁରୋଗ ବିଶେଷଜ୍ଞଙ୍କ ବଦଳି ପରେ ଦୀର୍ଘଦିନ ଧରି ଡାକ୍ତର ପଦ ଖାଲି ପଡ଼ିବା ଘଟଣାକୁ ନେଇ ରୋଗୀଙ୍କ ସମ୍ପର୍କୀୟ ବିରକ୍ତ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଡାକ୍ତରଙ୍କ ପଦୋନ୍ନତି ପରେ ଶିଶୁ ବିଭାଗରେ ଡିଆରପି ଓ ଏଲ୍‌ଟିଆରଏମଓ ଡାକ୍ତର ରୋଗୀ ଚିକିତ୍ସା କରୁଥିବା ସିଟି ହସ୍ପିଟାଲ ଅଧୀକ୍ଷକ ଡା. ବିଶ୍ୱମ୍ବର ବେହେରା କହିଥିବା ଜଣାପଡ଼ିଛି।

## ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଦାବିପତ୍ର

ସିଟି ହସ୍ପିଟାଲର ବିଭିନ୍ନ ସମସ୍ୟା ନେଇ ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ସିଟି ହସ୍ପିଟାଲ୍ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସିଟି ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ଆସୁଥିବା ରୋଗୀଙ୍କ ମଧ୍ୟରୁ ବହୁ ରୋଗୀ ଅଲଟ୍ରାସାଉଣ୍ଡରୁ ବଞ୍ଚିତ ହେଉଛନ୍ତି। ଏଭଳି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ନିଦାନ ଯୋଜନା ସଠିକ୍ ଭାବେ ରୋଗୀଙ୍କ ନିକଟେ ପହଞ୍ଚୁ ନାହିଁ ବୋଲି ମଞ୍ଚ ଅଭିଯୋଗ କରିଛି। ଫଳରେ ରୋଗୀମାନେ ଘରୋଇ ଡାଏଗ୍ନୋଷ୍ଟିକ କେନ୍ଦ୍ରକୁ ଯାଇ ପରୀକ୍ଷା କରିବାକୁ ବାଧ ହେଉଛନ୍ତି। ସେହିପରି ଫିଜିଓଥେରାପି ଚିକିତ୍ସା ପ୍ରଦାନ ଓ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କ୍ଷେତ୍ରରେ କର୍ମଚାରୀଙ୍କୁ ମନମୁଖୀ କାର୍ଯ୍ୟ ନିମନ୍ତେ ରୋଗୀ ହନ୍ତସନ୍ତ ହେଉଛନ୍ତି। ଗତବର୍ଷ ନଭେମ୍ବର ମାସରେ ଆବେଦନ କରିଥିବା ବ୍ୟକ୍ତି ବର୍ତ୍ତମାନ ପ୍ରମାଣପତ୍ର ପାଉଛନ୍ତି। ଅର୍ଥାତ୍ ପ୍ରାୟ ୧୧ମାସ ବିଳମ୍ବରେ ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରଦାନ କରାଯାଉଛି ବୋଲି ଅଭିଯୋଗ ହୋଇଛି। ପୂର୍ବ ସରକାର ସମୟରେ ମାତ୍ର ଏକ ସପ୍ତାହ ମଧ୍ୟରେ ପ୍ରମାଣପତ୍ର ଦିଆଯାଇପାରୁଥିବା ବେଳେ ବର୍ତ୍ତମାନ ଲୋକଙ୍କୁ ହଇରାଣ କରାଯାଉଛି ବୋଲି ମଞ୍ଚ ଅଭିଯୋଗ କରିଛି। ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କ୍ଷେତ୍ରରେ ବରିଷ୍ଠ ନାଗରିକ ଏବଂ ମାତ୍ରାଧିକ ଭିନ୍ନକ୍ଷମ ଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଭିତ୍ତିରେ ପ୍ରମାଣପତ୍ର ପ୍ରଦାନ କରାଯିବାକୁ ଦାବି କରିଛି। ଏନେଇ ମଞ୍ଚ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ବିକ୍ଷୋଭରେ ମାନବ ଅଧିକାର ସୁରକ୍ଷା ମଞ୍ଚର ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ସମ୍ପାଦକ ମନୋଜ ତରାଇ, ସମାଜସେବୀ ସାଲ୍ଲା. କେଶବ ଲିଙ୍ଗମ, ଅଲ୍ ଇଣ୍ଡିଆ ଖେତ ମଜଦୂର କିଶାନ୍ ସଭାର ରାଜ୍ୟ ସମ୍ପାଦକ ନିରାକାର ନାୟକ, ଜିଲ୍ଲା ସଭାପତି ଆଇନଜୀବୀ ଅବନୀ ଗୟାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।




## ଗଜପତିନଗରରୁ ଆହତ ବ୍ଲାକ୍ ବିଟେନ୍ ଉଦ୍ଧାର



ବ୍ରହ୍ମପୁର,୩୧।୧୦(ସମିସ): ସ୍ଥାନୀୟ ଗଜପତିନଗରରୁ ଏକ କଳା ବଗୁଲା ବା ବ୍ଲାକ୍ ବିଟେନ ଆହତ ଅବସ୍ଥାରେ ଉଦ୍ଧାର ହୋଇଛି। ସ୍ଥାନୀୟ ବାସିନ୍ଦା ଏହାକୁ ଦେଖିବା ପରେ ପରିବେଶପ୍ରେମୀ ପି. ଅରବିନ୍ଦ ଦେଶୀବେହେରାଙ୍କୁ ଯୋଗାଯୋଗ କରିବାରୁ ସେ ପହଞ୍ଚି ଆହତ ପକ୍ଷୀକୁ ଉଦ୍ଧାର କରିଥିଲେ। ଏହା କଳା ବଗୁଲା ପକ୍ଷୀ ଭାରତୀୟ ବନ୍ୟପ୍ରାଣୀ ସୁରକ୍ଷା ଆଇନ-୧୯୭୨ର ସୂଚୀରେ ତାଲିକାଭୁକ୍ତ। ଏହି ପ୍ରଜାତିର ପକ୍ଷୀ ସାଧାରଣତଃ ଏସିଆ, ଅଷ୍ଟ୍ରେଲିଆ ମହାଦେଶ ମାନଙ୍କରେ ଦେଖାଯାଏ। ମୁଖ୍ୟତଃ ଘଞ୍ଚ ଆଦ୍ରଭୂମି ଜଙ୍ଗଲ, ଆଦ୍ରଭୂମି, ହ୍ରଦରେ ଏମାନେ ବସା କରିଥାନ୍ତି। ବ୍ରହ୍ମପୁର ଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ ଏହା ପ୍ରଥମ ଦେଖାଯାଇଛି। ଲାଜକୁଳା ଏବଂ ଏକାନ୍ତ ସ୍ୱଭାବର ହୋଇଥିବାରୁ ଏମାନଙ୍କୁ ଦେଖିବା ବହୁତ ବିରଳ। ବହୁତ କମଥର ଓଡିଶାର ଭିତରକନିକା, ମଙ୍ଗଳାଯୋଡି ଓ ସୋନପୁରରେ ଏହି ପକ୍ଷୀ ଦୃଶ୍ୟମାନ ହୋଇଛି ବୋଲି ଆଞ୍ଚଳିକ ବିକାଶ ପରିଷଦର ସଭାପତି ସାଗର କୁମାର ପାତ୍ର କହିଛନ୍ତି। ଆଜି ଶ୍ରୀ ପାତ୍ରଙ୍କ ସମେତ ଆଞ୍ଚଳିକ ବିକାଶ ପରିଷଦର ସମ୍ପାଦକ ବିଜେନ୍ଦ୍ର ମାଝୀ, ଅରବିନ୍ଦ ଦେଶୀବେହେରା ଆହତ ପକ୍ଷୀକୁ ଚିକିତ୍ସା କରି ବ୍ରହ୍ମପୁର ବନାଞ୍ଚଳ କର୍ମଚାରୀଙ୍କୁ ହସ୍ତାନ୍ତର କରିଥିଲେ। ବନରକ୍ଷୀ ଶୁଭାସିନୀ ପ୍ରଧାନ, ଆରତୀ ପାଢ଼ୀ, ଜ୍ୟୋତି ରଞ୍ଜନ ପରିଡା, ପିଙ୍କି ସାହୁ, ଅଶ୍ୱିନୀ ନାହାକ, କିଶୋର ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ୧୨କିଲୋ ଗଞ୍ଜେଇ ଜବତ; ୨ ଗିରଫ



ବ୍ରହ୍ମପୁର,୩୧।୧୦(ସମିସ): ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଗୋପାଳପୁର ଜନକ୍ୱନ ନିକଟରେ ୧୨କିଲୋ ଗଞ୍ଜେଇ ସହ ଗୋଟିଏ ବାଇକ୍ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଦାରିଙ୍ଗବାଡି ଅଞ୍ଚଳର ପ୍ରଭାତ ଦିଗାଲ ଓ ତୁଇଲା ସୁନାମାଝୀ। ଜବତ ଗଞ୍ଜେଇ ଓ ଗାଡ଼ିର ଆନୁମାନିକ ମୂଲ୍ୟ ଅଢ଼େଇ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଚଢ଼ଉରେ ଏସ୍‌ଆଇ ଅଜିତ କୁମାର ନାୟକ, କପିଳାସ ଭଦ୍ରା, ବିବେକାନନ୍ଦ ଖେତି, କୁମୁଦ ପ୍ରଧାନ ଓ ସନ୍ତୋଷ ନାୟକ ସାମିଲ ଥିଲେ।

## ମହିଳାଙ୍କ ବେକରୁ ଚେନ୍ ଲୁଟ୍ ଉଦ୍ୟମ

ବ୍ରହ୍ମପୁର,୩୧।୧୦(ସମିସ): ମନ୍ଦିରରୁ ଘରୁ ଫେରୁଥିବା ଜଣେ ମହିଳାଙ୍କ ବେକରୁ ସୁନା ଚେନ ଲୁଟ ଉଦ୍ୟମ ହୋଇଛି। ୨ଜଣ ଦୁର୍ବୃତ୍ତ ବାଇକରେ ଆସି ଚେନ ଝାମ୍ପି ନେବାକୁ ଚେଷ୍ଟା କରିଥିଲେ ମଧ ସଫଳ ହୋଇନାହାନ୍ତି। ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଖୋଡାସିଂ ନିକଟ ବିରଞ୍ଚିନଗର ପ୍ରଥମ ଲାଇନର ବୟସ୍କ ମହିଳା ସନ୍ଧ୍ୟାରାଣୀ ଧର ଗତକାଲି ସକାଳ ୭ଟା ରେ ଘରଠାରୁ ଦୂରରେ ଥିବା ମନ୍ଦିରକୁ ପୂଜା କରିବାକୁ ଯାଇ ଚାଲି ଚାଲି ଫେରୁଥିବା ବେଳେ ୨ଜଣ ଯୁବକ ଏକ ବାଇକରେ ଆସି ପହଞ୍ଚିଥିଲେ। ବାଇକ ଚଳାଉଥିବା ଯୁବକ ମୁଣ୍ଡରେ ହେଲ୍‌ମେଟ ପିନ୍ଧିଥିବା ବେଳେ ପଛରେ ବସିଥିବା ଯୁବକ ଜଣଙ୍କ ମୁଣ୍ଡରେ ଏକ ନାଲି ଟୋପି ପିନ୍ଧିଥିଲେ। ଉଭୟ ସନ୍ଧ୍ୟାରାଣୀଙ୍କ ନିକଟକୁ ଆସି ତାଙ୍କ ବେକରୁ ସୁନା ଚେନ ଝାମ୍ପିବାକୁ ଉଦ୍ୟମ କରିଥିଲେ। ସନ୍ଧ୍ୟାରାଣୀଙ୍କ ସ୍ୱାମୀ ବଡ଼ପାଟି କରିବାରୁ ଦୁର୍ବୃତ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ। ଘଟଣାକୁ ନେଇ ସନ୍ଧ୍ୟାରାଣୀ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ-ଆଇଏଡବ୍ଲ୍ୟୁଏସ୍ ଚୁକ୍ତିପତ୍ର ସ୍ୱାକ୍ଷର

ବ୍ରହ୍ମପୁର,୩୧।୧୦(ସମିସ)




ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟାଳୟ କକ୍ଷରେ ଆଜି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସହ ଆଇଏଡ଼ବ୍ଲୁ ଏସ (ଭାରତୀୟ ନାରୀ ଅଧୟନ ସଂଘ) ସହ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଛି। ସ୍ୱାକ୍ଷର ବେଳେ ଆଇଏଡ଼ବ୍ଲୁ ଏସ ପୂର୍ବାଞ୍ଚଳର ସାଧାରଣ ସମ୍ପାଦିକା ମାୟା ଜୋହନ, ସଂଯୋଜିକା ଇସିତା ମୁଖୋପାଧ୍ୟାୟ ରହିଥିବା ବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳସଚିବ ସଚ୍ଚିଦାନନ୍ଦ ନାୟକ, ଆଇକ୍ୟୁଏସିର ଯୁଗ୍ମ ନିର୍ଦ୍ଦେଶକ ଲକ୍ଷ୍ମୀଧର ରାଉତ, କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ପିଜି କାଉନସିଲ ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଏହି ଚୁକ୍ତିପତ୍ର ଆଦାନ ପ୍ରଦାନ କରିଥିଲେ। ଏହି ଚୁକ୍ତିପତ୍ରରେ ଉଭୟ ପକ୍ଷରେ ଶିକ୍ଷାଦାନ, ଉନ୍ନତମାନର ଜ୍ଞାନକୌଶଳ, ଅନଲାଇନ ଓ ଅଫ୍‌ଲାଇନରେ ଭାଗିଦାରୀ ରହିବେ, ସେମିନାର, ୱେବିନାର, ସମ୍ମିଳନୀ ମିଳିତରେ କରିପାରିବେ। ଲିଙ୍ଗ ଉପରେ ଗବେଷଣା ଓ କର୍ମଶାଳା ମିଳିତରେ ଆୟୋଜନ କରିପାରିବେ। ଲିଙ୍ଗ ଅଧୟନ ଉପରେ ଗବେଷଣା ଆଦାନପ୍ରଦାନ, ଲାଇବ୍ରେରୀ ଓ ପରୀକ୍ଷାଗାର ମିଳିତରେ ବ୍ୟବହାର କରିବେ। ଚୁକ୍ତିପତ୍ର ସ୍ୱାକ୍ଷର ଦ୍ୱାରା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଉନ୍ନତମାନର ଜ୍ଞାନକୌଶଳ ଆହରଣ କରି ଭବିଷ୍ୟତ ଉଜ୍ଜଳ ହୋଇପାରିବ ଏବଂ ଏହି ଚୁକ୍ତି ୫ବର୍ଷ ପାଇଁ ହୋଇଥିବା କୁଳପତି ପ୍ରଫେସର ଦାଶ ସୂଚନା ଦେଇଛନ୍ତି।

## ଟ୍ରକ୍ କ୍ରୟ ପରେ ଠକେଇ ଅଭିଯୋଗ

ବ୍ରହ୍ମପୁର,୩୧।୧୦(ସମିସ): ଜଣେ ମାଲିକଙ୍କଠାରୁ ଏକ ଟ୍ରକ୍ କ୍ରୟ କରିବା ପରେ ଠକେଇ ଅଭିଯୋଗ ହୋଇଛି। ଶଙ୍କରପୁର ସାହିର ସୁନୀଲ କୁମାର ପାତ୍ରଙ୍କ ଏକ ୧୪ ଚକିଆ ଟ୍ରକ ରହିଥିଲା। ଗତବର୍ଷ ସେ ଉକ୍ତ ଟ୍ରକକୁ ରମହରି ମହାରଣା ନାମକ ଜଣେ ବ୍ୟକ୍ତିଙ୍କୁ ୨୨ଲକ୍ଷ ଟଙ୍କାରେ ବିକ୍ରି କରିଥିଲେ। କିସ୍ତିରେ ଟଙ୍କା ପରିଶୋଧ କରିବେ ବୋଲି ଉଭୟଙ୍କ ମଧ୍ୟରେ ଚୁକ୍ତି ହୋଇଥିଲା। ହେଲେ ରାମହରି ୭ ମାସର ମୋଟ ୧ଲକ୍ଷ ଟଙ୍କା ଦେବାପରେ ଆଉ ଦେଉନଥିବା ସୁନୀଲ ଅଭିଯୋଗ କରିଛନ୍ତି। ଏପରିକି ଟଙ୍କା ମାଗିଲେ ରାମହରି ହତ୍ୟା ଧମକ ଦେଉଥିବା ଅଭିଯୋଗ ହୋଇଛି। ତାଙ୍କ ଅଭିଯୋଗପ୍ରକାରେ ବଡବଜାର ଥାନାରେ ଏକ ମାମଲା ରୁଜୁ ହୋଇଛି।

## ପଥପ୍ରାନ୍ତ ଶୋଭାଯାତ୍ରାରେ ଦୁର୍ନୀତି ନିବାରଣ ସଚେତନତା

ବ୍ରହ୍ମପୁର,୩୧।୧୦(ସମିସ): ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ରାଜ୍ୟବ୍ୟାପୀ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଶୁକ୍ରବାର ବ୍ରହ୍ମପୁର ଭିଜିଲାନ୍ସ ପକ୍ଷରୁ ଦୁର୍ନୀତି ବିରୁଦ୍ଧରେ ସଚେତନତା ସୃଷ୍ଟି ନିମନ୍ତେ ପଥପ୍ରାନ୍ତ ମାଧମରେ ଶୋଭାଯାତ୍ରା ସହିଦ ଲକ୍ଷ୍ମଣ ନାୟକ ସ୍କୁଲ ନିକଟରୁ ବାହାରି ଏମ୍‌କେସିଜି ମେଡିକାଲ ଛକ ଯାଏଁ ପହଞ୍ଚି ସେଠାରୁ ପୁଣି ସହିଦ ଲକ୍ଷ୍ମଣ ନାୟକ ସ୍କୁଲଠାରେ ଶେଷ ହୋଇଥିଲା। ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପି ପ୍ରଦୀପ ପ୍ରଧାନ ଶୋଭାଯାତ୍ରା ଶୁଭାରମ୍ଭ କରିଥିଲେ। ଏହି ସମୟରେ ଏଏସ୍‌ପି ସନ୍ଧ୍ୟାରାଣୀ ସାହୁ, ଡ଼ିଏସ୍‌ପି ଶରତ ଚନ୍ଦ୍ର ସାହୁ, ସବିତା ଅଞ୍ଜଳି ନାୟକ, ସରିତା ତ୍ରିପାଠୀ, ଇନ୍ସପେକ୍ଟର ରାଜେନ୍ଦ୍ର କୁମାର ନାୟକ, ସୌମ୍ୟକାନ୍ତ ପଣ୍ଡା, ଲିଶାରାଣୀ ସେଠୀ, ଶରତ ଚନ୍ଦ୍ର ପାଠୀ, ଯୁଗଳକିଶୋର ପ୍ରଧାନ, ଏସ୍‌ଆଇ ସନ୍ତୋଷ କୁମାର ଶତପଥୀ ଓ ଏଏସ୍‌ଆଇ ଦୁର୍ଗା ପ୍ରସାଦ ହୋତା ଓ ସନ୍ଦୀପ କୁମାର ରେଡିଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ୧ ତାରିଖରେ ଅର୍ଥାତ ଶନିବାର ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନ ସପ୍ତାହ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

## ରାଜ୍ୟସ୍ତରୀୟ ଭାରୋତ୍ତୋଳନ: ଗଞ୍ଜାମ ଚାମ୍ପିଅନ

ବ୍ରହ୍ମପୁର,୩୧।୧୦(ସମିସ)



ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମର ଭାରୋତ୍ତୋଳନ ପ୍ରଶିକ୍ଷଣ କେନ୍ଦ୍ରରେ ଚାଲିଥିବା ରାଜ୍ୟସ୍ତରୀୟ ଭାରଉତ୍ତୋଳନ ପ୍ରତିଯୋଗିତାରେ ଗଞ୍ଜାମ ଚାମ୍ପିୟନ ହୋଇଛି। ପ୍ରତିଯୋଗିତାରେ ୨୦ଟି ଜିଲ୍ଲାରୁ ମୋଟ ୨୫୦ରୁ ଅଧିକ ମହିଳା ଏବଂ ପୁରୁଷ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ୟୁଥ୍ ଜୁନିଅର ଏବଂ ସିନିୟରରେ ଗଞ୍ଜାମ ଜିଲ୍ଲା ଚାମ୍ପିଅନ୍ ହୋଇଥିବା ବେଳେ ୟୁଥ୍ ଏବଂ ଜୁନିଅର ଢେଙ୍କାନାଳ ରନର୍ସଅପ୍ ହୋଇଛି। ସେହିପରି ଖୋର୍ଦ୍ଧା ସିନିୟରରେ ରନର୍ସଅପ୍ ହୋଇଥିଲା। ଏବଂ ଗଞ୍ଜାମ ଜିଲ୍ଲା ସିନିୟର୍ ବିଭାଗରେ ବେଷ୍ଟ ଲିଫ୍ଟର ହୋଇଛି। ଉଦଯାପନୀ ଉତ୍ସବରେ ଓଡିଶା ଅଲିମ୍ପିକ୍ସ ସଂଘର ସଭାପତି ସମୀର ମହାନ୍ତି, ସ୍ପୋର୍ଟସ ଡାଇରେକ୍ଟର ଡ. ବିଜୟ ଯେଦୁଲା ଯୋଗଦେଇ ସମସ୍ତଙ୍କୁ ପୁରସ୍କୃତ କରିଥଲେ। ବ୍ରହ୍ମପୁର ରେଳ ଷ୍ଟେସନରେ ସମସ୍ତ ଖେଳାଳିଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଭାରୋତ୍ତୋଳନର ସଭାପତି ସଚ୍ଚିଦାନନ୍ଦ ଦାସ ଏବଂ ସମ୍ପାଦକ ସୁଧୀର କୁମାର ପାତ୍ର, ଉପ ସଭାପତି ଗାଗରିନ ନାୟକ, କୋଚ କୁରୁମା ରଓ, ବୁଲୁ ସୁବୁଦ୍ଧି, ଦାମିନି ସାହୁ, ସଂଯୁକ୍ତା ସାହୁ, ବିଷ୍ଣୁ ପ୍ରିୟା ନାୟକ, ଓ ଲକ୍ଷ୍ମୀଧର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବାଘ ଗଣନା ପ୍ରଶିକ୍ଷଣ ଶିବିର



ବ୍ରହ୍ମପୁର,୩୧।୧୦(ସମିସ): ବ୍ରହ୍ମପୁର ବନଖଣ୍ଡରେ ଶୁକ୍ରବାର ବାଘ ଗଣନା ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ(ଆରସିସିଏଫ୍)ଙ୍କ କାର୍ଯ୍ୟାଳୟ ବୈଠକ ଗୃହରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମୁଖ୍ୟ ଅତିଥି ଭାବେ ଆରସିସିଏଫ୍ ବିଶ୍ୱନାଥ ଏନ୍ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଡିଏଫ୍‌ଓ ସନି ଖୋଖର, ଏସିଏଫ୍ ସସ୍ମିତା ବିଶ୍ୱାଳ ଯୋଗ ଦେଇଥିଲେ। ଶିବିରରେ ପ୍ରଥମେ ଭିଜିଲାନ୍ସ ସପ୍ତାହ ଓ ରାଷ୍ଟ୍ରୀୟ ଏକତା ଦିବସ ପାଇଁ ସମସ୍ତ କର୍ମଚାରୀ ଶପଥ ନେଇଥିଲେ। ଏହାପରେ ବାଘ ଗଣନା ନେଇ ପ୍ରଶିକ୍ଷଣ ନେଇଥିଲେ। ସାମନ୍ତିଆପଲ୍ଲୀ ବନାଞ୍ଚଳ ଅଧିକାରୀ ଏସିଏଫ୍ ମନୋଜ ପାତ୍ର ପ୍ରଶିକ୍ଷକ ଭାବେ ଯୋଗଦେଇ କିପରି ଟ୍ରାଞ୍ଜେକ୍ଟ ଲାଇନ୍, ଟ୍ରେଇଲ୍ ସର୍ଭେ ସପ୍ତାହେ ମଧ୍ୟରେ ସାରିବା ପରେ ୧୫ ଦିନିଆ କ୍ୟାମେରା ଟ୍ରାପ୍ ଓ ଇତି ମଧ୍ୟରେ ମେଗା ହେରବିଭୋର୍ସ ସର୍ଭେ, କାର୍ନିଭୋର୍ସ ସାଇନ ନ ସର୍ଭେ କରିବେ ସେ ନେଇ ପ୍ରଶିକ୍ଷଣ ଦେଇଥିଲେ। ଶିବିରରେ ୪ଟି ବନାଞ୍ଚଳର ବନପାଳ, ବନରକ୍ଷୀ ଅଂଶଗ୍ରହଣ କରିଥିଲେ। ଏସିଏଫ୍ ମାଣିକେଶ୍ୱରୀ ହଂସଦା ଓ ଦିବ୍ୟ ଶଙ୍କର ବେହେରା, ଦିଗପହଣ୍ଡି ବନାଞ୍ଚଳ ଅଧିକାରୀ ଦିବ୍ୟ ରଞ୍ଜନ ସାହୁ, ବନ୍ୟ ସୋମନାଥ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ

# ଜେଲ୍‌ରୁ ମୁକୁଳିଲେ ଆଉ ୧୮ ଚାକିରି ଆଶାୟୀ

ବ୍ରହ୍ମପୁର,୩୧।୧୦(ସମିସ)

ପୁଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ୧୧୪ଜଣ ଚାକିରି ଆଶାୟୀଙ୍କୁ କୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଗୁରୁବାର ୯୪ଜଣ ଆଶାୟୀ ଜେଲରୁ ମୁକୁଳିଥିବା ବେଳେ ଶୁକ୍ରବାର ପୁଣି ୧୮ଜଣ ମୁକୁଳିଛନ୍ତି। ଅବଶିଷ୍ଟ ୨ଜଣଙ୍କ ରିଲିଜ ଅର୍ଡର ଜେଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚିନଥିବା ଜଣାପଡିଛି। ୧୧୪ଜଣ ଆଶାୟୀଙ୍କୁ ଗୋଳନ୍ଥରା ଥାନା ପୁଲିସ ଗତ ସେପ୍ଟେମ୍ବର ୩୦ ଧରି ସେମାନଙ୍କ ବିରୁଦ୍ଧରେ ପୁଲିସ ପରୀକ୍ଷା ନିବାରଣ ଆଇନର ଧାରା ୨୦୨୩-୧୧୧/୩(୫)/୩୧୮(୪)/୩୧୯(୨)/୩୩୬(୩)/୩୩୮/୩୪୦(୨)/୬୧(୨) ଦଫା ଲଗାଇ ସମସ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଏହି ମାମଲାର ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। କ୍ରାଇମବ୍ରାଞ୍ଚ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲେ ହେଁ ଆବଶ୍ୟକ ପ୍ରମାଣପତ୍ର ଯୋଗାଡ଼ କରି ପାରିନଥିଲା। ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ବେଳେ କ୍ରାଇମବ୍ରାଞ୍ଚ ପକ୍ଷରୁ ଦାଖଲ ସିଡିରେ ମଧ କୌଣସି ଠୋସ୍ ପ୍ରମାଣ ଦେଇପାରିନଥିଲେ। ଯଦ୍ୱାରା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ସମସ୍ତ ଚାକିରି ଆଶାୟୀଙ୍କ ଜାମିନ ଆବେଦନକୁ ମଞ୍ଜୁର କରିଥିଲେ। ବର୍ତ୍ତମାନ ୧୧୪ଜଣଙ୍କ ମଧ୍ୟରୁ ୧୧୨ଜଣ ଚାକିରି ଆଶାୟୀ ସର୍ତ୍ତମୂଳକ ଜାମିନରେ ଜେଲରୁ ମୁକୁଳିଛନ୍ତି। ବର୍ତ୍ତମାନ ଏହି ମାମଲାର ତଦନ୍ତ ଭାର ସିବିଆଇ ହାତରେ ନ୍ୟସ୍ତ କରାଯାଇଛି। ତେଣୁ ସର୍ତ୍ତମୁଳକ ଜାମିନରେ ଥିବା ଆଶାୟୀଙ୍କୁ ସିବିଆଇ ଖୁବଶୀଘ୍ର ଜେରା କରିବ ବୋଲି ଜଣାପଡ଼ିଛି। ସେପଟେ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଆଉ ଜଣେ ଗିରଫ ଦଲାଲ୍ ଅରବିନ୍ଦ ଦାସ ଜାମିନ ଆବେଦନ କରିଥିବା ଜଣାପଡ଼ିଛି। ବର୍ତ୍ତମାନ ସୁଦ୍ଧା ନିଯୁକ୍ତି ଜାଲିଆତି ଘଟଣାର ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟି ଫେରାର ରହିଛି।

### ପରୀକ୍ଷା ନିବାରଣ ଦଫା ଲଗାଇଲେ; ହେଲେ ଦେଇପାରିଲେନି ପ୍ରମାଣ

ସକାଳ
THE SAKALA

# ସମ୍ପାଦକୀୟ



ଲେଖକ ବହିଟିଏ ଆରମ୍ଭ କରେ, କିନ୍ତୁ ଜଣେ ପ୍ରକୃତ ପାଠକ ଏହାକୁ ସଫଳ କରିଥାଏ।
-ସାମୁଏଲ୍ ଜନ୍‌ସନ୍

## ଭୂସ୍ଖଳନ ଓ ଅବରୋଧ

ଚଳିତ ମୌସୁମୀ ଋତୁ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଓ ଜାମ୍ମୁ-କାଶ୍ମୀରରେ ଯେଉଁ ବିପର୍ଯ୍ୟୟ ଘଟାଇଛି ତାହା ଅକଳ୍ପନୀୟ। ସେହିଭଳି ପଞ୍ଜାବର ଶସ୍ୟାଗାର ପ୍ରଳୟଙ୍କରୀ ବର୍ଷାରେ ଧ୍ୱସ୍ତବିଧ୍ୱସ୍ତ ହୋଇଛି। ବାରମ୍ବାର ଭୂସ୍ଖଳନ କାରଣରୁ ହିମାଳୟ ପାଦଦେଶରେ ଥିବା ହିମାଚଳ ଓ ଉତ୍ତରାଖଣ୍ଡର ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକ ମାଟିତଳେ ଏକପ୍ରକାର ପୋତି ହୋଇପଡ଼ିଛି। ମୌସୁମୀ ବିଦାୟ ନେବା ପୂର୍ବରୁ 'ମୋନ୍ଥା' ବାତ୍ୟା ଆନ୍ଧ୍ର, ତେଲଙ୍ଗାନା ଓ ଓଡ଼ିଶାର ବିପୁଳ କ୍ଷୟକ୍ଷତି ଘଟାଇଛି। ଆମ ରାଜ୍ୟର ଦକ୍ଷିଣାଞ୍ଚଳ ଅନ୍ତର୍ଗତ ୧୦ଟି ଜିଲ୍ଲାରେ 'ମୋନ୍ଥା' ପ୍ରଭାବିତ ବର୍ଷା କେବଳ ବ୍ୟାପକ ଫସଲହାନି ଘଟାଇନି, ଭୂସ୍ଖଳନରେ ରାସ୍ତା ଅବରୋଧ ଯୋଗୁଁ ଗମନାଗମନ ବାଧାପ୍ରାପ୍ତ ହୋଇଛି। ପାହାଡ଼ତଳି ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଘରଦ୍ୱାର ଭୁଶୁଡ଼ି ପଡ଼ିଛି। ତେବେ ଏହି ବିପର୍ଯ୍ୟୟ ପୂର୍ବରୁ ସଂପୃକ୍ତ ଅଞ୍ଚଳର ବାସିନ୍ଦାଙ୍କୁ ସ୍ଥାନାନ୍ତର କରାଯାଇଥିବାରୁ କେହି ମୃତାହତ ହୋଇନାହାନ୍ତି।

ଗତ ମଙ୍ଗଳବାର ଓ ବୁଧବାର ପାର୍ବତ୍ୟାଞ୍ଚଳ ଘେରା ଓଡ଼ିଶାର ତିନିଟି ଜିଲ୍ଲାରେ ଶହେ ମିଲିମିଟରରୁ ଅଧିକ କ୍ରମାଗତ ବର୍ଷା ହେବାରୁ ଭୂସ୍ଖଳନ ଘଟିଥିଲା। ଗଞ୍ଜାମ ଜିଲ୍ଲାର ରାଇପାଟ ନିକଟସ୍ଥ ତିଡ଼ିକାସାରି-ଅଙ୍କୁଲି ରୋଡ୍ ଉପରେ ମାଟି ଅତଡ଼ା ଧସି ଅବରୁଦ୍ଧ ହୋଇଯିବାରୁ ପ୍ରାୟ ୨୦ଟି ଗ୍ରାମ ମଧ୍ୟରେ ଗମନାଗମନ ବ୍ୟବସ୍ଥା ସଂପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଥିଲା। ସେହିଭଳି ଚାରିଆବାଡ଼ ଘାଟ ସଂଲଗ୍ନ ରାସ୍ତାରେ ମଧ୍ୟ ଅନୁରୂପ ସ୍ଥିତି ଉପୁଜିଥିଲା। କନ୍ଧମାଳର ରାଇକିଆ ବ୍ଲକ ଅନ୍ତର୍ଗତ ଖାରିଆଗୁଡ଼ା ଘାଟ ମଧ୍ୟ ଭୂସ୍ଖଳନରେ ଅବରୋଧ ହୋଇଥିଲା। ବଡ଼ ପଥର ଖଣ୍ଡ ବର୍ଷାର ପ୍ରଭାବରେ ଗଡ଼ି ଆସି ଗୋଟିଏ ବାସଗୃହ ସମ୍ମୁଖରେ ଅଟକି ଯାଇଥିଲା। ସୌଭାଗ୍ୟକ୍ରମେ ସେଠାରେ ଅବସ୍ଥାନ କରୁଥିବା ପରିବାର ସଦସ୍ୟଙ୍କ କୌଣସି କ୍ଷତି ଘଟିନାହିଁ। ସେହିଭଳି ଗଜପତି ଜିଲ୍ଲାର ଶାଙ୍କୁଡ଼ା-ଖିଲିଗଣ୍ଡା ଘାଟି ରାସ୍ତା ମାଟି ଅତଡ଼ା ଧସି ସଂପୂର୍ଣ୍ଣ ରୂପେ ଅବରୁଦ୍ଧ ହୋଇପଡ଼ିଥିଲା। ଫଳରେ ବୋଣ୍ଡା ଓ ଖିଲିଙ୍ଗ ଅଞ୍ଚଳ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଛି। ତେବେ ଅବରୋଧ ହୋଇଥିବା ରାସ୍ତାକୁ ତ୍ୱରିତ ପଦକ୍ଷେପ ମାଧ୍ୟମରେ ଗମନାଗମନ ଉପଯୋଗୀ କରାଯାଇ ପାରିଛି। କାଶୀନଗର ଦେଇ ପ୍ରବାହିତ ବଂଶଧାରା ନଦୀର ଜଳପତନ ବିପଦ ସଂକେତ ଅତିକ୍ରମ କରିନଥିବାରୁ ବନ୍ୟା ବିପର୍ଯ୍ୟୟ ଉପୁଜି ନାହିଁ। ତେବେ ଗୁମ୍ମା କେନାଲର ଜଳ ପ୍ଲାବନ ଯୋଗୁଁ ସଂଲଗ୍ନ ଗ୍ରାମଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। ସଂପୃକ୍ତ ଅଞ୍ଚଳରେ ୫,୯୨୫ ସୁଦକ୍ଷ କର୍ମୀଙ୍କୁ ନିୟୋଜିତ କରାଯାଇଥିବାରୁ ସେମାନଙ୍କ ଅକ୍ଳାନ୍ତ ପରିଶ୍ରମ ସ୍ଥିତିରେ ସୁଧାର ଆଣିବାରେ ସହାୟକ ହୋଇଛି। ବର୍ଷା ଓ ବାତ୍ୟା ପ୍ରଭାବିତ ଅଞ୍ଚଳରେ ବାଧାପ୍ରାପ୍ତ ବିଦ୍ୟୁତ ପ୍ରବାହରେ ସ୍ୱାଭାବିକତା ଫେରାଇ ଆଣିବାରେ ଟିପିଏସଓଡିଏଲ ମାତ୍ର ୧୪ ଘଣ୍ଟା ମଧ୍ୟରେ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି।

ପ୍ରାକୃତିକ ଦୁର୍ବିପାକର ପ୍ରଶମନ ଦିଗରେ ଉଲ୍ଲେଖନୀୟ ସଫଳତା ହାସଲ କରି ଆନ୍ତର୍ଜାତିକ ସ୍ତରରେ ସମ୍ମାନିତ ଓ ପ୍ରଶଂସିତ ହୋଇଥିଲେ ଆମ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୧୯୯୯ର ମହାବାତ୍ୟା ପରେ ଓଡ଼ିଶା ଏକାଧିକ ଅନୁରୂପ ବିପର୍ଯ୍ୟୟର ସଫଳ ମୁକାବିଲା ମଧ୍ୟ କରିପାରିଛି। ଏଥିପାଇଁ ପ୍ରସ୍ତୁତ ଢାଞ୍ଚା ଓ କାର୍ଯ୍ୟଧାରାକୁ ଏକ ଆଦର୍ଶ ବ୍ୟବସ୍ଥା ବା ନକ୍ସା ରୂପେ ଅନ୍ୟମାନେ ଗ୍ରହଣ କରିଛନ୍ତି। ତେଣୁ 'ମୋନ୍ଥା'ର ଦୁର୍ବଳ ସ୍ଥିତିକୁ ଏବର ସରକାର ମୁକାବିଲା କରିବାର ସେଭଳି ଅସୁବିଧାର ସମ୍ମୁଖୀନ ନହେବା ସ୍ୱାଭାବିକ। କାରଣ ସେହି ପୁରୁଣା ଧାରା ଓ ନକ୍ସା ଏବେ ମଧ୍ୟ ଅପରିବର୍ତ୍ତିତ ରହିଛି।

## ଯୁଦ୍ଧ ବିରତି ଓ ଅଶାନ୍ତ ଗାଜା

ଇସ୍ରାଇଲ ଓ ଗାଜା ମଧ୍ୟରେ ଯୁଦ୍ଧ ବିରାମର ଭବିଷ୍ୟତ ନେଇ ଅନିଶ୍ଚିତତା ଜାରି ରହିଛି। ନିରନ୍ତର ନା ନା ଅଭିଯୋଗ ଦର୍ଶାଇ ସାମରିକ କାର୍ଯ୍ୟାନୁଷ୍ଠାନକୁ ଏକ ଅସ୍ତ୍ର ରୂପେ ପ୍ରୟୋଗ କରିବାର ମସୁଧାରୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ନ ଓହରିବା ପର୍ଯ୍ୟନ୍ତ ସେଠାରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ନୁହେଁ। ଏପରିକି କିଛି ଆତ୍ମଘାତୀ ପଦକ୍ଷେପ ଗ୍ରହଣ କରି ହମାସକୁ ଦୋଷାରୋପ କରିବା ଓ ସେହି ଆଳରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ସେଥିପ୍ରତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥନ ସମସ୍ତଙ୍କୁ ଚକିତ କରିଛି। ଇସ୍ରାଏଲ ପକ୍ଷରୁ ଗାଜା ଉପରେ ହୋଇଥିବା ବାୟୁସେନାର ଆକ୍ରମଣରେ ୧୦୪ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ଅଛନ୍ତି ୪୬ ଶିଶୁ। ଅକ୍ଟୋବର ୧୦ ରୁ ଯୁଦ୍ଧ ବିରାମ ଘୋଷଣା କରାଯାଇଥିବା ବେଳେ ଅମାନବୀୟ ନରସଂହାର ଜାରି ରହିଛି। ହୋଇପାରେ କାହା ପକ୍ଷରୁ ଚୁକ୍ତିର ଖିଲାପ ହୋଇଛି, ତାହାର କ'ଣ ସମାଧାନ ଘନଘନ ବୋମାମାଡ଼ରେ ସମ୍ଭବ? ସବୁଠାରୁ ବିଚଳିତ କଲାଭଳି ଖବର ହେଲା ଏହି ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଯୁଦ୍ଧ ବିରାମ ଚୁକ୍ତିକୁ ଇସ୍ରାଏଲ ମାନିବ। ହମାସ ମୁଣ୍ଡ ଜାମିନ ରଖିଥିବା ଇସ୍ରାଏଲ ନାଗରିକଙ୍କୁ ଫେରାଇବାର ସର୍ତ୍ତ ଉଲ୍ଲଙ୍ଘନ କରିଥିବା ଅଭିଯୋଗ ହୋଇଛି। ଏପରିକି ତାହା ସହ ସମ୍ପୃକ୍ତ ଥିଲା ମୃତ ପଣବନ୍ଦୀଙ୍କ ଶରୀର ଫେରସ୍ତ। ମୃତ ଶରୀରର ସବୁ ଅଂଶ ଫେରାଇନଥିବାର ମଧ୍ୟ ଅଭିଯୋଗ ହେଲା। ତାହାକୁ ନେଇ ଏକ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି। ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଗୁରୁବାର ହମାସ ଆଉ ଦୁଇଟି ଶରୀର ଫେରାଇଛି। କିନ୍ତୁ ଘଟଣାକ୍ରମର ଯେ ଏହିଠାରେ ଅନ୍ତ ଘଟିବ, ଏକଥା ନୁହେଁ।

ଗାଜାରେ ସୃଷ୍ଟି ହୋଇଥିବା ଉତ୍ତେଜନାର ଅନ୍ୟ ଏକ ଦିଗ ହେଲା ଦକ୍ଷିଣାଞ୍ଚଳରେ ଘଟିଥିବା ଗୁଳି ବିନିମୟରେ ଜଣେ ଇସ୍ରାଏଲ ସୈନ୍ୟଙ୍କ ମୃତ୍ୟୁ। ଏହା ପଛରେ ହମାସର କେତେ ସଂପୃକ୍ତି ଅଛି ତାହା ଭିନ୍ନ କଥା। ଟ୍ରମ୍ପଙ୍କ ସମର୍ଥନ ଲାଭ ପାଇଁ ମୃତ ସୈନିକଙ୍କୁ ଆମେରିକୀୟ ଦର୍ଶାଇ ଇସ୍ରାଏଲ୍ ନିଜ ଆଡୁ ଏ ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାରେ କାହାର ବିସ୍ମିତ ହେବାର ନାହିଁ। ଯୁଦ୍ଧ ବିରତି ଚୁକ୍ତି ପ୍ରତି ନେତାନ୍ୟାହୁଙ୍କ ଆଦୌ ନିଷ୍ଠା ନାହିଁ। ଏଭଳି ଏକ ରୁଗ୍ଣ ମାନସିକତା ସଂପନ୍ନ ବ୍ୟକ୍ତିଠାରୁ ଯୁଦ୍ଧବିରାମ ବା ଶାନ୍ତି ଆଶା କରିବା ବୃଥା। ବିଶ୍ୱ ସମୁଦାୟର ଚାପ ଓ ଟ୍ରମ୍ପ ନିଜେ ଏହି ପ୍ରସଙ୍ଗରେ ମଧ୍ୟସ୍ଥତା କରୁଥିବାରୁ ଇସ୍ରାଏଲ ପାଇଁ ଗତ୍ୟନ୍ତର ନଥିଲା। କିନ୍ତୁ ପ୍ରତି ମୁହୂର୍ତ୍ତରେ କିଛି ନା କିଛି ମନଗଢ଼ା ଆରୋପ ଓ ଏପରିକି ନେତାନ୍ୟାହୁ ନିଜ ଆଡୁ କିଛି ବିଭ୍ରାଟ ସୃଷ୍ଟି କରି ଯୁଦ୍ଧ ଜାରି ରଖିବାକୁ ଚାହାନ୍ତି। ଏକଥା ମଧ୍ୟ ସତ୍ୟ ଯେ ଆମେରିକାର ସାମରିକ ସାହାଯ୍ୟ ବିନା ଏହି ଯୁଦ୍ଧ ଗୋଟିଏ ଇଞ୍ଚ ଆଗକୁ ବଢ଼ିପାରିବ ନାହିଁ। ମୁଣ୍ଡ ଜାମିନ ଥିବା ୨ ଜଣଙ୍କ ମୃତ ଶରୀର ଫେରସ୍ତ ପରେ ସ୍ଥିତି ବଦଳିବ ବୋଲି ଆଶା କରାଯାଇଛି।

ଇସ୍ରାଏଲ ପକ୍ଷରୁ ଯୁଦ୍ଧ ବିରାମ ଘୋଷଣା କରାଯାଇଥିଲେ ମଧ୍ୟ ନ୍ୟୁଗାଜାରେ ଆଉ ୨ ଜଣଙ୍କୁ ହତ୍ୟା କରାଯାଇଛି। ତୁର୍କୀର ରାଷ୍ଟ୍ରପତି ଗାଜାରେ ଶାନ୍ତି ଫେରାଇ ଆଣିବା ପାଇଁ ଜର୍ମାନୀର ହସ୍ତକ୍ଷେପ ଲୋଡ଼ିଛନ୍ତି। କାତାର ପକ୍ଷରୁ ମଧ୍ୟ ଅନୁରୂପ ନିବେଦନ କରାଯାଇଛି। ଏସବୁ ସତ୍ତ୍ୱେ ନେତାନ୍ୟାହୁ ଓ ଟ୍ରମ୍ପଙ୍କ ଅସଲ ମସୁଧା କ'ଣ ତାହା ସ୍ପଷ୍ଟ ହେଉନାହିଁ। ଅଥଚ ଯୁଦ୍ଧ ବିରାମ ଓ ଶାନ୍ତି ପ୍ରତିଷ୍ଠା ସପକ୍ଷରେ ଜେରୁଜେଲମରେ ଜନମତ ସୃଷ୍ଟି ପାଇଁ ଅତିରକ୍ଷଣବାଦୀ ଇହୁଦୀଙ୍କ ପକ୍ଷରୁ ଶୋଭାଯାତ୍ରା ବାହାର କରାଯାଇଛି। ଏସବୁ ସତ୍ତ୍ୱେ ଆମେ ଆଶା କରିବା ମଧ୍ୟପ୍ରାଚ୍ୟରେ ଖୁବଶୀଘ୍ର ଶାନ୍ତିର ପଥ ପରିଷ୍କାର ହେଉ।

# କୀଟନାଶକ: ସବୁଜ ବିପ୍ଳବର ଅଲୋଡ଼ା ଉପହାର

ସବୁଜ ବିପ୍ଳବ ସ୍ୱାଧୀନ ଭାରତର ବିପୁଳ ଜନସଂଖ୍ୟାକୁ ଖାଦ୍ୟ ସୁରକ୍ଷା ଦେଲା ସତ; କିନ୍ତୁ ଭାରତୀୟ କୃଷି ଓ କୃଷକଙ୍କ ପାଇଁ ନେଇ ଆସିଲା କୀଟ ଓ କୀଟନାଶକ ରୂପକ ବୋଝ। ଅଧୁନା ଆଧୁନିକ କୃଷି କୀଟନାଶକ ବିନା ପରିକଳ୍ପନା ମଧ୍ୟ କରାଯାଇପାରିବ ନାହିଁ। କୃଷିକୁ ଅଧିକ ଅମଳକ୍ଷମ ଓ ପରିବେଶ ସହନଶୀଳ କରିବା ପାଇଁ ଯେତେଯେତେ ନୂଆ ନୂଆ କିସମ ଉଦ୍‌ଭାବନ ହେଉଛି, ତା'ସହିତ ତାଳ ଦେଇ ନୂଆ ନୂଆ ରୋଗ ପୋକ ସୃଷ୍ଟି ହେଉଛନ୍ତି। କେବଳ ସେତିକି ନୁହେଁ, ସାମ୍ପ୍ରତିକ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନରେ ଜନ୍ମ ନେଉଥିବା ଏହି ନୂଆ ରୋଗପୋକଗୁଡ଼ିକ ଅତିମାତ୍ରାରେ କୀଟନାଶକ ଓ ରୋଗନାଶକ ସହନଶୀଳ ହୋଇଗଲେଣି। ବିଶେଷଜ୍ଞମାନେ ରୋଗ, ପୋକ ନିଦାନ କରି ପ୍ରତିକାର ଆବିଷ୍କାର କରିବା ପୂର୍ବରୁ ଫସଲ ଉଜୁଡ଼ି ଯାଉଛି। ଚାଷୀ ଆତ୍ମହତ୍ୟାର ଅନେକ କାରଣ ମଧ୍ୟରୁ ଏହା ପ୍ରମୁଖ।

ଅପରପକ୍ଷରେ ଏହି କୀଟ ଓ କୀଟନାଶକ ବହୁଦେଶୀୟ କମ୍ପାନୀମାନଙ୍କ ପାଇଁ ଅତିମାତ୍ରାରେ ଅନୁକୂଳ ହୋଇଛି। ରାସାୟନିକ ସାର ପ୍ରୟୋଗ ବଢ଼ିବା ସହିତ ସୃଷ୍ଟି ହେଉଥିବା ନୂଆ ନୂଆ କୀଟ ଓ ରୋଗ ଅନୁଯାୟୀ କୀଟନାଶକ ଓ ରୋଗନାଶକର ନୂଆ ନୂଆ ଉତ୍ପାଦ ବଜାରକୁ ଆସୁଛି, ଯାହାକୁ ଚାଷୀ କିଣିବାକୁ ବାଧ୍ୟ ହେଉଛି। ବହୁଦେଶୀୟ କମ୍ପାନୀମାନେ କୀଟନାଶକକୁ ଏଭଳି ଉପାଦାନରେ ବିକଶିତ କରୁଛନ୍ତି ଯେ ଥରେ ତାହା ପ୍ରୟୋଗ ହେଲା ପରେ ଦ୍ୱିତୀୟ କିମ୍ବା ତୃତୀୟ ବର୍ଷକୁ କାମ ଦେଉନାହିଁ। ଆଉ କେତେକ ସ୍ଥାନରେ ବଜାର ଅଂଶ ଓ ବାର୍ଷିକ ରୋଜଗାର ହରାଇବା ଭୟରେ ଚାଷୀମାନେ ପ୍ରତିଷେଧକ ରୂପେ ବେଉଷଣ ବେଳେ ହିଁ ତୃଣନାଶକ ଓ କବକନାଶକ ଜମିରେ ପ୍ରୟୋଗ କରୁଛନ୍ତି। ଏହି ଉଦ୍ୟମ କେତେକାଂଶରେ ସଫଳ ହେଉଛି ସତ, କିନ୍ତୁ ଯେଉଁଠାରେ ସେଭଳି କବକ ବା ଅନାବଶ୍ୟକ ତୃଣ ଉର୍ଦ୍ଧ୍ୱେଇବାର ସମ୍ଭାବନା ନାହିଁ ସେଠାରେ କବକନାଶକ ଓ ତୃଣନାଶକର ଅନାବଶ୍ୟକ ପ୍ରୟୋଗ ପରବର୍ତ୍ତୀ ସମୟରେ ସେହି ପରିବେଶ ଓ ମାଟିକୁ ରାସାୟନିକ ସହନଶୀଳ କରିଦେଉଛି। ଏହିକ୍ରମରେ କୀଟ ଓ କୀଟନାଶକ ଚାଷୀର ସର୍ବନାଶ କରୁଥିବା ବେଳେ ବହୁଦେଶୀୟ କମ୍ପାନୀମାନଙ୍କ ପାଇଁ ପୁଷ ମାସ ଡାକି ଆଣୁଛି।

ସବୁଜ ବିପ୍ଳବର ଅଲୋଡ଼ା ଉପହାର ସ୍ୱରୂପ ଆସିଥିବା ଏହି ରାସାୟନିକ ଉତ୍ପାଦଗୁଡ଼ିକର ଭାରତରେ ସଂଗଠିତ ବଜାରମୂଲ୍ୟ ପ୍ରାୟ ୨୪, ୫୦୦ କୋଟି ଟଙ୍କା। ପେଷ୍ଟିସାଇଡ୍ ବା କୀଟନାଶକ ଭାବରେ ଜଣାଶୁଣା ଓ ବ୍ୟବହୃତ ଏହି ରାସାୟନିକ ଉପାଦନ ମୁଖ୍ୟତଃ ତିନିଭାଗରେ ବିଭକ୍ତ। ସେଗୁଡ଼ିକ ହେଲା, କୀଟନାଶକ(ଇନସେକ୍ଟିସାଇଡ୍), ତୃଣନାଶକ(ହର୍ବିସାଇଡ୍‌ସ) ଓ କବକନାଶକ(ଫୁଙ୍ଗିସାଇଡ୍)। ଏଥିମଧ୍ୟରେ ସବୁଠାରୁ ବଡ଼ ଅଂଶ ହେଉଛି କୀଟନାଶକର। ଭାରତରେ କୀଟନାଶକର ବାର୍ଷିକ କାରବାର ୧୦, ୭୦୦ କୋଟି ଟଙ୍କା ଥିବା ବେଳେ ତୃଣନାଶକର ୮, ୨୦୦ କୋଟି ଟଙ୍କା ଏବଂ କବକନାଶକର କାରବାର ୫, ୬୦୦ କୋଟି ଟଙ୍କା। ତୃଣନାଶକର ବଜାର ସର୍ବାଧିକ ବାର୍ଷିକ ୧୦% ହାରରେ ବୃଦ୍ଧି ପାଉଛି। ଏଥିରୁ ଭାରତୀୟ କୀଟନାଶକ ବଜାର ପ୍ରତି ବହୁଦେଶୀୟ କମ୍ପାନୀମାନଙ୍କ ଲୋଭ ଓ ଲାଭ ସହଜେ ଅନୁମେୟ। ଅଧୁନା ଭାରତୀୟ କୀଟନାଶକ ବଜାରରେ 'ବେୟର ଏଜି' ନାମକ ବହୁଦେଶୀୟ କମ୍ପାନୀର ଆନୁମାନିକ ଅଂଶ ୧୫% ଥିବା ବେଳେ 'ସିଞ୍ଜେଣ୍ଟା'ର ୧୨%, 'ଏଡିଏଏମଏ'ର ୧୦%, 'କର୍ଟେଭା ଏଗ୍ରୀସାଇନ୍ସ'ର ୭% ଏବଂ 'ସୁମିତୋମୋ କେମିକାଲ'ର ୬% ରହିଛି। ଆଶ୍ଚର୍ଯ୍ୟର କଥା ଯେ ଏଭଳି ବିପୁଳ ଲୋଭନୀୟ ଭାରତୀୟ କୀଟନାଶକ ବଜାରରେ ଭାରତୀୟ ସଂସ୍ଥା ବା ଉଦ୍ୟୋଗର ପଦଚିହ୍ନ ଅତି ନଗଣ୍ୟ। ସବୁଠାରୁ ବଡ଼ ଭାରତୀୟ କମ୍ପାନୀ 'ଧନୁକା ଆଗ୍ରିଟେକ୍'ର ଆନୁମାନିକ ବଜାର ଅଂଶ ୬% ଥିବା ବେଳେ 'ସିସିପିଏଲ୍'ର ୪%। ଅନ୍ୟ କେତେକ କମ୍ପାନୀ ବହୁଦେଶୀୟ କମ୍ପାନୀଙ୍କ ସହିତ ଯୌଥ ଉଦ୍ୟୋଗରେ ଭାରତରେ କୀଟନାଶକ ଉତ୍ପାଦନ କରୁଛନ୍ତି।

ଜଣେ କୃଷି ବୈଜ୍ଞାନିକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କୀଟନାଶକ ବଜାର ସମ୍ପର୍କରେ ଯେଉଁ ଗୋପନୀୟ ତଥ୍ୟ ପ୍ରଘଟ କରିଛନ୍ତି ତାହା ଯଦି ସତ ହୋଇଥାଏ ତେବେ ଭାରତୀୟ କୃଷି ଓ କୃଷକ କୀଟନାଶକର ଅଦୃଶ୍ୟ ପଞ୍ଝା ଭିତରକୁ ଯାଇସାରିଛନ୍ତି, ଯେଉଁଥିରୁ ମୁକୁଳିବା ନିକଟ ଭବିଷ୍ୟତରେ ଏତେ ସହଜ ନୁହେଁ। କମ୍ପ୍ୟୁଟରର ଆଣ୍ଟିଭାଇରସ୍ ବିକଶିତ କରୁଥିବା କମ୍ପାନୀମାନେ ଯେପରି ସ୍ୱୟଂ ନିୟମିତ ବ୍ୟବଧାନରେ ଭାଇରସ୍‌ମାନ ବିକଶିତ କରି ଇଣ୍ଟରନେଟ୍ ମାଧ୍ୟମରେ ଛାଡ଼ିଦିଅନ୍ତି ସେଭଳି କିସମ ଉଦ୍ଭାବନ କରୁଥିବା କେତେକ ଲୋଭୀ ଓ ଅସାଧୁ କୃଷି ବିଶେଷଜ୍ଞଙ୍କୁ ବହୁଦେଶୀୟ କମ୍ପାନୀମାନେ ବିପୁଳ ଉତ୍କୋଚ ଦେଇ ନବବିକଶିତ କିସମରେ ରୋଗପୋକର ବୀଜାଣୁମାନଙ୍କୁ ଛାଡ଼ିଦିଅନ୍ତି। ତାହା କାଳକ୍ରମେ ରୂପପରିବର୍ତ୍ତନ କରି(ମ୍ୟୁଟେସନ୍) ବ୍ୟାପକ କ୍ଷେତ୍ରକୁ ପ୍ରଭାବିତ କରେ। ଏହାକୁ ଏବେ 'ସବୁଜ ଆତଙ୍କ' ନାମରେ ଅଭିହିତ କରାଯାଉଛି। ନିକଟରେ ଆମେରିକାରେ ସୋୟାବିନ୍ ଫସଲକୁ ଏହି ଉପାୟରେ ବିଧ୍ୱଂସ କରିବା ପାଇଁ ଦୁଇ ଚୀନ୍ କୃଷି ବୈଜ୍ଞାନିକଙ୍କ ଷଡ଼ଯନ୍ତ୍ର ଧରାପଡ଼ିବା ପରେ ସେମାନଙ୍କୁ ଗିରଫ କରାଯାଇଛି।

କେତେକ କୃଷିବିଜ୍ଞାନୀଙ୍କ ମତରେ ସଙ୍କରଜାତୀୟ ବିହନ ବିକାଶ ବେଳେ ଗୁଣସୂତ୍ର ପରିବର୍ତ୍ତନ ହିଁ ଅନେକ ରୋଗକୁ ସ୍ୱତଃ ସୃଷ୍ଟି କରୁଛି, ଯାହାର ନିରାକରଣ ପାଇଁ କୀଟନାଶକ ଅପରିହାର୍ଯ୍ୟ ହୋଇପଡୁଛି। ଆଉ କିଛି ବିଶେଷଜ୍ଞଙ୍କ ମତାନୁଯାୟୀ ଚାଷୀ ପ୍ରୟୋଗ କରୁଥିବା ରାସାୟନିକ ସାରରେ ମଧ୍ୟ କୀଟ ଓ କବକ ସୃଷ୍ଟିକାରୀ ତତ୍ତ୍ୱର ଅସାଧୁ ସମ୍ମିଶ୍ରଣ ହେଉଛି। ଏହା ପଛରେ ରହିଛି ଭାରତ ସରକାରଙ୍କ ବିପୁଳ ରିହାତି ଯୋଜନା। କହିବା ବାହୁଲ୍ୟ କୃଷି ଓ କୃଷକ ଜରିଆରେ ସରକାରଙ୍କ ଏହି ବିପୁଳ ରିହାତିର ଅସଲି ହକ୍‌ଦାର ବା ହିତାଧିକାରୀ ହେଉଛନ୍ତି ସାର ଓ କୀଟନାଶକ ଉତ୍ପାଦନ କରୁଥିବା କମ୍ପାନୀ। କୀଟନାଶକଠାରୁ ସାର ବଜାର ଆହୁରି କେତେଗୁଣା ଅଧିକ। ତେଣୁ ଏତେ ଶୀଘ୍ର ଯେ ସେମାନେ ଭାରତୀୟ ବଜାରକୁ ହାତଛଡ଼ା କରିଦେବେ ସେ ସମ୍ଭାବନା ମଧ୍ୟ ଦେଖାଯାଉନାହିଁ।

ସାମଗ୍ରିକ ଭାବେ କହିବାକୁ ଗଲେ ବିହନ, ସାର ଓ କୀଟନାଶକ ମଧ୍ୟରେ ଏକ ମଧୁଚନ୍ଦ୍ରିକା ବା ଅସାଧୁ ମେଣ୍ଟ ସୃଷ୍ଟି ହୋଇସାରିଛି, ଯାହା ବିଶ୍ୱର ଖାଦ୍ୟ ନିରାପତ୍ତା ଆଗରେ ବିରାଟ୍ ଆହ୍ୱାନ ସୃଷ୍ଟି କରିଛି। ସାମ୍ପ୍ରତିକ ବଜାର ଅର୍ଥନୀତି ଓ ଆମଦାନୀ-ରପ୍ତାନୀ ବାଧ୍ୟବାଧକତାରେ ଶସ୍ୟ ଓ କୃଷି ସମସ୍ୟା ଆଉ କୌଣସି ଦେଶ କିମ୍ବା ଅଞ୍ଚଳରେ ସୀମିତ ହୋଇରହିନାହିଁ; ରୋଗପୋକ ସମସ୍ୟା ମଧ୍ୟ ଲକ୍ଷ୍ୟ-ଅଲକ୍ଷ୍ୟରେ ଆମଦାନୀ ରପ୍ତାନୀ ହୋଇଚାଲିଛି। ଅପରପକ୍ଷରେ ଏହାଦ୍ୱାରା ସାର ଓ କୀଟନାଶକ ଉଦ୍ୟୋଗ ଏବଂ ପରୋକ୍ଷରେ ସେମାନଙ୍କ ଟିକସରେ ବିଭିନ୍ନ ଦେଶର ରାଜକୋଷମାନ ପୁଷ୍କଳ ହେଉଛି। ଏହି ମଧୁଚନ୍ଦ୍ରିକାକୁ ଭାଙ୍ଗିବାକୁ ହେଲେ ରାଜନୈତିକ ଇଚ୍ଛାଶକ୍ତି, କୃଷିକ୍ଷେତ୍ରର ସାମୟିକ ବଳିଦାନ, ସର୍ବୋପରି କୃଷି ବୈଜ୍ଞାନିକଙ୍କ ରାଷ୍ଟ୍ରପ୍ରତି ସମର୍ପିତ କର୍ତ୍ତବ୍ୟବୋଧ, ସାଧୁତା ଓ ନିଷ୍ଠାର ସମନ୍ୱୟ ଆବଶ୍ୟକ। ଏହି ବିଷଚକ୍ର ଯେତେଶୀଘ୍ର ଭାଙ୍ଗିବ ବିଶ୍ୱ କୃଷି ଓ ଖାଦ୍ୟ ନିରାପତ୍ତା ପ୍ରତି ସେତେ କଲ୍ୟାଣକାରୀ ସାବ୍ୟସ୍ତ ହେବ।

ରୋଗ, ପୋକ ଫସଲକୁ କ୍ଷତି କରୁଥିବା ବେଳେ କୀଟନାଶକ ଫସଲ, ପାଣି, ପବନ ଜରିଆରେ ପରୋକ୍ଷ ଭାବେ ତାହାକୁ ଖାଉଥିବା ମଣିଷ, ଗାଇଗୋରୁଙ୍କ ଶରୀରକୁ ବିଷାକ୍ତ କରି ନା ନା ରୋଗ ସୃଷ୍ଟି କରିଚାଲିଛି। ପରିସ୍ଥିତି ଏଭଳି ହୋଇଛି ଯେ ସବୁଜ ବିପ୍ଳବର ଏହି ଅଲୋଡ଼ା ଉପହାରଟିକୁ ତତ୍କାଳ କିମ୍ବା ନିକଟ ଭବିଷ୍ୟତରେ ମଧ୍ୟ ପରିହାର କରିବା ଏକପ୍ରକାର ଅସମ୍ଭବ। ଏବେ ଆମ ଦେଶରେ କୃଷିଶ୍ରମିକଙ୍କ ଘୋର ଅଭାବ ସୃଷ୍ଟି ହୋଇଛି। ତେଣୁ ଚାଷୀମାନେ ବାଧ୍ୟବାଧକତାରେ ଘାସମରା ଔଷଧ ବା ତୃଣନାଶକ ଉପରେ ନିର୍ଭର କରୁଛନ୍ତି, ଯାହାର ଫାଇଦା ବହୁଦେଶୀୟ କମ୍ପାନୀମାନେ ନେଉଛନ୍ତି। ଏହି ଶ୍ରମକାତରତା ଯୋଗୁଁ କୀଟନାଶକର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସୁଥିବା ଚାଷୀ ଏବଂ ପରୋକ୍ଷ ପ୍ରଭାବିତ ଖାଉଟି ନିଜ ପାଇଁ କ୍ଷତି ଡାକି ଆଣୁଛନ୍ତି। କୃଷିଜାତ ମୂଲ୍ୟ ବୃଦ୍ଧି ଆଶଙ୍କାରେ ସରକାର ମଧ୍ୟ କୃଷି ଶ୍ରମିକଙ୍କ ମଜୁରୀ ବଢ଼ାଇବାକୁ ସାହସ କରୁନାହାନ୍ତି। ଡିସେମ୍ବର ୨୦୨୪ ସୁଦ୍ଧା ପ୍ରାପ୍ତ ତଥ୍ୟ ଅନୁଯାୟୀ ୨୦୧୯ ରେ ଉଦ୍ଭିଦ ସୁରକ୍ଷା କର୍ମୀ ଓ କୃଷି ଶ୍ରମିକଙ୍କ ପାଇଁ ଜାତୀୟସ୍ତରରେ ହାରାହାରି ଦୈନିକ ମଜୁରୀ ହାର ପ୍ରାୟ ୩୨୬ ଟଙ୍କା ଥିବା ବେଳେ ୨୦୨୪ ଶେଷ ସୁଦ୍ଧା ତାହା ୪୪୭ଟଙ୍କାରୁ ସାମାନ୍ୟ ବୃଦ୍ଧି ପାଇଥିଲା। ଆଜିର ବଜାର ଦରରେ ଏତେ କମ୍ ମଜୁରୀରେ ମାନବ ସମ୍ବଳ ଉପଲବ୍ଧ ନ ହେବା ସ୍ୱାଭାବିକ। ଏହାଛଡ଼ା ହାତରେ ଘାସ ବାଛିବା ପାଇଁ ଏକର ପିଛା ୮/୧୦ ଘଣ୍ଟା ସମୟ ଲାଗୁଥିବା ବେଳେ ମାତ୍ର ୨/୩ ଘଣ୍ଟାରେ ଏକ ଏକରରେ ତୃଣନାଶକ ପ୍ରୟୋଗ କରାଯାଇପାରୁଛି। ଏଣୁ ଶସ୍ତାରୁ ପରବର୍ତ୍ତୀ ସମୟରେ ହୀନସ୍ତା ଭଳି ପରିସ୍ଥିତି ସୃଷ୍ଟି ହେଉଛି।

କୀଟନାଶକର ପଞ୍ଝାରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ଜୈବିକ କୃଷି, ଯାହାକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବାକୁ ପଡ଼ିବ। ଏହାଛଡ଼ା ଆମେ ନିଜକୁ ଯନ୍ତ୍ର ଓ ରାସାୟନିକ ନିର୍ଭରଶୀଳତା ହ୍ରାସ କରି ପରିଶ୍ରମୀ ହେବା ଆବଶ୍ୟକ। ସାମଗ୍ରିକ, ସମନ୍ୱିତ ଓ ସହଯୋଗୀ ଉଦ୍ୟମ ବିନା ଭାରତୀୟ କୃଷିକୁ ଏହି ସମସ୍ୟାରୁ ମୁକ୍ତ କରାଯିବା ଏକପ୍ରକାର ଅସମ୍ଭବ।

ସକାଳ ମିଡିଆ ସର୍ଭିସ୍

# ହରିକେନ୍ ମେଲିସା

ଡ. ବିଜୟ କେତନ ପଟ୍ଟନାୟକ

ଗତ ଅକ୍ଟୋବର ୨୭/୨୮ ତାରିଖରେ ଓଡ଼ିଶା ମହାବାତ୍ୟା 'ମୋନ୍ଥା'ର ଆନୁମାନିକ ପ୍ରଳୟଙ୍କରୀ ପ୍ରଭାବରୁ ବର୍ତ୍ତି ଯାଇଥିବା ବେଳେ ଅକ୍ଟୋବର ୨୮ ତାରିଖରେ ପଶ୍ଚିମ ଗୋଲାର୍ଦ୍ଧରେ ଉତ୍ତର ଆମେରିକା ତଟଦେଶରେ ତଥା ଉତ୍ତର-ଆଟଲାଣ୍ଟିକ ମହାସାଗର ଭିତରେ ଥିବା କାରବିୟାନ ସମୁଦ୍ରର ଦ୍ୱୀପ ଦେଶଗୁଡ଼ିକରେ, ବିଶେଷକରି ଜାମାଇକାରେ, ହରିକେନ 'ମେଲିସା' ଖଣ୍ଡପ୍ରଳୟ ସୃଷ୍ଟି କରିଛି। କ୍ୟୁବା, ବାହାମା ଆଦି ଦ୍ୱୀପଦେଶଗୁଡ଼ିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଛନ୍ତି। 'ମେଲିସା' ଆଟଲାଣ୍ଟିକ ମହାସାଗରେ ଚଳିତ ବାତ୍ୟାଋତୁର ସଂଘଟିତ ପଞ୍ଚମ ହରିକେନ ଏବଂ ଶତାବ୍ଦୀର ସବୁଠାରୁ ଭୟଙ୍କର ବାତ୍ୟା। ଅକ୍ଟୋବର ମାସ ପ୍ରାରମ୍ଭରେ ପଶ୍ଚିମ ଆଫ୍ରିକା ତଟରୁ ଏକ ଉଷ୍ଣ ମଣ୍ଡଳୀୟ ଢେଉ ଦ୍ୱାରା ଏହାର ଜନ୍ମ ହୋଇଥିଲା। ପାଣିପାଗ ବିଜ୍ଞାନୀଙ୍କ ମତରେ ଜଳବାୟୁ ପରିବର୍ତ୍ତନ କାରଣରୁ ସମୁଦ୍ରର ଜଳରାଶି ୧.୪ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ହେଲେ ସେଠାରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତ ଓ ଗଭୀର ଅବପାତରେ ପରିଣତ ହୋଇ ବାତ୍ୟା ସୃଷ୍ଟି ହୋଇଥାଏ। ହରିକେନ୍ 'ମେଲିସା' ମଧ୍ୟ ଧୀରେ ଧୀରେ ଉତ୍ତପ୍ତ ସାମୁଦ୍ରିକ ଜଳରାଶିରୁ ବଳ ଗୋଟାଇ ଆଟଲାଣ୍ଟିକ ମହାସାଗରରେ ଆଗକୁ ବଢ଼ିଥିଲା।

ଘୂର୍ଣ୍ଣିବାତ୍ୟାକୁ ସ୍ଥାନବିଶେଷରେ ତିନିପ୍ରକାର ନାମରେ ଅଭିହିତ କରାଯାଇଛି। ଯଥା ହରିକେନ, ସାଇକ୍ଲୋନ ଓ ଟାଇଫୁନ। ଉତ୍ତର ଆଟଲାଣ୍ଟିକ ମହାସାଗର, କେନ୍ଦ୍ରାଞ୍ଚଳ, ପୂର୍ବାଞ୍ଚଳ ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହେଉଥିବା ଘୂର୍ଣ୍ଣିବାତ୍ୟାକୁ କୁହାଯାଏ ହରିକେନ। ଉତ୍ତର-ପଶ୍ଚିମ ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହେଲେ ଏହାକୁ କୁହାଯାଏ ଟାଇଫୁନ। ଦକ୍ଷିଣ ପ୍ରଶାନ୍ତ ମହାସାଗର ଓ ଭାରତ ମହାସାଗର ସଂଲଗ୍ନସ୍ଥାନ ଆରବ ସାଗର ଓ ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ଚକ୍ରବାତ ବା ଘୂର୍ଣ୍ଣିବାତ୍ୟାକୁ କୁହାଯାଏ ସାଇକ୍ଲୋନ।

ଗତ ୨୮ ଅକ୍ଟୋବରରେ ଜାମାଇକା ଦ୍ୱୀପଦେଶର ଦକ୍ଷିଣ-ପଶ୍ଚିମରେ ଥିବା ନିଉହୋପ ଇଲାକାରେ ସ୍ଥଳଭାଗ ସ୍ପର୍ଶ କଲା ବେଳେ ହରିକେନ 'ମେଲିସା'ର ବାୟୁର ଗତି ଥିଲା ଘଣ୍ଟା ପ୍ରତି ୧୮୫ ମାଇଲ ବା ୨୯୫ କିଲୋମିଟର ଏବଂ ଏହାର କେନ୍ଦ୍ରସ୍ଥଳର ବାୟୁଚାପ ରହିଥିଲା ୮୯୨ ମିଲିବାର ବା ୨୬.୩୪ ଇଞ୍ଚ। ଏହା ତୁଳନାରେ ୧୯୯୯ ମସିହାର ଓଡ଼ିଶା ସୁପର ସାଇକ୍ଲୋନ ସମୟରେ ପବନର ଗତି ଥିଲା ଘଣ୍ଟାପ୍ରତି ୨୬୦ କିଲୋମିଟର ଓ କେନ୍ଦ୍ରସ୍ଥଳର ବାୟୁ ଚାପ ଥିଲା ୮୯୮ ମିଲିବାର ବା ୨୬.୫୨ ଇଞ୍ଚ। ୨୦୧୯ ମସିହାରେ ଜାମାଇକା ନିକଟସ୍ଥ ବାହାମା ଦ୍ୱୀପଦେଶରେ ଡୋରିଆନ୍ ନାମକ ଅନ୍ୟ ଏକ ଘୂର୍ଣ୍ଣିବାତ୍ୟା ଆଘାତ ଦେଇଥିଲା, ଯାହାର ବାୟୁ ଗତି ଥିଲା ଘଣ୍ଟାପ୍ରତି ୧୮୫ ମାଇଲ।

ବାୟୁର ଗତି ଓ ତୀବ୍ରତା ଦୃଷ୍ଟିରୁ 'ମେଲିସା' ଶ୍ରେଣୀ ବିଭାଗ କ୍ରମରେ ଥିଲା ୫ମ ଶ୍ରେଣୀ ବା କାଟାଗୋରି -୫। ୧ମ ଶ୍ରେଣୀ ହରିକେନର ବାୟୁ ଗତି ୭୦ରୁ ୯୫ ମାଇଲ, ଦ୍ୱିତୀୟ ଶ୍ରେଣୀର ୯୬ ରୁ ୧୧୦ ମାଇଲ, ତୃତୀୟ ଶ୍ରେଣୀର ୧୧୧ ରୁ ୧୨୯ ମାଇଲ, ଚତୁର୍ଥ ୧୩୦ ରୁ ୧୫୬ ମାଇଲ ଏବଂ ପଞ୍ଚମ ୧୫୭ ମାଇଲ ବା ତଦୂର୍ଦ୍ଧ୍ୱ। ଅର୍ଥାତ୍ ଏହି ଶ୍ରେଣୀରେ ବାୟୁର ଗତି ଘଣ୍ଟା ପ୍ରତି ୨୫୨ କି.ମି ବା ତହିଁରୁ ଅଧିକ ହୋଇଥାଏ। କାଟାଗୋରୀ ୫ ହରିକେନରେ ପବନର ଗତି ଓ ତୀବ୍ରତା ଏବେ ଅଧିକ ଯେ ଏହା ଦ୍ୱାରା ଭିତ୍ତିଭୂମି ଅଧିକ କ୍ଷତିଗ୍ରସ୍ତ ଇଥାଏ। ଏପରିକି ମଜବୁତ ସିମେଣ୍ଟ ଓ କଂକ୍ରିଟ ଘର ଭାଙ୍ଗି ଯାଏ ବା ଛାତ ଉଡ଼ିଯାଏ। ବଡ଼ ବଡ଼ ଗଛ ଉପୁଡ଼ି ପଡ଼େ। ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିବା କାରଣରୁ ବିଦ୍ୟୁତ୍ ସରବରାହ ଓ ଯୋଗଯୋଗ ବ୍ୟବସ୍ଥା ସଂପୂର୍ଣ୍ଣ ଠପ ହୋଇଯାଏ। ସମୁଦ୍ରରେ ସୁନାମି ଭଳି ଉଚ୍ଚ ଜୁଆର ଆସିଥାଏ।

ହରିକେନ୍ 'ମେଲିସା' ପ୍ରଭାବରେ ୧୪ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ଜୁଆର ଉଠି ସମୁଦ୍ର ଉପକୂଳର ଭିତ୍ତିଭୂମିକୁ ଗ୍ରାସ କରିଥିଲା। ପ୍ରାୟ ୫୦, ୦୦୦ ଜାମାଇକା ଅଧିବାସୀ ବିଦ୍ୟୁତ ସେବାରୁ ବଞ୍ଚିତ ହୋଇଥିଲେ। ସମପରିମାଣର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରାଯାଇଥିଲା। ଏହି ହରିକେନ୍‌ରେ ପାଖାପାଖି ୧୫ ଲକ୍ଷ ଲୋକ ସିଧାସଳଖ କ୍ଷତିଗ୍ରସ୍ତ ହୋଇଛନ୍ତି।

ଜାମାଇକା ଦ୍ୱୀପ କ୍ୟାରିବିୟାନ ସାଗର ମଧ୍ୟରେ ତୃତୀୟ ବୃହତ୍ତମ ଦ୍ୱୀପ। ଏହାର ରାଜଧାନୀ କିଙ୍ଗସ୍ଟନ। ଜନସଂଖ୍ୟା ୨୭ ଲକ୍ଷରୁ ୩୦ ଲକ୍ଷ ମଧ୍ୟରେ। ଜାମାଇକାର ଭୂଭାଗ ଶ୍ୟାମଳ ସବୁଜିମାମୟ। ପର୍ବତ, ଜଙ୍ଗଲ ବିଶେଷତଃ ବୃଷ୍ଟିବନରେ ଭରପୂର। ଉପକୂଳ କଡ଼େ କଡ଼େ ଛୋଟ ଛୋଟପଥରର ପାହାଡ଼। ଭରପୂର ପର୍ଯ୍ୟଟନ ସମ୍ଭାର। ବିଦେଶୀ ପର୍ଯ୍ୟଟକଙ୍କ ନିମନ୍ତେ ଜାମାଇକା ଏକ ଆକର୍ଷଣର କେନ୍ଦ୍ରବିନ୍ଦୁ। ପ୍ରତିବର୍ଷ ପ୍ରାୟ ୪୩ ଲକ୍ଷ ପର୍ଯ୍ୟଟକ ଏଠାକୁ ଆସନ୍ତି। 'ମେଲିସା' ଦ୍ୱୀପର ପର୍ଯ୍ୟଟନ ଶିଳ୍ପକୁ ଅଧିକ କ୍ଷତିଗ୍ରସ୍ତ କରିଛି। ଜାମାଇକାରେ ପ୍ରଳୟ ସୃଷ୍ଟି କରିବା ପରେ 'ମେଲିସା' ସାମାନ୍ୟ ଦୁର୍ବଳ ହୋଇ ଚତୁର୍ଥ କାଟାଗୋରି ବାତ୍ୟାରେ ପରିଣତ ହୋଇଥିଲା ଏବଂ କ୍ୟୁବା ଅଭିମୁଖେ ଅଗ୍ରସର ହୋଇଥିଲା।

ପ୍ରକୃତିର ଏଇ କ୍ରୋଧ ଓ ତାଣ୍ଡବ ଲୀଳା ବିଶ୍ୱ ତାପନ ଜନିତ ଜଳବାୟୁ ପରିବର୍ତ୍ତନର କରୁଣ ପରିଣତି। ପୃଥିବୀର ତାପମାତ୍ରା ବଢ଼ିବା ସଂଗେ ସଂଗେ ବିଭିନ୍ନ ସାଗର ଓ ମହାସାଗରରେ ସୃଷ୍ଟି ହେଉଥିବା ଘୂର୍ଣ୍ଣିବାତ୍ୟାଗୁଡ଼ିକର ପୌନଃପୁନିକତା ବଢୁ ନ ଥିଲେ ମଧ୍ୟ ଏହାର ତୀବ୍ରତା ଯଥେଷ୍ଟ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ଜଳବାୟୁ ପରିବର୍ତ୍ତନର ପରିଣତି, ପ୍ରକୃତିର କୋପ ଭାବରେ ଭିନ୍ନ ଭିନ୍ନ ରୂପରେ ପ୍ରକାଶ ପାଉଛି। ସମଗ୍ର ଜୀବଜଗତ ପାଇଁ ଏହା ଏକ ସତର୍କ ଘଣ୍ଟି।

(ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

# ପଦ୍ମସମ୍ଭବଙ୍କ ତିବ୍ବତରୁ ପ୍ରତ୍ୟାବର୍ତ୍ତନ

ପ୍ରବୀର କୁମାର ପଟ୍ଟନାୟକ

*ପୂର୍ବପ୍ରକାଶିତ ଉତ୍ତାରୁ...*

ଏହିଭଳି ଭାବରେ ବଜ୍ରଯାନ ଶିକ୍ଷା ଓ ପରମ୍ପରା ଦ୍ୱାରା ସଂପୂର୍ଣ୍ଣ ରୂପାନ୍ତରିତ ହୋଇଥିବା ପଦ୍ମସମ୍ଭବ ହେଉଛନ୍ତି ଉଭୟ ଜନ୍ମଶୂନ୍ୟ ତଥା ମୃତ୍ୟୁଶୂନ୍ୟ। ସେ ଗୋଟିଏ ଆକୃତିରେ ଅନ୍ତର୍ଦ୍ଧାନ ହୋଇପାରନ୍ତି। ପୁଣି ବହୁପ୍ରକାରର ଆକୃତିରେ ପୁନଃଆବିର୍ଭାବ ହୋଇପାରନ୍ତି। ତାଙ୍କ ଜ୍ଞାନ, ଶିକ୍ଷା ତଥା ସାଧନା ଦ୍ୱାରା ସୃଷ୍ଟ ପ୍ରବୁଦ୍ଧ ଶିଷ୍ୟଗୋଷ୍ଠୀ ସମଗ୍ର ବିଶ୍ୱରେ ତାଙ୍କ ମହତ୍ତ୍ୱର ଆଲୋକ ବିଚ୍ଛୁରିତ କରି ଚାଲିଛନ୍ତି। ଏହା ଫଳରେ ସମସ୍ତ ଜୀବିତ ମନୁଷ୍ୟ ପାଇଁ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସବୁକାଳରେ ଜଣେ ଜଣେ ପଦ୍ମସମ୍ଭବ ଉପସ୍ଥିତ ହୋଇପାରିବେ।

ଗୁରୁ ପଦ୍ମସମ୍ଭବଙ୍କ ଜୀବନ ଯେପରି ଚମକପ୍ରଦ, ତାଙ୍କର ତିବ୍ବତ ପରିତ୍ୟାଗ ମଧ୍ୟ ସେହିଭଳି ଏକ ବିସ୍ମୟଜନକ ବ୍ୟାପାର। ତିବ୍ବତରେ ସେ ପ୍ରାୟ ପଚାଶ ବର୍ଷ କାର୍ଯ୍ୟନିର୍ବାହ ପାଇଁ ନିବାସ କରିବା ପରେ ଏବଂ



## ଦ୍ୱିତୀୟ-ବୁଦ୍ଧ କଥା

ଲାମା ଧର୍ମକୁ ସେଠାରେ ଅତ୍ୟନ୍ତ ଦୃଢ଼ଭିତ୍ତିର ସହ ପ୍ରତିଷ୍ଠା କରିବା ପରେ ଏବଂ ତାହାକୁ ସମସ୍ତ ନିରାପତ୍ତାର ସହ ବ୍ୟବସ୍ଥିତ କରିସାରିବା ପରେ ଖ୍ରୀ ୮୦୨ ରେ ସମସ୍ତ ତିବ୍ବତୀୟଙ୍କୁ ଦୁଃଖ ସାଗରରେ ଭସାଇ ଅନ୍ୟସ୍ଥାନରେ ବୌଦ୍ଧ ଧର୍ମର ସଂସ୍ଥାପନ ନିମିତ୍ତ ତିବ୍ବତରୁ ତାଙ୍କର ବିଦାୟ ନେବାର ସମୟ ହୋଇଗଲା ବୋଲି ସେ ଘୋଷଣା କରିଦେଲେ। ତାଙ୍କର ଦୁଇ ପରମପ୍ରିୟା ସହଚରୀ ଜଣେ ପତ୍ନୀ ମନ୍ଦରଭା ଓ ଅନ୍ୟ ଜଣକ ହେଲେ ତାଙ୍କର ଅତ୍ୟନ୍ତ ବିଶ୍ୱାସଯୋଗ୍ୟା ସହାୟିକା ବା ସହକର୍ମୀ ତଥା ପରମ-ଭକ୍ତ ୟେଶେ ସୋଗ୍ୟାଲ ଏହି ଦୁହିଁଙ୍କ ଗହଣରେ ସେ ତିବ୍ବତର ଉତ୍ତର ପାଖରେ ଥିବା ମଙ୍ଗ୍-ୟୁଲରେ ରହିଥିବା ଗୁଙ୍ଗ୍-ଥାଙ୍ଗ-ଲା ନିକଟରେ ପହଞ୍ଚିଲେ। ସେଠାରେ ପଦ୍ମସମ୍ଭବ ରାଜା, ଧର୍ମାଧୀଶଗଣ ଓ ଜମା ହୋଇଥିବା ସମସ୍ତଙ୍କୁ ବିଦାୟ ଜଣାଇବା ସହ ସମସ୍ତଙ୍କ ପାଇଁ ତାଙ୍କର ବିଦାୟବେଳର ଉପଦେଶ ରହିଲା, 'ଯାହାସବୁ ଧର୍ମଶିକ୍ଷା ପାଇଛ ତା'କୁ ବଜାୟ ରଖିବା, ଯାହା ସବୁ ଗୁପ୍ତବିଦ୍ୟାର ଭଣ୍ଡାର ଦେଶସାରା ବିଭିନ୍ନ ସ୍ଥାନରେ ଲୁକ୍କାୟିତ ହୋଇ ରଖାଯାଇଛି ଉପଯୁକ୍ତ ସମୟରେ ସେ ସବୁର ପ୍ରକଟନ ଏବଂ ପ୍ରଚାର ପ୍ରସାର କରାଇବା ଆବଶ୍ୟକ।' ଏହା କହି ଅଶ୍ୱଚାଳିତ ଯାନରେ ଆରୋହଣ କରି ସ୍ୱଳ୍ପସଂଖ୍ୟକ ସହାୟକଙ୍କ ସହ ଦକ୍ଷିଣ ପଶ୍ଚିମ ଦିଗକୁ ଯାତ୍ରା ଆରମ୍ଭ କଲେ। ମନ୍ଦରଭା ସଂଗରେ ରହିଲେ; ମାତ୍ର ୟେଶେ ତିବ୍ବତରେ ହିଁ ଗୁରୁଙ୍କ ଉପଦେଶ ଓ ନିର୍ଦ୍ଦେଶ ମୁତାବକ ସମସ୍ତ କାର୍ଯ୍ୟର ସଞ୍ଚାଳନ ନିମନ୍ତେ ରହିଲେ।

ସାଧାରଣ ଭାବେ ଦର୍ଶାଯାଇଛି ଯେ ବୌଦ୍ଧଧର୍ମର ପ୍ରବେଶ ଓ ବିସ୍ତାରକୁ ତିବ୍ବତରେ ବିରୋଧ କରୁଥିବା ଶକ୍ତିସବୁକୁ ସଂପୂର୍ଣ୍ଣଭାବେ ପଦ୍ମସମ୍ଭବ ଆୟତ୍ତ କରିଥିଲେ। ତଥାପି ମଧ୍ୟ ଅଭିଜାତ ଗୋଷ୍ଠୀର କେତେକ ପ୍ରଭାବଶାଳୀ ବ୍ୟକ୍ତି ପଦ୍ମସମ୍ଭବଙ୍କ କାର୍ଯ୍ୟଧାରାକୁ ବିରୋଧ କରୁଥିଲେ ଏବଂ ତାଙ୍କ ବିରୋଧରେ ରାଜାଙ୍କ କାନରେ ବାରମ୍ବାର ଅନେକ ଅଭିଯୋଗମୂଳକ ବିଷୟ ପକାଇ ରାଜାଙ୍କ ମନକୁ ବିଷାକ୍ତ କରାଉଥିଲେ। ମାତ୍ର ରାଜା ସେସବୁକୁ କର୍ଣ୍ଣପାତ ନ କରି ଗୁରୁଙ୍କ ପ୍ରତ୍ୟାବର୍ତ୍ତନର ସମସ୍ତ ସୁବ୍ୟବସ୍ଥା କରାଇଥିଲେ।(ସମାପ୍ତ)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଫୁଲବାଣୀ ସର୍କଲ ଜେଲକୁ ସ୍ଥାନାନ୍ତର ହେଲେ ପିଣ୍ଟୁ ଦାଶ

ଫୁଲବାଣୀ, ୩୧।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ଅନ୍ୟତମ ଅଭିଯୁକ୍ତ ତଥା ବ୍ରହ୍ମପୁର ମହାନଗର ନିଗମର ପୂର୍ବତନ ମେୟର୍ ଶିବଶଙ୍କର ଦାଶ



ଓରଫ୍ ପିଣ୍ଟୁ ଦାଶଙ୍କୁ ଶୁକ୍ରବାର ଫୁଲବାଣୀ ସର୍କଲ ଜେଲକୁ ସ୍ଥାନାନ୍ତର କରାଯାଇଛି। କଡ଼ା ସୁରକ୍ଷାବଳୟ ମଧ୍ୟରେ ତାଙ୍କୁ ବ୍ରହ୍ମପୁରରୁ ଫୁଲବାଣୀ ଅଣାଯାଇଛି। ସକାଳ ୮ଟା ୧୫ରେ ବ୍ରହ୍ମପୁର ଜେଲରୁ ବାହାରି ଦିନ ୧୧ଟା ୫୦ରେ ଫୁଲବାଣୀ ଜେଲକୁ ନିଆଯାଇଥିଲା। ପିଣ୍ଟୁଙ୍କ ଉପସ୍ଥିତି ଦୃଷ୍ଟିରୁ ଫୁଲବାଣୀ ମଣ୍ଡଳ କାରାଗାରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡି କରାଯାଇଛି। ଜେଲ ଅଧିକାରୀଙ୍କ ସୂଚନା ଅନୁସାରେ, ଜେଲର ଅନ୍ତେବାସୀ କ୍ଷମତା ୩୭୦ ଥିବା ବେଳେ ପିଣ୍ଟୁଙ୍କ ମିଶାଇ ବର୍ତ୍ତମାନ ଏଠାରେ ୨୭୯ଜଣ କଏଦୀ ଅଛନ୍ତି। ପିଣ୍ଟୁଙ୍କ ପାଇଁ ସେମିତି କିଛି ସ୍ୱତନ୍ତ୍ର ବ୍ୟବସ୍ଥା ହୋଇନଥିବା ଜେଲ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟ କଏଦୀଙ୍କ ଭଳି ଏକ ୱାର୍ଡରେ ତାଙ୍କୁ ରଖାଯାଇଛି।

ସୂଚନାଯୋଗ୍ୟ, ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡା ହତ୍ୟା ମାମଲାରେ ଗତ ୨୨ ତାରିଖରେ ଅନ୍ୟମାନଙ୍କ ସହ ପିଣ୍ଟୁଙ୍କୁ ପୁଲିସ ଗିରଫ କରିଥିଲା। ସେଠାରେ ତାଙ୍କ ଜୀବନ ପ୍ରତି ବିପଦ ଆଶଙ୍କାରେ ତାଙ୍କୁ ଅନ୍ୟ ଜେଲକୁ ସ୍ଥାନାନ୍ତର ପାଇଁ ଯୋଜନା କରାଯାଇଥିଲା। ପ୍ରଥମେ ଭଞ୍ଜନଗର କିମ୍ବା ଆସିକା ଜେଲକୁ ପଠାଇବାକୁ ଚିନ୍ତା କରାଯାଇଥିବା ବେଳେ ଶେଷରେ ଫୁଲବାଣୀ ମଣ୍ଡଳ କାରାଗାରକୁ ସ୍ଥାନାନ୍ତର କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ପୁଲିସର କଡ଼ା ସୁରକ୍ଷାବଳୟ ଭିତରେ ତାଙ୍କୁ ଫୁଲବାଣୀ ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ଫଳରେ ପିଣ୍ଟୁ ଦାଶଙ୍କ ଠିକଣା ବଦଳିଛି।

# ଜୟୀ ରାଜଗୁରୁଙ୍କ ଜୀବନୀ ଓ ବୀରତ୍ୱର ପଟାନ୍ତର ନାହିଁ

ଭୁବନେଶ୍ୱର,୩୧।୧୦(ସମିସ): ପବିତ୍ର ଓଡ଼ିଶା ମାଟି ଅନେକ ବୀର ପୁରୁଷଙ୍କୁ ଜନ୍ମ ଦେଇଛି। ଦେଶ ପ୍ରେମରେ ଜୀବନକୁ ଆଲୋକରେ ଉଦ୍ଭାସିତ କରିଥିବା, ଚିନ୍ତାର ଉଚ୍ଚତମ ଶୃଙ୍ଗକୁ ସ୍ପର୍ଶ କରିଥିବା, ଦୃଢ଼ ସଂକଳ୍ପର ପରିଚୟ ଦେଇଥିବା ସେହିପରି ଜଣେ ପ୍ରଜ୍ଞାଦୀପ୍ତ ବ୍ୟକ୍ତିତ୍ୱ ଥିଲେ ବିପ୍ଳବୀ ଜୟୀ ରାଜଗୁରୁ। ସାରା ଦେଶ ଯେତେବେଳେ ଇଂରେଜମାନଙ୍କ ଅଧୀନକୁ ଆସି ଯାଇଥିଲା, ସେତେବେଳେ ଖୋର୍ଦ୍ଧା ମାଟିରୁ ବିଦ୍ରୋହର ଅଗ୍ନି ସ୍ଫୁଲିଙ୍ଗ ନିର୍ଗତ ହୋଇଥିଲା। ଜୟୀ ରାଜଗୁରୁଙ୍କ ଜୀବନୀ ଓ ବୀରତ୍ୱର ପଟାନ୍ତର ନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଶୁକ୍ରବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ମହାନ ବିପ୍ଳବୀ ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରୀ ଗଜପତି ଦିବ୍ୟସିଂହ ଦେବ କହିଲେ ଯେ ଜାତି ଉଦ୍ଦେଶ୍ୟରେ ଯେଉଁ




ମହାନ ବ୍ୟକ୍ତିମାନେ ତାଙ୍କ ତ୍ୟାଗ, ବଳିଦାନ ସହିତ କାର୍ତ୍ତି ଓ ସଂସ୍କୃତିକୁ ଉଜ୍ଜୀବିତ କରିଛନ୍ତି

**ରାଜ୍ୟସ୍ତରୀୟ ଜୟନ୍ତୀରେ ମହାନ ବିପ୍ଳବୀଙ୍କୁ ଶ୍ରଦ୍ଧାଞ୍ଜଳି**

ତାଙ୍କ ମହିମା ଗାନ କରିବାର ଆବଶ୍ୟକତା ରହିଛି। ବୀର ପାଇକମାନଙ୍କୁ ଏକାଠି କରି ଜୟୀ ରାଜଗୁରୁ ଇଂରେଜମାନଙ୍କ ବିରୋଧରେ ଯେଉଁ ସଂଗ୍ରାମ ଆରମ୍ଭ କରିଥିଲେ ତାହା ସାରା ଇଂରେଜ ଶାସନକୁ ହତବାକ୍ କରିଦେଇଥିଲା। ତେଣୁ ଏହି ବୀରତ୍ୱର ଗାଥାକୁ ସମଗ୍ର ଭାରତ ବର୍ଷ ଜାଣିବାର ଆବଶ୍ୟକତା ରହିଛି। ଏଥିପାଇଁ ଗବେଷକମାନେ ଆଗେଇ ଆସିବା ଦରକାର। ବିପ୍ଳବୀଙ୍କ ପାଇଁ ଉପଯୁକ୍ତ ସ୍ଥାନ ଇତିହାସରେ ମିଳିବା ଦରକାର। ଐତିହ୍ୟ ବଞ୍ଚିଲେ ଜାତି ବଞ୍ଚିବ, ଜାତି ବଞ୍ଚିଲେ ଆମ କୀର୍ତ୍ତି ଓ ସଂସ୍କୃତି ସୁରକ୍ଷିତ ରହିବ। ଏଥିପାଇଁ ବିଦ୍ୟାଳୟ, ମହାବିଦ୍ୟାଳୟ, ଏବଂ ବିଶ୍ୱ ବିଦ୍ୟାଳୟ ସ୍ତରରେ ଉପଯୁକ୍ତ ଭାବେ ଜୟୀ ରାଜଗୁରୁଙ୍କ ବଳିଦାନ ସ୍ଥାନିତ ହେବା ଆବଶ୍ୟକ ବୋଲି କହିବା ସହିତ ଏଭଳି ମହାପୁରୁଷଙ୍କ କୀର୍ତ୍ତି ସମସ୍ତଙ୍କୁ ଅନୁପ୍ରାଣିତ କରୁ ବୋଲି ଗଜପତି ଦିବ୍ୟସିଂହ ଦେବ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସାହିତ୍ୟିକ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଶିକ୍ଷାବିତ ତଥା ଗବେଷକ ଅନିଲ ଧୀର ପ୍ରମୁଖ ଯୋଗଦେଇ ଜୟୀ ରାଜଗୁରୁଙ୍କୁ ଜଣେ ବିଶିଷ୍ଟ ଦେଶଭକ୍ତ, ରାଜଭକ୍ତ ଓ ଜାତିଭକ୍ତ ବୋଲି କହିବା ସହ ଜୟଗୁରୁଙ୍କ ଉପରେ ଅଧିକ ଗବେଷଣା ଆବଶ୍ୟଜ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ ଜୟୀ ରାଜଗୁରୁଙ୍କ ବଳିଦାନ ସମ୍ପର୍କିତ ଏକ ଇଂରାଜୀ ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହାସହ ଗବେଷଣା ଓ ଅନୁସନ୍ଧାନ କ୍ଷେତ୍ରରେ ୫ ଜଣ ବରିଷ୍ଠ ଐତିହାସିକମାନଙ୍କୁ ପରିଷଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ 'ଜୟୀ ରାଜଗୁରୁଙ୍କ ଜୀବନୀ ଓ କାର୍ଯ୍ୟାବଳୀ' ସମ୍ପର୍କିତ ଆଲୋଚନାଚକ୍ରରେ ପ୍ରାକ୍ତନ କୁଳାଧିପତି ଡ. ପ୍ରଫୁଲ୍ଲ କୁମାର ମିଶ୍ର, ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ମେଜର ପୁଷ୍ପଲତା ଦତ୍ତ, କୁଜଙ୍ଗ ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଡ. ସସ୍ମିତା ସାହୁଙ୍କ ସମେତ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଜୟୀ ରାଜଗୁରୁଙ୍କ ଜୀବନଆଦର୍ଶ ଉପରେ ଆଲୋଚନା କରିଥିଲେ। ଶେଷରେ ପରିଷଦର ସମ୍ପାଦକ ଜଟାଧାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହରେ ବିଭାଗର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତି, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଲାଞ୍ଚ ନେଇ ଧରାପଡ଼ିଲେ ପ୍ରଧାନଶିକ୍ଷକ

ବାଲିଗୁଡ଼ା, ୩୧।୧୦ (ସମିସ): ନିଜ ସ୍କୁଲ କର୍ମଚାରୀଙ୍କଠାରୁ ୪ହଜାର ଟଙ୍କା ଲାଞ୍ଚ ନେଇ ଜଣେ ପ୍ରଧାନ ଶିକ୍ଷକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସେ ହେଲେ, କନ୍ଧମାଳ ଜିଲ୍ଲା ବୁଢ଼ାଗୁଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁମାରମଣି ମଲ୍ଲିକ। ନିଜ ସ୍କୁଲର ଜଣେ କର୍ମଚାରୀଙ୍କ ଉପସ୍ଥାନକୁ ନିୟମିତ କରାଇବା ଏବଂ ଗତ ୨ ମାସର ଦରମା ଉଠାଇବାରେ ସହଯୋଗ କରିବା ଲାଗି ସେ ୪ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଟଙ୍କା ନ ଦେଲେ ଦରମା ଉଠାଇ ପାରିବ ନାହିଁ ବୋଲି ପ୍ରଧାନ ଶିକ୍ଷକ ଶ୍ରୀ ମଲ୍ଲିକ ରୋକଠୋକ୍ ମନା କରିଦେଇଥିଲେ। କୌଣସି ଉପାୟ ନପାଇ କର୍ମଚାରୀଜଣଙ୍କ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ତାଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। କର୍ମଚାରୀଜଣଙ୍କ ପ୍ରଧାନ ଶିକ୍ଷକଙ୍କୁ ଫୋନ୍-ପେ' ଜରିଆରେ ୪ ହଜାର ଟଙ୍କା ପଠାଇଥିଲେ। ଭିଜିଲାନ୍ସ ପ୍ରଧାନଶିକ୍ଷକଙ୍କ ଉକ୍ତ ଫୋନକୁ ଜବତ କରିଛି। ଏହା ପରେ ଭିଜିଲାନ୍ସ ପକ୍ଷରୁ କୁମାରମଣିଙ୍କ ୩ଟି ଠିକଣାରେ ଚଢ଼ଉ କରାଯାଇଛି। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଆସନ୍ନ ପରାଜୟକୁ ନେଇ ବିଜେପି ଭୟଭୀତ: ପ୍ରୀତିରଞ୍ଜନ

## ଆମକୁ ଡରାଇ ଭୋଟ ହାତେଇବା ରାଜନୀତିକୁ ଲୋକେ ଜବାବ ଦେବେ

ନୂଆପଡ଼ା, ୩୧।୧୦ (ସମିସ): ବିଜେପି ଜାଣିସାରିଲାଣି ନୂଆପଡ଼ାରେ ବିଜେଡିର ବିଜୟ ସୁନିଶ୍ଚିତ। ସେଥିପାଇଁ ପୁଲିସ ପ୍ରଶାସନକୁ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରୁଛି। ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼େଇ ଏହା କହିଛନ୍ତି। ଶ୍ରୀ ଘଡ଼େଇ କହିଛନ୍ତି, ନୂଆପଡ଼ା ଭୋଟ୍ ଗ୍ରହଣ ପୂର୍ବରୁ ବିଜେପି ଦେଖାଇଦେଲା ଯେ ଓଡ଼ିଶାରେ ଗଣତନ୍ତ୍ର ଆଉ ସୁରକ୍ଷିତ ନୁହେଁ। ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବା ବେଳେ ରାତିଅଧିଆ ଏପରି ଜଣେ ଆଇପିଏସ୍ ଅଧିକାରୀଙ୍କୁ ଏଠି ନିର୍ବାଚନ ଦାୟିତ୍ୱ ଦିଆଯାଉଛି, ଯାହାଙ୍କ ସ୍ୱଚ୍ଛତା ଉପରେ ବିରାଟ ପ୍ରଶ୍ନବାଚୀ ଲାଗିଛି। ନୂଆପଡ଼ାର ଆରକ୍ଷୀ ଅଧୀକ୍ଷକ ତାଙ୍କୁ ସହଯୋଗ



କରି ବିରୋଧୀଦଳ ନେତାଙ୍କୁ ନିର୍ଯାତନା ଦେଉଛନ୍ତି। ବିନା ଆଦେଶରେ ଚଢ଼ଉ କରୁଛନ୍ତି। ବିଜେପି ପ୍ରତି ନିଜ ଆନୁଗତ୍ୟ ପ୍ରମାଣ କରିବା ପାଇଁ ବିଜେଡି ନେତାଙ୍କୁ ହଇରାଣ କରୁଛନ୍ତି। ଆଜି ବେଆଇନ ଭାବେ ମୁଁ ରହୁଥିବା ସ୍ଥାନରେ ଯେପରି ଚଢ଼ଉ କରାଗଲା, ତାହା ଅତ୍ୟନ୍ତ ନିନ୍ଦନୀୟ। ଓଡ଼ିଶା ଇତିହାସରେ କୁ-ପରମ୍ପରା ଆରମ୍ଭ କରୁଛି ବିଜେପି। ଶ୍ରୀ ଘଡ଼େଇ କହିଛନ୍ତି, ନିର୍ବାଚନ କମିଶନ ସବୁ ଦେଖୁଛନ୍ତି। ତୁରନ୍ତ ଏହି ଆଇପିଏସ ଅଧିକାରୀଙ୍କୁ ନିର୍ବାଚନ ଦାୟିତ୍ୱରୁ ହଟାନ୍ତୁ। ଗଣତନ୍ତ୍ରକୁ ସୁରକ୍ଷା ନଦେଲେ ଏହି ଅନୁଷ୍ଠାନ ଉପରୁ ଲୋକଙ୍କ ବିଶ୍ୱାସ ଭାଙ୍ଗିଯିବ। ନୂଆପଡ଼ାର ଲୋକେ ଶାନ୍ତି, ସମ୍ମାନ ଓ ସୁରକ୍ଷା ଚାହୁଁଛନ୍ତି। ବିଜେପି ସରକାର ଜାଣି ରଖନ୍ତୁ ଆମକୁ ଭୟଭୀତ କରି ଭୋଟ୍ ନିଜ ସପକ୍ଷରେ ନେବା ପାଇଁ ହୀନ ଉଦ୍ୟମ କରିବା କଦାପି ଗ୍ରହଣୀୟ ନୁହେଁ। ଲୋକେ କ୍ଷମା ଦେବେନି ବୋଲି ଶ୍ରୀ ଘଡ଼େଇ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ବିଧାୟକ ଗୌତମବୁଦ୍ଧ ଦାସ ଉପସ୍ଥିତ ଥିଲେ।


**AFFIDAVIT**
I, Pramodini Mohanty, W/o- Geetiranjan Mohanty, resident of At/Po- Kalyani Nagar, PS- Madhupatna, District- Cuttack, Pin-753013, Odisha declare by this affidavit No- 2489 dated 31/10/2025 that now onwards I shall be known as **Shruti Mohanty** for all future purposes.

**AFFIDAVIT**
I, Rajakishore Mohanty, S/o Ganeswar Mohanty, resident of AT/PO-Kalyani Nagar, PS- Madhupatna, District- Cuttack, Pin-753013, Odisha declare by this affidavit No- 2488 dated 31/10/2025 that now onwards I shall be known as **Braja Kishore Mohanty** for all future purposes.

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**Notice**
(Above 18 years of age)
By Virtue of an Affidavit sworn before the Executive Magistrate, Udala,Mayurbhanj, dated 30.10.2025, I, Umakanta Sahu, Address At/ Po- Dhanghera , Ps- Udala, Dist- Mayurbhanj, Pin-757087 declare that I have changed my name Sipu Sahu to Umakanta Sahu. Henceforth I shall be known as **Umakanta Sahu** for all purposes.
**Umakanta Sahu**

**AFFIDAVIT**
By virtue of an Affidavit before Notary Public, Malkangiri, **I, Rinku Dhali**, aged about 24 years, W/o.: Dhananjaya Dhali, D/o.: Ramababu Biswas, resident of Village: M.P.V-77, PO.: Telarai, P.S: M.V-79, Dist: Malkangiri, Odisha, declare by this Affidavit No.: 1635/2025, Dated: 30.10.2025 that I have changed my name from Rinku Biswas to **Rinku Dhali.** Henceforth I shall be known as **Rinku Dhali** for all future purposes.

**AFFIDAVIT**
I, Mira Das, W/O-Nirmal Kumar Mohakud, resident of staff Qtrs-S/18, KIMS Campus-5, KIIT, Patia, Bhubaneswar-24, Odisha, declare by this affidavit no.-381, Dated. 11.10.2025 that, now onwards I shall be known as **Mirabai Das** for all future purposes.

**AFFIDAVIT**
By virtue of an Affidavit before Notary Public, Malkangiri, **I, Ananda Madhi**, aged about 23 years, S/o.: Beera Madhi, resident of Village: Kurub, PO.: Telarai, P.S: M.V-79, Dist: Malkangiri, Odisha, declare by this Affidavit No.: 1655/2025, Dated: 30.10.2025 that I have changed my name from Adama Madi to **Ananda Madhi.** Henceforth I shall be known as **Ananda Madhi** for all future purposes.

**AFFIDAVIT**
By virtue of an affidavit sworn before the Executive Magistrate, Berhampur on dtd.30.10.2025, I, Tapan Ranjan Sahoo, S/o- Pramod Kumar Sahoo, At- Chakamadhupr, P.O.-Madhupr, P.S.-Mahanga, Dist.-Cuttack do hereby declare that my father's correct name is Pramod Kumar Sahoo but in my H.S.C. Certificate it wrongly mentioned as Pramoda Kumar Sahoo. That both the names are one and same person.
**Sd/- Tapan Ranjan Sahoo**

**AFFIDAVIT**
I Kanduru Majhi, At-Kailashchandrapur, Budhikhamari, Dist - Mayurbhanj, Odisha, Pin - 757029 declared by affidavit before in The court of Executive Magistrate Baripada, Si No -1495, dtd - 15/09/2025 that my actual name is KANDURU MAJHI, S/O RUHYA MAJHI which is mentioned in my Aadhaar card and voter card.That my name wrongly mentioned as KANDRU MAJHI SRIDHAR S/O RUHIA MAJHI in my Driving License No - OR1120000006889. That I declared that KANDURU MAJHI, S/O RUHYA MAJHI and KANDRU MAJHI SRIDHAR, S/O RUHIA MAJHI is same and one person for all purpose.
**Sd/- Kanduru Majhi**

**AFFIDAVIT**
By virtue of an affidavit (CF No. 43) sworn before The Executive Magistrate, Bhubaneswar dated- 29/10/2025. I, **Deepti Verma,** W/o Amar Verma, Address: Plot No. 5/280, Gopinathpur, Ghodapadiya, Near Ruchika Restaurant, Dhauli, Bhubaneswar, Dist-Khordha, PIN- 751012, Odisha declare that I have changed my name from **Deepti Singh Bhadauriya** to **Deepti Verma.** Henceforth, I shall be known as **Deepti Verma** (new name) for all purposes.
**Deepti Verma**


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚିନ୍ତା ବଢ଼ାଇଲା...

ସାମ୍ନାକୁ ଆସିଛି। ଏଠାରେ ରହୁଥିବା ପ୍ରତ୍ୟେକ ପରିବାରର ୪ ଜଣରୁ ୩ ଜଣ ଅସୁସ୍ଥ ଅନୁଭବ କରୁଛନ୍ତି। ୭୫ ପ୍ରତିଶତ ଘରେ କେହି ଜଣେ ଭୂତାଣୁ ଜନିତ ରୋଗର ଶିକାର ହୋଇଛନ୍ତି ବୋଲି ଏକ ସର୍ଭେରୁ ଜଣାପଡ଼ିଛି।

ରିପୋର୍ଟ ଅନୁଯାୟୀ ବାୟୁମଣ୍ଡଳରେ ଥିବା ବିଷାକ୍ତ ବାୟୁ ଓ ମୌସୁମୀ ଜନିତ ଭୂତାଣୁ ତଥା ଋତୁ ପରିବର୍ତ୍ତନ ଜନିତ ସଂକ୍ରମଣରେ ପୀଡ଼ିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ପୂରା ଅଞ୍ଚଳରେ ସ୍ୱାସ୍ଥ୍ୟ ଜନିତ ସମସ୍ୟା ସୃଷ୍ଟି ହୋଇଛି। ଦିଲ୍ଲୀ, ଗୁରୁଗ୍ରାମ, ନୋଏଡା, ଫରିଦାବାଦ୍ ଓ ଗାଜିଆବାଦ୍‌ରେ ୧୫, ୦୦୦ ଲୋକଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା। ଗତ ମାସ ମଧ୍ୟରେ ଏହି ଅଞ୍ଚଳରେ ବ୍ୟାପକ ଭାବେ ଅସୁସ୍ଥତା ବୃଦ୍ଧି ପାଇଛି ବୋଲି ସର୍ଭେରେ ଉଲ୍ଲେଖ କରାଯାଇଛି। ସେପ୍ଟେମ୍ବର ଶେଷ ଆଡକୁ ୫୬ ପ୍ରତିଶତ ପରିବାରେ ଜଣେ କିମ୍ବା ଅଧିକ ଲୋକ ଅୁସସ୍ଥତା ଅନୁଭବ କରୁଥିଲେ। କିନ୍ତୁ ଏବେ ଏହା ୭୫ ପ୍ରତିଶତକୁ ବୃଦ୍ଧି ପାଇଛି। ଅର୍ଥାତ ଦିଲ୍ଲୀରେ ଏବେ ୭୫ ପ୍ରତିଶତ ଘରେ ଜଣେ ଭୂତାଣୂ ଜନିତ ରୋଗର ଶିକାର ହୋଇଛନ୍ତି ବୋଲି ଜଣାପଡ଼ିଛି। ଡାକ୍ତରମାନେ ଏଚ୍୩ଏନ୍୨ ଇନଫ୍ଲୁଏଞ୍ଜା ଓ ଅନ୍ୟାନ ଭାଇରାଲ ସଂକ୍ରମଣ ନିରନ୍ତର ବୃଦ୍ଧି ପାଉଛି ବୋଲି ରିପୋର୍ଟ କରୁଛନ୍ତି। ଲଗାତର ଜ୍ୱର, କାଶଠାରୁ ଆରମ୍ଭ କରି ଗଳା ଯନ୍ତ୍ରଣା ଓ ଥକ୍କାପଣର ଲକ୍ଷଣ ଦେଖିବାକୁ ମିଳୁଛି। ଏପରିସ୍ଥଳେ ପ୍ରଦୂଷଣ ଦୂର ନ ହେବା ପର୍ଯ୍ୟନ୍ତ ଏହି ସମସ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି।

### 'ଟାଇମ୍'ର ପ୍ରଭାବଶାଳୀ...

ଗିରଫ କରାଯାଇଥିଲା। ଏବେ ତାଙ୍କୁ ଯୋଧପୁର କେନ୍ଦ୍ରୀୟ ଜେଲ୍‌ରେ ରଖାଯାଇଛି। ୱାଙ୍ଗଚୁକ୍‌ଙ୍କ ଜୀବନୀ ଓ ସଂଘର୍ଷକୁ ଭିତ୍ତି କରି ଲୋକପ୍ରିୟ ଚଳଚ୍ଚିତ୍ର '୩ ଇଡିୟଟ୍ସ' ନିର୍ମାଣ କରାଯାଇଥିଲା। ତାଙ୍କ ଭୂମିକାରେ ସୁପରଷ୍ଟାର ଅମୀର ଖାନ୍ ଅବତୀର୍ଣ୍ଣ ହୋଇଥିଲେ। ଏହି ଚଳଚ୍ଚିତ୍ର ସୁପରହିଟ୍ ହୋଇଥିଲା। ଲଦାଖକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଏବଂ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦରେ ସାମିଲ କରିବାକୁ ସୋନମ ଦାବି କରିଆସୁଛନ୍ତି। ବିଜେପି ଏହି ମାନ୍ୟତା ଦେବାକୁ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏବେ ସେଥିରୁ ଓହରି ଯାଇଛି।

### ଭାରତ-ଆମେରିକା...

ନେବେ ଏବଂ ସମରାଭ୍ୟାସ କରିବେ। ଦୁଇ ଦେଶ ମିଳିତ ଭାବେ ଅସ୍ତ୍ରଶସ୍ତ୍ର, ପ୍ରତିରକ୍ଷା ଉପକରଣ ଏବଂ ନୂଆ ଜ୍ଞାନକୌଶଳ ପ୍ରସ୍ତୁତ କରିବେ। ଆମେରିକା ନିଜର କିଛି ଉନ୍ନତ ପ୍ରତିରକ୍ଷା ଜ୍ଞାନକୌଶଳକୁ ଭାରତ ସହ ସେୟାର କରିବ। ଭାରତ ଏବଂ ଆମେରିକାର ଏଜେନ୍ସିଗୁଡିକ ପରସ୍ପରକୁ ସୁରକ୍ଷା ସମ୍ବନ୍ଧିତ ସୂଚନା ପ୍ରଦାନ କରିବେ। ହେଗସେଥ୍ କହିଥିଲ ଯେ ଏହି ପ୍ରତିରକ୍ଷା ଚୁକ୍ତି ଦ୍ୱାରା ଦୁଇ ଦେଶ ମଧ୍ୟରେ ସହଯୋଗ ଅଧିକ ମଜବୁତ ହେବ। ଦୁଇ ଦେଶ ମଧ୍ୟରେ ସମନ୍ୱୟ, ମିଳିତ ସୂଚନା ପ୍ରଦାନ ଏବଂ ଜ୍ଞାନକୌଶଳ ସହଯୋଗରେ ନୂଆ ଯୁଗ ଆରମ୍ଭ ହେବ। ଏହି ଚୁକ୍ତି ପାଇଁ ରାଜନାଥ ତାଙ୍କ ସମକକ୍ଷ ହେଗ୍‌ସେଥଙ୍କୁ ଧନ୍ୟବାଦ ଦେଇଛନ୍ତି। ସେ କହିଛନ୍ତି ଯେ ଏହା ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ସମ୍ବନ୍ଧ ମଧ୍ୟରୁ ଅନ୍ୟତମ। ଦୁଇ ଦେଶ ପରସ୍ପରକୁ ଭରସା କରନ୍ତି ଏବଂ ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ସୁରକ୍ଷା ଏବଂ ଶାନ୍ତି ଚାହାନ୍ତି। ଏହା ଦ୍ୱାରା ଭାରତର 'ଆକ୍ଟ ଇଷ୍ଟ ପଲିସି'କୁ ବଳ ମିଳିବ।

### ମୁଇଁ ଆସୁଛେଁ...

ଆପଣମାନେ ଖୁସି ତ?" ନବୀନଙ୍କ ଏହି ବାର୍ତ୍ତା ପରେ ସାରା ନୂଆପଡ଼ାରେ ବିଜେଡି ଶିବିରରେ ଉତ୍ସାହ ଭରିଯାଇଛି। ବିଜେଡି ନେତା ଓ କର୍ମୀମାନେ ନବୀନଙ୍କ ଏହି ଭିଡିଓକୁ ସୋସିଆଲ ମିଡିଆରେ ସେୟାର କରିବା ସହିତ ନବୀନଙ୍କ ଗସ୍ତକୁ ସାରା ନୂଆପଡ଼ାବାସୀ ଚାହିଁ ରହିଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକ ୩ ତାରିଖରେ କୋମନାରେ ଜନସଭାକୁ ସମ୍ବୋଧିତ କରିବେ ଓ ଆସନ୍ତା ୭ ତାରିଖରେ ନୂଆପଡ଼ାରୁ ଖରିଆର ରୋଡ୍ ପର୍ଯ୍ୟନ୍ତ ଏକ ବିଶାଳ ରୋଡ୍‌ଶୋ' କରିବେ। ମୁଖ୍ୟମନ୍ତ୍ରୀ ଥିବାବେଳେ ନବୀନ ପଟ୍ଟନାୟକ ୨୦୨୪ ଫେବ୍ରୁଆରୀ ମାସରେ ନୂଆପଡ଼ା ଜିଲ୍ଲାର ବିକାଶମୂଳକ କାର୍ଯ୍ୟ ପାଇଁ ୪୮୦ କୋଟି ଟଙ୍କା ମଞ୍ଜୁର କରିଥିଲେ। ଏହା ବ୍ୟତୀତ ପ୍ରତ୍ୟେକ ପଞ୍ଚାୟତକୁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ୫୦ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ଦିଆଯାଇଥିଲା। ମାତ୍ର ନବୀନ ପଟ୍ଟନାୟକଙ୍କ ସରକାର ପରିବର୍ତ୍ତନ ପରେ ଏହାମଧ୍ୟରୁ ଅନେକ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଆମ ଓଡ଼ିଶା ନବୀନ ଓଡ଼ିଶା ପରିବର୍ତ୍ତେ ଏବର ସରକାର ପ୍ରଚଳନ କରିଥିବା ବିକଶିତ ଗାଁରେ ମିଳିଥିବା ନାମମାତ୍ର ଅନୁଦାନ ବି ଏଯାଏ ପହଞ୍ଚିନାହିଁ। ଯାହାକୁ ନେଇ ଏବେ ସ୍ଥାନୀୟ ଜନସାଧାରଣ କ୍ଷୋଭ ପ୍ରକାଶ କରିଛନ୍ତି। ରାଜ୍ୟରେ ଏବେ ବି ଲୋକପ୍ରିୟତାରେ ନବୀନ ଏକ ନମ୍ବର ନେତା ଭାବେ ଗଣା ହେଉଥିବା ବେଳେ ନବୀନଙ୍କ ଆଗରେ ବିରୋଧୀଙ୍କ କୌଣସି କୌଶଳ କାମ ଦିଏନି। ଏଥର ମଧ୍ୟ ନବୀନଙ୍କ ଗସ୍ତ ନୂଆପଡ଼ାରେ ବିଜେପି ଓ କଂଗ୍ରେସର ଖେଳ ବିଗାଡ଼ିଦେବ ବୋଲି ରାଜନୈତିକ ସମୀକ୍ଷକମାନେ ଅଙ୍କ କଷିଛନ୍ତି। ନୂଆପଡ଼ାର ବିକାଶରେ ନବୀନଙ୍କ ଅନେକ ଅବଦାନ ରହିଛି। ବିଶେଷ ବିଜୁ ଏକ୍ସପ୍ରେସ୍ ୱେ ପଶ୍ଚିମ ଓଡ଼ିଶାର ଲାଇଫ୍ ଲାଇନ୍ ସାଜିଥିବା ବେଳେ ଏହା ନବୀନଙ୍କର ହିଁ ଅବଦାନ। ତେଣୁ ନବୀନଙ୍କ ଗସ୍ତରେ ନୂଆପଡ଼ାରେ ବିଜେଡି ଆହୁରି ଶସକ୍ତ ହେବାର ସମ୍ଭାବନା ରହିଛି। ନୂଆପଡ଼ା ଉପନିର୍ବାଚନ ପାଇଁ ୧୧ ତାରିଖରେ ଭୋଟ୍ ପଡ଼ିବ। ଏହାର ୪୮ ଘଣ୍ଟା ଅର୍ଥାତ ୯ ତାରିଖ ସନ୍ଧ୍ୟାରେ ଏଠାରେ ପ୍ରଚାର ସରିବ। ତେଣୁ ସବୁ ରାଜନୈତିକ ଦଳ ସେମାନଙ୍କ ପ୍ରଚାର କାମକୁ ଜୋରଦାର କରିଛନ୍ତି। ସଭା ସମିତି ସାଙ୍ଗକୁ ଘରକୁ ଘର ବୁଲି ପ୍ରାର୍ଥୀମାନେ ଭୋଟ ମାଗୁଛନ୍ତି।

### ଛାତ୍ରୀ ଅସଦାଚରଣ...

ସଭ୍ୟା ଚିରି ଫୋପାଡ଼ି ଦେବା ଏବଂ ଆପୋଷ ବୁଝାମଣା ପାଇଁ ଓଲଟା ଛାତ୍ରୀଜଣଙ୍କୁ କୁହାଯିବା ଘଟଣାକୁ ଛାତ୍ରଛାତ୍ରୀମାନେ ସହଜରେ ଗ୍ରହଣ କରିପାରିନଥିଲେ। ଏହାର ପ୍ରତିବାଦରେ ଆଜି ସେମାନେ ଧାରଣା ଦେଇଥିଲେ। ସକାଳ ୯ଟାରୁ ଅପରାହ୍ନ ୪ଟା ଯାଏଁ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଅନୁଷ୍ଠାନର ମୁଖ୍ୟ ଫାଟକ ସମ୍ମୁଖରେ ବସିଥିଲେ। ଖବର ପାଇ ଜିଲ୍ଲା ଅତିରିକ୍ତ ଏଏସ୍‌ପି ସ୍ୱସ୍ତିକ ପଣ୍ଡା, ଏସ୍‌ଡିପିଓ ଗୌରହରି ଦାସ, ଆଇଆଇସି ପ୍ରସନ୍ନ କୁମାର ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିଥିଲେ। କିନ୍ତୁ ଛାତ୍ରଛାତ୍ରୀମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପରେ ସ୍ଥାନୀୟ ବିଧାୟକ କାଡ୍ରକା ଆପଲାସ୍ୱାମୀ ଏବଂ ଜିଲ୍ଲା କଂଗ୍ରେସ କମିଟିର ବରିଷ୍ଠ ନେତୃବୃନ୍ଦ ଘଟଣାରେ ହସ୍ତକ୍ଷେପ କରିଥିଲେ। ପୀଡ଼ିତାଙ୍କ ସହ ବିଧାୟକ ଆଲୋଚନା କରି ନିରପେକ୍ଷ ତଦନ୍ତ ସହ ଦୋଷୀକୁ ଦଣ୍ଡ ଦିଆଯାଉ ବୋଲି ଦାବି କରିଥିଲେ। ଜିଲ୍ଲା ବିଜେଡି ନେତ୍ରୀ ତଥା ରାୟଗଡା ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା, ଅନସୂୟା ମାଝି ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ପୀଡିତାଙ୍କୁ ନ୍ୟାୟ ଦାବିରେ ଛାତ୍ରଛାତ୍ରୀଙ୍କୁ ସମର୍ଥନ କରିଥିଲେ। ସେହିପରି ପୀଡ଼ିତାଜଣଙ୍କ ଆଦିବାସୀ ସଂପ୍ରଦାୟର ହୋଇଥିବାରୁ ଜିଲ୍ଲା ଆଦିବାସୀ ମହାସଂଘ ମଧ୍ୟ ତୀବ୍ର ବିରୋଧ କରିଥିଲା। ଧାରଣା ବେଳେ ଛାତ୍ରୀଜଣଙ୍କ ଜିଲ୍ଲାପାଳଙ୍କ ସମ୍ମୁଖରେ ନିଜର ବୟାନ ଦେବାକୁ ରାଜି ହୋଇଥିବା କହି ଉପସ୍ଥିତ ମାଜିଷ୍ଟ୍ରେଟ୍, ପୁଲିସ ଅଧିକାରୀ ଛାତ୍ରୀଜଣଙ୍କୁ ଗାଡ଼ିରେ ନେଇଯାଉଥିବା ବେଳେ ଏହାକୁ ମହାସଂଘ ପ୍ରବଳ ବିରୋଧ କରିଥିଲା। ମହାସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ଗଙ୍ଗାଧର ପୁଆଲା, ମାଧାରାଓ କଣ୍ଡାଗରି, ହରପ୍ରସାଦ ହେପୃକା, ଶଙ୍କର ଜିଲାକାରା, ସତ୍ୟବାନ ମାଣ୍ଡାଙ୍ଗିଙ୍କ ସମେତ ଅନ୍ୟମାନେ ପୀଡ଼ିତାଙ୍କ ଅଭିଭାବକ ନ ଆସିବା ଯାଏଁ ସାଥିରେ ନ ନେଇ ଯିବାକୁ ଦାବି କରିଥିଲେ। ଛାତ୍ରଛାତ୍ରୀମାନେ ଏହାକୁ ସମର୍ଥନ କରିବାରୁ ବାଧ ହୋଇ ପୁଣିଥରେ ଅନୁଷ୍ଠାନ ଭିତରକୁ ପୀଡ଼ିତାଙ୍କୁ ନେଇ ରଖାଯାଇଥିଲା। ପରବର୍ତୀ ସମୟରେ ପୀଡ଼ିତାଙ୍କ ବାପା ଓ ତାଙ୍କ ପଞ୍ଚାୟତ ସରପଞ୍ଚ ପହଞ୍ଚିବା ପରେ ତାଙ୍କ ସହ ଆଲୋଚନା କରିଥିଲେ। ବାପାଙ୍କ କଥାରେ ପୀଡ଼ିତା ସାହସ ଦେଖାଇ ଥାନାରେ ଲିଖିତ ଅଭିଯୋଗ କରିବାକୁ କହିବା ପରେ ସମସ୍ତେ ଥାନାକୁ ଯାଇ ଏତଲା ଦିଆଯାଇଥିଲା।

### ୮ ବର୍ଷ ପରେ...

ସାଥୀମାନେ ଗୋଡ଼ିସାହିଠାରେ ଥିବା ଏକ ପାନ ଦୋକାନରେ ଆଲୋଚନା କରୁଥିବା ବେଳେ ବିପକ୍ଷ ଗୋଷ୍ଠୀ ତାଙ୍କୁ ଅତି ନିକଟରୁ ଗୁଳି କରିଥିଲେ। ଆହତ ସଲମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂପର୍କରେ ସଦର ଥାନାରେ ଅଭିଯୋଗ ହୋଇଥିଲା। ପରେ ଘଟଣାକୁ ସରକାର ଗୁରୁତ୍ୱର ସହ ନେଇ ଏହାର ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ପିପି ସୀତାକାନ୍ତ ଦାସ ପରିଚାଳନା କରୁଥିଲେ।

### ବ୍ରହ୍ମପୁର ଏସ୍‌ପିଙ୍କୁ...

ବୋଲି ହାଇକୋର୍ଟ ପ୍ରଶ୍ନ କରିଛନ୍ତି। ଆସନ୍ତା ନଭେମ୍ବର ୭ ତାରିଖ ସୁଦ୍ଧା ଏହି ସ୍ପଷ୍ଟୀକରଣ ଅଦାଲତରେ ଦାଖଲ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି।

ଉକ୍ତ ହତ୍ୟାକାଣ୍ଡ ସମ୍ପର୍କିତ ଏସ୍‌ପିଙ୍କ ସାମ୍ବାଦିକ ସମ୍ମିଳନୀର ଭିଡିଓ ଆବେଦନକାରୀଙ୍କ ଆଇନଜୀବୀଙ୍କ ପାଖରେ ଉପଲବ୍ଧ ରହିଛି। ସେଥିରେ ଏସ୍‌ପି ଏହି ନିର୍ବାଚନୀ ମକଦ୍ଦମା ଫଳାଫଳ ସମ୍ପର୍କରେ ମନ୍ତବ୍ୟ ଦେଉଥିବା ଦେଖାଯାଇଛି। ସେହିଭଳି ଏକ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ଉକ୍ତ ହତ୍ୟା ଘଟଣାର ତଦନ୍ତ ସମୟରେ ହତ୍ୟା ଅଭିଯୁକ୍ତ ବିକ୍ରମ ପଣ୍ଡା ଓ ଶିବଶଙ୍କର ଦାସଙ୍କ ମଧ୍ୟରେ ସାଧାରଣ ସଂଯୋଗ ଭାବେ ଏହି ନିର୍ବାଚନୀ ମକଦ୍ଦମା ଉଭା ହୋଇଥିଲା ବୋଲି ଏସପି କହିଥିଲେ। ବ୍ରହ୍ମପୁର ବିଧାୟକଙ୍କ ବିରୋଧରେ ଦାୟର୍ ଏହି ନିର୍ବାଚନୀ ମକଦ୍ଦମା ଶିବଶଙ୍କର ଦାସଙ୍କ ବାସଭବନରେ କାମ କରୁଥିବା ଜଣେ ସହାୟକଙ୍କ ନାମରେ ଦାଖଲ କରାଯାଇଥିଲା। ବାସ୍ତବରେ ଏହାକୁ ଶିବଶଙ୍କର ଦାସ ନିଜେ ଦାଖଲ କରିଥିଲେ। ନିର୍ବାଚନ ମକଦ୍ଦମା ପାଇଁ ଆଇନଗତ ଖର୍ଚ୍ଚ ଓ ଓକିଲାତି ଫି'କୁ ବିକ୍ରମ ପଣ୍ଡା ଭରଣା କରୁଥିଲେ ବୋଲି ଏସ୍‌ପି କହିଥିବା ଗଣମଧ୍ୟମରେ ପ୍ରକାଶ ପାଇଥିଲା। ଯାହାକୁ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

ଅନ୍ୟପଟରେ ନିର୍ବାଚନୀ ମକଦ୍ଦମାର ଆବେଦନକାରୀ ଏକ ସତ୍ୟପାଠ ଦାଖଲ କରିଥିଲେ। ଏଥିରେ ଦର୍ଶାଇଥିଲେ ଯେ ଗତ ୨୦୨୫ ଅକ୍ଟୋବର ୨୨ରେ ଘରକୁ ଫେରୁଥିବା ବେଳେ କିଛି ପୁଲିସ କର୍ମଚାରୀ ସାଦା ପୋଷାକରେ ରହି ତାଙ୍କୁ ବ୍ରହ୍ମପୁର ପୁଲିସ ବାରାକ୍‌କୁ ଉଠାଇ ନେଇଥିଲେ। ଏପରିକି, ସେଠାରେ ୨୪ ତାରିଖ ପର୍ଯ୍ୟନ୍ତ ଅଟକ ରଖି ବିଧାୟକ କେ.ଅନୀଲ କୁମାରଙ୍କ ନାମରେ କାହିଁକି ନିର୍ବାଚନୀ ମକଦ୍ଦମା ଦାୟର କରିଛ ବୋଲି ପଚରାଉଚରା କରିଥିଲେ।

ପ୍ରକାଶଥାଉକି ଏହି ପ୍ରସଙ୍ଗରେ ଗତ ଶୁଣାଣି ବେଳେ ସାକ୍ଷୀଙ୍କୁ ସୁରକ୍ଷା ଯୋଗାଇଦେବାକୁ ହାଇକୋର୍ଟ ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାରେ ସାକ୍ଷୀଙ୍କ ଜୀବନ ପ୍ରତି ବିପଦ ରହିଛି। ଏପରିକି, ନିକଟରେ କିଛି ବ୍ୟକ୍ତି ତାଙ୍କୁ ଉଠାଇନେଇ ଅଟକ ରଖିବା ସହ ନିର୍ଯାତନା ଦେଇଥିବା ନେଇ ଆବେଦନକାରୀ ଅଭିଯୋଗ କରିଥିଲେ। ଆବେଦନକାରୀଙ୍କ ଓକିଲ ଗୋପାଳ ଅଗ୍ରୱାଲ ଓ ଏସ.ଶ୍ରୀବାସ୍ତବ ହାଇକୋର୍ଟଙ୍କୁ ସମଗ୍ର ଘଟଣାବଳୀ ସମ୍ପର୍କରେ ଅବଗତ କରିବା ସହ ସୁରକ୍ଷା ଓ ଏସପିଙ୍କୁ ସ୍ପଷ୍ଟୀକରଣ ପାଇଁ ଅନ୍ତରୀଣ ଆବେଦନ ଦାୟର କରିଥିଲେ। ଏହି ଅନ୍ତରୀଣ ଆବେଦନର ଶୁଣାଣି ଆସନ୍ତା ୭ ତାରିଖରେ ହେବ ବୋଲି ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ଗତ ୨୦୨୪ ବିଧାନସଭା ନିର୍ବାଚନ ନାମାଙ୍କନ ସମୟରେ ବିଧାୟକ ଦାଖଲ କରିଥିବା ସତ୍ୟପାଠ ତ୍ରୁଟିପୂର୍ଣ୍ଣ ତଥା ଏଥିରେ ମିଥ୍ୟା ତଥ୍ୟ ଦିଆଯାଇଥିବା ନେଇ ଆବେଦନକାରୀ ଦର୍ଶାଇଛନ୍ତି।

### ସରକାରୀ ଓକିଲଙ୍କ...

ପୁଲିସର ଚିନ୍ତା ବଢ଼ିଛି। ତେଣୁ ବ୍ରହ୍ମପୁର ପୁଲିସ ବ୍ରହ୍ମପୁରରେ କାର୍ଯ୍ୟ କରୁଥିବା ସରକାରୀ ଓକିଲମାନଙ୍କ ଉପରେ ଭରସା କରିପାରୁ ନାହିଁ। ସିବିଆଇର ଏକାଧିକ ମାମଲା ଲଢିଥିବା ହାଇକୋର୍ଟର ବରିଷ୍ଠ ଆଇନ୍ଜୀବୀ କାଳିଚରଣ ମିଶ୍ର ଏବଂ ଅବିନାଶ ପାଢୀଙ୍କୁ ବ୍ରହ୍ମପୁର ପୀତବାସ ହତ୍ୟା ମାମଲା ଲଢିବାକୁ ବ୍ରହ୍ମପୁର ଏସ୍ପି କ୍ରାଇମବ୍ରାଞ୍ଚ ଡିଜି ଚିଠି ଲେଖିଥିବା ସୂଚନା ମିଳିଛି। ଏ ସମ୍ପର୍କରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି ଯେ ପୀତବାସ ପଣ୍ଡା ହତ୍ୟା ମାମଲା ଲଢିବା ପାଇଁ ହାଇକୋର୍ଟର ଦୁଇ ବରିଷ୍ଠ ଆଇନ୍ଜୀବୀଙ୍କୁ ନିଯୁକ୍ତି କରିବା ପାଇଁ ବ୍ରହ୍ମପୁର ଏସ୍ପି ଚିଠି ଲେଖିଛନ୍ତି। ଏହା ପୁଲିସ ଡିଜିଙ୍କ ଅନୁମତି ପରେ ସରକାରଙ୍କ ନିକଟକୁ ପଠାଯିବ। ସରକାର ଏହାକୁ ଅନୁମତି ଦେଲେ ସମ୍ପୃକ୍ତ ଆଇନଜୀବୀଙ୍କୁ ମାମଲା ଲଢିବା ପାଇଁ ନିଯୁକ୍ତି କରାଯିବ ବୋଲି ସେ କହିଛନ୍ତି। ଅନ୍ୟପଟରେ ବ୍ରହ୍ମପୁର ପୁଲିସ ସ୍ଥାନୀୟ ସରକାରୀ ପିପିଙ୍କ ଉପରେ ଭରସା ନ କରିବାକୁ ନେଇ ଆଇନଜୀବୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବ୍ରହ୍ମପୁର ପୁଲିସ ସ୍ଥାନୀୟ ଆଇନଜୀବୀଙ୍କୁ ନିକମ୍ମା ଭାବୁଛନ୍ତି ବୋଲି ଉଲ୍ଲେଖ କରି ଅସନ୍ତୋଷ ପ୍ରକଟ କରିଛନ୍ତି। ଯାହାକୁ ନେଇ ଏବେ ପୁଲିସ ଓ ଓକିଲଙ୍କ ମଧ୍ୟରେ ବିଭେଦ ସୃଷ୍ଟି ହୋଇଛି।


**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar, I, Krushna Chandra Sahoo, S/o- Narayan Sahoo, At-Nayagarh Sahi, P.O.- R.R.L., P.S.- Mantri Vihar, Bhubaneswar-751013, Dist.: Khordha hereby declare that I have changed my name from Krushna Sahoo to Krushna Chandra Sahoo for all purposes. Henceforth I shall be known as **Krushna Chandra Sahoo** for all purposes.

**ପୂର୍ବ ତଟ ରେଳପଥ**
ରେଡ଼ିଓଲୋଜିକାଲ ଯାଞ୍ଚ(Radiological Investigation) ନିମନ୍ତେ ନିଦାନ କେନ୍ଦ୍ର(Diagnostic Centre)/ ଚିକିତ୍ସାଳୟଗୁଡ଼ିକର ସୂଚୀକରଣ ନିମନ୍ତେ ଆଗ୍ରହର ପରିପ୍ରକାଶ
ସଂ. ECoR/MD/CH/BBS/Radiology/Tie-up/775, ତା.24.10.2025ରିଖ
କେନ୍ଦ୍ରୀୟ ଚିକିତ୍ସାଳୟ/ପୂର୍ବ ତଟ ରେଳପଥ/ଭୁବନେଶ୍ୱର(BBS) ହେଉଛି 110 ଶଯ୍ୟା ବିଶିଷ୍ଟ ଏକ ଚିକିତ୍ସାଳୟ, ଯେ କି ମୋଟ୍ 4,670 ରେଳ କର୍ମଚାରୀ, ସେମାନଙ୍କ ଆଶ୍ରିତ, 4030 RELHS କର୍ମଚାରୀ, ସେମାନଙ୍କ ଆଶ୍ରିତ ତଥା ମଣ୍ଡଳଗୁଡ଼ିକରୁ ସନ୍ଦର୍ଭିତ ରୋଗୀମାନଙ୍କୁ ଚିକିତ୍ସା ସେବା ପ୍ରଦାନ କରୁଛି । ନିୟମିତ ଭାବେ ରେଡ଼ିଓଲୋଜିକାଲ ଯାଞ୍ଚ(Radiological Investigation) ନିମନ୍ତେ କେନ୍ଦ୍ରୀୟ ଚିକିତ୍ସାଳୟ/ଭୁବନେଶ୍ୱରରେ ମଧ୍ୟ ଏକ ଏକ୍ସ-ରେ(Ex-Ray) ଏବଂ USG ୟୁନିଟ୍ କାର୍ଯ୍ୟ କରୁଛି । ଅନୁବନ୍ଧିତ ରିଫେରାଲ (Referral) ଚିକିତ୍ସାଳୟଗୁଡ଼ିକରୁ ଉଚ୍ଚ କ୍ଷମତା ସମ୍ପନ୍ନ ରେଡ଼ିଓଲୋଜିକାଲ ଯାଞ୍ଚର ଆଉଟ୍‌ସୋର୍ସିଙ୍ଗ୍ ନିମନ୍ତେ ଚିକିତ୍ସାଳୟ ତରଫରୁ ଯୋଜନା କରାଯାଇଛି ।
କେନ୍ଦ୍ରୀୟ ଚିକିତ୍ସାଳୟ/ପୂର୍ବ ତଟ ରେଳପଥ/ଭୁବନେଶ୍ୱର "ରେଳବାଇ ବୋର୍ଡ ପତ୍ର ସଂ. 2011/H/6-4/policy, ତା.03.02.2015ରିଖ ଅନୁଯାୟୀ ରେଡ଼ିଓଲୋଜିକାଲ ଯାଞ୍ଚର ଆଉଟ୍‌ସୋର୍ସିଙ୍ଗ୍ କାର୍ଯ୍ୟରେ ମାନକ ପରିଚାଳନା କାର୍ଯ୍ୟ ପ୍ରକ୍ରିୟା(Standard Operation Procedure)" ସମ୍ବନ୍ଧରେ ରେଳବାଇ ବୋର୍ଡ ମାର୍ଗଦର୍ଶିକା ଅନୁଯାୟୀ ରେଳବାଇ ହିତାଧିକାରୀମାନଙ୍କୁ ଉପରୋକ୍ତ ଯାଞ୍ଚ ସୁବିଧା ପ୍ରଦାନ ନିମନ୍ତେ ଭୁବନେଶ୍ୱରରେ ନିଦାନ କେନ୍ଦ୍ର(Diognostic Centers)/ଚିକିତ୍ସାଳୟମାନଙ୍କ ସୂଚୀକରଣ ନିମନ୍ତେ ଯୋଜନା ପ୍ରସ୍ତୁତ କରିଛି ।
ଉପରୋକ୍ତ ସେବା ପ୍ରଦାନ ନିମନ୍ତେ କେନ୍ଦ୍ରୀୟ ଚିକିତ୍ସାଳୟ/ଭୁବନେଶ୍ୱର ସହିତ ପାରସ୍ପରିକ ବୁଝାମଣାପତ୍ର (Mutual Agreement)ରେ ଅଂଶଗ୍ରହଣ ନିମନ୍ତେ ଇଚ୍ଛୁକ ଭୁବନେଶ୍ୱର ସ୍ଥିତ ନିଦାନ କେନ୍ଦ୍ର(Diognostic Centers)/ଚିକିତ୍ସାଳୟଗୁଡ଼ିକ ଠାରୁ ଜଉମୁଦା ଦରଖାସ୍ତ ଜରିଆରେ ଆଗ୍ରହର ପରିପ୍ରକାଶ(EOI) ଆମନ୍ତ୍ରଣ କରୁଛି ।
ଉପରୋକ୍ତ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ତଥା ଯାଞ୍ଚ ସୁବିଧା ପ୍ରଦାନ ନିମନ୍ତେ ସୂଚୀକରଣ ପାଇଁ ଇଚ୍ଛୁକ ଥିବା ସେଣ୍ଟର/ଚିକିତ୍ସାଳୟଗୁଡ଼ିକ ନିର୍ଦ୍ଧାରିତ ନଥିପତ୍ର ସହିତ ଏକ ଜଉମୁଦା ଲଫାଫାରେ ତା.28.11.2025 ରିଖ 1700 ଘଟିକା ସୁଦ୍ଧା କିମ୍ବା ତା' ପୂର୍ବରୁ ଚିକିତ୍ସା ନିର୍ଦ୍ଦେଶକ, କେନ୍ଦ୍ରୀୟ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ, ମଞ୍ଚେଶ୍ୱର, ଭୁବନେଶ୍ୱର-751017 ଙ୍କ କାର୍ଯ୍ୟାଳୟରେ ଆଗ୍ରହର ପରିପ୍ରକାଶ(EOI) ଦାଖଲ କରିପାରିବେ ।
ସ୍ପଷ୍ଟୀକରଣ ନିମନ୍ତେ ଦୟାକରି ଚିକିତ୍ସା ନିର୍ଦ୍ଦେଶକ/କେନ୍ଦ୍ରୀୟ ହସ୍ପିଟାଲ/ପୂର୍ବ ତଟ ରେଳପଥ/ଭୁବନେଶ୍ୱର-751017, ଫୋନ୍ ନଂ.: 0674-2748895, ଇ-ମେଲ : medicaldirector8@gmail.com ଙ୍କ ସହିତ ଯୋଗାଯୋଗ କରନ୍ତୁ ।
ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ୱେବ୍‌ସାଇଟ୍ www.eastcoastrail.indianrailways.gov.in → Tenders → Expression of interest ଅବଲୋକନ କରନ୍ତୁ ।
PR-742/Q/25-26
ଚିକିତ୍ସା ନିର୍ଦ୍ଦେଶକ/କେନ୍ଦ୍ରୀୟ ଚିକିତ୍ସାଳୟ/ଭୁବନେଶ୍ୱର

### ସୁମେରୁବନ୍ଧରେ ଜୋର୍ ଧରିଲା ମଦ ବିରୋଧୀ ଆନ୍ଦୋଳନ

# ଘରେ ଘରେ ପଶି ମଦ ଜବତ କଲେ ମହିଳା

ଫିରିଙ୍ଗିଆ, ୩୧।୧୦(ସମିସ)

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଉପାନ୍ତ ଅଞ୍ଚଳ ସୁମେରୁବନ୍ଧ ପଞ୍ଚାୟତରେ ଦୀର୍ଘଦିନ ହେବ ନିଶାମୁକ୍ତ ଅଞ୍ଚଳ ପାଇଁ ମଦ ବିରୋଧୀ ଆନ୍ଦୋଳନ ଜାରି ରହିଛି। ପୂର୍ବରୁ ସରପଞ୍ଚ ସୁଶୀଳା କହଁର ଏବଂ ପଞ୍ଚାୟତର ୩୦ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କୁ ନେଇ ମଦ ବିରୋଧୀ ଆନ୍ଦୋଳନ ସହ ଗାଁ ଗାଁରେ ସଚେତନତା ରାଲି କରାଯାଇ ଦେଶୀ, ବିଦେଶୀ ମଦ ବିକ୍ରି କରୁଥିବା ଲୋକଙ୍କୁ ମଦ ବିକ୍ରି ବନ୍ଦ ପାଇଁ ତାଗିଦ୍ କରିଥିଲେ। ଏଥିସହ ମହିଳାମାନେ ଘରେ ପଶି ମଦ ବୋତଲ ଭାଙ୍ଗିବା ସହ ମଦ ବିକ୍ରି ନ କରିବାକୁ କଡା ଚେତାବନୀ ଦେଇଥିଲେ। କିଛିଦିନ ପରେ ପୁଣି ଅଞ୍ଚଳରେ ପୁଣି ମଦ ବିକ୍ରି ବଢ଼ିବା ସହ ଘରେ ଘରେ ନିଶାସକ୍ତ ଅବସ୍ଥାରେ ଝଗଡ଼ା



ବଢ଼ିବାରେ ଲାଗିଛି। କମ୍ ବୟସର ନାବାଳକ ସହ ଯୁବକ ମଦ ପିଇ ଦୁର୍ଘଟଣାରେ ମୃତ୍ୟୁ ଘଟିବା ଏବଂ ପରିବାରରେ ଅଶାନ୍ତି ବଢ଼ିବା ପରେ ପୁଣି ଥରେ ଅଞ୍ଚଳର ମହିଳା ମଦ ବିରୋଧୀ ଆନ୍ଦୋଳନକୁ ତୀବ୍ରତର କରିବାକୁ ନିଶା ମୁକ୍ତ ପାଇଁ ପ୍ଲା-କାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଘରେଘରେ ପଶି ଦେଶୀ ଓ ବିଦେଶୀ ମଦ ଜବତ କରିଥିଲେ। ୪୦ ଲିଟରରୁ ଅଧିକ ଦେଶୀ ମଦ, ବିଦେଶୀ ମଦ ସହ ମଦ ରନ୍ଧାରେ ବ୍ୟବହୃତ ସରଞ୍ଜାମ, ମହୁଲ ପୋଚ ପ୍ଲାଷ୍ଟିକ ଜାର, ମାଠିଆ ଭଳି ଜିନିଷ ଜବତ କରିଥିଲେ ଅଞ୍ଚଳର ମହିଳା। ସୁମେରୁବନ୍ଧ ପଞ୍ଚାୟତର ଗାଜୁର ପାଙ୍ଗା, ଲଦାପଦର, କନ୍ଦେଲିପାଙ୍ଗା, ସୁଲକାପାଙ୍ଗା, ରାତାମାସ୍କା, ସାଉଲିପାଡା, କିଲେରୀପାଙ୍ଗା, ମାଦିପଡ଼ା, ବୃଡ଼ିଗୁଡା, ବାଇଡ଼ିପଦର, ଗାଗଡ଼ପଦର, ଡମାଙ୍ଗପଦର, ଡିଗୁରିଗୁଡା, ସୁମେରୁବନ୍ଧ ଭଳି ପଞ୍ଚାୟତର ୧୦ରୁ ଅଧିକ ଗାଁର ମହିଳା ମଦ ବିରୋଧ ନିଶାମୁକ୍ତ ଆନ୍ଦୋଳନରେ ସାମିଲ ହୋଇଥିଲେ। ପୁଲିସ

**ଗାଁ ଗାଁରେ ସଚେତନ କଲେ ଶତାଧିକ ମହିଳା**

କିମ୍ବା ଅବକାରୀ ବିଭାଗ ମଦ ବିକ୍ରି କରୁଥିବା ଲୋକଙ୍କ ବିରୋଧରେ କୌଣସି ଗୁରୁତ୍ୱ ଦେଉନଥିବାରୁ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଉଛି। ତୁରନ୍ତ ନିଶା ଉପରେ ଅବକାରୀ ବିଭାଗ କିମ୍ବା ପୁଲିସ ଏ ବିଷୟରେ ଗୁରୁତ୍ୱ ନ ଦେଲେ ଆଗାମୀ ଦିନରେ ଅଞ୍ଚଳରେ କେହି ମଦ ବିକ୍ରି କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରପଞ୍ଚ ସୁଶୀଳା କହଁରଙ୍କ ସହ ମହିଳାମାନେ କହିଛନ୍ତି।

### ୧୫ ବର୍ଷ ହେବ ସରୁନି ଗୃହ ନିର୍ମାଣ

# କର୍ମୀଙ୍କ ପିଣ୍ଡାରେ ଚାଲିଛି ଅଙ୍ଗନବାଡ଼ି

**ବାଲିଗୁଡ଼ା, ୩୧।୧୦(ସମିସ):** ଅର୍ଦ୍ଧନିର୍ମିତ ଅଙ୍ଗନବାଡ଼ି ଗୃହ ନିର୍ମାଣ ନିମନ୍ତେ ୧୫ ବର୍ଷ ହେବ ଅଞ୍ଚଳବାସୀଙ୍କ ଦାବି କରିଆସୁଛନ୍ତି। କିନ୍ତୁ ନୀରବଦ୍ରଷ୍ଟା ପାଲଟିଛି ପ୍ରଶାସନ। ଅଙ୍ଗନବାଡ଼ି କର୍ମୀଙ୍କ ରୋଷେଇ ଘରେ ପିଲାମାନଙ୍କ ପାଇଁ ରୋଷେଇ ହେଉଥିବା ବେଳେ ପିଣ୍ଡାରେ ଚାଲିଛି ପାଠପଢ଼ା। ଏହିଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ସୁତ୍ରା ପଞ୍ଚାୟତର ଆମ୍ବାବାଡ଼ି ଗ୍ରାମରେ। ୧୫ ବର୍ଷରୁ ଅଧିକ ହେବ ଅଙ୍ଗନବାଡ଼ି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନ ଥିବାରୁ ଅଞ୍ଚଳର





କୋମଳମତି ଶିଶୁଙ୍କ ପଢ଼ିବାରେ ବାଧା ସୃଷ୍ଟି ହେଉଛି। ଆମ୍ବାବାଡ଼ି ଅଙ୍ଗନବାଡିର ୨୨ ଜଣ କୁନିକୁନି ପିଲାଙ୍କ ଭବିଷ୍ୟତ ଦୀର୍ଘବର୍ଷ ହେବ କର୍ମୀ ମିନାକ୍ଷୀ ମଲିକଙ୍କ ବାସଭବନରେ ଗଢ଼ା ହେଉଛି। ଏତେ ପିଲାଙ୍କ ବସିବା ପାଇଁ ହେଉ ବା ରୋଷେଇ ପାଇଁ ଜାଗା ହେଉନଥିବା କହିଛନ୍ତି ଅଙ୍ଗନବାଡ଼ି ପାଚିକା। ଅନେକଥର ଅଞ୍ଚଳବାସୀ ଏହି ଅର୍ଦ୍ଧନିର୍ମିତ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନିମନ୍ତେ ବାଲିଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସ୍ଥାନୀୟ ସରପଞ୍ଚଙ୍କୁ ନିବେଦନ କଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନି। ସ୍ଥାନୀୟ ପ୍ରଶାସନ ଏହା ଉପରେ ଦୃଷ୍ଟି ଦେଇ ଅର୍ଦ୍ଧନିର୍ମିତ ଅଙ୍ଗନବାଡି ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନିମନ୍ତେ ଅଞ୍ଚଳବାସୀ ନିବେଦନ କରିଛନ୍ତି।

## ଅର୍ଥ ମଞ୍ଜୁର ପରେ ବି ନିର୍ମାଣ ହୋଇପାରୁନି ରାସ୍ତା

**● ହନ୍ତସନ୍ତ ଦୁର୍ଗମ କାପୁକୁଶା ଗ୍ରାମବାସୀ**

**ବାଲିଗୁଡ଼ା, ୩୧।୧୦(ସମିସ):** ବାଲିଗୁଡ଼ା ବ୍ଲକ ଖମଣଖୋଲ ପଞ୍ଚାୟତ ଦୁର୍ଗମ କପୁକୁଶା ଗାଁର ବିକାଶରେ ବାଧକ ସାଜିଛି ରାସ୍ତା। ରାସ୍ତା ନଥିବା ଖବର ପ୍ରକାଶ ପରେ ସ୍ଥାନୀୟ ପ୍ରଶାସନ ଚେଷ୍ଟାରେ ରାସ୍ତା ପାଇଁ ଅର୍ଥ ରାଶି ଅନୁଦାନ ଆସିଛି। ହେଲେ ଗୋଷ୍ଠୀ କନ୍ଦଳ ଯୋଗୁଁ ହୋଇପାରୁନି ରାସ୍ତା। କିଏ



କେଉଁ ରାଜନୈତିକ ଦଳର ଲୋକ ଏହି କାମ କରିବେ ସେୟା ବର୍ତ୍ତମାନ ପ୍ରଶାସନ ପାଇଁ ମୁଣ୍ଡବଥା ହୋଇଛି। ଦୀର୍ଘବର୍ଷ ଅବହେଳିତ ହୋଇ ଗାଁକୁ ଯଦି କିଛି ବିକାଶ ବାଟ ପାଇଛି ତେବେ କାହିଁକି ସେହି କାର୍ଯ୍ୟ ଦଳୀୟ ଗୋଷ୍ଠୀ କନ୍ଦଳ ମଧ୍ୟରେ ରାସ୍ତା କାର୍ଯ୍ୟ ଆରମ୍ଭ ନକରି ସ୍ଥଗିତ ରଖାଯାଇଛି ତାହା ବର୍ତ୍ତମାନ ସାଧାରଣରେ ଆଲୋଚନା ପାଲଟିଛି। ଗାଁକୁ ଯିବାକୁ ହେଲେ ଚାରୋଟି ପର୍ବତ ଘଞ୍ଚ ଜଙ୍ଗଲ ମଧ୍ୟରେ ଯିବାକୁ ପଡ଼ିଥାଏ। କପୁକୁଶା ଗାଁ ସମସ୍ତ ମୌଳିକ ଆବଶ୍ୟକତା ଥିବାବେଳେ ଗମନାଗମନ ପାଇଁ ରାସ୍ତା ନଥିବା କାରଣରୁ ସେହି ଅଞ୍ଚଳ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ପରେ ରାସ୍ତା କାର୍ଯ୍ୟ ମଞ୍ଜୁର ହେବା ସ୍ଥାନୀୟ ପ୍ରଶାସନ ଏ ସମ୍ପର୍କରେ ଗୁରୁତ୍ୱ ଦେଉ ନଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଅସନ୍ତୋଷ ପ୍ରକାଶ ପାଇଛି।

## ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀ

**ନୂଆଗଡ଼, ୩୧।୧୦(ସମିସ):** ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ନୂଆଗଡ଼ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଇଛି।



ପ୍ରଥମେ ଇନ୍ଦିରା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିରେ ବ୍ଲକ କଂଗ୍ରେସ କମିଟି ସଂଖ୍ୟାଲଘୁ ବ୍ଲକ ସଭାପତି ନିରଳ ସିଂ, ବ୍ଲକ ସଭାପତି ଯାକୁବ ରାଇକା, ସମ୍ପାଦକ ମୀନ ମଣ୍ଡଳ, ଉପଦେଷ୍ଟା ଅଭି ଶବର, ବରିଷ୍ଠ କର୍ମୀ ସୁନୀଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଇନ୍ଦିରା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ

**ପାରଳାଖେମୁଣ୍ଡି, ୩୧।୧୦(ସମିସ):** ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଆଜି ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ୪୧ତମ ମହାପ୍ରୟାଣ ଦିବସ ପାଳିତ ହୋଇଛି। ପ୍ରଥମେ କଂଗ୍ରେସ କାର୍ଯ୍ୟାଳୟ ପରିସରରେରେ ଥିବା ମହାତ୍ମାଗାନ୍ଧୀଙ୍କ



ପ୍ରତିମୂର୍ତ୍ତି ଓ ପୂର୍ବତନ ପାରଳା ବିଧାୟକ ସ୍ୱର୍ଗତ ତ୍ରିନାଥ ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ କଂଗ୍ରେସ କାର୍ଯ୍ୟାଳୟ ସଭାଗୃହରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଇନ୍ଦିରାଙ୍କ ନୀତି ଓ ଆଦର୍ଶ ଚିର ଦିନ ପାଇଁ ସ୍ମରଣୀୟ ହୋଇରହିବ ବୋଲି ଗଜପତି ଜିଲ୍ଲା କଂଗ୍ରେସ ସଭାପତି ତଥା ମୋହନା ବିଧାୟକ ଦାସରଥି ଗମାଙ୍ଗ କହିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ କଂଗ୍ରେସ କର୍ମୀ ଓ ନେତାଙ୍କ ସମେତ ଏସ. ପାପାରାଓ, ସୂର୍ଯ୍ୟ ନାରାୟଣ ପାତ୍ର, ସଂଗ୍ରାମ ସାହୁ, ତ୍ରିନାଥ ପାତ୍ର, ପାର୍ଥରାଜ ପାଳ, ରାଜା ପାତ୍ର, ଲବ ସାହୁ, ଦଣ୍ଡ ଚରଣ ପଣ୍ଡା, ମୁନା ମହାରଣା, ଗୋବିନ୍ଦ ପାଣି, ଈଶ୍ୱର ଚନ୍ଦ୍ର ମାଝୀ, ଅଶୋକ ଅଧିକାରୀ ଓ ନଗର କଂଗ୍ରେସ ସଭାପତି ବସନ୍ତ କୁମାର ପଣ୍ଡା ଉପସ୍ଥିତ ଥିଲେ।

## ଗୋଷାଣି ବ୍ଲକରେ ଜିଲ୍ଲାପାଳଙ୍କ ବାତ୍ୟା କ୍ଷୟକ୍ଷତି ଅନୁଧ୍ୟାନ

**ଗୋଷାଣି, ୩୧।୧୦(ସମିସ):** ଗଜପତି ଜିଲ୍ଲାପାଳ ମଧୁମିତା ଆଜି ଗୋଷାଣି ବ୍ଲକ ଗସ୍ତ କରି ବାତ୍ୟାରେ ହୋଇଥିବା କ୍ଷୟକ୍ଷତି ଅଞ୍ଚଳ ପରିଦର୍ଶନ କରିଥିଲେ। ବାତ୍ୟା ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ଗୋଷାଣି ବ୍ଲକର ସାତମାଇଲ-ଖର୍ଷଣ୍ଡା ରାସ୍ତାର କିଛି ଅଂଶ ଧୋଇ ହୋଇଯାଇଛି। ଏହାକୁ ଦେଖି ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ତୁରନ୍ତ ଉକ୍ତ ରାସ୍ତାର ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ। ଏହାପରେ ଶରଧାପୁର-ଯୁବରାଜପୁର ରାସ୍ତା ଅବସ୍ଥା ଦେଖିବା ସହ ସ୍ଥାନୀୟ ଲୋକମାନଙ୍କ ସହ ଆଲୋଚନା କରି ଉଚ୍ଚତା ବିଶିଷ୍ଟ ସେତୁ ନିର୍ମାଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଯୁବରାଜପୁର-ବାଘଶାଳା ରାସ୍ତାରେ ପ୍ରତି ଥର ପ୍ରବଳ ବର୍ଷାରେ ରାସ୍ତା ଉପରେ ତିନିରୁ ଚାରି



ଫୁଟ ପାଣି ପ୍ରବାହିତ ହେଉଛି। ଯାହାକୁ ନେଇ ଜିଲ୍ଲାପାଳ ଆଜି ଗସ୍ତ କରି ଏହି ରାସ୍ତାର ଅବସ୍ଥା ଦେଖିଥିଲେ। ଏହାପରେ ଅନୁମୋଦିତ ହୋଇଥିବା ଉଚ୍ଚତା ବିଶିଷ୍ଟ ସେତୁକୁ ତୁରନ୍ତ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ରମ୍ଭା ଗ୍ରାମ ପଞ୍ଚାୟତର ଦୁର୍ଗମ ଗଙ୍ଗାବାଡ ଗ୍ରାମ୍ୟ ରାସ୍ତା ଅବସ୍ଥା ଯାଞ୍ଚ କରି ଯଥାଶୀଘ୍ର ମନରେଗା ଯୋଜନାରେ ଉକ୍ତ ରାସ୍ତା କାମ ଆରମ୍ଭ କରି ତୁରନ୍ତ ଶେଷ କରିବାକୁ ଗୋଷାଣି ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ଏହି ଗସ୍ତ ଓ ସମୀକ୍ଷା ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଗୋବିନ୍ଦ ବିହାରୀ ମାରାଣ୍ଡି, ଯନ୍ତ୍ରୀ ଅନୀତା ପାତ୍ର, ଗୋଷାଣି ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ, ଗୋଷାଣି ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସସ୍ମିତା ଜେନାଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

**● ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ**

## ସାଧୁତା, ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ହିଁ କର୍ମର ମୂଳମନ୍ତ୍ର



**ପାରଳାଖେମୁଣ୍ଡି, ୩୧।୧୦(ସମିସ):** ଗଜପତି ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ମଧୁମିତା ଯୋଗ ଦେଇଥିବା ବେଳେ ଉପସ୍ଥିତ ସମସ୍ତ ଅଧିକାରୀ, କର୍ମଚାରୀ, ଶିକ୍ଷକ, ଛାତ୍ରଛାତ୍ରୀ ଓ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଶପଥ ପାଠ କରାଇବା ସହିତ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ଦୁର୍ନୀତି ନିବାରଣ ଖଣ୍ଡ ବ୍ରହ୍ମପୁରର ଆରକ୍ଷୀ ଅଧୀକ୍ଷକ ପ୍ରଦୀପ କୁମାର ପ୍ରଧାନ, ଗଜପତି ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେରକେଟା ଓ ଜିଲ୍ଲା ଶିକ୍ଷାଧିକାରୀ ଡ଼. ମାୟାଧର ସାହୁ ମଞ୍ଚାସୀନ ଥିଲେ। ଏହି ଅବସରରେ 'ଦୁର୍ନୀତି ନିବାରଣ : ଆମ ସାମୂହିକ ଦାୟିତ୍ୱ' ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ଜିଲ୍ଲାପାଳ ସାଧୁତା, ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ହିଁ କର୍ମର ମୂଳମନ୍ତ୍ର ବୋଲି କହିଥିଲେ। ସେହିପରି ଆରକ୍ଷୀ ଅଧିକ୍ଷକ ଗଜପତି ସମ୍ମାନିତ ଅତିଥି ଭାବରେ ଯୋଗଦେଇ କହିଥିଲେ ଦେଶର ଆର୍ଥିକ, ରାଜନୈତିକ ଓ ସାମାଜିକ ଉନ୍ନତିରେ ଦୁର୍ନୀତି ବାଧକ ସାଜିଛି ବୋଲି କହିଥିଲେ। ଏହି ଅବସରରେ ଆଜି ମିଶନ ଶକ୍ତି ବିଭାଗ ତରଫରୁ ମହିଳାଙ୍କୁ ନେଇ ଦୁର୍ନୀତି ନିବାରଣ ସଚେତନତା ରାଲିର ଆୟୋଜନ କରାଯାଇଥିଲା। ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମଧ୍ୟରେ ଓଡ଼ିଆ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯଗୀମାନଙ୍କୁ ଅତିଥଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମହମ୍ମଦ ମୁବାରକ ଅଲ୍ଲୀ, ଜିଲ୍ଲା ଦୁର୍ନୀତି ନିବାରଣ ଅଧିକାରୀ ବାସୁଦେବ ରାଓ, ତ୍ରିଲୋଚନ ଷଡ଼ଙ୍ଗୀ, ପାରଳାଖେମୁଣ୍ଡି ପୌରପରିଷଦର ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟତ୍ରୀ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଅଁଳା ନବମୀ ଓ ଶ୍ରୀ ରାଧାପାଦ ଦର୍ଶନ

**ଗୋଷାଣି, ୩୧।୧୦(ସମିସ):** ଗୋଷାଣି ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ରାଧାକୃଷ୍ଣ ମନ୍ଦିରରେ ପବିତ୍ର ଅଁଳାନବମୀ ଓ ଶ୍ରୀରାଧା ପାଦ ଦର୍ଶନ ଭକ୍ତିମୟ ପରିବେଶରେ ପାଳିତ ହୋଇଯାଇଛି। ବିଶେଷ କରି ମହିଳାମାନେ ଭୋରରୁ ଉଠି ବିଭିନ୍ନ ଜଳାଶୟ ତଟରେ ବାଲୁକା ପୂଜା କରି ସକାଳୁ ସକାଳୁ ରାଧାକୃଷ୍ଣ ମନ୍ଦିରରେ ମା' ରାଧାଙ୍କ ପାଦ ଦର୍ଶନ କରିଥିଲେ। ତାହା ସହିତ ଗ୍ରାମରେ ଥିବା ଅଁଳାଗଛ ମୂଳେ ରାଇ ଦାମୋଦର ଏବଂ



ଲକ୍ଷ୍ମୀ ନାରାୟଣଙ୍କ ପୂଜାର୍ଚ୍ଚନା ମନ୍ଦିରର ପୂଜକଙ୍କ ଦ୍ୱାରା ରୀତିନୀତି ଭାବେ ପୂଜାକରି ସଂକଳ୍ପ କରିଥିଲେ। କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ନବମୀକୁ ଅଁଳା ନବମୀ ରୂପେ ପାଳନ କରାଯାଏ। ଏହି ଦିନ ଅଁଳା ଗଛକୁ ପୂଜା କରାଯାଏ। ଆଜି ଠାରୁ ପବିତ୍ର ପଞ୍ଚୁକ ଆରମ୍ଭ ହେଉଥିବାରୁ ମହିଳା ମାନେ ଅଁଳା ଗଛ ମୂଳେ ରେଷେଣ କରି ପଳାସ ପତ୍ର ଖଲିରେ ଏକ ବେଳା ଭୋଜନ କରି କାର୍ତ୍ତିକ ପାଳନ କରୁଥିବାର ଜଣାପଡ଼ିଛି।

## ୬୦ ବେଆଇନ ଗ୍ୟାସ୍ ସିଲିଣ୍ଡର୍ ଜବତ



**ରାଇକିଆ, ୩୧।୧୦(ସମିସ):** ରାଇକିଆ ବ୍ଲକ କାର୍ଯ୍ୟାଳୟ ନିକଟରେ ଦୁଇଟି ଘରେ ବେଆଇନ ଭାବେ ଗଚ୍ଛିତ ଥିବା ୬୦ ଗ୍ୟାସ୍ ସିଲିଣ୍ଡର୍‌କୁ ଯୋଗାଣ ବିଭାଗ ତରଫରୁ ଜବତ କରାଯାଇଛି। କୌଣସି ସୂତ୍ରରୁ ଖବରପାଇ ଜିଲ୍ଲା ଅତିରିକ୍ତ ଯୋଗାଣ ଅଧିକାରୀ ମାୟାଧର ସାହୁ ଚଢ଼ଉ କରି ଦୁଇଟି ସ୍ଥାନରୁ ୧୯ ଏବଂ ୪୧ ଗୋଟି ଘରୋଇ ଗ୍ୟାସ୍ ସିଲିଣ୍ଡର୍ ଜବତ କରିଥିଲେ। ସେଥିମଧ୍ୟରୁ ୨୫ ଗ୍ୟାସ୍ ଭର୍ତ୍ତି ଏବଂ ୩୫ ଖାଲି ସିଲିଣ୍ଡର ରହିଛି। ଚଢଉରେ ରାଇକିଆ ଯୋଗାଣ ନୀରିକ୍ଷକ କିରଣ ବେହେରା, କ.ନୂଆଗାଁ ଯୋଗାଣ ନୀରିକ୍ଷକ ସୌମ୍ୟ ରଞ୍ଜନ ଭୋଳ ଓ ଟିକାବାଲି ଯୋଗାଣ ନୀରିକ୍ଷକ ଅଞ୍ଜନ କୁମାର ଦିଗାଲ ସାମିଲ ହୋଇଥିଲେ।

## ଗଜପତି ପୁଅ ହେଲେ ଆଇନ ବିଭାଗ ପ୍ରମୁଖ ସଚିବ

**ପାରଳାଖେମୁଣ୍ଡି, ୩୧।୧୦(ସମିସ):** ରାଜ୍ୟ ସରକାରଙ୍କ ଆଇନ ବିଭାଗର ପ୍ରମୁଖ ସଚିବ ଭାବେ ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଡାଟିପେଟି ପଞ୍ଚାୟତ ଗୋଲାଗାଁ ଗ୍ରାମର ଡ. ପବିତ୍ର ମୋହନ ସାମଲ ନିଯୁକ୍ତ ହେବା ପରେ ଜିଲ୍ଲାରେ ଖୁସିର ଲହରି ଖେଳିଯାଇଛି। ଶ୍ରୀ ସାମଲ ପ୍ରାଥମିକ ଶିକ୍ଷା ନିଜ ଗ୍ରାମରେ ସମ୍ପୂର୍ଣ୍ଣ କରିବା ପରେ ଗୁରାଣ୍ଡି ଗ୍ରାମ ସ୍ଥିତ ଏସ୍‌କେସିଜି ହାଇସ୍କୁଲରେ ୧୦ମ ପାସ୍‌ପରେ



ପାରଳାଖେମୁଣ୍ଡି ସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟରେ ସ୍ନାତକ ସାରି ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରରରେ ଆଇନ ପାଠ୍ୟକ୍ରମ ଅଧ୍ୟୟନ କରିବା ପରେ ଗଞ୍ଜାମ ଆଇନ ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ ନିଯୁକ୍ତି ପାଇଥିଲେ। ଏହାପରେ ବିଭିନ୍ନ ସ୍ତରର ନ୍ୟାୟାଳୟରେ ବିଚାରପତି ଦାୟିତ୍ୱ ତୁଲାଇ ବଲାଙ୍ଗୀରରେ ଜିଲ୍ଲା ଜଜ୍ ଭାବେ ଅଧିଷ୍ଠିତ ହୋଇଥିଲେ। ପରେ ରାଜ୍ୟ ସରକାର ତାଙ୍କୁ ଆଇନ ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତି ଦେଇଥିବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

## ସାଇବର ସଚେତନତା କାର୍ଯ୍ୟକ୍ରମ

**ଟିକାବାଲି, ୩୧।୧୦(ସମିସ):** ଟିକାବାଲି ପୁଲିସ ପ୍ରଶାସନ ତରଫରୁ ଏଏମ୍‌ସିଏସ୍ କଲେଜରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅଧକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ବିଡ଼ିଓ ବିଷ୍ଣୁ ଗୋବିନ୍ଦ ଯୋଗଦେଇ ସାଇବର ସୁରକ୍ଷାର ବିଭିନ୍ନ ଦିଗ ଉପରେ ବିଷଦ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବରେ ଫୁଲବାଣୀ ସାଇବର ଥାନାର ଅଧିକାରୀଣୀ ଗେଲି କୁମାରୀ ସାହୁ ସାଇବର ଅପରାଧ କିପରି ନିୟନ୍ତ୍ରଣ ହୋଇ ପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଟିକାବାଲି ଥାନା ଅଧିକାରୀଣୀ ପ୍ରଜ୍ଞା ରୀତାମ୍ବର କର କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିବା ବେଳେ ସ୍ଥାନୀୟ ଷ୍ଟେଟବ୍ୟାଙ୍କ ଶାଖା ପ୍ରବନ୍ଧକ କ୍ଷୀରୋଦ ଚନ୍ଦ୍ର ବେହେରା ଯୋଗ ଦେଇ ସାଇବର ସୁରକ୍ଷା ଉପରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଅଧ୍ୟାପକ ନରେନ୍ଦ୍ର ଦିଗାଲ, ବନମାଳୀ ବେହେରା, ସବଇନ୍ସପେକ୍ଟର



ରବୀନ୍ଦ୍ର କୁମାର ହେମ୍ରମ ଯୋଗ ଦେଇଥିଲେ। ସାଇବର ସୁରକ୍ଷା ଉପରେ ବ୍ଲକ ସ୍ତରୀୟ କୁଇଜ, ତର୍କ ଉଭୟ ଇଂରାଜୀ ଓ ଓଡ଼ିଆରେ ଅନୁଷ୍ଠିତ ହୋଇଥିଲା। ଇଂରାଜୀ ତର୍କରେ ଆଦର୍ଶ ବିଦ୍ୟାଳୟର ଆରାଧ୍ୟା ମ୍ରିନାଲ ପାଣି ପ୍ରଥମ, ସେବା ଇଂରାଜୀ ବିଦ୍ୟାଳୟର ମହେଶ କୁମାର ପ୍ରଧାନ ଦ୍ୱିତୀୟ, ଟିକାବାଲି କଲେଜର ଅଭିପ୍ସା ଦିଗାଲ ତୃତୀୟ ହୋଇଥିଲେ। ସେହିପରି ଓଡ଼ିଆ ତର୍କରେ କଇଁଝର ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ରାଜଲକ୍ଷ୍ମୀ ମଲ୍ଲିକ ପ୍ରଥମ, ଟିକାବାଲି କଲେଜର ମୌସୁମୀ ଆଚାର୍ଯ୍ୟ ଦ୍ୱିତୀୟ, ଟିକାବାଲି ସରକାରୀ ଉଚ୍ଚବିଦ୍ୟାଳୟର ସୁହାନି ଦିଗାଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଜ୍ଞାନରଞ୍ଜନ ଭୋଇ, ଅଧ୍ୟାପିକା ଚମ୍ପା ସୋରେନ, ଯୁବରେଡ଼କ୍ରସର ସଂଯୋଜକ ଅଧ୍ୟାପକ ରତନ ଦିଗାଲ, ଅଧ୍ୟାପିକା ନିବେଦିତା ଭୋଇ, ଶିବାନୀ କହଁର, ସ୍ମୃତିରେଖା ନାୟକ ପରିଚାଳନା କରିଥିଲେ। ବିଚାରକ ଭାବେ ଭଞ୍ଜନଗର ସାବିତ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ସୁରଜ ସାସମଲ, ଟିକାବାଲି କଲେଜର ନରେନ୍ଦ୍ର ଦିଗାଲ, ବନମାଳୀ ବେହେରା କାର୍ଯ୍ୟ ତୁଲାଇ ଥିଲେ।

## ସୂଚନାଫଳକ ନ ଥାଇ କାଲୁଙ୍ଗିଆ ରାସ୍ତା ନିର୍ମାଣ

ଟିକାବାଲି, ୩୧।୧୦(ସମିସ)

ଟିକାବାଲି ବ୍ଲକର ଶେଷ ସୀମାରେ ଥିବା ପାଡ଼ଙ୍ଗୀ ପଞ୍ଚାୟତର ଅପହଞ୍ଚ ଗାଁ କାଲୁଙ୍ଗିଆର ଲୋକେ ଆଜି ବି ମୌଳିକ ସୁବିଧା ପାଇଁ ସଂଘର୍ଷ କରୁଛନ୍ତି। ବ୍ଲକର ଶେଷ ସୀମା ଏବଂ ରାଇକିଆ ବ୍ଲକ ସୀମାକୁ ଲାଗିଥିବା ଏହି ଗାଁକୁ ଯିବାକୁ ଦୁଇଟି ବଡ଼ ପାହାଡ଼ ପାର ହେବାକୁ ପଡ଼େ। ବର୍ଷାଦିନେ ଏହି ଯାତ୍ରାକୁ ଗ୍ରାମବାସୀ 'ସ୍ୱର୍ଗକୁ ଯିବା ସହ ସମାନ' ବୋଲି ବର୍ଣ୍ଣନା କରନ୍ତି। ଏଠାରେ ସରକାରୀ ଯୋଜନା ତ ଦୂରର କଥା, ମୌଳିକ ସୁବିଧା ସ୍ୱପ୍ନ ପାଲଟିଛି। ସୌଭାଗ୍ୟବଶତଃ ବର୍ଷେ ହେବ ଗାଁରେ ଜିଓ ନେଟୱାର୍କ ପହଞ୍ଚିଛି। ପାଡ଼ଙ୍ଗୀରୁ କାଲୁଙ୍ଗିଆ ପର୍ଯ୍ୟନ୍ତ ଏକ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ମଞ୍ଜୁର ହୋଇ ରାସ୍ତା ନିର୍ମାଣ କାମ ଚାଲିଥିବା ସ୍ଥାନୀୟ ଲୋକେ କହୁଛନ୍ତି। ପ୍ରକଳ୍ପକୁ ନେଇ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପାଖାପାଖି ଦୁଇ ବର୍ଷ ବିତି ଯାଇଥିଲେ ମଧ୍ୟ



ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପର୍କରେ କୌଣସି ସୂଚନା ଫଳକ ଲାଗିନାହିଁ। ଯେକୌଣସି ସରକାରୀ ପ୍ରକଳ୍ପରେ ସ୍ୱଚ୍ଛତା ବଜାୟ ରଖିବାକୁ ଏହାର ଆରମ୍ଭ ତାରିଖ, ଶେଷ ସୀମା, ଅଟକଳ ମୂଲ୍ୟ, ବ୍ୟବହୃତ ସାମଗ୍ରୀ ଏବଂ ନିର୍ମାଣର ମାନ ସମ୍ବନ୍ଧରେ ତଥ୍ୟ ସୂଚନା ଫଳକରେ ପ୍ରଦର୍ଶିତ କରିବା ବାଧ୍ୟତାମୂଳକ। ମାତ୍ର କାଲୁଙ୍ଗିଆ ରାସ୍ତା କ୍ଷେତ୍ରରେ ଏହାର ଉଲ୍ଲଂଘନ କରାଯାଇଛି। ଏହି ରାସ୍ତା କାମ ବିନା ସୂଚନାରେ ଚାଲିଛି ଓ ରାସ୍ତାର ମାନ କେମିତି ରହିବ ଆମେ ଜାଣିପାରୁ ନାହୁଁ ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗର ତଥ୍ୟ ଅନୁଯାୟୀ, ଏହି ରାସ୍ତା ପ୍ରକଳ୍ପର ଶେଷ ସୀମା ସେପ୍ଟେମ୍ବର ୨୮, ୨୦୨୪ ଥିଲା। କିନ୍ତୁ ଏଯାଏ କାମ ସରିନାହିଁ। ଏହି କାରଣରୁ କନ୍ଧମାଳ ଜିଲ୍ଲା ପ୍ରଶାସନ ଠିକାଦାର (ନୀଳାଚକ୍ର କନଷ୍ଟ୍ରକ୍ସନ୍ସ)ଙ୍କ ଉପରେ କ୍ଷୁବ୍ଧ ହୋଇ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ଗତ ଜାନୁଆରୀରେ ଦ୍ୱିତୀୟ ଥର ପାଇଁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ସୂଚନା ଅନୁସାରେ ଏହି ରାସ୍ତା (ପାନାଙ୍ଗୀରୁ କାଲୁଙ୍ଗିଆ)ର ଚୁକ୍ତି ମୂଲ୍ୟ ୪.୨୨ କୋଟି ରହିଛି ଏବଂ ଏହି ରାସ୍ତା ମଧ୍ୟରେ ଥିବା କଲଭର୍ଟ କାମ ଶେଷ ହୋଇଛି। ଏବେ ମାତ୍ର ମେଟାଲିଂ ହୋଇ

**ଅବଧି ଶେଷ ପରେ ବି ସରୁନି କାମ**

ପିଚୁ ପଡ଼ିବାର ଅଛି। ଏହା ନଭେମ୍ବର ସୁଦ୍ଧା ଶେଷ କରିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି ସୂଚନା ସର୍ବସାଧାରଣରେ ପ୍ରଦର୍ଶିତ ନହେବା ସରକାରୀ ଅଧିକାରୀଙ୍କ କାର୍ଯ୍ୟକଳାପ ଉପରେ ସନ୍ଦେହ ସୃଷ୍ଟି କରୁଛି। ଗ୍ରାମବାସୀ ତୁରନ୍ତ ଏହି ରାସ୍ତା ନିର୍ମାଣର ସମସ୍ତ ବିବରଣୀ ସମ୍ବଳିତ ସୂଚନା ଫଳକ ଲଗାଇବାକୁ ଏବଂ ନିର୍ମାଣ କାର୍ଯ୍ୟରେ ସ୍ୱଚ୍ଛତା ଆଣିବାକୁ ଦାବି କରିଛନ୍ତି।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ



ଶେରଗଡ଼,୩୧ ।୧୦(ସମିସ): ଶେରଗଡ଼ ପଞ୍ଚାୟତ ସମିତି ପରିସରରେ ଦୁର୍ନୀତି ନିବାରଣ ଲାଗି ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଡ଼ିଓ ତୃପ୍ତିମୟୀ ଜେନା ସଭାପତିତ୍ୱ ଓ ଜିପିଓ ଜି.ରବି କୁମାର ସଂଯୋଜନା କରିଥିଲେ । ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ଏକତ୍ର ହୋଇ କାର୍ଯ୍ୟ କରିବା, ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ଉପରେ ସଚେତନ କରାଯାଇଥିଲା । ଏବିଡିଓ ସୁଧାଂଶୁ ଶେଖର ତରାଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ରଶ୍ମିତା ଶବର, ପାନୀୟ ଜଳ କନିଷ୍ଠ ଯନ୍ତ୍ରୀ ଶଶାଙ୍କ କୁମାର ପାଢୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶଙ୍କର ସାବତଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ ଏବଂ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ

ଛତ୍ରପୁର,୩୧ ।୧୦(ସମିସ): ଗଞ୍ଜାମ ଜିଲ୍ଲାପରିଷଦ ଭବନର ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ବିଭାଗର ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଅଧ୍ୟକ୍ଷତା କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚ୍‌ସି) ଗୁଡିକରେ ଗର୍ଭବତୀ ଓ ପ୍ରସୂତି ସଂଖ୍ୟା ହାର କାହିଁକି କମ ରହୁଛି ତାହା ଉପରେ ଅଧିକ ଫୋକସ ଦେଇଥିଲେ । ଜନ୍ମ ପ୍ରମାଣପତ୍ର ଖୁବ କମ୍ ଦିନରେ ପ୍ରଦାନ ନିମନ୍ତେ ବିଭିନ୍ନ ଆଲୋଚନା କରାଯାଇଥିଲା । ସେହିପରି ଟୀକାକରଣ, ବନ୍ଧ୍ୟାକରଣ, ମମତା ଦିବସ, ନିରୀକ୍ଷଣ ଯୋଜନାରେ ଗର୍ଭବତୀ ମା' ମାନଙ୍କ ୩ ଥର ମାଗଣା ଅଲଟ୍ରାସାଉଣ୍ଡ ହେଉଛି କି ନାହିଁ ବୁଝିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଅଧିକାରୀ ଡାକ୍ତର ସୁଶାନ୍ତ କୁମାର ନାୟକ, ଡିପିଏମ ବୁଲୁନାଥ ସାହୁ, ଅତିରିକ୍ତ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ବିଶ୍ୱମ୍ବର ବେହେରା, ଏଡିଏମଓ ( ପବ୍ଲିକ ଓ ହେଲ୍‌ଥ) ଡାକ୍ତର ବାଲୁଙ୍କେଶ୍ୱର ଷଡ଼ଙ୍ଗୀ, ଏମଡିଏମଓ (ମ୍ୟାଲେରିଆ) ଡାକ୍ତର କାମେଶ୍ୱର ପଟ୍ଟନାୟକ, ବିଏମସି ମେଡିକାଲ ଅଫିସର ଡାକ୍ତର ଶରତ କୁମାର ସାମଲ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଙ୍କ ସମେତ ଜିଲ୍ଲାର ସମସ୍ତ ପିଏଚଇଓ, ବିପିଏମ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ଅଧିକ୍ଷିକ ମାନେ ଉପସ୍ଥିତ ଥିଲେ ।

## ମଦ ଦୋକାନ ସିଲ୍ କଲେ ଉପଜିଲ୍ଲାପାଳ

ସାନଖେମୁଣ୍ଡି ୩୧ ।୧୦(ସମିସ): ବ୍ରହ୍ମପୁର ଉପଜିଲ୍ଲାପାଳ ସାନଖେମୁଣ୍ଡି ଗସ୍ତରେ ଆସି ପାଟପୁର ଥାନା ପାଟପୁର ଗାନ୍ଧିଛକରେ ଥିବା ଏକ ବେଆଇନ ମଦ ଦୋକାନରେ ଚଢ଼ଉ କରି ସିଲ୍ କରିଛନ୍ତି । ସୂଚନା ମୁତାବକ ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର ଶୁକ୍ରବାର ସାନଖେମୁଣ୍ଡି ଗସ୍ତରେ ଆସି କୌଣସି ସୂତ୍ରରୁ ଖବର ପାଇ ପାଟପୁର-ପଳାଶପୁର ଘୋଡ଼ାହାଡ ବ୍ରିଜ ନିକଟରେ ଥିବା



ଏକ ବେଆଇନ୍ ମଦ ଦୋକାନରେ ଚଢ଼ଉ ସହ ଦୋକାନକୁ ସିଲ୍ କରିଛନ୍ତି । ଉକ୍ତ ଚଢ଼ଉରେ ଦିଗପହଣ୍ଡି ଅବକାରୀ ଓଆଇସି ଅନିତା ପ୍ରଧାନ, ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ, ପାଟପୁର ଏଏସଆଇ ସନ୍ତୋଷ କୁମାର ମିଶ୍ର, ପାଟପୁର ରାଜସ୍ୱ ନୀରିକ୍ଷକ ଅନ୍ତର୍ଯ୍ୟାମୀ ନାହାକ ଉପସ୍ଥିତ ଥିଲେ । ଚଢ଼ଉ ସମୟରେ ମାଲିକ ଫେରାର ହୋଇଯାଇଥିବା ବେଳେ କାହାରିକୁ ଗିରଫ କରାଯାଇନଥିବା ଦିଗପହଣ୍ଡି ଅବକାରୀ ଅଧିକାରୀ କହିଛନ୍ତି ।

## ଚକ୍ଷୁଦାନ କରି ଅମର ହେଲେ ଆଇନଜୀବୀ

ଛତ୍ରପୁର, ୩୧ ।୧୦(ସମିସ): ଛତ୍ରପୁର ବରିଷ୍ଠ ଆଇନଜୀବୀ ତଥା ରାଜନଗର ନିବାସୀ କୃଷ୍ଣ ଚନ୍ଦ୍ର ସାହୁଙ୍କ (୭୩) ପରଲୋକ ଘଟିଛି । ସେ ବହୁତ ଦିନ ଧରି ଅସୁସ୍ଥ ରହିଥିବା ବେଳେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ସ୍ତ୍ରୀ ଜ୍ୟୋତି ସାହୁ, ବଡ଼ ପୁଅ ଆଇନଜୀବୀ ହର ପ୍ରସାଦ ସାହୁ, ସାନପୁଅ ସୁର ପ୍ରସାଦ ସାହୁ, ଦୁଇ ବୋହୂ, ନାତି ଓ ନାତୁଣୀ ଏବଂ ବହୁ ଆଇନଜୀବୀ, ଅଞ୍ଚଳବାସୀ ଓ ବନ୍ଧୁ ବାନ୍ଧବ ମାନେ ଉପସ୍ଥିତ ଥିଲେ । ସ୍ୱର୍ଗତ ସାହୁଙ୍କ ମୃତ୍ୟୁ ପରେ ପରିବାର ଲୋକ ତାଙ୍କର ଦୁଇଟି ଚକ୍ଷୁ ଦାନ କରି ତାଙ୍କୁ ସବୁଦିନ ପାଇଁ ଅମର କରିଦେଇଛନ୍ତି । ବ୍ରହ୍ମପୁର ଏମକେସିଜି ମେଡିକାଲ ଓ କଲେଜ ଚକ୍ଷୁ ବିଭାଗର ଡାକ୍ତର ସ୍ମୃତି ରଞ୍ଜନ ଧର ଓ ସ୍ମିତାରାଣୀ ମହନ୍ତ ତାଙ୍କ ଘରେ ପହଂଚି ସ୍ୱର୍ଗତ ସାହୁଙ୍କ ଦୁଇଟି ଚକ୍ଷୁ ସଂଗ୍ରହ କରିଥିଲେ ।

### ମ୍ୟୁନିସିପାଲିଟିରେ ସାମିଲ ନକରିବାକୁ ଦାବି

# ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟିଲେ ଅଞ୍ଚଳବାସୀ


ଛତ୍ରପୁର, ୩୧ ।୧୦(ସମିସ)



ଛତ୍ରପୁର ବ୍ଲକ ଅନ୍ତର୍ଗତ ଚିକଲଖଣ୍ଡି ପଞ୍ଚାୟତର ଚିକଲଖଣ୍ଡି, ପୁରୁଣାପାଟଣା, ଝରପୋଖରୀ ଓ ବାଲିବଗଡ଼ ଗ୍ରାମକୁ ଛତ୍ରପୁର ମ୍ୟୁନିସିପାଲିଟିରେ ସଂଯୋଗୀକରଣ ନ କରିବା ଦାବି ନେଇ ଅଞ୍ଚଳର ବହୁ ଜନସାଧାରଣ ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡାଙ୍କୁ ଭେଟି ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଛତ୍ରପୁର ଠାରୁ ପ୍ରାୟ ୩ କିମି ବ୍ୟବଧାନରେ ଅବସ୍ଥିତ ଏହି ଗ୍ରାମ ଗୁଡିକ ଏବଂ ଏଠାକାର ବାସିନ୍ଦା ପ୍ରାୟ ୯୦% ଚାଷୀ ଏବଂ ମୁଲିଆ ଅଟନ୍ତି । ଏହି ଗ୍ରାମ ମାନଙ୍କର ହଜାର ହଜାର ଛେଳି, ମେଣ୍ଢା, ଗାଇ ଓ ମଇଁଷି ଚାଷ କରି ଜୀବିକା ମେଣ୍ଟାଉଛନ୍ତି । ଏଣୁ ଚିକଲଖଣ୍ଡି, ପୁରୁଣାପାଟଣା, ଝରପୋଖରୀ ଓ ବାଲିବଗଡ଼ ଗ୍ରାମକୁ ଛତ୍ରପୁର ମ୍ୟୁନିସିପାଲିଟିରେ ସଂଯୋଗୀକରଣ ନ କରିବା ନିମନ୍ତେ ସେମାନେ ଅନୁରୋଧ କରିଛନ୍ତି ।

ଦାବିପତ୍ର ପ୍ରଦାନ ବେଳେ ପୂର୍ବତନ ସରପଞ୍ଚ ଡି. ରାମସ୍ୱାମୀ ରେଡ୍ଡୀ, ଅଭିରାମ ପ୍ରଧାନ, ସନ୍ତୋଷ କୁମାର ବେହେରା, ଟିକିନା ଗୌଡ଼, ପଦ୍ମଚରଣ ରାଉଳ ଓ ଭବାନୀ ବେହେରାଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

## ଜାତୀୟ ରାଜପଥରେ କୃତ୍ରିମ ବନ୍ୟା




ରମ୍ଭା,୩୧ ।୧୦(ସମିସ): ବାତ୍ୟା ମୋନ୍ଥାର ଦୁର୍ଦ୍ଦଶା ହଟିବା ସହ ୧୬ନଂ ଜାତୀୟ ରାଜପଥ ରମ୍ଭା (ଜହମି) ବାଇପାସ ରାସ୍ତାରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି । ହେଲେ ପ୍ରଶାସନିକ ସ୍ତରରେ କାହାର ନିଘା ନଥିବା ଭଳି ଜଣାପଡୁଛି । ବାତ୍ୟା ପ୍ରଭାବରେ ରବି ଜାତୀୟ ଫସଲ କ୍ଷତିଗ୍ରସ୍ତ ସାଙ୍ଗକୁ ହେକ୍ଟର ହେକ୍ଟର ଜମି ଚାଷ କାର୍ଯ୍ୟ ବ୍ୟାହତ ହୋଇଛି । ଅନ୍ୟପଟେ ଉପରୋକ୍ତ ରାସ୍ତା ଦେଇ ଦିବାରାତ୍ର ଶହ ଶହ ଯାନବାହାନ ଚଳାଚଳ କରୁଥିବା ବେଳେ ନିର୍ଦ୍ଦିଷ୍ଟ ସ୍ଥାନ ପ୍ରତି ରୂପରେଖ ଦେଖି ଅବସ୍ଥା ଭୁଲି ଯାଆନ୍ତି । ତତ୍‌ସହିତ ପର୍ଯ୍ୟଟନ ମାନଚିତ୍ରରେ ରମ୍ଭାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଏହି ରାସ୍ତାଦେଇ ପ୍ରାଥମିକ ବିଦ୍ୟାଳୟ ଠାରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଅନେକ ଛାତ୍ରଛାତ୍ରୀ ଯାତାୟାତ କରିଥାନ୍ତି । ରାସ୍ତା ନିର୍ମାଣରେ ଅନିୟମିତତା ହୋଇଥିବାରୁ ବର୍ଷାପାଣି ଅବିଶ୍ରାନ୍ତ ଝରୁଛି । ଉଜ୍ୱଳ ଆଲୋକର ବ୍ୟବସ୍ଥା ନ ଥିବା ବେଳେ ଅନେକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି ।ଥିବା ଖବର ମିଳିଛି । ବାଟୋଇ ଓ ଆରୋହୀ ମାନଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଅହରହ ଚିନ୍ତା କରୁଥିବା ବେଳେ ଅନେକ ସ୍ଥାନରେ ବ୍ରିଜ ତଳେ ଗଳାଶଙ୍ଖ ମଝିରେ ପ୍ରାକୃତିକ ଦୁର୍ବିପାକ ସମୟରେ ରହିବା ପାଇଁ ସୁବିଧା ହୋଇଛି । କିନ୍ତୁ ସ୍କୁଲ, ଟିୟୁସନ, କୋଚିଂ ପଢିବାକୁ ଯାଉଥିବା ଛାତ୍ରଛାତ୍ରୀ ମାନେ ନିୟମିତ ଯାତାୟାତ କରୁଥିବା ବେଳେ ରାସ୍ତା ପାର ବିପଦ ସୃଷ୍ଟି କରିଛି । ବିଭାଗୀୟ ଅଫିସର ଓ ଦପ୍ତରୀ ଅଭାବ ଅସୁବିଧା ଦୃଷ୍ଟିରେ ରଖି ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ଧରାକୋଟରେ ସିରିଜ୍ ଦୁର୍ଘଟଣା

ଧରାକୋଟ,୩୧ ।୧୦(ସମିସ): ଧରାକୋଟ ଓ ମୁଣ୍ଡମରାଇ ନିକଟରେ ଶୁକ୍ରବାର ମଧ୍ୟାହ୍ନରେ ଦୁଇଟି ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ଦୁଇଟି ଗାଡି କ୍ଷତିଗ୍ରସ୍ତ ହୋଇଛି । ଜାତୀୟ ରାଜପଥ ୫୯ର ଦୁର୍ଘଟଣା ପ୍ରବଣ ଅଞ୍ଚଳ ଭାବରେ ଜଣାଶୁଣା ହନୁମାନ ଦ୍ୱାର ମୁଣ୍ଡମରାଇ ମଧ୍ୟରେ ଥିବା ଧାନମିଲ ନିକଟରେ ସୋରଡାରୁ ଆସିକା ଯାଉଥିବା ଏକ କାର୍ ରାସ୍ତା ଉପରକୁ ହଠାତ ଚାଲି ଆସିବା ଯୋଗୁଁ ତାକୁ ବଞ୍ଚାଇବାକୁ ଯାଇ ଡ୍ରାଇଭର ରାସ୍ତା ପାଶ୍ୱର୍କୁ ମୋଡ଼ ବଦଳାଇବା ବେଳେ କାରଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଠିକ ସେହିପରି ଧରାକୋଟ ମେଡ଼ିକାଲ ଗଡାଣିରେ ସୋରଡା ପଟରୁ କାଠ ବୋଝେଇ କରି ଆସୁଥିବା ଏକ ବୋଲେରୋ ପିକଅପ ଗାଡି ନିୟନ୍ତ୍ରଣ ହରାଇ ଏକ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇ ଓଲଟି ପଡିଥିଲା । ପାଖରେ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ରହିଥିଲେ ମଧ୍ୟ ସୌଭାଗ୍ୟବଶତଃ ଏହାକୁ ଧକ୍କା ହୋଇନଥିବାରୁ ବଡ ଅଘଟଣ ଟଳି ଯାଇଛି । ପୁଲିସ ଉଭୟ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି ।

### ● ମାନସିକ ବିକୃତ ଯୁବତୀଙ୍କୁ ଅପହରଣ ଓ ଦୁଷ୍କର୍ମ ମାମଲା

## ଅଭିଯୁକ୍ତକୁ ୧୨ ବର୍ଷ ଜେଲ୍ ସହ ଜରିମାନା

ପାରଳାଖେମୁଣ୍ଡି,୩୧ ।୧୧(ସମିସ) : ମାନସିକ ବିକୃତ ଯୁବତୀକୁ ଅପହରଣ ତଥା ଦୁଷ୍କର୍ମ ମାମଲାରେ ଦୋଷୀକୁ ୧୨ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି । ଗତବର୍ଷ ଫେବୃଆରୀ ୧୦ ସନ୍ଧ୍ୟାରେ ପୀଡ଼ିତା ନିଜ ଘରୁ କେଉଁଆଡ଼େ ଚାଲିଯାଇଥିଲେ । ପରେ ଘରେ କିମ୍ବା ଆଖପାଖ ଅଞ୍ଚଳରେ ଖୋଜିବା ପରେ କେହି ତାଙ୍କର ଖୋଜଖବର ପାଇପାରି ନ ଥିଲେ । କିନ୍ତୁ ସେହିଦିନ ରାତି ୧୦ଟାରେ ପୀଡ଼ିତା ମୂମୂର୍ଷୁ ଅବସ୍ଥାରେ ଘରକୁ ଫେରିଥିଲେ । ପୀଡ଼ିତାଙ୍କ ମାନସିକ ଅବସ୍ଥାକୁ ନଜରରେ ରଖି ତା' ପରଦିନ ସକାଳେ ମା' ସବୁକଥା ଜାଣିବାକୁ ଚେଷ୍ଟା କରିଥିଲେ । ପୀଡ଼ିତା ତାଙ୍କୁ ସେହି ସ୍ଥାନକୁ ନେଇ ଯାଇଥିଲା ଯେଉଁଠି ତାଙ୍କ ସହ ଦୁଷ୍କର୍ମ କରାଯାଇଥିଲା । ସେ ସ୍ଥାନରୁ ପୀଡ଼ିତାଙ୍କ ଚପଲ ମଧ୍ୟ ମିଳିଥିଲା । ପରେ ପୀଡ଼ିତା ଦୁଷ୍କର୍ମ କରିଥିବା ଟୁକୁନା ଦଣ୍ଡିଆଙ୍କୁ ଚିହ୍ନଟ କରିବା ସହ ଗ୍ରାମବାସୀଙ୍କୁ ଜଣାଇବା ପରେ ତାଙ୍କ ମାଙ୍କ ଅଭିଯୋଗ କ୍ରମେ ଆର୍.ଉଦୟଗିରି ଥାନାରେ ୧୪ ତାରିଖରେ ମାମଲା ରୁଜୁ ହୋଇଥିଲା । ସବ୍‌ଇନ୍ସପେକ୍ଟର ସ୍ୱପ୍ନାରାଣୀ ବେହେରା ତଦନ୍ତ କରି ଅଭିଯୁକ୍ତ ଟୁକୁନା ଦଣ୍ଡିଆଙ୍କୁ କୋର୍ଟ ଚାଲାଣ କରିଥିଲେ । ଆଜି ୧୯ ଜଣଙ୍କ ସାକ୍ଷ୍ୟ ତଥା ପ୍ରମାଣକୁ ଭିତ୍ତି କରି ମାମଲାର ଶୁଣାଣି କରି ଅତିରିକ୍ତ ଜିଲ୍ଲା ସେସନ୍ ଜଜ୍ ବିଭୁ ପ୍ରସାଦ ପଣ୍ଡା ଟୁକୁନାକୁ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇବା ସହ ୧୦ହଜାର ଟଙ୍କାର ଜରିମାନା ଓ ଅନାଦାୟ ଅଧିକ ୬ମାସ ଜେଲଦଣ୍ଡ ନେଇ ରାୟରେ ଉଲ୍ଲେଖ କରିଛନ୍ତି । ସେହିପରି ଅପହରଣ ପାଇଁ ରହିଥିବା ଧାରା ୩୬୩ରେ ଉକ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨ବର୍ଷର ସଶ୍ରମ କାରାଦଣ୍ଡ ସହ ୧ହଜାର ଟଙ୍କାର ଜରିମାନା ସଜା ଶୁଣାଇଛନ୍ତି ତଥା ଜୋରିମାନା ଅନାଦାୟ ଆହୁରି ଏକ ମାସ ସଶ୍ରମ କାରାଦଣ୍ଡ ନେଇ ରାୟରେ ଉଲ୍ଲେଖ କରିଛନ୍ତି । ସରକାରଙ୍କ ପକ୍ଷରୁ ଆସୋସିଏଟ ପିପି ପି. ପ୍ରସାଦ ରାଓ ଏହି ମାମଲାର ପରିଚାଳନା କରିଥିବା ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି ।

## ଗଞ୍ଜାମର କବିତାଘର ସାହିତ୍ୟ ସମ୍ମାନ

ରମ୍ଭା,୩୧ ।୧୦(ସମିସ): ଆସନ୍ତା ନଭେମ୍ବର ୯ ତାରିଖ ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗଞ୍ଜାମର କବିତାଘର ଲିଟେରାରୀ ଟ୍ରଷ୍ଟ ଦ୍ୱାଦଶ ବର୍ଷ୨୦୨୫ ନିମନ୍ତେ ସାହିତ୍ୟ ସମ୍ମାନ ପ୍ରଦାନ କରିବ ବୋଲି ଅନୁଷ୍ଠାନର ସମ୍ପାଦକ ତଥା ଅଧ୍ୟକ୍ଷ ଭାଗୀରଥି ବେହେରା ଘୋଷଣା କରିଛନ୍ତି । କବି ଗୋପୀନାଥ ଦାଶଙ୍କୁ ରାଜ୍ୟସ୍ତରୀୟ କବିତା ସମ୍ମାନ, କବି ଧର୍ମାନନ୍ଦ ମହାରଣାଙ୍କୁ ଜିଲ୍ଲାସ୍ତରୀୟ କବିତା ସମ୍ମାନ, କବି ପ୍ରହଲ୍ଲାଦ ବେହେରାଙ୍କୁ ସ୍ୱର୍ଗତ ଦେବମଣି ସାହୁ କବିତା ପୁସ୍ତକ ସ୍ମୃତି ସମ୍ମାନ, କବି ସରୋଜବାଳା ପଟ୍ଟନାୟକଙ୍କୁ ସ୍ୱର୍ଗତା ରୁକୁଣା ବେହେରା କବିତା ପୁସ୍ତକ ସ୍ମୃତି ସମ୍ମାନ, କବି ଜ୍ୟୋତ୍ସ୍ନା ରାଣୀ ଦେବୀଙ୍କୁ ସ୍ୱର୍ଗତା ପ୍ରମିଳା ସ୍ୱାଇଁ କବିତା ପୁସ୍ତକ ସ୍ମୃତି ସମ୍ମାନ ଏବଂ ବନମାଳି ସେନାପତିଙ୍କୁ 'ପରାଗ' ପତ୍ରିକା ନିମନ୍ତେ ସମ୍ପାଦକ ସମ୍ମାନ ପ୍ରଦାନ କରାଯିବ ବୋଲି ସଭାପତି ଡ଼ା ରାଜେନ୍ଦ୍ର କୁମାର ବେହେରା ଜଣେଇଛନ୍ତି । ଭାଗୀରଥି ବେହେରାଙ୍କ ତିନିଟି ଉପନ୍ୟାସ ତୃତୀୟ ପୁରୁଷ, ଚକ୍ରବ୍ୟୁହ, ମାନବ ହିନ୍ଦୀ ସଂସ୍କରଣ ଓ ଯୋଗେଶ ଚନ୍ଦ୍ର ପ୍ରଧାନଙ୍କ ଗୀତିନାଟ୍ୟ 'ସାଧବ କନ୍ୟା' ଉନ୍ମୋଚନ ହେବ ବୋଲି ଗଦାଧର ପାତ୍ର, ସୁଧାଂଶୁ ଶେଖର ସାହୁ, ଇଂ ନଳିନୀକାନ୍ତ ନାୟକ , ତ୍ରିଲୋଚନ ଦାସ, ଭାଗିରଥୀ ପଣ୍ଡା, ଜୟନ୍ତୀ ବେହେରା, ଜ୍ୟୋତ୍ସ୍ନା କୁମାରୀ ପ୍ରଧାନ, ଧର୍ମାନନ୍ଦ ମହାରଣା, ଶେଷଦେବ ବେହେରା, ଦୁର୍ଗା ମାଧବ ମହାରଣା ଆଦି ସଦସ୍ୟ ଗଣ ସହମତି ପ୍ରଦାନ କରିଛନ୍ତି ।

## ହବିଷ୍ୟାଳିଙ୍କ ଅଁଳା ନବମୀ ପୂଜା

ବେଲଗୁଣ୍ଠା,୩୧ ।୧୦(ସମିସ): ବେଲଗୁଣ୍ଠାର ବହୁ ହବିଷ୍ୟାଳି ଅଁଳା ନବମୀ ପୂଜା କରିଛନ୍ତି । ସେମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ରୀତିନୀତି ମୁତାବକ ପୂଜା କରିଛନ୍ତି । ହବିଷ୍ୟାଳି ଅଁଳା ଗଛ ଚାରିପଟେ ପଞ୍ଚ ମୁରୁଜରେ ଚିତା ଆଙ୍କିବା ସହିତ ଅଁଳା ଗଛକୁ ଚୁଡି, ସିନ୍ଦୁର ଦେଇ ପୂଜା କରିଥିଲେ । ଏହା ସହିତ ହବିଷ୍ୟାଳିମାନେ ରାଧାପାଦ ଦର୍ଶନ କରିଥିଲେ ।

## ରାଉଲକେଲା ଗସ୍ତକଲା ଛତ୍ରପୁର ହକି ଟିମ୍

ଛତ୍ରପୁର,୩୧ ।୧୦(ସମିସ): ଗତ ୨୯ ତାରିଖ ଠାରୁ ରାଉଲକେଲା ବିର୍ସାମୁଣ୍ଡା ଷ୍ଟାଡିଅମରେ ଚାଲିଥିବା ୪ର୍ଥ ଏଡିସନ ଓଡିଶା ନାଭାଲ ଟାଟା ୧୪ ବର୍ଷରୁ ବାଳକ ହକି ଗ୍ରାସରୁଟ ଚାମ୍ପିଅନ୍‌ସିପ୍‌ରେ ଯୋଗଦେବା ନିମନ୍ତେ ଛତ୍ରପୁର ସ୍ଥିତ ହକି ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରଶିକ୍ଷଣ ନେଉଥିବା ୧୪ ବର୍ଷରୁ କମ ବାଳକ ବର୍ଗର ଏକ ହକି ଟିମ ରାଉଲକେଲା ଗସ୍ତ କରିଛି । ଏନେଇ



ଜିଲ୍ଲା ପ୍ରଶାସନ ପକ୍ଷରୁ ଉକ୍ତ ଟିମକୁ ଶୁଭେଚ୍ଛା ପ୍ରଦାନ କରାଯାଇଛି । କୋଚ ମନୋଜ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏହି ଟିମ ଗସ୍ତ କରିଛନ୍ତି । ଅନ୍ୟତମ ମୁଖ୍ୟ ପ୍ରଶିକ୍ଷକ ତଥା କୋଚ ସନ୍ତୋଷ କୁମାର ଗୌଡ଼ ଏବଂ କ୍ରୀଡ଼ାବିତ ମାନେ ତାଙ୍କୁ ଶୁଭ କାମନା ଜଣାଇଛନ୍ତି । ଏହି ଚମ୍ପିୟାନସିପ ନଭେମ୍ବର ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।



# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



ଛତ୍ରପୁର,୩୧ ।୧୦(ସମିସ): ଛତ୍ରପୁର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସ୍ଥାନୀୟ ପିଏମଶ୍ରୀ ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଛତ୍ରପୁର ବିଇଓ ସୁଜିତ କୁମାର ପାଢ଼ୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଛତ୍ରପୁର ଏନ୍‌ଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ କହିଥିଲେ । ସମ୍ମାନିତ ଅତିଥି ଭାବେ ଛତ୍ରପୁର ଅତିରିକ୍ତ ତହସିଲଦାର ଏନ. ରବି ପ୍ରଧାନ, ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ, ସମଗ୍ର ଶିକ୍ଷା ଅଭିଯାନର ଜିଲ୍ଲା ଅନୁସୂଚିତ ଜାତି/ଜନଜାତି ସଂଯୋଜକ ଡ଼ଃ ସରୋଜ ମୋହନ ପାଲ, ଜିଲ୍ଲା ଶିକ୍ଷା ଶାସ୍ତ୍ର ସଂଯୋଜକ ଡ଼ଃ ସନ୍ତୋଷ ପଣ୍ଡା, ଛତ୍ରପୁର ଏ ବିଇଓ ନମିତା ରାଉତ, ଏବିଇଓ ତଥା ବିଆରସିସି ସଂଯୁକ୍ତା କୁମାରୀ ରଥ, କେ.ଚନ୍ଦ୍ର ଶେଖର ରେଡ୍ଡୀ ପ୍ରମୁଖ ଯୋଗଦେଇ ମହୋତ୍ସବର ବିଭିନ୍ନ ଦିଗ ଉପରେ କହିଥିଲେ । ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମକୁ ନୋଳିଆ ନୂଆଗାଁ ବିଦ୍ୟାଳୟର ସହକାରୀ ଶିକ୍ଷକ ତୁଳସୀ ରାମ ମେହର ସଂଯୋଜନା କରିଥିବା ବେଳେ ଅନ୍ୟାନ୍ୟ ଶିକ୍ଷକ/ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ ।

**ସାନଖେମୁଣ୍ଡି:** ସାନଖେମୁଣ୍ଡି ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ମୌଳାଭଞ୍ଜା ସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ କୁରେଶୁ ସେଠି ଯୋଗଦେଇଥିଲେ । ମୁଖ୍ୟବକ୍ତା ପାଟପୁର କଲେଜ ଅଧ୍ୟାପକ ଡ.କୈଳାସଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶୁକଦେବ ମଲିକ ଗୋଷ୍ଠୀ, ସାଧନ କେନ୍ଦ୍ର ସଂଯୋଜିକା ରିତାଞ୍ଜଳି ରଥ, ଛଣମେରି ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଜଗଦୀଶ ମୁନି, ସ୍କୁଲ ପରିଚାଳନା ସଭାପତି ପ୍ରତିମା ମହାରଣା, ସ୍ଥାନୀୟ ସରପଞ୍ଚ ବର୍ଷାରାଣୀ ସେଠି, ସମିତି ସଭ୍ୟ ଶରତକୁମାର ସ୍ୱାଇଁ, ସମାଜସେବୀ ସୂର୍ଯ୍ୟନାରାୟଣ ଦଳବେହେରା ପ୍ରମୁଖ ଯୋଗଦେଇଥିଲେ । ସାଂସ୍କୃତିକ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ବିଶିଷ୍ଟ ଲୋକନୃତ୍ୟ ଗୁରୁ ବିଚିତ୍ର ବର୍ଣ୍ଣାଳୀ, ଦିଗପହଣ୍ଡିର ଆଲୋକ ବିଷୋୟୀ, ଓଡ଼ିଶୀ ନୃତ୍ୟଗୁରୁ ପ୍ରଦୀପ କୁମାର ରଥ ପ୍ରମୁଖ ଯୋଗ ଦେଇଥିଲେ ।



ମୌଳାଭଞ୍ଜା କ୍ଲଷ୍ଟର ସିଆର୍‌ସିସି ଡି.ମୁକେଶ ପାତ୍ରଙ୍କ ସମେତ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଓ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ରଙ୍ଗେଇଲୁଣ୍ଡା:** ଡୁରା ସ୍ଥିତ ନ୍ୟାସନାଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ 'ସୁରଭି'ରେ ମୁଖ୍ୟଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ପବିତ୍ର ମୋହନ ସାହୁ, ସ୍ୱତନ୍ତ୍ର ଅତିଥି ଗଞ୍ଜାମ ଜିଲ୍ଲା ପରିଷଦର ଉପସଭାପତି ରାଜେଶ୍ୱରୀ ଦୋରା, ସମ୍ମାନିତ ଅତିଥି ଭାବେ ଗୋପାଳପୁର କଲେଜର ଅଧ୍ୟକ୍ଷ ଡ଼ ରାମ ଚନ୍ଦ୍ର ପଣ୍ଡା, ନ୍ୟାସନଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ପ୍ରଧାନ, ଭୂପେନ ଚନ୍ଦ୍ର ମହନ୍ତ ଓ ଡୁରା ସରପଞ୍ଚ ବିଷ୍ଣୁପ୍ରିୟା ବେହେରା ଯୋଗଦେଇଥିଲେ । ରଙ୍ଗେଇଲୁଣ୍ଡା ବିଇଓ ଦେବେନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ଡ଼ କୁଳମଣି ଓଝା, ରାଜ୍ୟ ଖଣି ମନ୍ତ୍ରୀଙ୍କ ପ୍ରତିନିଧି ବ୍ରଜମୋହନ ନାହକ, ଗଙ୍ଗାଧର ଶତପଥୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼. ତାରା ପ୍ରସାଦ ଦାଶ, ସ୍ୱାମୀଜୀ ସଦାଶିବାନନ୍ଦଜୀ ଆଚାର୍ଯ୍ୟ, କୋଳଥି ଗାଁ ସରପଞ୍ଚ ଜଗମୋହନ ପାତ୍ର ଯୋଗ ଦେଇଥିଲେ । ଏହି ଅବସରରେ ଏବିଇଓ ଜଗନ୍ନାଥ ଭୂୟାଁ, କୁସୁମ ପାଢ଼ୀ, ସୁକାନ୍ତ ଜେନାଙ୍କ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ ।

**ବେଲଗୁଣ୍ଠା:** ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଲୋପାମୁଦ୍ରା ରଥଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ 'ସୁରଭି'ରେ ବେଲଗୁଣ୍ଠା ତହସିଲଦାର ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ କଳାକୃଷ୍ଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ବର୍ତ୍ତମାନର ଛାତ୍ର ପିଢ଼ି ସମୃଦ୍ଧ ଓଡ଼ିଶା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି କହିଥିଲେ । ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପାଢୀ, ପ୍ରତିଭା କୁମାରୀ ରଥ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ମହାରଣା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ଓ ଶିକ୍ଷୟିତ୍ରୀ ସ୍ମିତା ନାୟକ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ମୃତ୍ୟୁଞ୍ଜୟ ପଣ୍ଡା, ଉପସଭାପତି ଶଲ୍ୟ ସିଅ, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ସେଠୀ, ସଂଗଠନ ସମ୍ପାଦକ ଆକୁଳ ସାହୁ, ମନୋଜ ପଟ୍ଟନାୟକ, ବରିଷ୍ଠ ଶିକ୍ଷକ ସନ୍ତୋଷ କୁମାର ପଟ୍ଟନାୟକ, ସନିତ କୁମାର ଜେନା, ସିଆରସିସି ସୁଧୀର କୁମାର ତ୍ରିପାଠି, ସୁକାନ୍ତ ନାୟକ, କାଳୁ ଚରଣ ଗୌଡ଼, ହରେକୃଷ୍ଣ ଶତପଥି, ଜିତେନ୍ଦ୍ର ସାହୁ, ଅନନ୍ତ ସେଠୀ, ରଞ୍ଜିତ୍ ସାହୁ, ରମେଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

**କବିସୂର୍ଯ୍ୟନଗର:** କବିସୂର୍ଯ୍ୟନଗର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଯାଇଛି । ଆସିକା ସାଂସଦ ଅନିତା ଶୁଭ ଦର୍ଶନୀ ପଟ୍ଟନାୟକ ଏହାକୁ ଉଦଘାଟନ କରିଥିଲେ । ଗୋଷ୍ଠୀ ଶିକ୍ଷାଧିକାରୀ ଅଭିମନ୍ୟୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆସିକା ସାଂସଦ ଅନିତା ଶୁଭଦର୍ଶନୀ ପଟ୍ଟନାୟକ, ଅତିରିକ୍ତ ଗୋଷ୍ଠିଶିକ୍ଷାଧିକାରୀ ମାଧବ ଚନ୍ଦ୍ର ମାଝୀ, ସିଆରସିସି ରବିନାରାୟଣ ବେହେରା, ସାଂସଦ ପ୍ରତିନିଧି ଯଜ୍ଞନାରାୟଣ ଦାଶ ଓ ଶ୍ରୀକାନ୍ତ ମହାପାତ୍ର, ବରିଷ୍ଠ ବିଜେପି ନେତା ସୀତାରାମ ପାଣିଗ୍ରାହୀ, କୁମୁଦାନନ୍ଦ ପଟ୍ଟନାୟକ, ସୂର୍ଯ୍ୟନାରାୟଣ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ସଂଯୋଜନାକାରି ମୋଟ ୧୧ ଜଣ ସିଆରସିସିଙ୍କୁ ସମ୍ବର୍ଦ୍ଧିତ କରିଥିଲେ ମୁଖ୍ୟ ଅତିଥି । କାର୍ଯ୍ୟକ୍ରମରେ ବହୁ ଅବସର ଶିକ୍ଷକ, ପ୍ରଧାନ ଶିକ୍ଷକ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।



# ସ୍କୁଲରେ ଛାତ୍ରୀଙ୍କୁ କାମୁଡ଼ିଲା ସାପ

ଦେବଗଡ଼, ୩୧।୧୦ (ସମିସ): ରିଆମାଳ ବ୍ଲକ୍ ଅନ୍ତର୍ଗତ ଚଢ଼େଇମାରା ପ୍ରାଥମିକ ବିଦ୍ୟାଳୟ ପରିସରରେ ସାପ କାମୁଡ଼ାରେ ଜଣେ ପ୍ରଥମ ଶ୍ରେଣୀ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି।



ଛାତ୍ରୀଜଣଙ୍କ ହେଲେ, କୁଇଗରାଣୀ ବେହେରା। ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବର ଲେଖା ବେଳା ସୁଦ୍ଧା ଛାତ୍ରୀଙ୍କ ଚିକିତ୍ସା ଜାରି ରହିଛି। ସୂଚନାନୁଯାୟୀ, କୁଇଗରାଣୀ ଶୌଚାଳୟକୁ ଶୌଚ କରିବା ପାଇଁ ଯାଇଥିଲେ। ଏହି ସମୟରେ ଶୌଚାଳୟ ନିକଟରେ ଥିବା ଏକ ଚିତିସାପ ତାଙ୍କ ଗୋଡ଼ରେ କାମୁଡ଼ି ଦେଇଥିଲା। କୁଇଗରାଣୀଙ୍କ ଚିତ୍କାର ଶୁଣି ଶିକ୍ଷକମାନେ ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇବା ସହ ତାଙ୍କ ପରିବାରଲୋକଙ୍କୁ ଖବର ଦେଇଥିଲେ।

**ଗାଡ଼ି ଚାଳକଙ୍କ ସଫଳତା**

# ଜାପାନ ଯିବେ କେନ୍ଦୁଝରର ରାକେଶ

କଟକ, ୩୧।୧୦(ସମିସ): ଜଣେ ଗାଡ଼ି ଚାଳକ ହୁଏତ ଉଚ୍ଚଶିକ୍ଷିତ ନ ହୋଇପାରନ୍ତି କିନ୍ତୁ ଯଦି ନିଷ୍ଠାର ସହ ପ୍ରଶିକ୍ଷଣ ନେବେ, ତେବେ ରୋଜଗାର କ୍ଷେତ୍ରରେ ମଧ୍ୟ ନିଜ ପାଇଁ ଭଲ ସମ୍ଭାବନା ସୃଷ୍ଟି କରିପାରିବେ। ଯାହା ପ୍ରମାଣିତ କରିପାରିଛନ୍ତି କେନ୍ଦୁଝର ଜିଲ୍ଲାର



ରାକେଶ ଦାସ। ଓଡ଼ିଶା ସରକାରଙ୍କ ଛତିଆ ଯାନ ଚାଳନା ତାଲିମ କେନ୍ଦ୍ରରୁ ପ୍ରଶିକ୍ଷିତ ଜଣେ ଗାଡ଼ିଚାଳକ ରାକେଶ ଆଜି ବିଶ୍ୱସ୍ତରରେ ନିଜର ସୁନାମ ହାସଲ କରିବାରେ ସକ୍ଷମ ହୋଇଛନ୍ତି। ଶ୍ରୀ ଦାସ ଜାପାନର ଏକ ପ୍ରତିଷ୍ଠିତ କମ୍ପାନୀରେ ନିଯୁକ୍ତି ପାଇ ଜାପାନ ଅଭିମୁଖେ ଯାଉଛନ୍ତି। ରାକେଶ ଛତିଆ ପ୍ରଶିକ୍ଷଣ କେନ୍ଦ୍ରରୁ ସୁବାହକ ଭାବେ ପ୍ରଶିକ୍ଷିତ ହୋଇଥିଲେ। ସଫଳତାର ସହ ଯାନ ଚାଳନା ଶିକ୍ଷା ପରେ ଜାପାନର ମାରୁଇ କମ୍ପାନୀରେ ସେ ନିଯୁକ୍ତି ପାଇଁ ମନୋନୀତ ହୋଇଛନ୍ତି। ଜାପାନ ଯିବା ପାଇଁ ସେଠାକାର ଭାଷା ଏବଂ ଚାଳିକେଙ୍କ ବାବଦରେ ନାଭିସ୍ ଏଡୁକେସନ୍ ନାମକ ଚୁକ୍ତିବଦ୍ଧ କମ୍ପାନୀରୁ ପ୍ରଶିକ୍ଷଣ ନେଇଥିଲେ ରାକେଶ। ଗାଡ଼ି ଚାଳନା ପ୍ରଶିକ୍ଷଣର ସୁଯୋଗ ତାଙ୍କ ଜୀବନରେ ଏକ ବଡ଼ ପରିବର୍ତ୍ତନ ଆଣିଥିବା ସେ କହିଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ଯାନଚାଳନା ତାଲିମ ଓ ଗବେଷଣା ପ୍ରତିଷ୍ଠାନ ବରାଳ, ଛତିଆ, ପାଲୁର, କେନ୍ଦୁଝରରେ ରହିଛି। ଏଠାରେ ପ୍ରଶିକ୍ଷାର୍ଥୀଙ୍କ ତାଲିମ୍ ସହ ରହିବା ଖାଇବାର ସମସ୍ତ ଖର୍ଚ୍ଚ ସରକାରଙ୍କ ଦ୍ୱାରା ବହନ କରାଯାଇଥାଏ। ରାକେଶଙ୍କ ନିଯୁକ୍ତି ନେଇ ତାଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଶୁଭେଚ୍ଛା ଜଣାଇଛନ୍ତି।

**ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା**

# କୁଆଡ଼େ ଗଲେ ଉମା, କୁରୁପତି?

ବ୍ରହ୍ମପୁର, ୩୧।୧୦(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାକୁ ଉଣେଇଶରେ ୨୭ ଦିନ ବିତିଛି। କିନ୍ତୁ ଏବେ ବି ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଓ ସୁପାରି କିଲରଙ୍କ ନିକଟରେ ପୁଲିସ ପହଞ୍ଚି ପାରିନି। ଫେରାର୍ ଉମା ବିଶୋୟୀ ଏହି ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ହୋଇଥିବା ବେଳେ କୁରୁପତି ନେଇ ଗୁଳି କରିଛନ୍ତି। ଉଭୟଙ୍କୁ ଧରିବା ପାଇଁ ପୁଲିସର ସ୍ୱତନ୍ତ୍ର ଟିମ୍ ରାଜ୍ୟ ଓ ରାଜ୍ୟ ବାହାରେ ଚଢ଼ାଉ ଜାରି ରଖିଛି। ଉଭୟଙ୍କ ଶେଷ ଲୋକେସନ୍ ଝାଡ଼ଖଣ୍ଡ ଥିଲା। କିନ୍ତୁ ସେଠାରୁ ସେମାନେ କୁଆଡ଼େ ଯାଇଛନ୍ତି ନା ସେଠାରେ କେଉଁଠି ଆତ୍ମଗୋପନ କରିଛନ୍ତି, ତାହାର ଟ୍ରେସ୍ ପାଉନି ପୁଲିସ।

**ଲାଷ୍ଟ ଲୋକେସନ୍ ଝାଡ଼ଖଣ୍ଡ**

ଅପରପକ୍ଷେ, ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ କହିଛନ୍ତି ଯେ ପୀତବାସଙ୍କୁ ସୁଚିନ୍ତିତ ଏବଂ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି। ଏଥିପାଇଁ ଦୀର୍ଘ ଦିନରୁ ଯୋଜନା ହୋଇଥିଲା। ସେପ୍ଟେମ୍ବର ୩ ତାରିଖ ପରେ ଏହାକୁ ରୂପ ଦେବାକୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା। ତେବେ ଏହା ପଛରେ ଗୋଟିଏ କିମ୍ବା ଦୁଇଟି ନୁହେଁ, ବରଂ ଅନେକ କାରଣ ରହିଛି। ଅଭିଯୁକ୍ତଙ୍କୁ ଗିରଫ କରି ଜେରା କରିବା ସମୟରେ ସେମାନଙ୍କ ସ୍ୱୀକାରୋକ୍ତି ପରେ ବହୁ ତଥ୍ୟ ପଦାକୁ ଆସିଥିବା ସେ କହିଛନ୍ତି। ହତ୍ୟାକାଣ୍ଡ ପଛରେ ବ୍ୟକ୍ତିଗତ, ବୃତ୍ତିଗତ, ରାଜନୈତିକ ଏବଂ ବ୍ୟବସାୟିକ ଆଦି ବିଭିନ୍ନ କାରଣର କିଛି ନା କିଛି ଲିଙ୍କ୍ ରହିଛି। ଜେରା ସମୟରେ ଅଭିଯୁକ୍ତଙ୍କଠାରୁ ମିଳିଥିବା ତଥ୍ୟ ଓ ବୟାନ ଆଧାରରେ ଅନ୍ୟ କାହାରି ସମ୍ପୃକ୍ତି ରହିଛି କି ନାହିଁ, ସେନେଇ ଅନୁସନ୍ଧାନ ପରବାରଜରା କରାଯାଉଛି। ସେହିପରି ଫେରାର୍ ଉମା ଓ କୁରୁପତିଙ୍କ ଗିରଫ ପରେ ହତ୍ୟାକାଣ୍ଡ ସମ୍ପର୍କରେ ଅଧିକ କିଛି ତଥ୍ୟ ମିଳିବ ବୋଲି ଆଶା ରଖାଯାଇଛି ପୁଲିସ।

ଗୁଳିକାଣ୍ଡ ପରେ ଚିଣ୍ଟୁ ପ୍ରଧାନ ଓ ସୁପାରିକିଲର୍ କୁରୁପତି ଭୂର୍ୟା ବାଇକ୍‌ରେ ପୁରୁଷୋତ୍ତମପୁର ଦେଇ ୧୬ ନମ୍ବର ଜାତୀୟ ରାଜପଥରେ ପହଞ୍ଚିଥିଲେ। ସେଠାରୁ ରାମେଶ୍ୱର ଛକ ପରେ ଭୁବନେଶ୍ୱର ଓ ପୁରୀ ଚାଲିଯାଇଥିଲେ। ପୁରୀରୁ ଚିଣ୍ଟୁ ପ୍ରଧାନ ବେଙ୍ଗାଲୁରୁ ଫେରିଯାଇଥିବା ବେଳେ କୁରୁପତି ଜୟପୁର ଯାଇଥିଲା। ଜୟପୁରରେ ପୂର୍ବରୁ ଅପେକ୍ଷା କରିଥିବା ଉମା ବିଶୋୟୀ ସହ କୁରୁପତିର ସାକ୍ଷାତ ହୋଇଥିଲା। ସୁନାଳ ହୋଟାଙ୍କ ଫାର୍ମହାଉସ୍‌ରେ ଆଶ୍ରୟ ନେବା ପରେ ଉଭୟେ ଝାଡ଼ଖଣ୍ଡ ଅଭିମୁଖେ ଚାଲିଯାଇଥିଲେ।

## ପ୍ରଥମ ପ୍ଲାନ୍‌ରୁ ବିହାରୀ ଓହରିଲେ କାହିଁକି?

ଉମା ବିଶୋୟୀର ନିର୍ଦ୍ଦେଶରେ ତଥା ଯୋଗୀ ରାଉତର କହିବା ପ୍ରକାରେ ହତ୍ୟାକାଣ୍ଡ ପାଇଁ ପ୍ରଥମେ ବିପିନ ସାହୁ ଓ ସାମାଞ୍ଜକ ନାୟକ ରାଜି ହୋଇଥିଲେ। ବିହାରରୁ ଆମଦାନୀ ହୋଇଥିଲେ ଶିଶୁପାଳ କୁମାର ପାଶୱାନ ଓ କୁନ୍ଦନ କୁମାରଙ୍କ ଭଳି ଦୁଇ ସାର୍ପସୁଟର୍। ୧୦ ତାରିଖରେ ବ୍ରହ୍ମପୁରରେ ସମସ୍ତ ୪ଜଣ ପହଞ୍ଚିବା ପରେ ୧୨ ତାରିଖରେ ପୀତବାସଙ୍କ ଗତିବିଧି ଉପରେ ନଜର ରଖିଥିଲେ। ରେକି କରିବାକୁ କୋର୍ଟ ପରିସରକୁ, ଏପରିକି ପୀତବାସଙ୍କ ଚାମ୍ବରକୁ ମଧ୍ୟ ଯାଇଥିଲେ। ତେବେ ୧୦ ଲକ୍ଷ ଟଙ୍କାରେ ହତ୍ୟା କରିବାକୁ ଅମଙ୍ଗ ହେବା କିମ୍ବା ପୀତବାସ ଜଣେ ଆଇନଜୀବୀ ବୋଲି ଜାଣିବା ପରେ ଆଗାଜି ହୋଇ ଅଥବା ବ୍ୟକ୍ତିଗତ କାରଣରୁ ଦୁଇ ବିହାରୀ ପ୍ଲାନ୍‌ରୁ ଓହରି ଯାଇଥିଲେ। କାହାରିକୁ କିଛି ନକହି ସାଙ୍ଗରେ ଆଣିଥିବା ଦୁଇଟି ବନ୍ଧୁକକୁ ଛାଡ଼ି ସେମାନେ ବିହାର ଫେରିଯାଇଥିଲେ।

## ୫୦ ହଜାରରେ ବନ୍ଧୁକ ଏବଂ ଅଗ୍ରୀମ ୨୦ ହଜାର ନେଇଥିଲେ ହତ୍ୟାକାରୀ

ପ୍ଲାନ୍ ମୁତାବକ ଦୁଇ ସାର୍ପସୁଟର୍ ବିହାରରୁ ଆସିବା ବେଳେ ସାଙ୍ଗରେ ଦୁଇଟି ବନ୍ଧୁକ ଆଣିଥିଲେ। ଏଥିପାଇଁ ସେମାନଙ୍କୁ ୫୦ ହଜାର ଟଙ୍କା ଦିଆଯାଇଥିଲା। ତେବେ କୌଣସି କାରଣରୁ ସେମାନେ ଫେରିଯାଇଥିଲେ। ପରବର୍ତ୍ତୀ ସମୟରେ ଦ୍ୱିତୀୟ ପ୍ଲାନ୍‌ରେ ସାମିଲ ହୋଇଥିଲେ ଚିଣ୍ଟୁ ପ୍ରଧାନ ଓ କୁରୁପତି ଭୂର୍ୟା। ପୂର୍ବରୁ ରେକି ପରେ ସେମାନଙ୍କ ହାତରେ ଥାପି ଦିଆଯାଇଥିବା ବିହାରୀଙ୍କ ଦୁଇଟି ବନ୍ଧୁକ। ବାଇକ୍ ଚାଳକ ଚିଣ୍ଟୁ ପ୍ରଧାନକୁ ୩ଲକ୍ଷ ଓ ହତ୍ୟାକାରୀ କୁରୁପତିକୁ ୫ଲକ୍ଷ ଟଙ୍କା ଦେବାକୁ ଚୁକ୍ତି କରିଥିଲା ଉମା ବିଶୋୟୀ। ତେବେ ଅଗ୍ରୀମ ଆକାରରେ ପ୍ରତ୍ୟେକଙ୍କୁ ଦିଆଯାଇଥିଲା ମାତ୍ର ୧୦ ହଜାର ଲେଖାଏଁ ମୋଟ ୨୦ ହଜାର ଟଙ୍କା।

## ପୀତବାସ ହତ୍ୟା ମାମଲାରେ ଲଢ଼ିବେ ସ୍ୱତନ୍ତ୍ର ପିପି!

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଏକ ହାଇପ୍ରୋଫାଇଲ୍ ମାମଲା ହୋଇଥିବାରୁ ଏହି ମାମଲାରେ ସ୍ୱତନ୍ତ୍ର ପିପି ନିଯୋଜିତ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଏନେଇ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ଗତ ୨୭ ତାରିଖରେ ସିଆଇଡ଼ି/ସିବି ଡିଜିଙ୍କୁ ଚିଠି ଲେଖି ସିବିଆଇର ଅବସରପ୍ରାପ୍ତ ଅତିରିକ୍ତ ଆଇନ ପରାମର୍ଶଦାତା ତଥା ହାଇକୋର୍ଟର ବରିଷ୍ଠ ଆଇନଜୀବୀ କାଳୀଚରଣ ମିଶ୍ରଙ୍କୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର୍ ଏବଂ ହାଇକୋର୍ଟର ଅନ୍ୟତମ ବରିଷ୍ଠ ଆଇନଜୀବୀ ଅବିନାଶ ପାଢ଼ୀଙ୍କୁ ଅତିରିକ୍ତ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଭାବେ ମକଦମା ପରିଚାଳନା ପାଇଁ ନିଯୁକ୍ତିତ କରିବାକୁ ଚିଠି ଲେଖିଥିବା ଜଣାପଡ଼ିଛି। ଉଭୟ ବରିଷ୍ଠ ଆଇନଜୀବୀ ନିଜର ସହମତି ପ୍ରକାଶ କରିଥିବା ବେଳେ ଏହାକୁ ଗୃହ ବିଭାଗର ଅନୁମୋଦନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଏସ୍‌ପି ଅନୁରୋଧ କରିଥିବା ଜଣାପଡ଼ିଛି।

**ଦୁଇ ଦିନିଆ ଜାତୀୟ ହସ୍ତତନ୍ତ ଓ ହସ୍ତଶିଳ୍ପ ସମ୍ମିଳନୀ ଉଦ୍‌ଘାଟିତ**

# ହସ୍ତତନ୍ତ ଓ ହସ୍ତଶିଳ୍ପ ଆମ ସାଂସ୍କୃତିକ ଐତିହ୍ୟର ବାର୍ତ୍ତାବହ

ଭୁବନେଶ୍ୱର,୩୧।୧୦(ସମିସ): ହସ୍ତତନ୍ତ ଓ ହସ୍ତଶିଳ୍ପ ଆମ ସାଂସ୍କୃତିକ ଐତିହ୍ୟର ବାର୍ତ୍ତାବହ। ଏହାର ସଂରକ୍ଷଣ ସହ ବୁଣାକାର ଓ କାରିଗରଙ୍କ ଆର୍ଥିକ ସମୃଦ୍ଧି ପାଇଁ ବଜାର ସଂଯୋଗ ଓ ସହଯୋଗର ଆବଶ୍ୟକତା ରହିଛି ବୋଲି ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି। ଭାରତ ସରକାରଙ୍କର ବୟନ ମନ୍ତ୍ରାଳୟ ପକ୍ଷରୁ ଭୁବନେଶ୍ୱର ହୋଟେଲ୍ ତାଜ୍ ଭିଭାଣ୍ଟାରେ ଆୟୋଜିତ ଦୁଇ ଦିନିଆ ଜାତୀୟ ହସ୍ତତନ୍ତ ଓ ହସ୍ତଶିଳ୍ପ ସମ୍ମିଳନୀର ଉଦ୍‌ଘାଟନ କରିବା ଅବସରରେ ସେ ଏହା କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ବୟନ ମନ୍ତ୍ରାଳୟର ହସ୍ତତନ୍ତ ବିଭାଗର ଉନ୍ନୟନ ଆୟୁକ୍ତ ବୀଣା କୁମାରୀ ମୀନା ଏବଂ




ହସ୍ତଶିଳ୍ପ ବିଭାଗର ଉନ୍ନୟନ ଆୟୁକ୍ତ ଅମୃତା ରାଜ୍ ଯୋଗ ଦେଇ ଶିଳ୍ପୀମାନଙ୍କ ଜୀବନ-ଜୀବିକାକୁ ଅଧିକ ସମୃଦ୍ଧ କରିବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତା ସମ୍ପର୍କରେ ଉପସ୍ଥାପନ କରିଥିଲେ। ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରରେ ପରମ୍ପରା ଓ ନବସୃଜନର ମିଶ୍ରଣ ସହ ବଜାର ଚାହିଦା ବୃଦ୍ଧି ପାଇଁ ଓଡ଼ିଶା ସରକାରଙ୍କ ପଦକ୍ଷେପ ସମ୍ପର୍କରେ ସେ ଉପସ୍ଥାପନ କରିଥିଲେ। ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ସମଗ୍ର ଦେଶ ପାଇଁ ଉଦାହରଣ ବୋଲି ସେ କହିଥିଲେ। ଓଡିଶାରେ ଆୟୋଜିତ ଏହି ସମ୍ମିଳନୀରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଅଧିକାରୀମାନେ ଅଂଶଗ୍ରହଣ କରିଛନ୍ତି। ବୁଣାକାର ଓ କାରିଗରଙ୍କ ସାମାଜିକ-ଆର୍ଥିକ ଉନ୍ନତି ପାଇଁ ବିଚାର ବିମର୍ଶ ହେବା ସହ ନୂତନ ଯୋଜନା ପ୍ରଣୟନ ପାଇଁ ଆଲୋଚନା ହୋଇଛି। ମୁକ୍ତ ଆଲୋଚନାଚକ୍ରରେ ନୀତି ନିର୍ଦ୍ଧାରକ, ବୁଣାକାର, କାରିଗର, ବୁଦ୍ଧିଜୀବୀମାନେ ଭାରତର ହସ୍ତତନ୍ତ ଓ ହସ୍ତଶିଳ୍ପ ସମୃଦ୍ଧି ପାଇଁ ଆବଶ୍ୟକୀୟ ପଦକ୍ଷେପ ଉପରେ ଆଲୋଚନା ହେବା ସହ ହସ୍ତତନ୍ତ ଓ ହସ୍ତଶିଳ୍ପ ଉପରେ ପ୍ରସ୍ତୁତ ଏକ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା।

# ପ୍ରଦୀପ ଜେନାଙ୍କ ବିରୋଧରେ ଜନସ୍ୱାର୍ଥ ମାମଲା

କଟକ, ୩୧।୧୦ (ସମିସ): ଦୁଇଟି ଲାଭଜନକ ପଦବୀରେ ବେଆଇନ ଭାବେ ରହିଥିବା ନେଇ ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ବିରୋଧରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ପ୍ରଦୀପ ଜେନାଙ୍କୁ ଓଇଆରସି (ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ)ର ଅଧ୍ୟକ୍ଷ ଭାବେ ଗତ ୨୦୨୫ ଏପ୍ରିଲରେ ନିଯୁକ୍ତି ଦିଆଯାଇଥିଲା। ତେବେ ସେପ୍ଟେମ୍ବରରେ ହୋଇଥିବା ଭୁବନେଶ୍ୱର କ୍ଲବର ସଭାପତି ନିର୍ବାଚନରେ ସେ

**ଦୁଇ ଲାଭଜନକ ପଦରେ ରହିଛନ୍ତି**

ଅଂଶଗ୍ରହଣ କରି ନିର୍ବାଚିତ ହେବା ସହ ଦାୟିତ୍ୱ ଗ୍ରହଣ କରିଥିଲେ। ଓଇଆରସିର ଅଧ୍ୟକ୍ଷ ଥାଇ ଶ୍ରୀ ଜେନା କମ୍ପାନୀ ଆଇନ ଅନ୍ତର୍ଗତ ପ୍ରତିଷ୍ଠିତ ଭୁବନେଶ୍ୱର କ୍ଲବର ସଭାପତି ଦାୟିତ୍ୱ ଗ୍ରହଣ କରିବା ଓଡ଼ିଶା ବିଦ୍ୟୁତ୍ ସଂସ୍କାର ଆଇନ-୧୯୯୫ ଓ ବିଦ୍ୟୁତ୍ ଆଇନ ୨୦୦୩ର ଉଲ୍ଲଙ୍ଘନ ବୋଲି ଅବେଦନରେ ଦର୍ଶାଯାଇଛି। ସେହିପରି ଭୁବନେଶ୍ୱର କ୍ଲବରେ ୩ ହଜାରରୁ ଅଧିକ କର୍ପୋରେଟ୍, ବ୍ୟବସାୟୀ ଓ ଉଦ୍ୟୋଗୀ ରହିଛନ୍ତି। ଏହା କମ୍ପାନୀ ଆଇନ-୧୯୫୬ ଦ୍ୱାରା ପରିଚାଳିତ ବୋଲି ଅଭିଯୋଗ କରାଯାଇଛି। ଏଣୁ, ଉଭୟ ଲାଭଜନକ ପଦରେ ରହିବା କାରଣରୁ ଏହାର ତଦନ୍ତ ଓ ପ୍ରଦୀପ ଶ୍ରୀ ଜେନାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବ, ଶକ୍ତି ସଚିବ, ଓଇଆରସି ଅଧ୍ୟକ୍ଷ ତଥା ଭୁବନେଶ୍ୱର କ୍ଲବ ସଭାପତି ପ୍ରଦୀପ ଜେନା ଓ ଭୁବନେଶ୍ୱର କ୍ଲବର ସମ୍ପାଦକଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆଇନଜୀବୀ ରାମଦାସ ଆଚାରୀ ମାମଲା ପରିଚାଳନା କରିବେ।

# ପୁଲିସ ପକ୍ଷରୁ ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ଏକତା ଦିବସ

କଟକ,୩୧।୧୦(ସମିସ): କଟକସ୍ଥିତ ଷଷ୍ଠ ଓଏସ୍‌ଏପି ବାଟାଲିୟନ୍ ପରିସରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ଏକତା ଦିବସ ଆଜି ପୂର୍ଣ୍ଣାହ୍ନରେ ପାଳିତ ହୋଇଯାଇଛି। ଏଥିରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଲୌହମାନବ ସର୍ଦ୍ଦାର ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସମ୍ମିଳିତ ପରେଡ୍‌ର ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ ରାଷ୍ଟ୍ରର ଏକତା, ଅଖଣ୍ଡତା, ସୁରକ୍ଷା ତଥା ଦେଶର ଆତ୍ମଗୌରବ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଉପସ୍ଥିତ ପୁଲିସ ଅଧିକାରୀ, କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ଆଗାମୀ ଦିନରେ ସମସ୍ତେ ମିଳିମିଶି ରାଜ୍ୟରେ ଆଇନଶୃଙ୍ଖଳା ନିୟନ୍ତ୍ରଣ, ଅପରାଧ ଦମନ ଓ ସମାଜରେ ଶାନ୍ତି ପ୍ରତିଷ୍ଠା କରିବାକୁ ଶ୍ରୀ ମିଶ୍ର ଗୁରୁତ୍ୱାରୋପ କରିଥିଲେ। ତୃତୀୟ ଆଇ.ଆର. ବାଟାଲିୟନ କମାଣ୍ଡାଣ୍ଟ ଯାକୁବ ଖାନ ପରେଡ୍‌ର ନେତୃତ୍ୱ ନେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ମୁଖ୍ୟାଳୟ) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଯୋଗାଯୋଗ) ଦୟାଳ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସ୍‌ଏପି) ରାଜେଶ କୁମାରଙ୍କ ସମେତ ପୁଲିସ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



**ବଡ଼ଓଷା ଓ ପଞ୍ଚୁକ ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି**

# ଧବଳେଶ୍ୱରରେ ଜଗିବେ ୧୫ ପ୍ଲାଟୁନ ଫୋର୍ସ

ଆଠଗଡ଼, ୩୧।୧୦ (ସମିସ): ରାତି ପାହିଲେ ଆରମ୍ଭ ହେବ କାର୍ତ୍ତିକ ମାସର ପଞ୍ଚକ ଓ ବଡ଼ଓଷା ଯାତ୍ରା। କଟକ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବାବା ଧବଳେଶ୍ୱରଙ୍କୁ ଦର୍ଶନ କରିବେ ହଜାରହଜାର ଶ୍ରଦ୍ଧାଳୁ। ସେଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଶ୍ରଦ୍ଧାଳୁମାନେ ଶାନ୍ତିଶୃଙ୍ଖଳାର ସହ ଦର୍ଶନ କରିବା ଲାଗି କଂକ୍ରିଟ ପୋଲଠାରୁ ଆରମ୍ଭ କରି ମନ୍ଦିର ବେଢ଼ା ପର୍ଯ୍ୟନ୍ତ ବ୍ୟାରିକେଡ୍ କରାଯାଇଛି। ସେହିପରି ୩୮ଟି ସ୍ଥାନରେ ସିସିଟିଭି ଲଗାଯିବ। ମହାନଦୀ ଗର୍ଭରେ ଥିବା ମନ୍ଦିର ନିକଟରେ କୌଣସି ଦୁର୍ଘଟଣାକୁ ମୁକାବିଲା ପାଇଁ ଓଡ୍ରାଫ୍, ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ଚଳିତବର୍ଷ ପଞ୍ଚୁକ ଯାତ୍ରା ଓ ପୂର୍ଣ୍ଣିମାରେ ଧବଳେଶ୍ୱର ବାବାଙ୍କୁ ପଞ୍ଚକ ପାଞ୍ଚ ଦିନରେ ୫ ରୂପରେ ସଜାଯିବା ପାଇଁ ପୂଜକ ସମିତି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଭକ୍ତଙ୍କ ସୁରକ୍ଷା ଦୃଷ୍ଟିକୋଣରୁ ପୁଲିସ ପ୍ରଶାସନ ପକ୍ଷରୁ ୧୫ ପ୍ଲାଟୁନ ଫୋର୍ସ ସମେତ ୨ ଜଣ ଅତିରିକ୍ତ ଏସ୍‌ପି, ୮ ଜଣ ଡିଏସପି, ୨୦ ଜଣ ଇନିସପେକ୍ଟରଙ୍କ ସମେତ ୨୦୦ରୁ ଅଧିକ ପୁଲିସ ଅଧିକାରୀ ନିୟୋଜିତ କରାଯାଇଛି। ଏନେଇ ଆଜି କଟକ ଗ୍ରାମାଞ୍ଚଳ ପୁଲିସ ପକ୍ଷରୁ ଧବଳେଶ୍ୱର ଫାଣ୍ଡି ପରିସରରେ କଟକ ଜିଲ୍ଲା ଗ୍ରାମାଞ୍ଚଳ ଏସପିଙ୍କ ଉପସ୍ଥିତିରେ ମକ୍-ଡ୍ରିଲ୍ କରାଯାଇଛି।



**୩୮ଟି ସ୍ଥାନରେ ଲାଗିବ ସିସିଟିଭି**

**ମନ୍ଦିର ବେଢ଼ା ପର୍ଯ୍ୟନ୍ତ ରହିବ ବ୍ୟାରିକେଡ୍**

ଭକ୍ତଙ୍କ ପାଇଁ ତିନୋଟି ସ୍ଥାନରେ ପାର୍କିଂ କରାଯିବା ସହ ପାଠ ବାହାରେ ୮ଟି ସ୍ଥାନରେ, ମନ୍ଦିର ପାଟରେ ୬ଟି ସ୍ଥାନରେ ଟ୍ରାଫିକ ପୋଷ୍ଟ କରାଯାଇଛି। କଟକରୁ ଧବଳେଶ୍ୱରପାଠକୁ ଦୁଇଚକିଆ ଗାଡ଼ି ନେଇ ଆସୁଥିବା ଭକ୍ତମାନେ ନୂଆପାଟଣା ଛକଠାରୁ ପାଇକରାପୁର ଗାଡ଼ି ଷ୍ଟାଣ୍ଡକୁ ଯାଇପାରିବେ। ଯେଉଁ ଭକ୍ତମାନେ ୪ ଚକିଆ ଯାନ ଧରି ଆସିବେ, ସେମାନେ ନୂଆପାଟଣା ଛକଠାରୁ ୫୫ ନମ୍ବର ଜାତୀୟ ରାଜପଥ ଦେଇ ବାଲି ଛକଠାରୁ ସୁନିଆ ମୁହଁ ରାସ୍ତାରେ ବିଦ୍ୟାଧରପୁର ଓ ଧବଳେଶ୍ୱର ଫାଣ୍ଡି ପଡ଼ିଆସ୍ଥିତ ଦୁଇଟି ପାର୍କିଂକୁ ଆସିପାରିବେ। କେନ୍ଦ୍ରାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାୟକ କଟକ ଜିଲ୍ଲା ଗ୍ରାମାଞ୍ଚଳ ଏସପି ଚିନ୍ମୟ ଅଗ୍ରୱାଲଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ୧୦ ମାସରେ ୪ କୋଟିର ଧଳାଜହର ଜବତ, ୧୬୮ ଗିରଫ

କଟକ, ୩୧।୧୦ (ସମିସ): କଟକ କେନ୍ଦ୍ରାଞ୍ଚଳ ପୁଲିସ ରେଞ୍ଜ ଅନ୍ତର୍ଗତ ମୋଟ ୭ଟି ଜିଲ୍ଲାରେ ଧଳାଜହରର ବିପୁଳ କାରବାର ପୁଲିସର ଚିନ୍ତା ବଢ଼ାଇଛି। ଜାନୁଆରିରୁ ଅକ୍ଟୋବର୨୯ ପର୍ଯ୍ୟନ୍ତ ଗତ ୧୦ ମାସ ମଧ୍ୟରେ ୪କିଲୋ୨୯ଗ୍ରାମ ୪୭୮ ମିଲିଗ୍ରାମ ଓଜନର ବ୍ରାଉନସୁଗର ବା ଧଳାଜହର ଜବତ କରାଯାଇଛି। ମୋଟ ୮୧ଟି ମାମଲାରେ ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୪କୋଟି ୨୪ଲକ୍ଷ ୪୭ ହଜାର ୫୪୦ ଟଙ୍କା। ଏହି କାରବାରରେ ସମ୍ପୃକ୍ତ ମୋଟ ୧୬୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୨୫ଟି ମାମଲାରେ ୧ କୋଟି ୬୧ ଲକ୍ଷ ଟଙ୍କାର ୧ କିଲୋ ୬୨୬ ଗ୍ରାମ ଜବତ କରାଯିବା ସହ ୫୯ ଜଣଙ୍କୁ ଗିରଫ କରାଯାଇଛି। ଏହା ପଛକୁ ପୁରୀ ଜିଲ୍ଲାରେ ସର୍ବାଧିକ ୧୮ଟି ମାମଲାରେ ୧ କିଲୋ ୧୨ ଗ୍ରାମ ଧଳାଜହର ଜବତ କରାଯିବା ସହ ୩୭ଜଣଙ୍କୁ ଗିରଫ କରାଯାଇଛି।

**ଖୋର୍ଦ୍ଧାରୁ ସର୍ବାଧିକ, ପଛକୁ ପୁରୀ**

ସେହିଭଳି ଜଗତସିଂହପୁରରେ ୧୭ଟି ମାମଲା ରୁଜୁ ସହ ୯୮ ଲକ୍ଷ ୬୪ହଜାର ଟଙ୍କାର ୧ କିଲୋ୧୫ ଗ୍ରାମ୍ ଧଳାଜହର ଜବତ କରାଯାଇଛି ଓ ୪୧ ଜଣ ଗିରଫ ହୋଇଛନ୍ତି। ନୟାଗଡ଼ରେ ୮ଟି ମାମଲାରେ ୬୨୯ ଗ୍ରାମ ଜବତ ସହ ୧୩ଜଣ ଗିରଫ ହୋଇଥିବା ବେଳେ କଟକ ଜିଲ୍ଲାରେ ୫ଟି ମାମଲାରେ ୩୦ଗ୍ରାମ ଜବତ ସହ ୫ଜଣ ଗିରଫ ହୋଇଛନ୍ତି। କେନ୍ଦ୍ରାପଡ଼ାରେ ୨ଟି ମାମଲାରେ ୧୬ଗ୍ରାମ ଜବତ ସହ ୨ ଗିରଫ, ଯାଜପୁରରେ ୬ଟି ମାମଲାରେ ୮୩ ଗ୍ରାମ୍ ଜବତ ସହ ୧୧ ଜଣ ଗିରଫ ହୋଇଛନ୍ତି।

ଅନୁରୂପ ଭାବେ, ଗଞ୍ଜେଇ କାରବାର କ୍ଷେତ୍ରରେ ମୋଟ ୬୭୪ଟି ମାମଲା ରିପୋର୍ଟ କରାଯାଇଛି। ଏଥିରେ ୧୦୨୭ କେଜି ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୭୨ଲକ୍ଷ ଟଙ୍କା ହେବ। ଏହି ମାମଲାଗୁଡ଼ିକରେ ସମ୍ପୃକ୍ତ ୧୦୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

# ଆଜିଠୁ ସମୁଦ୍ରରେ ମାଛଧରା କଟକଣା

**ପ୍ରସ୍ତୁତି ଅଧାପନ୍ତରିଆ, କଇଁଛଙ୍କୁ ସୁରକ୍ଷା ଦେବ କିଏ?**

**ଉଦ୍‌ବେଗ ପ୍ରକାଶ କଲେ ପ୍ରକୃତି ବନ୍ଧୁ**

ପୁରୀ, ୩୧।୧୦(ସମିସ): ପୁରୀ ଜିଲ୍ଲା ଉପକୂଳରେ ଅଲିଭରିଡଲେ କଇଁଛଙ୍କ ପ୍ରଜନନ ପାଇଁ ଶନିବାରଠାରୁ ସାମୁଦ୍ରିକ କଟକଣା ଜାରି ହେବ। ବନ ବିଭାଗ ଓ ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ନଭେମ୍ବର ୧ରୁ ଲାଗୁ ହେଉଥିବା ଏହି କଟକଣା ଅବଧି ମେ' ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଓଡ଼ିଶା ମେରାଇନ୍ ଫିସିଙ୍ଗ ରେଗୁଲେସନ୍ ଆକ୍ଟ ବା ଓମ୍‌ଫ୍ରା ଅନୁଯାୟୀ ମତ୍ସ୍ୟଜୀବୀମାନଙ୍କ ପାଇଁ ପୁରୀ ଉପକୂଳର ସମୁଦ୍ର ମଧ୍ୟକୁ ପ୍ରବେଶ ଏବଂ ମାଛ ଧରିବା ଉପରେ କଟକଣା ଲାଗିବ। କେଉଁଶୀ ମୁହାଣରୁ ଦେବୀନାସୀ ସମୁଦ୍ରକୂଳରୁ ୨୦ କିମି ପର୍ଯ୍ୟନ୍ତ ଅଞ୍ଚଳ ନୋ-ଫିସିଂ ଜୋନ୍ ରହିବ। ଅର୍ଥାତ୍ ଏହି ଅଞ୍ଚଳ ମଧ୍ୟରେ ଯନ୍ତ୍ରଚାଳିତ ଡଙ୍ଗା, ଟ୍ରଲର୍ ମାଛ ଧରିପାରିବେ ନାହିଁ। ଏଥିସହ ଫାଶି ଜାଲ ବ୍ୟବହାର ଉପରେ ମଧ୍ୟ କଟକଣା ଲଗାଯିବ। ଅଲିଭରିଡ୍‌ଲେ କଇଁଛଙ୍କ ସୁରକ୍ଷା ଏବଂ ପ୍ରଜନନକୁ ଗୁରୁତ୍ୱ ଦିଆଯାଇ ଏହି କଟକଣା ଲାଗୁ ହେବ। ତେବେ ବନ ବିଭାଗ ଏବଂ ମତ୍ସ୍ୟ ବିଭାଗ ପକ୍ଷରୁ ଅଲିଭରିଡଲେ କଇଁଛଙ୍କ ସୁରକ୍ଷା ପାଇଁ ଯେଉଁସବୁ ପ୍ରସ୍ତୁତି କରାଯିବା କଥା, ତାହା ଅଧାପନ୍ତରିଆ ରହିଛି। ଫଳରେ କଇଁଛଙ୍କ ସୁରକ୍ଷାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ପ୍ରକୃତିବନ୍ଧୁ ସରୋଜ କୁମାର ଜେନା।

ପ୍ରାୟ ପ୍ରତିବର୍ଷ ନଭେମ୍ବର ଆରମ୍ଭରୁ ଅଲିଭରିଡଲେ ଓଡ଼ିଶା ଉପକୂଳକୁ ଆସିବା ଆରମ୍ଭ କରିଥାନ୍ତି। କୂଳରୁ ୫ରୁ ୧୦କିମି ମଧ୍ୟରେ ଏମାନେ ସମବେତ ହୁଅନ୍ତି ଓ ସେଠାରେ ତାଙ୍କର ମିଳନ ହୁଏ। ଓଡ଼ିଶାର ଗହିରମଥା ପରେ ପୁରୀ ଜିଲ୍ଲା ଉପକୂଳ ଏମାନଙ୍କ ଅନ୍ୟତମ ପସନ୍ଦର ସ୍ଥାନ ପାଲଟିଥାଏ। ଡିସେମ୍ବରରେ ହଜାରହଜାର ସଂଖ୍ୟାରେ ଅଲିଭରିଡ଼ଲେ ପୁରୀ ଜିଲ୍ଲାର ବାଲି ହରଚଣ୍ଡୀଠାରୁ ଦେବୀ ମୁହାଣ ଇଲାକାକୁ ଆସିଥାନ୍ତି। କୋଣାର୍କଠାରୁ ଦେବିନାସୀ ବେଲାଭୂମି ଇଲାକାରେ ଏମାନେ ଅଣ୍ଡା ଦେଇଥାନ୍ତି। ଜାନୁଆରୀ ଶେଷ ଆଡ଼କୁ ମାଈ କଇଁଛ କୂଳମୁହାଁ ହୋଇ ଅନ୍ଧାର ରାତିରେ ବେଳାଭୂମିକୁ ଉଠି ଅଣ୍ଡା ଦିଅନ୍ତି। କଇଁଛର ଅଣ୍ଡାଗୁଡ଼ିକ ୪୫ରୁ ୬୦ ଦିନରେ ଛୁଆ ଫୁଟିଥାଏ। ଏଥିପାଇଁ ନିୟୋଜିତ ବନ କର୍ମଚାରୀ ଅଣ୍ଡାଗୁଡ଼ିକ ସଂଗ୍ରହ କରି କୃତ୍ରିମ ହାଚେରୀ ବା ଅସ୍ଥାୟୀ ପ୍ରଜନନ କେନ୍ଦ୍ରରେ ବାଲିରେ ପୋତିଥାନ୍ତି। ପ୍ରତିବର୍ଷ ପୁରୀ ଉପକୂଳରେ ୧୩ଟି ଜାଗାରେ ଅସ୍ଥାୟୀ ପ୍ରଜନନ କେନ୍ଦ୍ର କରାଯାଉଛି। ଏଗୁଡ଼ିକ ହେଉଛି ବାଲୁଖଣ୍ଡ ରେଞ୍ଜର ନୂଆନଇ, ବେଲେଶ୍ୱର, ବ୍ରହ୍ମଗିରି ରେଞ୍ଜର ହରଚଣ୍ଡୀ ଓ ଚାପମାଣିକ, କୋଣାର୍କ ରେଞ୍ଜର ଚନ୍ଦ୍ରଭାଗା,



ଦାଣ୍ଡଉଡ଼ିଆ, କଇଁଥପୁର ଓ ରାମଚଣ୍ଡୀ, ଅସ୍ତରଙ୍ଗ ରେଞ୍ଜର ଦେବୀନାସୀ, ଜାହାନିଆ, ତାଲୁଆଳୀ, ଗୁଣ୍ଡଳବାଡ଼ି ଓ ଗଞ୍ଜାବେଦୀ।

କଇଁଛଙ୍କ ସୁରକ୍ଷା ପାଇଁ କାମ କରୁଥିବା ସେଭ୍ କୋଷ୍ଟାଲ ଲାଇଫ୍ ସଦସ୍ୟ ପ୍ରକୃତି ବନ୍ଧୁ ସରୋଜ କୁମାର ଜେନା କହିଛନ୍ତି, ଚଳିତବର୍ଷ ଅଲିଭରିଡଲେ ପ୍ରଜନନ ଋତୁ ପୂର୍ବରୁ ପୁରୀ ଉପକୂଳକୁ ଆସିଲେଣି। ଇତିମଧ୍ୟରେ କୋଣାର୍କ ରେଞ୍ଜରେ ଗୋଟିଏ କଇଁଛ ୧୨୪ଟି ଅଣ୍ଡା ମଧ୍ୟ ଦେଇସାରିଲାଣି। ତେଣୁ କଇଁଛଙ୍କ ସୁରକ୍ଷା ଏବଂ ପ୍ରଜନନକୁ ଗୁରୁତ୍ୱ ଦିଆଯିବା ଦରକାର। ହେଲେ ଏ ପର୍ଯ୍ୟନ୍ତ ବିଭାଗ ପକ୍ଷରୁ ପ୍ରସ୍ତୁତି ଅଧାପନ୍ତରିଆ ରହିଛି। ବେଳାଭୂମି ସଫା କରାଯାଇନାହିଁ। କଇଁଛଙ୍କ ସୁରକ୍ଷା ନେଇ ଉପକୂଳବର୍ତ୍ତୀ ଗାଁଗୁଡ଼ିକରେ ସୂଚନା ଫଳକ କିମ୍ବା ସଚେତନ କରାଯାଇନାହିଁ। ରାମଚଣ୍ଡୀରୁ ଚନ୍ଦ୍ରଭାଗା ସମୁଦ୍ର କୂଳରେ ମଇଳା ବଢ଼ିବାରେ ଲାଗିଛି। ଫଳରେ ପ୍ଲାଷ୍ଟିକ ଆବର୍ଜନା ସମୁଦ୍ରକୁ ଯାଉଛି। ଏ ଦିଗରେ ଲୋକଙ୍କୁ ସଚେତନ କରାଯାଉ ନ ଥିବାବେଳେ କୌଣସି ସୂଚନା ଫଳକ ମଧ୍ୟ ଲଗାଯାଇନାହିଁ। ଚନ୍ଦ୍ରଭାଗା ଠାରୁ କଇଁଥପୁର ଅତକୁ ସମୁଦ୍ରକୂଳରେ ଟାଟିଚକିଆ ଯାନ ଚଳାଚଳ ବିଗିରେ କୌଣସି କଟକଣା ଲାଗି ନାହିଁ। ଚନ୍ଦ୍ରଭାଗା ଏବଂ ରାମଚଣ୍ଡୀ ଏଫ୍‌ଏକ୍ସସି କର୍ମଚାରୀଙ୍କୁ ନେଇ କଇଁଛ ପ୍ରଜନନ ବିଷୟରେ ସଚେତନ କରାଯାଇ ନାହିଁ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବେଲେଶ୍ୱର ବେଳାଭୂମିରେ ଫ୍ରି-ଓଣ୍ଡିଂ ପାଇଁ ଜେନେରେଟର୍ ନେଇ ଲାଇଟ୍ ଲଗାଯାଉଛି। ଏଥିସହ ନିଆଁ ଜାଳାଇ ଭିଡିଓ ସୁଟିଂ କରାଯାଉଛି। ଏସବୁ କିପରି ବନ୍ଦ କରାଯିବ, ସେ ଦିଗରେ ନା ବନ ବିଭାଗ ନା ମତ୍ସ୍ୟ ବିଭାଗ ଗୁରୁତ୍ୱ ଦେଉଛନ୍ତି। ସେହିପରି ଓଡ଼ାର୍ ଏବଂ ଅଣ୍ଡି ଓଡ଼ାରକୁ ଅଲଗା କାମରୁ ନିବୃତ୍ତ ରଖି କେବଳ କଇଁଛଙ୍କ ସୁରକ୍ଷା ଦିଗରେ ନିୟୋଜିତ କରାଯାଉ ବୋଲି ପ୍ରକୃତି ବନ୍ଧୁ ଶ୍ରୀ ଜେନା କହିଛନ୍ତି।

ଏସମ୍ପର୍କରେ ସହକାରୀ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ରାଉଳ କହିଛନ୍ତି, ଏଫ୍‌ଏକ୍ସସି କର୍ମଚାରୀଙ୍କର ବୈଠକ ପ୍ରତିବର୍ଷ ହେଉଛି। ଏବର୍ଷ ମଧ୍ୟ କରାଯିବ। ସେହିପରି ବିଭାଗ ପକ୍ଷରୁ କଇଁଛଙ୍କ ସୁରକ୍ଷା ପାଇଁ ଅନ୍ୟାନ୍ୟ ପ୍ରସ୍ତୁତି କରାଯାଉଛି।



## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ । ପେଟ ଜନିତ ସମସ୍ୟା ଦେଖା ଦେଇପାରେ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମନ ପ୍ରସନ୍ନ ରହିବ। ମାନସିକ ଚିନ୍ତା ଦୂର ହେବ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମ ଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେଇପାରେ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ଆୟ ଓ ବ୍ୟୟ ସମାନ ରହିବ। ପୂଜାର୍ଚ୍ଚନାରେ ସମୟ ବିତାଇବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

## ଆଜିର ଇତିହାସ

- ୧୯୨୨- ଅଟୋମନ ସାମ୍ରାଜ୍ୟର ଅନ୍ତ ହେଲା।
- ୧୯୫୦- ଭାରତର ପ୍ରଥମ ଷ୍ଟିମ୍ ଇଞ୍ଜିନ୍ ପଶ୍ଚିମବଙ୍ଗର ଚିତ୍ତରଞ୍ଜନ ରେଳ କାରଖାନାରେ ତିଆରି କରାଗଲା।
- ୧୯୫୮ - ତତ୍କାଳୀନ ସୋଭିଏତ୍ ସଂଘ ପରମାଣୁ ପରୀକ୍ଷା କଲା।
- ୧୯୭୩- ମୈସୁର ନାମ ବଦଳାଯାଇ କର୍ଣ୍ଣାଟକ ହେଲା।
- ୨୦୦୦- ଛତିଶଗଡ଼ ନୂଆ ରାଜ୍ୟ ହେଲା।

## ବିଶ୍ୱ ଧ୍ୱଂସ ଲାଗି ଯୁବତୀ ପ୍ରସ୍ତୁତ



ବିଶ୍ୱ କେବେ ଧ୍ୱଂସ ହେବ, ସେକଥା କେହି ଜାଣନ୍ତି ନାହିଁ। ହେଲେ ଆମେରିକାର ଜଣେ ଯୁବତୀ ଏବେଠୁ ଏଥିଲାଗି ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ସବୁଠୁ ବଡ଼ କଥା ହେଲା, ସେ ଏବେଠୁ ଖାଦ୍ୟ ଓ ମଞ୍ଜି ସଂଗ୍ରହ ଆରମ୍ଭ କରି ଦେଇଛନ୍ତି। ୱାଶିଂଟନରେ ରହୁଥିବା ୨୫ ବର୍ଷୀୟା ଗୁଜ୍ଞା କୁହନ୍ତି, ଯଦି ଆଗକୁ ପୂରା ଦୁନିଆର ସିଷ୍ଟମ ଠପ୍ ହୋଇଯିବ, ତାହେଲେ ସେ କାହାରି ସାହାଯ୍ୟ ବିନା ଜୀବନ ଜିଇଁପାରିବେ। ବିଗତ କିଛି ବର୍ଷ ହେଲାଣି ସେ ତାଙ୍କ ଛୋଟ ଫାର୍ମରେ ଖାଦ୍ୟ, ବିହନ, ଔଷଧ ଏବଂ ଅନ୍ୟାନ୍ୟ ସୁରକ୍ଷା ଉପକରଣକୁ ସଂରକ୍ଷିତ କରି ରଖିଛନ୍ତି। ସେହିପରି ଗୁଜ୍ଞା ତାଙ୍କର ସଞ୍ଚିତ ଅର୍ଥକୁ ଖାଦ୍ୟ, ଜଳ ସଂରକ୍ଷଣ, ସୌରଶକ୍ତିରେ ଖର୍ଚ୍ଚ କରୁଛନ୍ତି। ଅନ୍ୟପଟେ ଅଧିକାଂଶ ଲୋକଙ୍କୁ ଗୁଜ୍ଞାଙ୍କର ଏହି କାମ ପାଗଳାମୀ ଲାଗିଲେ ବି ତାଙ୍କ ପାଇଁ ଏହା ସ୍ୱାଧୀନତାକୁ କିଣିବା ଭଳି ବୋଲି ସେ କହିଛନ୍ତି। ଏବେ ସେ ତାଙ୍କ ଖାଦ୍ୟ ସଂରକ୍ଷଣକୁ ଦ୍ୱିଗୁଣା କରିଛନ୍ତି। ଏହା ସହିତ ଗୁଜ୍ଞା ଏକଥା କହିଛନ୍ତି ଯେ, ତାଙ୍କ ପାଖରେ ଏତେ ଖାଦ୍ୟପଦାର୍ଥ ସଂରକ୍ଷିତ ଅଛି, ଯାହାକୁ ଖାଇ ଏକ ପାଞ୍ଚ ଜଣିଆ ପରିବାର ଆସନ୍ତା ଦଶ ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହିପାରିବେ। ସେହିଭଳି ଗୁଜ୍ଞା କୌଣସି ଖାଦ୍ୟ ପଦାର୍ଥ ନଷ୍ଟ କରିବାକୁ ପସନ୍ଦ କରନ୍ତି ନାହିଁ। ଏହାକୁ ସେ ଭବିଷ୍ୟତ ପାଇଁ ସଂରକ୍ଷିତ କରି ରଖିଥାନ୍ତି। ଆସନ୍ତା ଖ୍ରୀଷ୍ଟମାସରେ ଗୁଜ୍ଞା ଗତବର୍ଷରୁ ରଖିଥିବା ରୋଷ୍ଟ ଟର୍କି, ମାସଡ୍ ପଟାଟୋ, ଗ୍ରେଭି, ଗ୍ରୀନ୍ ବିନ୍ସ ଏବଂ ଆପଲ୍ ପାଏ (ଏହାକୁ ସେ ଶୁଖାଇ ସିଲ୍ କରି ରଖିଛନ୍ତି) ଆଦି ଖାଇବେ। ଯେକୌଣସି ପରିସ୍ଥିତିରେ ସେ ତାଙ୍କ ପରିବାରକୁ ଖାଦ୍ୟ ଯୋଗାଇ ପାରିଲେ ଏହା ତାଙ୍କ ପାଇଁ କୌଣସି ଉତ୍ସବଠାରୁ କମ୍ ନୁହେଁ ବୋଲି ଗୁଜ୍ଞା କହିଛନ୍ତି। ଯେତେବେଳେ ସାରା ଦୁନିଆ ଠପ୍ ହୋଇଯାଇଥିବ ସେତେବେଳେ ସେ ତାଙ୍କ ହାତ ତିଆରି ଜିନିଷ ଖାଉଥିବେ ବୋଲି ଗୁଜ୍ଞା କହିଛନ୍ତି।

## ଅଗଷ୍ଟ ୧୪ରେ 'ନାଗଜିଲା'




ବଲିଉଡ୍‌ର ଲୋକପ୍ରିୟ ଅଭିନେତା କାର୍ତ୍ତିକ ଆର୍ୟ୍ୟନ୍ ଶେଷ ଥର ପାଇଁ 'ଭୁଲଭୁଲୈୟା ୩'ରେ ଦେଖାଯାଇଥିଲେ। ଏହା ଗତବର୍ଷ ଦୀପାବଳିରେ ରିଲିଜ୍ ହୋଇଥିଲା। ସେବେଠୁ କାର୍ତ୍ତିକ୍‌ଙ୍କ ପ୍ରଶଂସକମାନେ ତାଙ୍କ ଆଗାମୀ ଫିଲ୍ମକୁ ଅପେକ୍ଷା କରିଛନ୍ତି। ଇତିମଧ୍ୟରେ ତାଙ୍କ ଆଗାମୀ ଫିଲ୍ମ 'ନାଗଜିଲା: ନାଗ ଲୋକ କା ପହଲା କାଣ୍ଡ'କୁ ନେଇ ଖବର ଆସିଛି। ଫିଲ୍ମ ନିର୍ମାତା ଏବେ ଏହାର ରିଲିଜ୍ ତାରିଖରୁ ପରଦା ହଟାଇଛନ୍ତି। ଫିଲ୍ମଟି ଆସନ୍ତାବର୍ଷ ନାଗପଞ୍ଚମୀ ଅର୍ଥାତ୍ ଅଗଷ୍ଟ ୧୪ରେ ପ୍ରେକ୍ଷାଳୟକୁ ଆସିବ। ଏହାର ପ୍ରଯୋଜନା ଦାୟିତ୍ୱରେ ଧର୍ମା ପ୍ରଡକ୍ସନ ରହିଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ମୃଗଦୀପ ସିଂହ ଲାମ୍ବା। ଏହି ସିନେମାରେ କାର୍ତ୍ତିକ ଇଚ୍ଛାଧାରୀ ନାଗ ପ୍ରିୟବନ୍ଦେଶ୍ୱର ପ୍ୟାରେ ଚନ୍ଦ ଭୂମିକାରେ ଅଭିନୟ କରିବେ। କାର୍ତ୍ତିକ୍ 'ନାଗଜିଲା' ବ୍ୟତୀତ ଅନନ୍ୟା ପାଣ୍ଡେଙ୍କ ସହ 'ତୁ ମେରି ମେ ତେରା ମେ ତେରା ତୁ ମେରି' ଓ ଶ୍ରୀଲୀଲାଙ୍କ ସହ ଏକ ରୋମାଣ୍ଟିକ୍ ଫିଲ୍ମରେ ନଜର ଆସିବେ।

## ଅଜବ ନୌକା ଦୌଡ଼ ପ୍ରତିଯୋଗିତା

ବିଶ୍ୱର ବିଭିନ୍ନ ସ୍ଥାନରେ ଅଜବ ପ୍ରତିଯୋଗିତାମାନ ଆୟୋଜନ ହୋଇଥାଏ। ଏହି କ୍ରମରେ ଆମେରିକା ଓରେଗନର ଟୁଆଲାଟିନ ସହରରେ ଏକ ନିଆରା ନୌକା ଦୌଡ଼ ପ୍ରତିଯୋଗିତାର ଆୟୋଜନ କରାଯାଏ। ଏଠାରେ ଲୋକେ ବିଶାଳକାୟ କଖାରୁରେ ନିର୍ମିତ ଡଙ୍ଗାରେ ବସି ନୌକା ଦୌଡ଼ରେ ଅଂଶଗ୍ରହଣ କରିଥାନ୍ତି। କଖାରୁକୁ ଭିତରୁ ଫମ୍ପା କରି ସେଥିରେ ବସି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥାନ୍ତି। ଏଥିରେ ପ୍ରତିବର୍ଷ ଶହ ଶହ ଲୋକେ ଭାଗ ନେବା ସହ ଏହି ପ୍ରତିଯୋଗିତା ଦେଖିବାକୁ ଆସିଥାନ୍ତି। ଏହି ନିଆରା ପ୍ରତିଯୋଗିତା ୨୦୦୪ ମସିହାରୁ ଆୟୋଜିତ ହୋଇ ଆସୁଛି। ଏଥିରେ ଭାଗ ନେଉଥିବା ପ୍ରତିଯୋଗୀମାନେ ହିଁ ନିଜେ କଖାରୁକୁ ଡଙ୍ଗାର ରୂପ ଦେଇଥାନ୍ତି। ଏହାପରେ ହ୍ରଦରେ ନୌକା ଦୌଡ଼ରେ ଅଂଶଗ୍ରହଣ କରିଥାନ୍ତି। ଚଳିତବର୍ଷ ୱେଷ୍ଟ କୋଷ୍ଟ ଜଏଣ୍ଟ ପମ୍ପକିନ୍ ରେଗାଟାର ୨୧ ତମ ବାର୍ଷିକ ଉତ୍ସବରେ ଏହି ପ୍ରତିଯୋଗିତାର ଆୟୋଜନ ହୋଇଥିଲା। ଏଥିରେ ଏପରି ଅନେକ କଖାରୁ ଥିଲା, ଯାହାର ଓଜନ ୪୫୦ କେଜିରୁ ଅଧିକ ଥିଲା। ଏହି ବିଶାଳକାୟ କଖାରୁଗୁଡ଼ିକୁ ହ୍ରଦରେ ଛାଡ଼ିବା ପାଇଁ ଆୟୋଜକଙ୍କୁ ଫୋର୍କ ଲିଫ୍ଟ ମେସିନ୍‌ର ସାହାରା ନେବାକୁ ପଡ଼ିଥିଲା। ଏହାପରେ ପ୍ରତିଯୋଗୀମାନେ କରତ ଓ ବଡ଼ ଛୁରୀ ସାହାଯ୍ୟରେ କଖାରୁକୁ ଭିତରୁ ଫମ୍ପା କରିଥିଲେ। କଖାରୁ ଭିତରେ ଥିବା ମଞ୍ଜି ଓ ଅନ୍ୟାନ୍ୟ ଅଂଶ ବାହାରିଯିବା ପରେ ଏହା ପାଣିରେ ଭାସିବା ସହଜ ହୋଇଥାଏ। ଏହି ପ୍ରତିଯୋଗିତାକୁ ଅଧିକ ମନୋରଞ୍ଜନଭିତ୍ତିକ କରିବା ପାଇଁ ପ୍ରତିଯୋଗୀମାନେ ହାଲୋୱିନ ପୋଷାକ ପିନ୍ଧିଥିଲେ। କେହି କେହି ସୁପର୍‌ହିରୋ ପୋଷାକରେ ନଜର ଆସିଥିବାବେଳେ ଆଉ କେହି ଟିଭି ଶୋ' ତଥା ଫିଲ୍ମର କୌଣସି ଚରିତ୍ର ଭାବେ ଦେଖାଯାଇଥିଲେ। ଦର୍ଶକେ ହ୍ରଦ କୂଳରେ ଛିଡ଼ା ହୋଇ ଲୋକଙ୍କୁ ପ୍ରୋତ୍ସାହିତ କରୁଥିଲେ।



## ପ୍ରଦୂଷଣ ସମୟରେ ସୂର୍ଯ୍ୟାସ୍ତ ପୂର୍ବରୁ ଚାଲିବା ହିତକର



ବାୟୁ ପ୍ରଦୂଷଣ ଏବେ ଚିନ୍ତାର କାରଣ ପାଲଟିଛି। ଦିଲ୍ଲୀ, ନୋଏଡା, ଗାଜିଆବାଦ ଏବଂ ଗୁଡଗାଓଁ ଆଦି ସ୍ଥାନର ଲୋକେ ପ୍ରଦୂଷଣକୁ ନେଇ ବେଶ୍ ଚିନ୍ତିତ। ପ୍ରଦୂଷଣ ଯୋଗୁ ଶ୍ୱାସକ୍ରିୟାରେ ସମସ୍ୟା, ଆଖି ଜଳାପୋଡ଼ା, କାଶ, ଆଲର୍ଜି ଭଳି ସମସ୍ୟା ବୃଦ୍ଧି ପାଉଛି। ପ୍ରଦୂଷିତ ପରିବେଶରେ ଜଣେ କେଉଁ ସମୟରେ ବାହାରେ ଚଲାବୁଲା କରିପାରିବେ ସେନେଇ ଏବେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଲୋକଙ୍କୁ ସଚେତନ କରିଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ଭୋର ଏବଂ ସନ୍ଧ୍ୟା ସମୟରେ ପ୍ରଦୂଷଣ ମାତ୍ରା ଅଧିକ ଥାଏ। ତେଣୁ ଏହି ସମୟରେ ଚାଲିବା ହିତକର ନୁହେଁ। ସେହିପରି ଅକ୍ଟୋବର, ନଭେମ୍ବର ଏବଂ ଡିସେମ୍ବର ମାସରେ ଦିଲ୍ଲୀ ଏନ୍‌ସିଆରର ସକାଳ ବାୟୁ ଅଧିକ ପ୍ରଦୂଷିତ ଥାଏ। ଶୀତଦିନେ ଅଧିକ ଥଣ୍ଡା କାରଣରୁ ବାୟୁର ଗୁଣବତ୍ତା ମଧ୍ୟ ଅଧିକ ଖରାପ ଥାଏ । ବିଶେଷକରି କୁହୁଡ଼ି ଏବଂ ବିଷାକ୍ତ ଧୂଆଁର ପ୍ରଭାବ ସକାଳ ସମୟରେ ଅଧିକ ରହିଥାଏ। ଏପରି ସ୍ଥଳରେ ସୂର୍ଯ୍ୟାସ୍ତ ପୂର୍ବରୁ ଚାଲିବା ଉଚିତ। କାରଣ ଦିନରେ ଖରା ପଡୁଥିବାରୁ ପ୍ରଦୂଷଣ ମାତ୍ରା ହ୍ରାସ ପାଇଥାଏ। ତେଣୁ ସୂର୍ଯ୍ୟାସ୍ତ ପୂର୍ବରୁ ଚାଲିବା ସ୍ୱାସ୍ଥ୍ୟ ପକ୍ଷେ ହିତକର। ସୂର୍ଯ୍ୟାସ୍ତ ପରେ ତାପମାତ୍ରା ହ୍ରାସ ପାଇ ପ୍ରଦୂଷଣ ମାତ୍ରା ପୁଣି ବଢ଼ିଥାଏ। ଏ ଦୃଷ୍ଟିରୁ ସୂର୍ଯ୍ୟାସ୍ତ ପରେ ଚାଲିବା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦୂଷିତ ବାୟୁରେ ଚାଲିବାକୁ ଯିବା ପୂର୍ବରୁ ପ୍ରଥମେ ବାୟୁର ଗୁଣବତ୍ତା ତଥା ଏୟାର ଇଣ୍ଡେକ୍ସ କ୍ୱାଲିଟି ପରୀକ୍ଷା କରି ଯିବା ଆବଶ୍ୟକ। ଯଦି ଏକ୍ୟୁଆଇସ୍ତର ୨୦୦ରୁ ଉପରକୁ ଥାଏ, ତେବେ ବାହାରେ ଚଲାବୁଲା ନ କରି ଘରେ ବ୍ୟାୟାମ କରିବା ଭଲ। ଅନ୍ୟପଟେ ପ୍ରଦୂଷିତ ବାୟୁରେ ଚାଲିବାକୁ ଯାଉଥିଲେ, ଉନ୍ନତମାନର ମାସ୍କ ପିନ୍ଧିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ଧରା ହୋଇଛି କାର୍ତ୍ତିକମୟ



ସୁଜିତ କୁମାର ମିଶ୍ର

ଧରା ହୋଇଛି କାର୍ତ୍ତିକମୟ
ଅଶିଣ ଗଲା ପରେ,
ପବିତ୍ର ଶଙ୍ଖ ଧ୍ୱନି ଶୁଭୁଛି
ସବୁରି ଘରେ ଘରେ ।
ସାତ୍ୱିକ ଖାଦ୍ୟ ଖାଇବା ପାଇଁ
ଝରୁଛି ଶ୍ରଦ୍ଧାପଣ,
ପଞ୍ଚୁକ ପୂଜା ପାଇଁ ହୋଇଛି
ଆତୁର ମନପ୍ରାଣ ।
ଅଳସ ଭାଙ୍ଗି ସଭିଏଁ ଦେଖ
କଲେଣି ଶଯ୍ୟାତ୍ୟାଗ,
ପ୍ରଭୁ ଦର୍ଶନ ପାଇଁ ଜାଗୁଛି
ଶ୍ରଦ୍ଧା ଭକତି ଭାବ ।
ଦୀନ ଦୁଃଖୀଙ୍କୁ ଦେଖି ରାସ୍ତାରେ
ବହୁଛି ଆଖି ଲୁହ,
ହୋଇଛି ହୃଦ ଧରମ ମାସେ
କରୁଣା ନଈ ସୁଅ ।
ଚଉରା ମୂଳେ ଶୋଭା ପାଉଛି
ପ୍ରଭୁଙ୍କ ଛବି ପରା,
ହଳଦୀ, ଧଳା, ସବୁଜ, କଳା
ମୁରୁଜ ରଙ୍ଗ ଭରା ।
ଭକତି ମନ୍ତ୍ର ବେଦପାଠରେ
ମନ୍ଦିର ମୁଖରିତ ,
ପାଲଟିଛି ସେ ସଭିଙ୍କ ପାଇଁ
ସକଳ ସୁଖତୀର୍ଥ ।
କାର୍ତ୍ତିକ ମାସ ଆଗମନରେ
ବହୁଛି ସୁଖଶିରୀ,
କୁହତ କେଉଁ ମାସଟେ ଅଛି
ମରତେ ତା' ପରି ? ■

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ-୭୬୮୩୮୬୭୭୪୨



## ଆ କା ମା ବୈ



ଶୁଭେନ୍ଦୁ ମହାପାତ୍ର

ପଞ୍ଚୁକକୁ ଧରି କାର୍ତ୍ତିକ ଆସଇ
ପବିତ୍ର ମାସଟି ପରା
ହେମନ୍ତ ପରଶେ ଶିଶିର ପଡ଼ଇ
ସୁନ୍ଦର ଦିଶଇ ଧରା ।।
ବଡ଼ି ସକାଳରୁ ଶଯ୍ୟା ତ୍ୟାଗ କରି
ହୃଦେ ଭକ୍ତିଭାବ ଭରି
ଏକାଦଶୀଠାରୁ ପାଞ୍ଚଦିନ ବ୍ରତ
ନିଷ୍ଠାରେ ବିଷ୍ଣୁଙ୍କୁ ସ୍ମରି ।।
କ୍ରୋଧ ଓ କପଟ କଟୁକ୍ତି ବଚନ
ତେଜି କୁସଙ୍ଗ କାମନା
ପଞ୍ଚୁକ ବ୍ରତ ଯେ ସାର୍ଥକ ହୁଅଇ
କଲେ ନାନା ଉପାସନା ।।
ପ୍ରଭାତରୁ ଉଠି ଚଉଁରା ମୂଳରେ
ପଞ୍ଚବର୍ଣ୍ଣ ମୁରୁଜରେ
ଭାବରେ ଆଙ୍କନ୍ତି ଜଗା ଓ ବଳିଆ
ସୁଭଦ୍ରାଙ୍କୁ ସଙ୍ଗତରେ ।।
ଶୁଦ୍ଧପୂତ ମନେ ଦାନ ପୁଣ୍ୟ କରି
ଧର୍ମ ଅରଜନ ପାଇଁ
ନାରାୟଣ ବ୍ରତ ପାଳନ୍ତି ଭକ୍ତିରେ
ଆକାଶ ଦୀପ ଜଳାଇ ।।
ପାପ ଯାଏ ଧୋଇ ଆ କା ମା ବୈ କହି
ବିଶ୍ୱାସେ ଭଜନ୍ତି ହରି
ଐତିହ୍ୟ ସ୍ମରନ୍ତି ନଦୀରେ ଭସାନ୍ତି
କଦଳୀ ପଟୁକା ତରୀ ।। ■

ଯାଜପୁର
ମୋ-୯୪୩୮୦୬୪୯୦୮




## ପ୍ରହେଳିକା

- ଶୈବପୀଠ ବୋଲି ରାଇଜେ ଖ୍ୟାତ
ମହାନଦୀ କୂଳେ ସେ ଅବସ୍ଥିତ
କାର୍ତ୍ତିକର ପ୍ରତି ସୋମବାରରେ
ଗହଳି ଚହଳି ହୁଏ ସେଠାରେ
ଗଜଭୋଗ ଲାଗେ ବଡ଼ଓଷାରେ
ଶ୍ରଦ୍ଧାଳୁ ପୂଜନ୍ତି ଭକ୍ତି ଚିତ୍ତରେ
ଝୁଲା ପୋଲ ଲୁଟେ ମନ
କାଳିଆ ବଳଦ ଧଳା ହୋଇଥିଲା
କୁହ ସେ'ପୀଠର ନାମ।

ଉତ୍ତର-ଧବଳେଶ୍ୱର ପୀଠ

- ଦୀପଟିଏ ସିଏ ପଞ୍ଚୁକ କାଳେ
ଭୂଇଁରେ ନ ଜଳି ଉର୍ଦ୍ଧ୍ୱରେ ଜଳେ
ମାଟିହାଣ୍ଡି ମଧ୍ୟେ ପ୍ରଦୀପ ରୁହେ
ଏକୋଇଶି ଛିଦ୍ର ହାଣ୍ଡିରେ ଶୋହେ
ବାଉଁଶରେ ବାନ୍ଧି ଦଉଡ଼ି ଶିକା
ହାଣ୍ଡିକୁ ସଞ୍ଜରେ ହୁଅଇ ଟେକା
ବାଉଁଶ ଶୀର୍ଷରେ ରହି
ଛିଦ୍ର ଦେଇ ଶିଖା ପ୍ରକାଶ ଦିଅଇ
କୁହ ତା'ର ନାମ କେହି।



ଉତ୍ତର-ଆକାଶ ଦୀପ

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା
ଜଗତସିଂହପୁର
ମୋ-୭୩୫୫୬୩୪୩୪୬



## ସୁମନ

## ରିମୁନର ଡଙ୍ଗାଭସା






ଦେବେନ୍ଦ୍ର କର

ରାତି ନ ପାହୁଣୁ ରିମୁନ ଜେଜେମା ଆଉ ମମିଙ୍କ ସହିତ ଡଙ୍ଗା ଭସେଇବାକୁ ବାହାରି ପଡ଼ିଥାଏ। ବେଳାବେଳି ନ ଗଲେ ନଦୀ କୂଳରେ ଗହଳି ଲାଗିଯିବ। ରାତିରେ ଜେଜେମା କହିଥିଲେ ଆମେ ନିତ୍ୟକର୍ମ ସାରିକି ବେଳାବେଳି ଯିବା । ନଦୀରେ ଡଙ୍ଗା ଭସେଇ ଠାକୁର ଦର୍ଶନ କରି ଫେରିବା। ଜେଜେ କାଲି ସନ୍ଧ୍ୟାରେ ତିନିଜଣଙ୍କ ପାଇଁ କଦଳି ପାଟୁଆ ଡଙ୍ଗା କିଣି ଆଣିଥିଲେ। ଲୋକେ ଧାଡ଼ିଧାଡ଼ି ହୋଇ ନଦୀକୂଳ ଅଭିମୁଖେ ଛୁଟିଥାନ୍ତି। ହାଲୁକା ହାଲୁକା ପବନ ବହୁଥାଏ। ଆଖପାଖ ମନ୍ଦିରରୁ ଭଜନ କୀର୍ତ୍ତନ ସ୍ୱର ଭାସି ଆସୁଥାଏ। ଜେଜେମା କହିଲେ, ରିମୁନ ନଦୀ କୂଳରେ ଗହଳି ହେଇଥିବ ତୁ ଏଣେତେଣେ ଯିବୁ ନାହିଁ। ରିମୁନ ହଁ ମାରିଲା। ରିମୁନ ଜେଜେମାଙ୍କୁ ପଚାରିଲା- କାର୍ତ୍ତିକ ମାସରେ ତ ଶୀତ ଆରମ୍ଭ ହୁଏ ହେଲେ ଏ ବର୍ଷ କାହିଁକି ଟିକେ ବି ଥଣ୍ଡା ଲାଗୁନାହିଁ। ଜେଜେମା କହିଲେ- 'ଆରେ ଜଳବାୟୁ ପରିବର୍ତ୍ତନ ଲାଗି ଶୀତ ପା ଏବେ ଡେରିରେ ଆସୁଛି। ତାପରେ ଏ ସହରୀ ଜାଗାରେ କଂକ୍ରିଟ୍ କୋଠାକୁ ମାଳମାଳ ଗାଡ଼ି ମଟର, ସାରା ସହର ଧୂଆଁ ଧୂଳିରେ ଏଣୁ ଥଣ୍ଡା ଆଦୌ ଜଣା ପଡୁନି। ଗାଁ ଗହଳିରେ ଥଣ୍ଡା ନିଶ୍ଚିତ ଲାଗିବଣି।' ମମି କହିଲେ, ଆଗରୁ କୁଆଁର ପୁନେଇଁ ବେଳକୁ ଥଣ୍ଡା ଆସି ସାରିଥାଏ ହେଲେ ଏବେ କାର୍ତ୍ତିକ ପୁନେଇଁ ବେଳକୁ ବି ଥଣ୍ଡାର ଦେଖା ଦର୍ଶନ ନାହିଁ। ଗପସପରେ ସମସ୍ତେ ପହଞ୍ଚି ଯାଇଥିଲେ ନଦୀ କୂଳରେ।


ଜେଜେମା କହିଲେ, 'ଦେଖୁଛ ତ ନଦୀ କୂଳରେ କେତେ ଭିଡ଼ ଲାଗିଗଲାଣି। ଚାଲ ଆମେ ଆଗେ ଡଙ୍ଗା ସଜଡ଼ାସଜାଡ଼ି କରିଦେବା ତାପରେ ପାଣି ପାଖକୁ ଯିବା।' ଏଇ ସମୟରେ ରିମୁନ ଦେଖିଲା, ନଦୀ ଆଖପାଖରେ ସମସ୍ତେ ମନଇଚ୍ଛା ଏଣେତେଣେ ଜରି ପଲିଥିନ୍ ଆଉ କାଗଜ ପ୍ୟାକେଟ ଫିଙ୍ଗିଛନ୍ତି। ଏସବୁ ନଦୀ ପାଣିକୁ ଗଲେ ଅପରିଷ୍କାର ହେବ। ସେ ଆଉ ଡେରି ନ କରି ଏଠୁସେଠୁ ଗୋଟାଇ ଆଣି ଖାଲୁଆ ଜାଗାଟେ ଦେଖି ଫିଙ୍ଗିଦେଲା। ମମି ଡାକ ଦେଲେ, 'ଆରେ ରିମୁନ ସିଆଡ଼େ କ'ଣ କରୁଛୁ ଆସୁନୁ ଦେଖିବୁ ଜେଜେମା କେମିତି ଡଙ୍ଗା ସଜାଡୁଛନ୍ତି।' ରିମୁନ କହିଲା- 'ଟିକେ ରୁହ ମୁଁ ଯାଉଛି।' ସେ ତା' କାମରେ ଲାଗି ପଡ଼ିଥାଏ। ଆଖପାଖରେ ଆଉ ଗୋଟେ ବି ଜରି ଦିଶିଲା ନାହିଁ। ତା ଦେଖାଦେଖି ଅନ୍ୟମାନେ ବି ସେମିତି କଲେ ଆଉ ରିମୁନକୁ ବହୁତ ପ୍ରଶଂସା କଲେ। ଧୀରେ ଧିରେ ଆକାଶ ଫର୍ଚ୍ଚା ହେଇଆସୁଥାଏ। ଏପଟେ ଜେଜେମା ଆଉ ମମି ଡଙ୍ଗା ଲାଗି ସବୁ ପୂଜା ସାମଗ୍ରୀ ପ୍ରସ୍ତୁତ କରିଦେଇଥାନ୍ତି । ମମି ରିମୁନ ରିମୁନ ଡାକ ଦେଲେ। ଜେଜେମାଙ୍କ ହାତ ଧରି ରିମୁନ ଡଙ୍ଗା ଭସେଇଲା। ଜେଜେଙ୍କ ସହିତ ରିମୁନ 'ଆ କା ମା ବୈ' ଗୀତ ଗାଇଲା ଆଉ ମମି ହୁଳହୁଳି ପକାଇଲେ। ଏଇ ସମୟରେ ଜଣେ ଅଙ୍କଲ ଆସି ରିମୁନକୁ କହିଲେ ତୁମ ବୁଦ୍ଧିକୁ ମାନିବାକୁ ପଡ଼ିବ। ଭଲ କାମ କରିଛ, ତୁମ ଲାଗି ଆଜି ନଦୀକୂଳଟା ପରିଷ୍କାର ଲାଗୁଛି। ତୁମେ ଆମର ସୁନା ଝିଅ। ସବୁକଥା ଶୁଣି ଜେଜେମା ହସହସ ମୁହଁରେ ରିମୁନ ମଥାକୁ ଆଉଁଶି ଦେଲେ। ■

ମଙ୍ଗଳାବାଗ, କଟକ
ମୋ- ୯୯୩୭୯୬୩୯୧୦





ସନ୍ଦୀପ୍ତା ଦିବ୍ୟାରାଣୀ
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ, ପୋଖରୀପୁଟ, ଭୁବନେଶ୍ୱର





ଅଭିଳାଷ
ସପ୍ତମ ଶ୍ରେଣୀ
ଭେଙ୍କଟେଶ୍ୱର ସ୍କୁଲ, ନିମାପଡ଼ା





ପ୍ରୀତିରାଜ୍ ଦାସ
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର୍ସ ହାଇସ୍କୁଲ
ନୂଆ ବଜାର, କଟକ





ସଂସ୍କୃତି ପଟ୍ଟନାୟକ
ସପ୍ତମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ, ପୁରୀ



# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

### ମେଲବୋର୍ଣ୍ଣ ଟି-୨୦ରେ ହାଜଲେଉଡ୍ ଶୋ

# ଭାରତକୁ ୪ ୱିକେଟ୍‌ରେ ହରାଇଲା ଅଷ୍ଟ୍ରେଲିଆ

ମେଲବୋର୍ଣ୍ଣ, ୩୧।୧୦ (ଏଜେନ୍ସି)

ଭ୍ରମଣକାରୀ ଭାରତ ବିପକ୍ଷରେ ଶୁକ୍ରବାର ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ରେ ଅଷ୍ଟ୍ରେଲିଆ ୪ ୱିକେଟ୍‌ରେ ବିଜୟୀ ହୋଇଛି। ଦ୍ରୁତ ବୋଲର ଜୋଶ୍ ହାଜଲେଉଡ୍‌ଙ୍କ ମାରାତ୍ମକ ବୋଲିଂ ଓ ଓପନିଂରେ ଅଧିନାୟକ ମିଚେଲ ମାର୍ଶଙ୍କ ଦ୍ରୁତ ବ୍ୟାଟିଂ ବଳରେ ଘରୋଇ ଦଳ ୪୦ ବଲ୍ ବଳକା ଥାଇ ଏହି ସହଜ ବିଜୟ ହାସଲ କରିଥିଲା। ଏଥିସହ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜରେ ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ହାସଲ କରିଛି। ପୂର୍ବରୁ କାନବେରାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ସିରିଜର ତୃତୀୟ ମ୍ୟାଚ୍ ରବିବାର ହୋବାର୍ଟରେ ଅନୁଷ୍ଠିତ ହେବ।





#### ହାଜଲେଉଡ୍‌ଙ୍କ ସାମ୍ନାରେ ଆତ୍ମସମର୍ପଣ

୮୨ ହଜାର ୪୩୮ ଦର୍ଶକଙ୍କ ସାମ୍ନାରେ ଶୁକ୍ରବାର ଅପରାହ୍ନରେ ମେଲବୋର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ଦ୍ୱିତୀୟ ଟି-୨୦ରେ ଟସ୍ ଜିତି ଘରୋଇ ଦଳର ଅଧିନାୟକ ମିଚେଲ୍ ମାର୍ଶ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଅଧିନାୟକଙ୍କ ନିଷ୍ପତ୍ତିକୁ ଯଥାର୍ଥ ପ୍ରତିପାଦିତ କରି ବରିଷ୍ଠ ଦ୍ରୁତ ବୋଲର ହାଜଲେଉଡ୍ ତାଙ୍କ ସୁଇଂ ଓ ବାଉନ୍ସରେ ଭାରତୀୟ ବ୍ୟାଟିଂ ଲାଇନଅପ୍‌କୁ ଧ୍ୱସ୍ତ କରିଦେଇଥିଲେ। ହାଜଲେଉଡ୍ ତାଙ୍କ ୪ ଓଭର ସ୍ପେଲକୁ ଆରମ୍ଭରୁ ଶେଷ କରିଦେଇଥିଲେ। ଯେଉଁଥିରେ ସେ ୧୫ଟି ଡଟ୍ ବଲ୍ ପକାଇ ମାତ୍ର ୧୩ ରନ ବ୍ୟୟ କରି ଶୁବମନ ଗିଲ୍ (୫ ରନ), ଅଧିନାୟକ ସୂର୍ଯ୍ୟକୁମାର ଯାଦବ (୧) ଓ ତିଲକ ବର୍ମାଙ୍କୁ ପ୍ୟାଭିଲିୟନ ପଠାଇଦେଇଥିଲେ। ଏସିଆ କପ୍ ଫାଇନାଲରେ ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ବିଜୟୀ ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ତିଲକ ଏଠାରେ ଖାତା ଖୋଲିପାରି ନ ଥିଲେ। ସେହିଭଳି ବ୍ୟାଟିଂକ୍ରମର ୩ୟ ସ୍ଥାନରେ ଆସିଥିବା ସଞ୍ଜୁ ସାମସନ ମଧ୍ୟ ମାତ୍ର ୨ ରନ କରି ନାଥନ ଏଲିସଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ଏହାପରେ ଅକ୍ଷର ପଟେଲ ମଧ୍ୟ ୭ ରନ କରିଥିବାବେଳେ ରନ ଆଉଟ୍ ହୋଇ ପ୍ୟାଭିଲିୟନ ଫେରିଥିଲେ। ଫଳରେ ୮ ଓଭର ବେଳକୁ ଭାରତ ୫୦ ରନ ମଧ୍ୟରେ ଅଧା ବ୍ୟାଟରଙ୍କୁ ହରାଇସାରିଥିଲା।

#### ଅଭିଷେକ-ହର୍ଷିତ ସମ୍ମାନ ରଖିଲେ

ଓପନିଂରେ ଧୈର୍ଯ୍ୟର ସହ ଖେଳୁଥିବା ଅଭିଷେକ ଶର୍ମା କିନ୍ତୁ ନିମ୍ନକ୍ରମରେ ଦ୍ରୁତ ବୋଲର ହର୍ଷିତ ରାଣାଙ୍କୁ ସାଥୀ କରି ୫୬ ରନର ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ଗଢ଼ିଥିଲେ। ଯାହାକି ଦଳର ସ୍କୋରକୁ ଶହେ ରନ ଅତିକ୍ରମ କରାଇବାରେ ସହାୟତା କରିଥିଲା। ହର୍ଷିତ ୩୩ ବଲରେ ୩ ଚୌକା ଓ ଗୋଟିଏ ଛକା ସହ କ୍ୟାରିୟର ଶ୍ରେଷ୍ଠ ୩୫ ରନ କରି ଆଉଟ୍ ହୋଇଥିଲେ। ସେହିଭଳି ଅଭିଷେକ ଟି-୨୦ କ୍ୟାରିୟରର ୬ଷ୍ଠ ଅର୍ଦ୍ଧଶତକ ସହ ସର୍ବାଧିକ ୬୮ ରନ କରିଥିଲେ। ୩୭ ବଲର ଏହି ପାଳିରେ ସେ ୮ଟି ଚୌକା ଓ ୨ଟି ଛକା ମାରିଥିଲେ। ଏହି ଦୁଇ ବ୍ୟାଟର୍ ଆଉଟ୍ ହେବା ପରେ ଭାରତ ୧୮.୪ ଓଭରରେ ୧୨୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଏକଦା ୫ ୱିକେଟ୍‌ରେ ୧୦୫ ରନ କରିଥିବା ଭାରତ ଆଉ ୨୦ ରନ ଯୋଡ଼ି ଶେଷ ୫ ୱିକେଟ ହରାଇଥିଲା। ଭାରତ ୯ଜଣ ବ୍ୟାଟର୍ ଦୁଇଅଙ୍କ ଛୁଇଁପାରି ନ ଥିଲେ। ଯେଉଁଥିରେ ତିଲକଙ୍କ ସହ କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ ଓ ଯଶପ୍ରୀତ୍ ବୁମରା ଖାତା ମଧ୍ୟ ଖୋଲିପାରି ନ ଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ହାଜଲେଉଡ୍ ୩ ଏବଂ ନାଥନ ଏଲିସ ଓ ଜାଭିଅର ବାର୍ଟଲେଟ୍ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

ଜବାବରେ ଅଷ୍ଟ୍ରେଲିଆ ଅଧିନାୟକ ମାର୍ଶଙ୍କ ୪୬ ରନର ଦ୍ରୁତ ପାଳି ବଳରେ ୧୩.୨ ଓଭରରେ ୬ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ମାର୍ଶ ୨୬ ବଲର ଏହି ପାଳିରେ ୨ଟି ଚୌକା ଓ ୪ଟି ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରାଭିସ ହେଡ୍ ୨୮, ଜୋଶ୍ ଇଂଲିଶ ୨୦, ମିଚେଲ ଓୱିନ ୧୪ ରନ କରିଥିଲେ। ବୋଲିଂରେ ବୁମ୍‌ରା, କୁଲଦୀପ୍ ଓ ବରୁଣଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ମାର୍ଶ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

#### ସଂକ୍ଷିପ୍ତ ସ୍କୋର

**ଭାରତ**: ୧୨୫/୧୦, ୧୮.୪ ଓଭର (ଅଭିଷେକ- ୬୮, ହର୍ଷିତ- ୩୫, ଗିଲ୍- ୫, ସାମସନ- ୨, ଅକ୍ଷର- ୭, ଦୁବେ- ୪, ହାଜଲେଉଡ୍- ୩/୧୩, ଏଲିସ- ୨/୨୧)

**ଅଷ୍ଟ୍ରେଲିଆ**: ୧୨୬/୬, ୧୩.୨ ଓଭର (ମାର୍ଶ- ୪୬, ହେଡ୍- ୨୮, ଇଂଲିଶ- ୨୦, ଷ୍ଟୋଇନିସ- ଅପରାଜିତ ୬, ବୁମରା- ୨/୨୬, ବରୁଣ- ୨/୨୩)।

### ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

# ଏଥର ନୂଆ ବିଶ୍ୱବିଜେତା

ନଭି ମୁମ୍ବଇ, ୩୧।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ୧୩ତମ ସଂସ୍କରଣ ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହୋଇଛି। ରବିବାର ସ୍ଥାନୀୟ ଡି.ୱାଇ. ପାଟିଲ ଷ୍ଟାଡିୟମରେ ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟାଇଟଲ୍ ଲଢ଼େଇ ହେବ। ଗତକାଲି ରୋମାଞ୍ଚକ ଦ୍ୱିତୀୟ ସେମିଫାଇନାଲ ମୁକାବିଲାରେ ହର୍‌ମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତ ୫ ୱିକେଟ୍‌ରେ ସାତଥରର ଚାମ୍ପିଅନ ଅଷ୍ଟ୍ରେଲିଆକୁ ମାତ୍ ଦେଇ ଫାଇନାଲରେ ପ୍ରବେଶ କରିଥିଲା। ସେହିଭଳି ପ୍ରଥମ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ମହିଳା ଦଳ ୧୨୫ ରନର ବଡ଼ ବ୍ୟବଧାନରେ ଗତଥରର ରନର୍ସଅପ୍ ଇଂଲଣ୍ଡକୁ ହରାଇ ଫାଇନାଲରେ ପହଞ୍ଚିଥିଲା। ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ଇତିହାସର ପ୍ରଥମଥର ଲାଗି ଫାଇନାଲ ଖେଳିବ। ଅପରପକ୍ଷରେ ଭାରତ ପୂର୍ବରୁ ୨୦୦୫ ଓ ୨୦୧୭ରେ ଫାଇନାଲ ଖେଳିଥିଲେ ମଧ୍ୟ ଉଭୟଥର ପରାଜୟବରଣ କରି ରନର୍ସଅପ୍ ହୋଇଥିଲା। ତେଣୁ ଏଥର ବିଶ୍ୱକପ୍‌ରେ ନୂଆ ବିଜେତା ଦେଖିବାକୁ ମିଳିବ। ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରୁ କେଉଁ ଦଳ ବିଶ୍ୱ ଚାମ୍ପିଅନ ହେବ ତାହା ରବିବାର ସ୍ପଷ୍ଟ ହୋଇଯିବ।

#### ଅଷ୍ଟ୍ରେଲିଆ-୭, ଇଂଲଣ୍ଡ-୪

ମହିଳା ଦିନିକିଆ ବିଶ୍ୱକପ୍ ଇତିହାସର ଗତ ୧୨ଟି ସଂସ୍କରଣ ମଧ୍ୟରୁ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମିଳିତଭାବେ ୧୧ଥର ଟ୍ରଫି ହାତେଇନେଇଛନ୍ତି। ଯେଉଁଥିରେ ଅଷ୍ଟ୍ରେଲିଆ ସର୍ବାଧିକ ରେକର୍ଡ ୭ଥର ଓ ଇଂଲଣ୍ଡ ୪ଥର ବିଶ୍ୱମୁକୁଟ ପିନ୍ଧିଛି। ତୃତୀୟ ଦଳ ଭାବେ ନ୍ୟୁଜିଲାଣ୍ଡ ଥରେ ବିଶ୍ୱକପ୍ ଜିତିବାର ସୌଭାଗ୍ୟ ଲାଭ କରିଥିଲା। ୨୦୦୦ ମସିହାରେ ଘରୋଇ ପରିବେଶରେ ଅନୁଷ୍ଠିତ ୭ମ ସଂସ୍କରଣରେ ନ୍ୟୁଜିଲାଣ୍ଡ ବାଜିମାତ୍ କରିନେଇଥିଲା। ଏହାପରେ ଖେଳାଯାଇଥିବା ୫ଟି ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ୩ଥର ଓ ଇଂଲଣ୍ଡ ୨ଥର ବିଜୟୀ ହୋଇଛନ୍ତି। ଅର୍ଥାତ୍ ୨୫ ବର୍ଷ ପରେ ଏଥର କ୍ରିକେଟ୍‌ପ୍ରେମୀ ଗୋଟିଏ ନୂଆ ବିଶ୍ୱବିଜେତାକୁ ଦେଖିବାକୁ ପାଇବେ।

**ମହିଳା ବିଶ୍ୱକପ୍‌ର ଫଳାଫଳ**

| ସଂସ୍କରଣ | ଚାମ୍ପିଅନ | ରନର୍ସଅପ୍ |
|---|---|---|
| ୧୯୭୩ | ଇଂଲଣ୍ଡ | ଅଷ୍ଟ୍ରେଲିଆ |
| ୧୯୭୮ | ଅଷ୍ଟ୍ରେଲିଆ | ଇଂଲଣ୍ଡ |
| ୧୯୮୨ | ଅଷ୍ଟ୍ରେଲିଆ | ଇଂଲଣ୍ଡ |
| ୧୯୮୮ | ଅଷ୍ଟ୍ରେଲିଆ | ଇଂଲଣ୍ଡ |
| ୧୯୯୩ | ଇଂଲଣ୍ଡ | ନ୍ୟୁଜିଲାଣ୍ଡ |
| ୧୯୯୭ | ଅଷ୍ଟ୍ରେଲିଆ | ନ୍ୟୁଜିଲାଣ୍ଡ |
| ୨୦୦୦ | ନ୍ୟୁଜିଲାଣ୍ଡ | ଅଷ୍ଟ୍ରେଲିଆ |
| ୨୦୦୫ | ଅଷ୍ଟ୍ରେଲିଆ | ଭାରତ |
| ୨୦୦୯ | ଇଂଲଣ୍ଡ | ନ୍ୟୁଜିଲାଣ୍ଡ |
| ୨୦୧୩ | ଅଷ୍ଟ୍ରେଲିଆ | ୱେଷ୍ଟଇଣ୍ଡିଜ |
| ୨୦୧୭ | ଇଂଲଣ୍ଡ | ଭାରତ |
| ୨୦୨୨ | ଅଷ୍ଟ୍ରେଲିଆ | ଇଂଲଣ୍ଡ |
| ୨୦୨୫ | --- | --- |

## ଫାଇନାଲ ମ୍ୟାଚ୍ ପରିଚାଳନା କରିବେ ଜ୍ୟାକ୍‌ଲିନ୍ ଓ ଏଲୋଇସ୍



ନଭି ମୁମ୍ବଇ, ୩୧।୧୦ (ଏଜେନ୍ସି): ଆୟୋଜକ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ରବିବାର ଖେଳାଯିବ। ଏହି ହାଇଭୋଲଟେଜ ମୁକାବିଲା ଲାଗି କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ମ୍ୟାଚ୍ ଅଫିସିଆଲ୍‌ଙ୍କ ନାମ ଶୁକ୍ରବାର ଘୋଷଣା କରାଯାଇଛି। ଅଷ୍ଟ୍ରେଲିଆର ଏଲୋଇସ୍ ଶେରିଡାନ ଓ ଜାମାଇକାର ଜ୍ୟାକଲିନ୍ ୱିଲିୟମ୍ସ ଫାଇନାଲରେ ଫିଲ୍ଡ ଅମ୍ପାୟର ଭାବେ ଦାୟିତ୍ୱ ତୁଲାଇବେ। ଏଥିପୂର୍ବରୁ ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ମଧ୍ୟ ଶେରିଡାନ ଓ ଜ୍ୟାକ୍‌ଲିନ୍ ଯୋଡ଼ି ଫିଲ୍ଡ ଅମ୍ପାୟର ଭୂମିକା ନିଭାଇଥିଲେ। ସେହିଭଳି ଅକ୍ଟୋବର ୯ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ଲିଗ୍ ପର୍ଯ୍ୟାୟ ମ୍ୟାଚରେ ଜ୍ୟାକଲିନଙ୍କୁ ଫିଲ୍ଡ ଅମ୍ପାୟର ଭୂମିକାରେ ଦେଖିବାକୁ ମିଳିଥିଲା। ଅପରପକ୍ଷରେ ଫାଇନାଲରେ ଇଂଲଣ୍ଡର ସୁଏ ରେଡ୍‌ଫର୍ନ ତୃତୀୟ, ଶ୍ରୀଲଙ୍କାର ନୀଳିମା ପେରେରା ୪ର୍ଥ ଅମ୍ପାୟର ଭାବେ କାର୍ଯ୍ୟ କରିବେ। ଶ୍ରୀଲଙ୍କାର ମିଚେଲ ପେରେଇରାଙ୍କୁ ମ୍ୟାଚ୍ ରେଫରୀ ନିଯୁକ୍ତ କରାଯାଇଛି।

## ପର୍ତ୍ତୁଗାଲ ପାଇଁ ଖେଳିଲେ ରୋନାଲ୍ଡୋଙ୍କ ପୁଅ



ଲିସବନ୍, ୩୧।୧୦ (ଏଜେନ୍ସି): ବିଶ୍ୱର ତାରକା ଫୁଟ୍‌ବଲ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ବଡ଼ ପୁଅ ପର୍ତ୍ତୁଗାଲ୍‌ର ୧୬ ବର୍ଷରୁ କମ୍ ଦଳ ପାଇଁ ପଦାର୍ପଣ କରିଛନ୍ତି। ଫେଡେରେସନ କପ୍ ଟୁର୍ଣ୍ଣାମେଣ୍ଟରେ ଗତକାଲି ପର୍ତ୍ତୁଗାଲ ଓ ତୁର୍କୀ ଜୁନିଅର ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ରୋନାଲ୍ଡୋଙ୍କ ପୁଅ ୧୫ ବର୍ଷୀୟ କ୍ରିଷ୍ଟିଆନୋ ସାଣ୍ଟୋସ ଖେଳିଥିଲେ। ସେ ମ୍ୟାଚର ୯୦ତମ ମିନିଟ୍‌ରେ ବଦଳ ଖେଳାଳି ଭାବେ ପଡ଼ିଆକୁ ପ୍ରବେଶ କରିଥିଲେ। ଏହି ମ୍ୟାଚରେ ପର୍ତ୍ତୁଗାଲ ୧୬ ବର୍ଷରୁ କମ୍ ଦଳ ୨-୦ ଗୋଲରେ ବିଜୟୀ ହୋଇଥିଲା। ଉଲ୍ଲେଖଯୋଗ୍ୟ, ସାଣ୍ଟୋସ ବର୍ତ୍ତମାନ ସାଉଦୀ ଆରବର ଅନଲ୍-ନାସର କ୍ଲବର ୟୁଥ୍ ଏକାଡେମୀ ପକ୍ଷରୁ ଖେଳୁଛନ୍ତି। ଏହି ସମାନ କ୍ଲବ ପକ୍ଷରୁ ମଧ୍ୟ ସାଣ୍ଟୋସଙ୍କ ପିତା କ୍ରିଷ୍ଟିଆନୋ ମଧ୍ୟ ପ୍ରତିନିଧିତ୍ୱ କରୁଛନ୍ତି।

### ● ଅନ୍‌ଅଫିସିଆଲ୍ ଟେଷ୍ଟ

## ପନ୍ତ୍, ପାଟିଦାର, ପାଡ଼ିକଲ୍ ଫେଲ୍

ବେଙ୍ଗାଲୁରୁ, ୩୧।୧୦ (ଏଜେନ୍ସି): ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ ଦଳ ବିପକ୍ଷରେ ଏଠାରେ ଚାଲିଥିବା ଚାରିଦିବସୀୟ ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ ମ୍ୟାଚରେ ଭାରତ-ଏ ପ୍ରଥମ ପାଳିରେ ପଛୁଆ ରହିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା-ଏ ୩୦୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା।



ଜବାବରେ ଘରୋଇ ଭାରତ-ଏ ପ୍ରଥମ ପାଳିରେ ୫୮ ଓଭରରେ ୨୩୪ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଦଳ ପକ୍ଷରୁ ଓପନର୍ ଆୟୁଷ ମହାତ୍ରେ ସର୍ବାଧିକ ୬୫ ରନ କରିଥିଲେ। ମହାତ୍ରେ ଓ ସାଇ ସୁଦର୍ଶନ (୩୨ ରନ) ଓପନିଂ ୱିକେଟ୍ ଯୋଡ଼ିରେ ୯୦ ରନ ସଂଗ୍ରହ କରି ଦୃଢ଼ ମୂଳଦୁଆ ଦେଇଥିଲେ। କିନ୍ତୁ ମଧ୍ୟକ୍ରମ ବିଫଳତା ଯୋଗୁ ଭାରତ-ଏ ଅଗ୍ରଣୀ ହାସଲ କରିବାରେ ବିଫଳ ହୋଇଥିଲା। ବିଶେଷ କରି ଆହତ ସମସ୍ୟାରୁ ଫେରିଥିବା ତଥା ଦଳର ନେତୃତ୍ୱ ନେଉଥିବା ଋଷଭ ପନ୍ତ ମାତ୍ର ୧୭ ରନ କରି ଆଉଟ୍ ହୋଇଥିଲେ। ସେହିଭଳି ଅନ୍ୟ ଦୁଇ ତାରକା ଖେଳାଳି ରଜତ ପାଟିଦାର ଓ ଦେବଦତ୍ତ ପାଡ଼ିକଲ୍ ଯଥାକ୍ରମେ ୧୯ ଓ ୬ ରନ କରି ନିରାଶ କରିଥିଲେ। ଆୟୁଷ ବଦୋନୀ ୩୮ ରନର ଉପଯୋଗୀ ପାଳି ଖେଳିବାରୁ ଦଳୀୟ ସ୍କୋର ୨୦୦ ରନ ଅତିକ୍ରମ କରିଥିଲା। ବୋଲିଂରେ ଦକ୍ଷିଣ ଆଫ୍ରିକା-ଏ ପକ୍ଷରୁ ଅଫ୍-ସ୍ପିନର ପ୍ରିନେଲାନ ସୁବ୍ରାୟେନ ୫ ୱିକେଟ୍ ସଫଳତା ପାଇଥିଲେ। ଏହାପରେ ୭୫ ରନ ଅଗ୍ରଣୀ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା-ଏ ଶୁକ୍ରବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୧୨ ଓଭରରେ କୌଣସି ୱିକେଟ୍ ନ ହରାଇ ୩୦ ରନ ସଂଗ୍ରହ କରିଛି। ଫଳରେ ଭ୍ରମଣକାରୀ ଦଳ ଏବେ ମୋଟ୍ ଉପରେ ୧୦୫ ରନରେ ଆଗୁଆ ରହିଛି।

### ଅଲିମ୍ପିକ ପଦକ ବିଜେତା ଫେଡ୍ରିକଙ୍କ ବିୟୋଗ

ଥିରୁଅନନ୍ତପୁରମ, ୩୧।୧୦ (ଏଜେନ୍ସି): ଅଲିମ୍ପିକ ପଦକ ବିଜୟୀ ଭାରତୀୟ ହକି ଦଳର ପୂର୍ବତନ



ଖେଳାଳି ମାନୁଏଲ୍ ଫେଡ୍ରିକଙ୍କ ଶୁକ୍ରବାର ୭୮ ବର୍ଷ ବୟସରେ ବିୟୋଗ ଘଟିଛି। କେରଳର ପ୍ରଥମ ଆଥ୍‌ଲେଟ୍ ଭାବେ ସେ ଅଲିମ୍ପିକରେ ବିଜୟୀ ହୋଇଥିଲେ। ୧୯୭୨ ମ୍ୟୁନିକ ଅଲିମ୍ପିକ୍ସରେ କାଂସ୍ୟ ବିଜୟୀ ଭାରତୀୟ ହକି ଦଳରେ ଫେଡ୍ରିକ ଗୋଲ୍‌କିପର ଭୂମିକା ନିଭାଇଥିଲେ। ହକିରେ ଜୀବନବ୍ୟାପୀ ସାଧନା ଲାଗି ୨୦୧୯ରେ ତାଙ୍କୁ ‘ମେଜର ଧ୍ୟାନଚାନ୍ଦ ଲାଇଫଟାଇମ୍ ପୁରସ୍କାର’ ପ୍ରଦାନ କରାଯାଇଥିଲା। ଫେଡ୍ରିକ ୧୯୭୩ ଓ ୧୯୭୮ ହକି ବିଶ୍ୱକପ୍‌ରେ ମଧ୍ୟ ଭାରତୀୟ ଦଳ ପକ୍ଷରୁ ଖେଳିଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ, ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ଦବଙ୍ଗ ଦିଲ୍ଲୀକୁ ପିକେଏଲ୍ ଟ୍ରଫି



ନୂଆଦିଲ୍ଲୀ, ୩୧।୧୦ (ଏଜେନ୍ସି): ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ର ଦ୍ୱାଦଶ ସଂସ୍କରଣରେ ଏଥର ଦବଙ୍ଗ ଦିଲ୍ଲୀ ଚାମ୍ପିଅନ ହୋଇଛି। ଶୁକ୍ରବାର ସ୍ଥାନୀୟ ତ୍ୟାଗରାଜ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ଦିଲ୍ଲୀ ୩୧-୨୮ ପଏଣ୍ଟରେ ପୁନେରୀ ପଲ୍‌ଟନ୍‌କୁ ପରାସ୍ତ କରି ଦ୍ୱିତୀୟଥର ଟାଇଟଲ୍ ଜିତିଛି। ଏଥିପୂର୍ବରୁ ୨୦୨୧-୨୨ ସଂସ୍କରଣରେ ଦିଲ୍ଲୀ ମାତ୍ର ୧ ପଏଣ୍ଟ (୩୭-୩୬)ରେ ପାଟନା ପାଇରେଟ୍ସକୁ ହରାଇ ଚାମ୍ପିଅନ ହୋଇଥିଲା। ଅପରପକ୍ଷରେ ୨୦୨୩-୨୪ରେ ଚାମ୍ପିଅନ ହୋଇଥିବା ପୁନେରୀ ପଲ୍‌ଟନ ଦ୍ୱିତୀୟଥର ଲାଗି ରନର୍ସଅପ୍ ହୋଇଛି। ଏଥିପୂର୍ବରୁ ପଲ୍‌ଟନ୍ ୨୦୨୨ ଫାଇନାଲରେ ଜୟପୁର ପିଙ୍କ ପାନ୍ଥର୍ସ ନିକଟରୁ ହାରିଥିଲା।

## ରୋମାରିଓଙ୍କ ହ୍ୟାଟ୍ରିକ୍: ୱେଷ୍ଟଇଣ୍ଡିଜର କ୍ଲିନ୍‌ସୁଇପ୍

ଚଟ୍ଟୋଗ୍ରାମ, ୩୧।୧୦ (ଏଜେନ୍ସି): ରୋମାରିଓ ଶେଫର୍ଡଙ୍କ ହ୍ୟାଟ୍ରିକ ସଫଳତା ବଳରେ ଶୁକ୍ରବାର ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଟି-୨୦ ମ୍ୟାଚରେ ୱେଷ୍ଟଇଣ୍ଡିଜ ୫ ୱିକେଟ୍‌ରେ ଘରୋଇ ବାଂଲାଦେଶକୁ ପରାସ୍ତ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ଓପନର୍ ତାନଜିଦ ହାସନଙ୍କ ୮୯ ରନ ବଳରେ ୧୫୧ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ପକ୍ଷରୁ ଶେଫର୍ଡ କ୍ରମାଗତ ୩ଟି ବଲରେ ଯଥାକ୍ରମେ ନାରୁଲ ହାସନ, ତାନଜିଦ୍ ଓ ଶୋରିଫୁଲ୍ ଇସଲାମ୍‌ଙ୍କୁ ଆଉଟ୍ କରି ହ୍ୟାଟ୍ରିକ ପୂରଣ କରିଥିଲେ। ଜାସନ ହୋଲ୍ଡର (୨୦୨୨ରେ ଇଂଲଣ୍ଡ ବିପକ୍ଷରେ)ଙ୍କ ପରେ ଇଣ୍ଡିଜର ୨ୟ ବୋଲର ଭାବେ ସେ ଟି-୨୦ରେ ହ୍ୟାଟ୍ରିକ ୱିକେଟ୍ ସଫଳତା ପାଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ରୋଷ୍ଟନ ଚେଜ୍ ଓ ଆକିମ ଅଗଷ୍ଟିଙ୍କ ଅର୍ଦ୍ଧଶତକ ବଳରେ ୧୬.୫ ଓଭରରେ ୫ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ପୂର୍ବରୁ ପ୍ରଥମ ଦୁଇ ମ୍ୟାଚକୁ ଯଥାକ୍ରମେ ୧୬ ଓ ୧୪ ରନରେ ଜିତିଥିବା ୱେଷ୍ଟଇଣ୍ଡିଜ ଏଥିସହ ସିରିଜ ୩-୦ରେ କ୍ଲିନସୁଇପ୍ କରିନେଇଛି।

### ଭାରତରେ ଚେସର୍ ପ୍ରସାର ନେଇ ଉଦ୍ୟମ

# ଫିଡେ ସହ ବୁଝାମଣା କଲା କିଟ୍

ଭୁବନେଶ୍ୱର, ୩୧।୧୦ (ସମିସ): ଭାରତରେ ଚେସ୍‌ର ପ୍ରସାର ନିମନ୍ତେ କିଟ୍ ବିଶ୍ୱବିଦ୍ୟାଳୟ ଆଗେଇ ଆସିଛି। ଏଥିଲାଗି କିଟ୍, ଭାରତୀୟ ଚେସ୍ ସଂଘ (ଏଆଇସିଏଫ୍) ଓ ଅନ୍ତର୍ଜାତୀୟ ଚେସ୍ ସଂଘ (ଫିଡେ) ମଧ୍ୟରେ ଶୁକ୍ରବାର ଗୋଆଠାରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଭାରତରେ ବିଦ୍ୟାଳୟସ୍ତରରୁ ଚେସ୍‌ର ପ୍ରସାର ଲକ୍ଷ୍ୟରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଫିଡେ ସଭାପତି ଆର୍କାଡି ଭର୍କୋଭିଚ୍, ଫିଡେ ମ୍ୟାନେଜମେଣ୍ଟ ବୋର୍ଡ ଉପାଧ୍ୟକ୍ଷ ଜିଏମ୍ ଦାନା ରେଜିନାଇସ୍, ଫିଡେ ଚୟନ କମିଟିର ସଦସ୍ୟ ତଥା ମୁଖ୍ୟ କୋଚ୍ ଜିଏମ୍ ଅଭିଜିତ କୁନ୍ତେ, ଚେସ୍ ତାରକା ବିଶ୍ୱନାଥନ୍ ଆନନ୍ଦ, ଏଆଇସିଏଫ୍ ସଭାପତି ନତିନ୍ ନାରଙ୍ଗ, ଫିଡେ ଇଭେଣ୍ଟ କମିଟିର ସଦସ୍ୟ ରଞ୍ଜନ ମହାନ୍ତି ଏବଂ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା।



ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କିଟ୍ ଓ କିସ୍‌ର ବ୍ୟାପକ ଯୋଗଦାନ ଥିବାରୁ ଫିଡେ କିଟ୍ ସହ ବୁଝାମଣା କରିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୨୦୨୬ ଜାନୁଆରୀ ମାସରେ କିଟ୍‌ରେ ଆନ୍ତର୍ଜାତିକ ଚେସ୍ ଫେଷ୍ଟିଭାଲ ଅନୁଷ୍ଠିତ ହେବାକୁ ଯାଉଛି। ଏହାର ଅବ୍ୟବହିତ ପୂର୍ବରୁ ଏହି ବୁଝାମଣା ହୋଇଛି। ଏହି ଫେଷ୍ଟିଭାଲରେ ପ୍ରାୟ ୩୫ ଦେଶର ଚେସ୍ ସଂଘର ମୁଖ୍ୟ ତଥା ଫିଡେ ଓ ଏଆଇସିଏଫ୍‌ର ସଭାପତି ଓ ଚେସ୍ ତାରକାମାନେ ମଧ୍ୟ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଥର ପାଇଁ ଭାରତରେ ବିଶେଷ କରି ଓଡ଼ିଶାର କିଟ୍ ପରିସରରେ ଏଭଳି ଚେସ୍ ଫେଷ୍ଟିଭାଲ୍ ଅନୁଷ୍ଠିତ ହେବାକୁ ଯାଉଛି। ଏହା ପୂର୍ବରୁ ଫୁଟ୍‌ବଲ୍‌ର ପ୍ରସାର ନିମନ୍ତେ କିଟ୍ ମଧ୍ୟ ଅନ୍ତର୍ଜାତୀୟ ଫୁଟ୍‌ବଲ୍ ସଂଘ (ଫିଫା) ସହ ବୁଝାମଣା କରି ଇତିହାସ ସୃଷ୍ଟି କରିଥିଲା। ସେହିଭଳି ଭଲିବଲ୍‌ର ପ୍ରସାର ନିମନ୍ତେ ଅନ୍ତର୍ଜାତୀୟ ଭଲିବଲ୍ ସଂଘ (ଏଫ୍ଆଇଭିବି) ସହ କିଟ୍ ବୁଝାମଣା କରିଛି। ଚେସ୍‌ର ପ୍ରସାର ନିମନ୍ତେ ଏବେ ଫିଡେ ସହ ବୁଝାମଣା ହେଉଛି କିଟ୍‌ର ତୃତୀୟ ଅନ୍ତର୍ଜାତୀୟ କ୍ରୀଡ଼ା ସଂଘ ସହ ବୁଝାମଣା।

### ରଣଜୀ ଟ୍ରଫି

# ଆଜିଠୁ ବାରବାଟୀରେ ଓଡ଼ିଶା-ଆନ୍ଧ୍ର ଲଢ଼େଇ

କଟକ,୩୧।୧୦(ସମିସ)

ଚଳିତ ରଣଜୀ ଟ୍ରଫିର ୩ୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଶନିବାରଠାରୁ ଆରମ୍ଭ ହେବ। ପ୍ରଥମ ଦୁଇ ମୁକାବିଲାରେ ନିରାଶ କରିଥିବା ଓଡ଼ିଶା ୩ୟ ମ୍ୟାଚ୍ ନିଜସ୍ୱ ଘରୋଇ ଗ୍ରାଉଣ୍ଡ ବାରବାଟୀ ଷ୍ଟାଡିୟମରେ ଖେଳିବ। ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ରିକି ଭୁଇଙ୍କ ନେତୃତ୍ୱାଧୀନ ଆନ୍ଧ୍ରପ୍ରଦେଶକୁ ଭେଟିବ। ଉଭୟ ଦଳ ଚଳିତ ସିଜନ୍‌ରେ ଏପର୍ଯ୍ୟନ୍ତ ବିଜୟର ସ୍ୱାଦ ଚାଖି ପାରିନାହାନ୍ତି। ଆନ୍ଧ୍ର ୨ଟି ଯାକ ମ୍ୟାଚ୍ ଡ୍ର ରଖିଥିବା ବେଳେ ଓଡ଼ିଶା ଗୋଟିଏ ଡ୍ର ଏବଂ ଗୋଟିଏ ପରାଜୟର ସାମ୍ନା କରିଛି। ଆନ୍ଧ୍ରପ୍ରଦେଶଠାରୁ ବିଜୟ ପଏଣ୍ଟ ଆଶା ନେଇ ଓଡ଼ିଶା ଦଳ ଶନିବାର ପଡ଼ିଆକୁ ଓହ୍ଲାଇବ।



ଗତ ୧୮ ବର୍ଷ ଭିତରେ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ରଣଜୀ ଟ୍ରଫିରେ ଦୁଇଥର ମୁହାଁମୁହିଁ ହୋଇଛନ୍ତି। ଆନ୍ଧ୍ର ଗୋଟିଏ ମ୍ୟାଚ୍ ଜିତିଛି। ଅନ୍ୟ ମ୍ୟାଚ୍‌ଟି ଅମୀମାଂସିତ ରହିଛି। ଏଣୁ ସାମ୍ନାସାମ୍ନି ମୁକାବିଲାରେ ଆନ୍ଧ୍ରର ପଲା ଭାରି ରହିଛି। ଚଳିତ ସଂସ୍କରଣରେ ଉତ୍ତରପ୍ରଦେଶ ଏବଂ ବରୋଦା ଭଳି ଶକ୍ତିଶାଳୀ ଦଳ ବିପକ୍ଷ ମ୍ୟାଚ୍‌କୁ ଆନ୍ଧ୍ରପ୍ରଦେଶ ଡ୍ର ରଖିଛି। ସେଖ୍ ରସିଦ ଏବଂ ୱିକେଟକିପର ଶ୍ରୀକର ଭାରତଙ୍କ ବ୍ୟାଟରୁ ଶତକୀୟ ପାଳି ଦେଖିବାକୁ ମିଳିଛି। ଏହି ଦୁଇ ବ୍ୟାଟରଙ୍କ ବ୍ୟତୀତ ଆନ୍ଧ୍ରପ୍ରଦେଶ ଅନ୍ୟ କୌଣସି ଖେଳାଳିଙ୍କଠାରୁ ଆଶାନୁରୂପ ପ୍ରଦର୍ଶନ ପାଇ ପାରିନାହିଁ। ଆନ୍ଧ୍ରର ବୋଲିଂ ଆଟାକ୍‌କୁ ନଜର ପକାଇଲେ ମଧ୍ୟ ମିଶ୍ରିତ ଫଳ ଜଣାପଡେ। କାଭୁରି ସେିତେଜା, ତ୍ରିପୁରନା ବିଜୟ, ସେଖ୍ ରସିଦ, ୱାଇ ପୃଥ୍ୱୀରାଜ ଦଳର ପ୍ରମୁଖ ବୋଲର ହୋଇଥିଲେ ମଧ୍ୟ ୱିକେଟ ହାସଲରେ ଏମାନଙ୍କ ଭୂମିକା ପଛୁଆ ରହିଛି। ଗତ ଦୁଇ ମ୍ୟାଚରେ ଓଡ଼ିଶାର ପ୍ରଦର୍ଶନକୁ ନଜର ପକାଇଲେ ଗୋଟିଏ ହେଲେ ବି ଶତକୀୟ ଇନିଂସ୍ ଦେଖିବାକୁ ମିଳିନି। ଅଧିନାୟକ ଶୁଭ୍ରାଂଶୁଙ୍କ ସମେତ ଗୋବିନ୍ଦ ପୋଦ୍ଦାର, ସ୍ୱସ୍ତିକ ସାମଲ, ସନ୍ଦୀପ ପଟ୍ଟନାୟକ, ରାଜେଶ ଧୂପର ଓ ସମ୍ବିତ ବରାଳ ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଛନ୍ତି। ଆଶୀର୍ବାଦ ସ୍ୱାଇଁ, ଗୌରବ ଚୌଧୁରୀଙ୍କଠାରୁ ଆଶା କରି ଓଡ଼ିଶା ଦଳ ନିରାଶ ହୋଇଛି। ଅନ୍ୟପକ୍ଷରେ ପଦାର୍ପଣ ମ୍ୟାଚ୍‌ରେ ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଥିବା ସମ୍ବିତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଉତ୍ତରପ୍ରଦେଶ ବିପକ୍ଷରେ ସେ ଅପରାଜିତ ୫୯ ରନ କରିବା ସହ ୩ଟି ୱିକେଟ ଅକ୍ତିଆର କରିଥିଲେ। ବୋଲିଂ ଅଲରାଉଣ୍ଡର କ୍ରମରେ ରାଜେଶ ମହାନ୍ତିଙ୍କ ଅବଦାନ ମଧ୍ୟ ଆଶାନୁରୂପ ରହିଛି। ବୋଲିଂରେ ସଫଳତା ପାଇ ନଥିଲେ ସୁଦ୍ଧା ରାଜେଶ ଉତ୍ତରପ୍ରଦେଶ ବିପକ୍ଷରେ ଗୁରୁତ୍ୱପୂର୍ଣ୍ଣ ୪୮ ରନର ପାଳି ଖେଳିଥିଲେ। ବାଦଲ ବିଶ୍ୱାଳ, ସୁମିତ ଶର୍ମା ଏବଂ ଗୋବିନ୍ଦ ପୋଦ୍ଦାରଙ୍କ ଉପରେ ଓଡ଼ିଶାର ସ୍ପିନ ବୋଲିଂ ଆଟାକ ନିର୍ଭରଶୀଳ। ପେସ୍ ବୋଲିଂରେ ରାଜେଶ, ସୁନୀଲ ରାଉଳ ଓ ସମ୍ବିତ ସଫଳତା ସାଉଁଟିଲେ ଆନ୍ଧ୍ରପ୍ରଦେଶକୁ ବାରବାଟୀରେ ଓଡ଼ିଶା ହରାଇ ପାରିବ ବୋଲି କ୍ରିକେଟ ସମୀକ୍ଷକଙ୍କ ଭିତରେ ଆଲୋଚନା ହେଉଛି।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS